

୨୧ ବର୍ଷ ପରେ
ସୈଫ୍-ବିଦ୍ୟା ଏକାଠି
▶ପୃଷ୍ଠା ୧୨ ଦେଖନ୍ତୁ...

RN IREGDN O :42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRIN TEDATBHU BAN ESWAR■JEYPO RE■SAMBALPU R■PAN IKO ILI

◆VOLUME-44 ◆ISSUE-126 ◆SATURDAY ◆31 OCTOBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୨୬ ◆ଶନିବାର ◆୩୧ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆₹.୭.୦୦

ଅତି ଭୀଷଣ ବର୍ଷା ଲାଗି ରେଡ୍ ଆଲର୍ଟକୁ ଦିଆଗଲା ନାହିଁ ଗୁରୁତ୍ୱ

ଭାସିଲା ଗଞ୍ଜାମ, ଉଜୁଡ଼ିଲା ଗଜପତି



ଆଇଏମ୍‌ଡିର ଟ୍ରାକ୍ ଅନୁଯାୟୀ ଗତି କରିଥିଲା ବାତ୍ୟା 'ଅର୍ଣ୍ଣବ'

ବିପଦପ୍ରବଣ ଥିବା ଗଞ୍ଜାମ ଜିଲ୍ଲାରେ ତାଣ୍ଡବ ରଚିଲା ବର୍ଷା

ସରକାରଙ୍କ ପୂର୍ବ ପ୍ରସ୍ତୁତି ଓ ସଚେତନତାକୁ ନେଇ ଉଠିଲା ପ୍ରଶ୍ନ

■ ଭୁବନେଶ୍ୱର, ୩୦।୧୦ (ସମିସ): ଗଞ୍ଜାମ ଜିଲ୍ଲାରେ ଅତିପ୍ରବଳ ବର୍ଷା ଯୋଗୁଁ ଗୁରୁତର ପରିସ୍ଥିତି ସୃଷ୍ଟି ହୋଇଛି। ଲଗାଣ ବର୍ଷା ପ୍ରଭାବରେ ଜିଲ୍ଲାର ଅନେକ ଅଞ୍ଚଳ ଜଳମଗ୍ନ ହୋଇ ରହିବା ସହ ରାସ୍ତାଘାଟର ବ୍ୟାପକ କ୍ଷୟକ୍ଷତି ହୋଇଛି। ମୁଖ୍ୟ ରାସ୍ତାଗୁଡ଼ିକ ଅଣ୍ଟାଏ ଯାଏ ପାଣିରେ ବୁଡ଼ି ରହିଛି। ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଗଞ୍ଜମ ଜିଲ୍ଲା ପାଣିରେ ଭାସୁଛି, ଗଜପତି ଜିଲ୍ଲା ପୂରା ଉଜୁଡ଼ି ଯାଇଛି। ଗଞ୍ଜାମରେ ୪୨,୫୬୪ ଓ ଗଜପତିରେ ୩୦,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି। ପାଣିପାଗ ବିଭାଗ ପକ୍ଷରୁ ଆଗୁଆ ସତର୍କ ସୂଚନା ଦିଆଯାଇଥିବା ସତ୍ତ୍ୱେ ପ୍ରଶାସନର ଅପରିପକ୍ୱତା ଓ ସରକାରଙ୍କ ଅନଭିଜ୍ଞତା ଲୋକଙ୍କୁ ଏପରି ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି ।

ଅକ୍ଟୋବର ୨୩ ତାରିଖରୁ ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବୁଲେଟିନ୍‌ରେ ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାର ୫ଟି ଜିଲ୍ଲା ପାଇଁ ପ୍ରବଳରୁ ଅତି ପ୍ରବଳ ଓ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ (୨୦୦ ମିମିରୁ ଅଧିକ) ବର୍ଷା ନେଇ ଆକଳନ କରାଯାଇଥିଲା। ଏଥିପାଇଁ ୨୩ ତାରିଖରୁ ଲଗାତାର ଭାବେ ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି ହୋଇ ଆସୁଥିଲା।୨୮ ତାରିଖ ରାତିରୁ ୨୯ ତାରିଖ ସକାଳ ମଧ୍ୟରେ ଏହି ଅତ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଆଇଏମ୍‌ଡି ସତର୍କ କରାଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ବୈଠକ କରିବା ସହ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ, ଆଶ୍ରୟସ୍ଥଳ ପ୍ରସ୍ତୁତି ଓ ଉଦ୍ଧାରକାରୀ ଦଳକୁ ସଜାଗ ରଖିବା ଭଳି ପଦକ୍ଷେପ ନେଇଥିବା ଖବର ପ୍ରକାଶ ପାଇଥିଲା। ଏହା ସତ୍ତ୍ୱେ ଗଞ୍ଜାମ ଓ ଗଜପତି ଏବେ ସମ୍ମୁଖୀନ ହୋଇଥିବା ସ୍ଥିତି ଦେଖିଲେ ସରକାର ଓ ପ୍ରଶାସନର ବିପର୍ଯ୍ୟୟ ପ୍ରତିରୋଧ ଓ ମୁକାବିଲା ବ୍ୟବସ୍ଥାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠୁଛି। ବର୍ଷା ଯୋଗୁଁ ରାସ୍ତାଘାଟରେ ପାଣି ଜମିବା ସହ ନଦୀ ଫୁଲିବା ଏବଂ ତଳି ଅଞ୍ଚଳରେ ପାଣି ପଶିବା ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। କେତେକ ସ୍ଥାନରେ ଲୋକଙ୍କୁ ନିରାପଦ ସ୍ଥାନକୁ ନେବା ଏବଂ ଉଦ୍ଧାର କାର୍ଯ୍ୟ ଚଳାଇବା ଏକ ବଡ଼ ▶ପୃଷ୍ଠା-୭

ଭୂସ୍ଖଳନରେ ନିଖୋଜ ୩ ଜଣଙ୍କ ମୃତଦେହ ଉଦ୍ଧାର

■ ରାଇକିଆ/ ଶେରଗଡ़, ୩୦।୧୦ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତର ଡାଙ୍ଗେସି ଗ୍ରାମରେ ହୋଇଥିବା ଭୂସ୍ଖଳନ ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଅଚ୍ୟୁତ ପ୍ରଧାନ, ଅଚ୍ୟୁତଙ୍କ ସ୍ତ୍ରୀ ମାନସୀ ପ୍ରଧାନ ଓ ୭ ମାସର ଶିଶୁ। ମୃତଦେହ ଘର ଠାରୁ ୨୦୦ ମିଟର ଦୂରରେ ମାଟି ଅତଡ଼ା ଏବଂ ପଙ୍କ ମଧ୍ୟରେ ରହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ▶ପୃଷ୍ଠା-୭

ଘରେ ପଶିଲା ପାଣି; ବୃଦ୍ଧା ମୃତ

ଏଯାଏ ଗଲାଣି ୭ ଜୀବନ

ଗଞ୍ଜାମକୁ ଅତିରିକ୍ତ ୨୦ କୋଟି ସହାୟତା



ଆକାଶମାର୍ଗରୁ ବନ୍ୟାଞ୍ଚଳ ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ

■ ବ୍ରହ୍ମପୁର, ୩୦।୧୦ (ସମିସ): ବାତ୍ୟା ''ଅର୍ଣ୍ଣବ' ଓ ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଓ ବ୍ୟାପକ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ

ଗଞ୍ଜାମ ଗଲେ ୩୦ ଓଏଏସ୍ ଓ ୧୦ ଯନ୍ତ୍ରୀ

ମାଝି। ଆଜି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସହ ହେଲିକପ୍ଟର ଯୋଗେ ଗଞ୍ଜାମ ଓ ପାଖ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳର ଆକାଶମାର୍ଗରୁ ସ୍ଥିତି ଅନୁଧ୍ୟାନ କରିଥିଲେ। ଗଞ୍ଜାମ ଜିଲ୍ଲାର ସୋରଡ଼ା, ଆସିକା, ଭଞ୍ଜନଗର, ଧରାକୋଟ ଓ ସାନଖେମୁଣ୍ଡି ସମେତ ବିଭିନ୍ନ ପ୍ରଭାବିତ ଅଞ୍ଚଳର ବନ୍ୟା ସ୍ଥିତି ଓ କ୍ଷୟକ୍ଷତିକୁ ମୁଖ୍ୟମନ୍ତ୍ରୀ ଅନୁଧ୍ୟାନ କରିଥିଲେ। ଆକାଶମାର୍ଗରୁ ଅନୁଧ୍ୟାନ ପରେ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁରସ୍ଥିତ ବିଶ୍ୱବିଦ୍ୟାଳୟର ଅତିଥି ଭବନରେ ଗଞ୍ଜାମ ଜିଲ୍ଲାର ବନ୍ୟା ପରିସ୍ଥିତି, ଉଦ୍ଧାର ଓ ରିଲିଫ୍ ବଣ୍ଟନ, ଜଳବନ୍ଦୀ ଅଞ୍ଚଳରୁ ଲୋକଙ୍କ ସ୍ଥାନାନ୍ତରଣ ଏବଂ ଯୋଗାଯୋଗ ବ୍ୟବସ୍ଥାର ପୁନରୁଦ୍ଧାର ▶ପୃଷ୍ଠା-୭

ଗଞ୍ଜାମ ବନ୍ୟାକୁ ନେଇ ନବୀନଙ୍କ ଉଦ୍‌ବେଗ



ଜିଲ୍ଲାପାଳଙ୍କୁ ପଚାରି ବୁଝିଲେ ସ୍ଥିତି

ଲୋକଙ୍କ ଅବସ୍ଥା ବୁଝିବା ପାଇଁ ପଠାଇଲେ ସ୍ୱତନ୍ତ୍ର ଦଳୀୟ ଟିମ୍

ବିପନ୍ନଙ୍କ ସେବା ଲାଗି କର୍ମୀଙ୍କୁ ପରାମର୍ଶ

■ ଭୁବନେଶ୍ୱର, ୩୦।୧୦ (ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଅତିଭୀଷଣ ବର୍ଷାରେ ପ୍ରଭାବିତ ଗଞ୍ଜାମର ଦୁଃସ୍ଥିତିକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ନବୀନ ଶୁକ୍ରବାର ଗଞ୍ଜାମ ଜିଲ୍ଲାପାଳଙ୍କଠାରୁ ହିଞ୍ଜିଳି ଓ ଶେରଗଡ଼ ସମେତ ସମଗ୍ର ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ତାଙ୍କୁ ବିପନ୍ନ ଲୋକଙ୍କ ଉଦ୍ଧାର ଓ ରିଲିଫ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଛନ୍ତି। ବନ୍ୟା ଯୋଗୁଁ ଗଞ୍ଜାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଥିପାଇଁ ଶ୍ରୀ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ବିପନ୍ନ ଲୋକଙ୍କ ନିକଟରେ ତୁରନ୍ତ ଆବଶ୍ୟକ ରିଲିଫ ଓ ▶ପୃଷ୍ଠା-୭


ପାହାଡ଼ରେ ପିଟିହେଲା ବଦ୍ରିନାଥରୁ ଫେରୁଥିବା ହେଲିକପ୍ଟର

ପାଇଲଟ୍‌ଙ୍କ ସମେତ ୬ ମୃତ



■ ଯୋଶୀମଠ, ୩୦।୧୦ (ଏଜେନ୍ସି): ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଶୁକ୍ରବାର ଏକ ହେଲିକପ୍ଟର ଦୁର୍ଘଟଣାରେ ପାଇଲଟ୍‌ଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି। ବଦ୍ରିନାଥରୁ ଦେହରାଦୁନର ସହସ୍ରଧାରା ଅଭିମୁଖେ ଯାଉଥିବା ଏହି ହେଲିକପ୍ଟରଟି ଯୋଶୀମଠ ନିକଟସ୍ଥ ହାତୀ ପର୍ବତ ଅଞ୍ଚଳରେ ନିଖୋଜ ହୋଇଯାଇଥିଲା। ପରେ ମାରୱାଡ଼ି ବ୍ରିଜ୍ ନିକଟ ଜେପି ପାୱାର ହାଉସ୍ ନିକଟରେ ଏକ ପାହାଡ଼ରେ ପିଟି ହୋଇ ଏହା ଖସିପଡ଼ିଥିବା ଅଧିକାରୀମାନେ କହିଛନ୍ତି। ସୂଚନା ଅନୁଯାୟୀ, ଟ୍ରାନ୍ସ ଭାରତ ଆଭିଏସନ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏହି ହେଲିକପ୍ଟର ଅପରାହ୍ନ ପ୍ରାୟ ୧.୧୪ରେ ▶ପୃଷ୍ଠା-୭

ଭୁଟାନରେ ଉଛୁଳିଲା ବରଫ ହ୍ରଦ



ଆସାମ, ପଶ୍ଚିମବଙ୍ଗରେ ବନ୍ୟା ଆଶଙ୍କା; ୪ ହଜାର ସ୍ଥାନାନ୍ତର

■ ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି): ଭୁଟାନରେ ହିମବାହ ବା ଗ୍ଲେସିୟର ହ୍ରଦ ଉଛୁଳିବା ଯୋଗୁଁ ଆକସ୍ମିକ ବନ୍ୟା ସୃଷ୍ଟି ହୋଇଛି। ଏଥିରେ ଏକ ସୌରଚାଳିତ ଜଳସେଚନ ପ୍ରକଳ୍ପ ଆଂଶିକ କ୍ଷତିଗ୍ରସ୍ତ ହେବା ସହ ରାଜପଥର ଏକ ଅଂଶ ଆବର୍ଜନାଓପଥରମାଟିରେଅବରୋଧହୋଇଛି। ଏହାର ପ୍ରଭାବ ଭାରତରେ ପଡ଼ିବା ଆଶଙ୍କାରେ ପଶ୍ଚିମବଙ୍ଗ ଓ ଆସାମର ୫ଟି ଜିଲ୍ଲାରେ ବନ୍ୟା ସତର୍କତା ଜାରି ହୋଇଛି। ▶ପୃଷ୍ଠା-୭

ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ମାମଲା

ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

■ କଟକ, ୩୦।୧୦ (ସମିସ): ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇବାରେ ରାଜ୍ୟ ସରକାରଙ୍କ ବିଫଳତା ଏବଂ ଅବହେଳା ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଆସନ୍ତା ଏକ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାନବାଧିକାର କର୍ମୀ ଓ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରେ ଆବେଦନକାରୀ ଦର୍ଶାଇଛନ୍ତି ଯେ ସମ୍ବିଧାନର ଧାରା ୨୧(କ) ଏବଂ ଶିକ୍ଷାଧିକାର ଆଇନ, ୨୦୦୯ ଅନୁସାରେ ୬ରୁ ୧୪ ବର୍ଷ ବୟସ୍କ ପିଲାମାନଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯିବା ସହିତ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇବା ମୌଳିକ ଅଧିକାର ଅଟେ। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଏସ୍‌ସିଇଆରଟି ଦ୍ୱାରା ପ୍ରକାଶିତ ୫୫ଟି ▶ପୃଷ୍ଠା-୭



ଓଲଟ ପାଲଟ



ଅବଳାକୁ ସିନା ଦୁର୍ବଳା ଭାବିଲେ
ମହାକାଳପଡ଼ା ନେତା
କେନ୍ଦ୍ରାପଡ଼ା ଜିଲ୍ଲା ପଡୁଛି ଉଠୁଛି
ଚମେଲୀ ଜଗତଜିତା
ପୁଲିସ ସହିତ ବିଡିଓଙ୍କୁ ଧରି
କରିଥିଲେ ନାନା ପେଞ୍ଚ
ରାଜନୀତି ପେଷା ସହଜ ହୋଇବ
ହଟିଗଲେ ସରପଞ୍ଚ
ଦଳ ବଳ ଧରି ଷଡଯନ୍ତ୍ର କରି
ଅନାସ୍ଥା କଲେ ଆଗତ
ସେହିଯେ ଅନାସ୍ଥା ବେଆଇନ ଥିଲା
ହୋଇଗଲା ପ୍ରମାଣିତ

- ଯାଯାବର

ଲୁଣା ନଦୀବନ୍ଧରୁ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର

■ କେନ୍ଦ୍ରାପଡ଼ା, ୩୦।୧୦ (ସମିସ): ନଦୀ କୂଳରେ ଭାସୁଥିଲା ମୃତଦେହ। ହେଲେ ନ ଥିଲା ମୁଣ୍ଡ। ଜଣେ ଅଜଣା ମହିଳାଙ୍କ ଏଭଳି ବିଭତ୍ସ ମୃତଦେହ ଉଦ୍ଧାର ଘଟଣା ଏବେ କେବଳ ଏକ ଅସ୍ୱାଭାବିକ ମୃତ୍ୟୁ ନୁହେଁ, ବରଂ ଏକ ବଡ଼ ରହସ୍ୟରେ ପରିଣତ ହୋଇଛି। ମୃତ ମହିଳାଙ୍କ ପରିଚୟ ଅଜଣା, ମୁଣ୍ଡର ପତ୍ତା ନାହିଁ ଓ ମୃତ୍ୟୁର କାରଣ ମଧ୍ୟ ଅସ୍ପଷ୍ଟ। ଏଭଳି ସ୍ଥିତିରେ ଲୁଣା ନଦୀର ଏହି ଘଟଣାକୁ ନେଇ ତଦନ୍ତକାରୀ ପୁଲିସ ଆଗରେ ଏବେ ଚ୍ୟାଲେଞ୍ଜର ପାହାଡ଼ ଛିଡ଼ା ହୋଇଛି। କୁଦାନଗରୀ ଥାନା ଅନ୍ତର୍ଗତ ମାହାରାକୂଳ ଅଞ୍ଚଳରେ ଲୁଣା ନଦୀରୁ ମୁଣ୍ଡବିହୀନ ମହିଳାଙ୍କ ମୃତଦେହ ମିଳିବା ପରେ ଅଞ୍ଚଳରେ ଭୟ ଓ ଉଦ୍‌ବେଗ ପ୍ରକାଶ ପାଇଛି। ନଦୀରେ ଏଭଳି ମୃତଦେହ ଭାସୁଥିବା ସୂଚନା ପାଇ ପୁଲିସ ପହଞ୍ଚି ଉଦ୍ଧାର କରିଥିଲା। ପରେ ମୃତଦେହର ବ୍ୟବଚ୍ଛେଦ କରାଯାଇଛି। ଅନ୍ୟପକ୍ଷରେ ଘଟଣାର ରହସ୍ୟ ଭେଦ କରିବାକୁ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ତେବେ ଏହି ଘଟଣାର ▶ପୃଷ୍ଠା-୭

ମୁଣ୍ଡ କେଉଁଠି, ମହିଳା କିଏ? ପରିଚୟ ଖୋଜୁଛି ପୁଲିସ

ଶବ ବ୍ୟବଚ୍ଛେଦ ପରେ ସାଇଣ୍ଟିଫିକ୍ ଟିମ୍‌ର ଛାନ୍‌ଭିନ୍



ଦେଶ ବିଦେଶ

ସକାଳ
THE SAKALA
www.sakalaepaper.com

୬ଟି ରାଜ୍ୟରେ ଭୋଟର ତାଲିକା ସଂଶୋଧନ ଅବଧି ବୃଦ୍ଧି

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ପାଇଁ ନିର୍ବାଚନ କମିସନ ୬ଟି ରାଜ୍ୟରେ ସମୟସୀମା ବୃଦ୍ଧି କରିଛନ୍ତି। ନୂଆ କାର୍ଯ୍ୟସୂଚୀ ଅନୁଯାୟୀ, ମହାରାଷ୍ଟ୍ର, ହରିୟାଣା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ନାଗାଲାଣ୍ଡର ଚୂଡ଼ାନ୍ତ ଭୋଟର ତାଲିକା ନଭେମ୍ବର ୩୦ରେ ପ୍ରକାଶ ପାଇବ। ଅନ୍ୟପକ୍ଷରେ ଦିଲ୍ଲୀର ଚୂଡ଼ାନ୍ତ ତାଲିକା ଡିସେମ୍ବର ୨୨ରେ ପ୍ରକାଶିତ ହେବ। ଏହି ପ୍ରକ୍ରିୟାର ସମୟସୀମା ତୃତୀୟ ଥର ପାଇଁ ବୃଦ୍ଧି କରାଯାଇଛି। ସୁପ୍ରିମକୋର୍ଟ ଭୋଟର ତାଲିକା ସଂଶୋଧନ ପାଇଁ ଧାର୍ଯ୍ୟ ସମୟସୀମା ପାଳନ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାର ଦୁଇ ଦିନ ପରେ କମିସନ ଏହି ନିଷ୍ପତ୍ତି ନେଇଛନ୍ତି। ସମ୍ପୃକ୍ତ ରାଜ୍ୟଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁରୋଧକ୍ରମେ ଏହି ପରିବର୍ତ୍ତନ କରାଯାଇଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ମହାରାଷ୍ଟ୍ରରେ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖ ଅକ୍ଟୋବର ୨୬ରୁ ବୃଦ୍ଧି କରାଯାଇ ନଭେମ୍ବର ୧୩ କରାଯାଇଛି। ଏହାର ଯାଞ୍ଚ ଓ ନିଷ୍ପତ୍ତି ପ୍ରକ୍ରିୟା ନଭେମ୍ବର ୨୫ ସୁଦ୍ଧା ଶେଷ ହେବ। ରାଜ୍ୟରେ ଅଗଷ୍ଟ ୩୧ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଥିଲା। ସେହିପରି ହରିୟାଣା



ଓ ଆନ୍ଧ୍ରପ୍ରଦେଶରେ ଦାବି ଓ ଆପତ୍ତିର ଶୁଣାଣି ତଥା ଫଇସଲା ନଭେମ୍ବର ୨୦ ସୁଦ୍ଧା ଶେଷ ହେବ। ଏହି ଦୁଇ ରାଜ୍ୟ ସମେତ ତେଲେଙ୍ଗାନା ଓ ନାଗାଲାଣ୍ଡର ଚୂଡ଼ାନ୍ତ ତାଲିକା ନଭେମ୍ବର ୩୦ରେ ପ୍ରକାଶ ପାଇବ। ଦିଲ୍ଲୀରେ ଦାବି ଓ ଆପତ୍ତି ଦାଖଲର ସମୟସୀମା ଅକ୍ଟୋବର ୩୦ରୁ ବୃଦ୍ଧି କରାଯାଇ ନଭେମ୍ବର ୨୫ କରାଯାଇଛି। ଏହାର ଯାଞ୍ଚ ଓ ଫଇସଲା ପ୍ରକ୍ରିୟା ନଭେମ୍ବର ୩୦ ପରିବର୍ତ୍ତେ ଡିସେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ। ଚୂଡ଼ାନ୍ତ ଭୋଟର ତାଲିକା ଡିସେମ୍ବର ୨୨ରେ ପ୍ରକାଶିତ ହେବ। ନିର୍ବାଚନ କମିସନ ସମ୍ପୃକ୍ତ ଅଧିକାରୀମାନଙ୍କୁ ସଂଶୋଧିତ କାର୍ଯ୍ୟସୂଚୀର

- ନଭେମ୍ବର ୩୦ରେ ୫ ରାଜ୍ୟର ଚୂଡ଼ାନ୍ତ ତାଲିକା
- ଦିଲ୍ଲୀ ପାଇଁ ଡିସେମ୍ବର ୨୨

ବ୍ୟାପକ ପ୍ରଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଗ୍ୟ ଭୋଟରମାନେ ଯେପରି ତାଲିକାରେ ନିଜ ନାମ ସାମିଲ କରିବା ସହ ଥିବା ତ୍ରୁଟି ସଂଶୋଧନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ପାଇବେ, ତାହା ସୁନିଶ୍ଚିତ କରିବାକୁ କମିସନ କହିଛନ୍ତି। ଏ ସମ୍ପର୍କିତ ସୂଚନା ଓ ସହାୟତା ପାଇଁ ଭୋଟରମାନେ ନିର୍ବାଚନ କମିସନଙ୍କ ଭୋଟର ସେବା ପୋର୍ଟାଲର ସହାୟତା ନେଇପାରିବେ।

ନୌସେନା ପାଇଁ ୮ ଯୁଦ୍ଧପୋତ ନିର୍ମାଣକୁ କେନ୍ଦ୍ରର ମଞ୍ଜୁରୀ

୪୦ ହଜାର କୋଟିରୁ ଅଧିକ ବ୍ୟୟ ବରାଦ




ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଭାରତୀୟ ନୌସେନାର ସାମରିକ କ୍ଷମତା ବୃଦ୍ଧି ଲାଗି ୮ଟି ନୂଆ କର୍ଭେଟ୍ ଯୁଦ୍ଧପୋତ ନିର୍ମାଣକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ଏଥିପାଇଁ ୪୦ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ସୁରକ୍ଷା କମିଟି ଏହି ପ୍ରକଳ୍ପକୁ ଅନୁମୋଦନ କରିଛି। ଯୁଦ୍ଧପୋତଗୁଡ଼ିକରେ ବ୍ୟବହୃତ ୭୦ ପ୍ରତିଶତରୁ ଅଧିକ ଉପକରଣ ଭାରତରେ ନିର୍ମାଣ କରାଯିବ। ଏହା ଦେଶର ପ୍ରତିରକ୍ଷା ଉତ୍ପାଦନ ଓ ଆତ୍ମନିର୍ଭରଶୀଳତାକୁ ମଜଭୁତ କରିବ। କୋଲକାତାସ୍ଥିତ ଗାର୍ଡେନ୍ ରିଚ୍ ସିପ୍‌ବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ (ଜିଆର୍‌ଏସ୍‌ଇ) ଏବଂ ଗୋଆ ସିପ୍‌ୟାର୍ଡ ଲିମିଟେଡ୍ (ଜିଏସ୍‌ଏଲ୍) ଏହି ୮ଟି ଯୁଦ୍ଧପୋତ ନିର୍ମାଣ କରିବେ। ଆସନ୍ତା କିଛି ଦିନ ମଧ୍ୟରେ ଉଭୟ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର ହେବା ଆଶା କରାଯାଉଛି। ଆସନ୍ତା ଏକ ବର୍ଷ ମଧ୍ୟରେ ପ୍ରଥମ ଯୁଦ୍ଧପୋତର ନିର୍ମାଣ ଆରମ୍ଭ ହୋଇ ୨୦୩୦ ସୁଦ୍ଧା ତାହା ନୌସେନାକୁ ହସ୍ତାନ୍ତର କରିବା ଲକ୍ଷ୍ୟ ରହିଛି। ଭାରତ ମହାସାଗର ଅଞ୍ଚଳରେ ବଢ଼ୁଥିବା

୭୦%ରୁ ଅଧିକ ଉପକରଣ ଦେଶରେ ନିର୍ମାଣ ହେବ

ସୁରକ୍ଷା ଆହ୍ୱାନ ଏବଂ ଚୀନ୍‌ର ବର୍ଦ୍ଧିତ ଉପସ୍ଥିତିକୁ ଦୃଷ୍ଟିରେ ରଖି ନୌସେନା ନିଜର ଯୁଦ୍ଧପୋତ ବାହିନୀର ଆଧୁନିକୀକରଣ କରୁଛି। ନୀଳଗିରି ଶ୍ରେଣୀର ଫ୍ରିଗେଟ୍, ନୂଆ ଡେଷ୍ଟ୍ରୟର୍ ଓ ଫ୍ଲିଟ୍ ସପୋର୍ଟ ଜାହାଜ ନିର୍ମାଣ ମଧ୍ୟ ଏହି ପ୍ରକ୍ରିୟାର ଅଂଶ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଜୁନ୍ ୨୧ରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଇଏନ୍‌ଏସ୍ ସନ୍ଧାୟକ, ଆଇଏନ୍‌ଏସ୍ ଦୁନାଗିରି ଓ ଆଇଏନ୍‌ଏସ୍ ଅଗ୍ରୟକୁ ନୌସେନାରେ ସାମିଲ କରାଯାଇଥିଲା। ଏହି ଜାହାଜଗୁଡ଼ିକ ଯଥାକ୍ରମେ ସମୁଦ୍ର ସର୍ଭେ, କ୍ଷେପଣାସ୍ତ୍ର ଆକ୍ରମଣ ଓ ଶତ୍ରୁପକ୍ଷର ବୁଡ଼ାଜାହାଜ ଠାବ କରିବାରେ ସକ୍ଷମ।

ବିଶେଷ ଟିପ୍ପଣୀ



ୟୁସିସି ଲାଗୁ କରିବାକୁ ଏପର୍ଯ୍ୟନ୍ତ ବିଜେପିକୁ କିଏ ଅଟକାଇଥିଲା? ସମସ୍ତ କୌଶଳ ବିଫଳ ହେବା ପରେ ହତାଶ ହୋଇ ଏବଂ ହିନ୍ଦୁ-ମୁସଲିମ ପ୍ରସଙ୍ଗ ଉଠାଇ ସେମାନେ ୟୁସିସି ଲାଗୁ କରିବାକୁ ବିବୃତି ଦେଉଛନ୍ତି।

- ରାଜେନ୍ଦ୍ର ପାଲ୍ ଗୌତମ (ୟୁପି କଂଗ୍ରେସ ପ୍ରଭାରୀ)



ଜାମିଆ ଏବଂ ଜେଏନ୍‌ୟୁର ଛାତ୍ରଛାତ୍ରୀଙ୍କର ପ୍ରତିରୋଧ, ସହନଶୀଳତାକୁ ମୁଁ ସଲାମ କରୁଛି। ଗଣତାନ୍ତ୍ରିକ ଅଧିକାର ପାଇଁ ଲଢେଇ କରି ବିଜୟୀ ହୋଇଥିବାରୁ ସେମାନଙ୍କୁ ଶୁଭେଚ୍ଛା। ସେମାନେ ଏହି ଦେଶର ସଚେତନ ଓ ପରିପକ୍ୱ ନାଗରିକ। କ୍ୟାମ୍ପସରେ ମୌଳିକ ଛାତ୍ର ଅଧିକାର ସେମାନେ ସୁନିଶ୍ଚିତ କରିଛନ୍ତି।

- ଜନ୍ ବ୍ରିଟାସ (ସିପିଆଇଏମ୍ ସାଂସଦ)

ଜେନ୍ Z

ପ୍ରଧାନମନ୍ତ୍ରୀ ଟ୍ରୋଲ୍ ପରି ଆଚରଣ କରୁଛନ୍ତି। କଂଗ୍ରେସକୁ ଟ୍ରୋଲ୍ କରିବାକୁ ଯାଇ ସେ ନିଜ ଦଳ ଏବଂ ନିଜକୁ ଟ୍ରୋଲ୍ କଲେ। ବାରାଣସୀ, ଲକ୍ଷ୍ନୌ, ପାଟନା, ନାଗପୁରରେ ବିଜେପିର ପରାଜୟର ସେ କି ଉତ୍ତର ଦେବେ?

-ରୁଚିର ଚତୁର୍ବେଦୀ @RuchiraC

ଆଇଡିବିଆଇ ବ୍ୟାଙ୍କ ଅଂଶଧନ ବିକ୍ରୀ ପ୍ରସଙ୍ଗ

କଂଗ୍ରେସ ବ୍ୟାଙ୍କ ଗଢ଼ିଥିଲା, ବିଜେପି ବିକ୍ରି କରୁଛି: ରାହୁଲ

ନୂଆଦିଲ୍ଲୀ, ୩୦।୧୦(ଏଜେନ୍ସି): ଆଇଡିବିଆଇ ବ୍ୟାଙ୍କର ଅଧିକାଂଶ ଅଂଶଧନ ବିକ୍ରି ନିଷ୍ପତ୍ତିକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। କାନାଡାର ଫେୟାରଫ୍ୟାକ୍ସ ଫାଇନାନ୍ସିଆଲ ହୋଲ୍ଡିଂସ୍‌କୁ ଆଇଡିବିଆଇ ବ୍ୟାଙ୍କର ବୃହତ୍ ଅଂଶଧନ ବିକ୍ରି କରିବାକୁ ସରକାରଙ୍କ ପ୍ରସ୍ତାବକୁ ସେ ବିରୋଧ କରିଛନ୍ତି। ଜନସାଧାରଣଙ୍କ ଟଙ୍କାରେ ଗଢ଼ି ଉଠିଥିବା ଏକ ଲାଭଜନକ ସରକାରୀ ଅନୁଷ୍ଠାନକୁ ବିକ୍ରି କରିବାର ଯଥାର୍ଥତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ବ୍ୟାଙ୍କ କର୍ମଚାରୀଙ୍କ ବିରୋଧକୁ ସମର୍ଥନ ଜଣାଇଛନ୍ତି। ବ୍ୟାଙ୍କ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ଖୋଲା ଚିଠି ଲେଖି ରାହୁଲ କହିଛନ୍ତି, ଆଇଡିବିଆଇ ବ୍ୟାଙ୍କକୁ ଘରୋଇକରଣ କରିବା ପଛରେ

- କର୍ମଚାରୀଙ୍କ ଆନ୍ଦୋଳନକୁ ସମର୍ଥନ
- ଘରୋଇକରଣ ନିଷ୍ପତ୍ତି ଉପରେ ଉଠାଇଲେ ପ୍ରଶ୍ନ
- ସଂରକ୍ଷଣ ନୀତି ଓ କର୍ମଚାରୀଙ୍କ ଅଧିକାର ନେଇ ଚିନ୍ତା
- ଫେୟାରଫ୍ୟାକ୍ସର ମୂଲ୍ୟାୟନକୁ ନେଇ ପ୍ରଶ୍ନ

ସରକାରଙ୍କ ଯୁକ୍ତି କ'ଣ ଏହି ନିଷ୍ପତ୍ତି ଦ୍ୱାରା କର୍ମଚାରୀ ଓ ଜମାକାରୀଙ୍କ ସ୍ୱାର୍ଥ କିପରି ସୁରକ୍ଷିତ ରହିବ ଗତବର୍ଷ ମାର୍ଚ୍ଚରେ ସଂସଦ ଭବନରେ ଆଇଡିବିଆଇ କର୍ମଚାରୀଙ୍କ ଏକ ପ୍ରତିନିଧି ଦଳ ତାଙ୍କୁ ଭେଟି ଏହି ପ୍ରଶ୍ନ ଉଠାଇଥିବା ସେ ମନେ ପକାଇଛନ୍ତି। ଏହାର ଜବାବ ସରକାର ଦେଇନଥିବା ସେ ଅଭିଯୋଗ କରିଛନ୍ତି। ୨୦୦୩ରେ ସଂସଦକୁ ଦିଆଯାଇଥିବା ଏକ ଆଶ୍ୱାସନାର ଉଦାହରଣ ଦେଇ ରାହୁଲ କହିଛନ୍ତି, ସରକାର ଆଇଡିବିଆଇ ବ୍ୟାଙ୍କରେ ସର୍ବଦା ଅତିକମ୍‌ରେ ୫୧ ପ୍ରତିଶତ ଅଂଶଧନ ନିଜ ପାଖରେ ରଖିବେ ବୋଲି କହିଥିଲେ। ଜନସାଧାରଣଙ୍କ ଅର୍ଥରେ ଗଢ଼ାଯାଇଥିବା ଅନୁଷ୍ଠାନ ଜନସାଧାରଣଙ୍କର ବୋଲି ସେ ମତ ଦେଇଛନ୍ତି। ବ୍ୟାଙ୍କର ଘରୋଇକରଣ ଦ୍ୱାରା ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥା ପ୍ରଭାବିତ ହୋଇପାରେ ବୋଲି ରାହୁଲ ଆଶଙ୍କା ପ୍ରକାଶ କରିଛନ୍ତି। ଘରୋଇ ମାଲିକାନାକୁ ଗଲେ ଏହି ବର୍ଗଙ୍କ ପାଇଁ ଥିବା ସଂରକ୍ଷଣ ସୁବିଧା ଶେଷ ହୋଇପାରେ। ଏଥିସହ କର୍ମଚାରୀଙ୍କ ସେବା ସର୍ତ୍ତାବଳୀ ଓ ଅଧିକାର ମଧ୍ୟ ପ୍ରଭାବିତ ହେବ ବୋଲି ସେ କହିଛନ୍ତି। ସରକାରୀ ଓ ଘରୋଇ କ୍ଷେତ୍ର ସମାନ୍ତରାଳ ଭାବେ କାର୍ଯ୍ୟ କରିବା ସପକ୍ଷରେ କଂଗ୍ରେସ ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି। କର୍ମଚାରୀଙ୍କ ନ୍ୟାୟସଙ୍ଗତ ଦାବି ଓ ଲଢେଇକୁ ସେ ପୂର୍ଣ୍ଣ ସମର୍ଥନ କରିଛନ୍ତି। ଏହି ବିକ୍ରି ପ୍ରକ୍ରିୟାରେ ଫେୟାରଫ୍ୟାକ୍ସର ଅଂଶଧନ ମୂଲ୍ୟାୟନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବିଜନେସ୍‌ୱାର୍ଲ୍ଡର ଏକ ତଦନ୍ତମୂଳକ ରିପୋର୍ଟରେ ମୂଲ୍ୟାୟନ ପଦ୍ଧତି ଓ ସମୟ ନିର୍ଦ୍ଧାରଣକୁ ନେଇ ସନ୍ଦେହ ପ୍ରକାଶ କରାଯାଇଛି। ରିପୋର୍ଟ ଅନୁଯାୟୀ, ୨୦୨୬ ଜୁଲାଇ ୧୩ରେ ଫେୟାରଫ୍ୟାକ୍ସର ସଂଶୋଧିତ ନିଲାମ ଦର ଖୋଲାଯାଇଥିଲା। ଏହା ପରେ ନୂଆ ମୂଲ୍ୟାୟନ କରାଯାଇ ଅଂଶଧନର ମାନଦଣ୍ଡ ମୂଲ୍ୟ ୭୫.୯୯ ଟଙ୍କା ଧାର୍ଯ୍ୟ ହୋଇଥିଲା। ଫେୟାରଫ୍ୟାକ୍ସ ପ୍ରତି ଅଂଶଧନ ପିଛା ୮୧ ଟଙ୍କା ଦେବାକୁ ପ୍ରସ୍ତାବ ଦେଇଥିଲା। ତେବେ ନିବେଶ ଓ ସରକାରୀ ସମ୍ପତ୍ତି ପରିଚାଳନା ବିଭାଗ (ଡିଆଇପିଏଏମ୍) ଏହି ପ୍ରକ୍ରିୟାକୁ ସମର୍ଥନ କରିଛି। ଚୂଡ଼ାନ୍ତ ନିଲାମ ପୂର୍ବରୁ ଏପ୍ରିଲରେ ମୂଲ୍ୟାୟନ ପଦ୍ଧତିର ସମୀକ୍ଷା ହୋଇଥିଲା ଏବଂ ନିଲାମ ପ୍ରକ୍ରିୟା ଗୋପନୀୟ ରଖାଯାଇଥିଲା ବୋଲି ବିଭାଗ



କହିଛି। ଏହି କାରବାର ଦ୍ୱାରା ନିଲାମ ମୂଲ୍ୟରେ ୩,୯୧୭ କୋଟି ଟଙ୍କା ବୃଦ୍ଧି ହୋଇଥିବା ମଧ୍ୟ ଡିଆଇପିଏଏମ୍ ଦାବି କରିଛି। ଅକ୍ଟୋବର ୧୪ରେ କେନ୍ଦ୍ର କ୍ୟାବିନେଟ୍‌ର ଅର୍ଥନୈତିକ ବ୍ୟାପାର କମିଟି ଆଇଡିବିଆଇ ବ୍ୟାଙ୍କର ୬୦.୭୨ ପ୍ରତିଶତ ଅଂଶଧନ ଫେୟାରଫ୍ୟାକ୍ସକୁ ବିକ୍ରି କରିବାକୁ ମଞ୍ଜୁରି ଦେଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ୩୦.୪୮ ପ୍ରତିଶତ ଏବଂ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ୩୦.୨୪ ପ୍ରତିଶତ ଅଂଶଧନ ରହିଛି। ଏହି ନିଷ୍ପତ୍ତିକୁ ବ୍ୟାଙ୍କ କର୍ମଚାରୀ ସଂଘଗୁଡ଼ିକ ବିରୋଧ କରୁଥିବାବେଳେ କଂଗ୍ରେସ ମଧ୍ୟ ଏହାକୁ ନେଇ ପ୍ରଶ୍ନ ଉଠାଇଛି। ଅଂଶଧନ ବିକ୍ରି, ମୂଲ୍ୟାୟନ ପ୍ରକ୍ରିୟା ଓ କର୍ମଚାରୀଙ୍କ ଭବିଷ୍ୟତକୁ ନେଇ ବିବାଦ ଜାରି ରହିଛି।

ବିଜେପି ନେତା ଆର୍‌କେ ସିହ୍ନାଙ୍କ ପରଲୋକ



ନୂଆଦିଲ୍ଲୀ, ୩୦।୧୦(ଏଜେନ୍ସି): ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ରବୀନ୍ଦ୍ର କିଶୋର ସିହ୍ନା (ଆର୍‌କେ ସିହ୍ନା)ଙ୍କର ୭୫ ବର୍ଷ ବୟସରେ ପରଲୋକ ହୋଇଛି। ସ୍ୱଳ୍ପକାଳୀନ ଅସୁସ୍ଥତା ପରେ ନୋଏଡାସ୍ଥିତ ବାସଭବନରେ ଶୁକ୍ରବାର ତାଙ୍କର ଦେହାନ୍ତ ହୋଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ତାଙ୍କ ବିୟୋଗରେ ବିଜେପି ନେତା ଓ କେନ୍ଦ୍ରମନ୍ତ୍ରୀମାନେ ଶୋକ ପ୍ରକାଶ କରିଛନ୍ତି। ବିହାରରେ ଜନ୍ମିତ ସିହ୍ନା ପାଟନାରେ ଶିକ୍ଷା ଗ୍ରହଣ କରିଥିଲେ। ସାମ୍ବାଦିକ ଭାବେ କ୍ୟାରିୟର ଆରମ୍ଭ କରିବା ପରେ ୧୯୭୦ ଦଶକର ଶେଷ ଭାଗରେ ଏସ୍‌ଆଇଏସ୍ ଏଣ୍ଟରପ୍ରାଇଜେସ୍ ପ୍ରତିଷ୍ଠା କରିଥିଲେ। ଏହା ଦେଶର ଏକ ପ୍ରମୁଖ ଘରୋଇ ସୁରକ୍ଷା ସଂସ୍ଥା ଭାବେ ପରିଚିତ ହୋଇଥିଲା। ସିହ୍ନା ୨୦୧୪ରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ।

ପ୍ରଦୂଷଣ ରୋକିବାକୁ ପଦକ୍ଷେପ

ଦିଲ୍ଲୀରେ ୧୬ ଦିନ ନିର୍ମାଣ କାର୍ଯ୍ୟ ବନ୍ଦ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଦୀପାବଳି ପୂର୍ବରୁ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଲାଗି ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ୧୬ ଦିନ ପାଇଁ ନିର୍ମାଣ ଓ ଭଙ୍ଗା କାର୍ଯ୍ୟ ଉପରେ ରୋକ୍ ଲଗାଯିବ। ନଭେମ୍ବର ୫ରୁ ୨୦ ତାରିଖ ଯାଏଁ ଏହି କଟକଣା ବଳବତ୍ତର ରହିବ। ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ଏ ନେଇ ଔପଚାରିକ ନିର୍ଦ୍ଦେଶ ଜାରି କରିବ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ଚଳିତ ବର୍ଷ ନଭେମ୍ବର ୮ ତାରିଖରେ ଦୀପାବଳି ପାଳନ ହେବ। ଏହି ସମୟରେ ବାଣ ଫୁଟାଇବା ଯୋଗୁଁ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳର ବାୟୁ ପ୍ରଦୂଷଣ ଆହୁରି ବଢ଼ିବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ନିର୍ମାଣ ଓ ଭଙ୍ଗା କାର୍ଯ୍ୟରୁ ସୃଷ୍ଟି ହେଉଥିବା ଧୂଳିକୁ ନିୟନ୍ତ୍ରଣ କରିବା ଲାଗି ଏହି ଅସ୍ଥାୟୀ ପଦକ୍ଷେପ ନିଆଯାଉଛି।

କାଶ୍ମୀର ପ୍ରସଙ୍ଗରେ ସ୍ୱର ଉଠାଇବାରୁ ବ୍ରିଟିଶ୍ କାଉନ୍‌ସିଲରଙ୍କୁ ପାକିସ୍ତାନରେ ଅଟକ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): କାଶ୍ମୀରବାସୀଙ୍କ ସମର୍ଥନରେ ସ୍ୱର ଉଠାଉଥିବା ବ୍ରିଟିଶ୍ ଲେବର ପାର୍ଟିର କାଉନ୍‌ସିଲର ଦାଲତ ଅଲୀଙ୍କୁ ପାକିସ୍ତାନରେ ଅଟକ ରଖାଯିବା ସହ ବ୍ରିଟେନ ଫେରିବାକୁ ବାଧା ଦିଆଯାଇଛି। ରୋଚଡେଲ୍ ବୋରୋ କାଉନ୍‌ସିଲର ଉପନେତା ଅଲୀ ଅକ୍ଟୋବରରେ ପାକିସ୍ତାନ ଗସ୍ତ କରିଥିଲେ। ଅକ୍ଟୋବର ୨୮ରେ ଲାହୋର ବିମାନବନ୍ଦରରୁ ବ୍ରିଟେନ ଫେରିବାକୁ ଯାଉଥିବା ବେଳେ ତାଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା। ତାଙ୍କ ନାମ ଇମିଗ୍ରେସନ୍ ନିୟନ୍ତ୍ରଣ ତାଲିକାରେ ଥିବା ଅଧିକାରୀ କହିଥିବା ଅଭିଯୋଗ ହୋଇଛି। ଏହା ପୂର୍ବରୁ ଇସଲାମାବାଦ ବିମାନବନ୍ଦରରେ ତାଙ୍କୁ କିଛି ଘଣ୍ଟା ପଚରାଉଚରା କରାଯାଇଥିଲା। କାଶ୍ମୀର ପ୍ରସଙ୍ଗରେ ତାଙ୍କ ସକ୍ରିୟତା ଯୋଗୁଁ ଏପରି ହୋଇଥିବା ରୋଚଡେଲ୍ କାଉନ୍‌ସିଲ ସନ୍ଦେହ କରିଛି।

ଇରାନ-ୟୁକ୍ରେନ ଯୁଦ୍ଧର ଗୁପ୍ତ ତଥ୍ୟ ଲିକ୍

ଆମେରିକୀୟ ଲେଫ୍ଟନାଣ୍ଟ ଜେନେରାଲ ବରଖାସ୍ତ

ୱାସିଂଟନ,୩୦।୧୦(ଏଜେନ୍ସି): ଇରାନ ଓ ୟୁକ୍ରେନ ଯୁଦ୍ଧ ସମ୍ପର୍କିତ ଗୋପନ ସାମରିକ ତଥ୍ୟ ସାମ୍ବାଦିକଙ୍କୁ ଦେବା ଅଭିଯୋଗରେ ଆମେରିକା ସେନାର ଲେଫ୍ଟନାଣ୍ଟ ଜେନେରାଲ ବ୍ରେଟ୍ ସିଲଭିଆଙ୍କୁ ବରଖାସ୍ତ କରାଯାଇଛି। ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଅକ୍ଟୋବର ୨୮ରେ ତାଙ୍କୁ ପଦରୁ ହଟାଇଥିବା ଆକ୍ସିଓସ୍ ରିପୋର୍ଟ କରିଛି। ତଦନ୍ତ ବେଳେ ସିଲଭିଆ ସାମ୍ବାଦିକଙ୍କୁ ଗୋପନ ତଥ୍ୟ ଦେଇଥିବା ସ୍ୱୀକାର କରିଥିଲେ। ୨୦୨୫ ଜୁନ୍‌ରୁ ପ୍ରାୟ ଏକ ବର୍ଷ ଧରି ସେ ଦୁଇଟି ଗଣମାଧ୍ୟମ ସଂସ୍ଥାର ସାମ୍ବାଦିକଙ୍କ ସହ ଯୋଗାଯୋଗରେ ଥିଲେ। ଆମେରିକାର ୟୁକ୍ରେନକୁ ସାମରିକ ସହାୟତା ଓ ଇରାନ ସମ୍ପର୍କିତ ତଥ୍ୟ ଲିକ୍ ହୋଇଥିବା ଜଣାପଡ଼ିଛି। ସିଲଭିଆ ଚାରିଥର ମିଛଧରା ପରୀକ୍ଷାରେ ବିଫଳ ହୋଇଥିବା ଆମେରିକୀୟ ଅଧିକାରୀ କହିଛନ୍ତି।

ୟୁରୋପକୁ ପୁଟିନଙ୍କ ଚେତାବନୀ

ମସ୍କୋ,୩୦।୧୦(ଏଜେନ୍ସି): ରୁଷ୍ ସହ ଉତ୍ତେଜନା ବୃଦ୍ଧି କଲେ ୟୁରୋପୀୟ ଦେଶଗୁଡ଼ିକୁ ଏହାର ମୂଲ୍ୟ ଦେବାକୁ ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ବାଲ୍ଟିକ୍ ସାଗରରେ ରୁଷୀୟ ଜାହାଜ ଚଳାଚଳ ବନ୍ଦ କରିବାକୁ ଉଦ୍ୟମ ହେଲେ ହର୍ମୁଜ୍ ପ୍ରଣାଳୀ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ସେ କହିଛନ୍ତି। ମସ୍କୋରେ ସାମ୍ବାଦିକଙ୍କ ସହ ଆଲୋଚନା ବେଳେ ପୁଟିନ କହିଛନ୍ତି, ରୁଷ୍ ୟୁରୋପ ସହ ଯୁଦ୍ଧ ଚାହୁଁନାହିଁ। କିନ୍ତୁ କୌଣସି ଦେଶ ରୁଷ୍ ସହ ସଂଘର୍ଷକୁ ଓହ୍ଲାଇଲେ ଏହାର ପରିଣାମ ଭୋଗିବାକୁ ପ୍ରସ୍ତୁତ ରହିବା ଆବଶ୍ୟକ। ଉତ୍ତେଜନା ବଢ଼ିଲେ କାହାରି ଲାଭ ହେବ ନାହିଁ। ବାଲ୍ଟିକ୍ ସାଗର ରୁଷ୍ ଓ ୟୁରୋପ ମଧ୍ୟରେ ବାଣିଜ୍ୟର ଏକ ପ୍ରମୁଖ ସାମୁଦ୍ରିକ ପଥ। ଏହି ମାର୍ଗରେ ତୈଳ, ଗ୍ୟାସ୍ ସମେତ ବିଭିନ୍ନ ସାମଗ୍ରୀ ପରିବହନ ହୋଇଥାଏ। ୟୁକ୍ରେନ ଯୁଦ୍ଧ ପରଠାରୁ ନାଟୋ ଦେଶ ଓ ରୁଷ୍ ମଧ୍ୟରେ ଏଠାରେ ଉତ୍ତେଜନା ବଢ଼ିଛି। ଫିନଲାଣ୍ଡ ଓ ନରୱେ ନେତାଙ୍କ ସହ ଫୋନ୍‌ରେ ଆଲୋଚନାକୁ ମଧ୍ୟ ପୁଟିନ ସମର୍ଥନ କରିଛନ୍ତି।

ଭାରତରେ ଅତି ଦାରିଦ୍ର୍ୟ ହାର ୨୭.୧%ରୁ ଖସି ୨.୬%

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଭାରତରେ ଅତି ଦାରିଦ୍ର୍ୟ ହାର ଗତ ୧୨ ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ୨୦୧୧ରେ ଦେଶର ମୋଟ ଜନସଂଖ୍ୟାର ୨୭.୧ ପ୍ରତିଶତ ଲୋକ ଅତି ଦାରିଦ୍ର୍ୟ ମଧ୍ୟରେ ରହୁଥିବା ବେଳେ ୨୦୨୩ ସୁଦ୍ଧା ଏହା ୨.୬ ପ୍ରତିଶତକୁ ଖସିଛି। ଏହି ସମୟ ମଧ୍ୟରେ ପ୍ରାୟ ୪୯.୬ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ବିଶ୍ୱବ୍ୟାଙ୍କର ଅକ୍ଟୋବର ୨୦୨୬ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶ୍ୱବ୍ୟାଙ୍କର 'ଦାରିଦ୍ର୍ୟ ଓ ସମାନତା ସଂକ୍ଷିପ୍ତ ରିପୋର୍ଟ' ଅନୁଯାୟୀ, ଦୈନିକ ୪.୨୦ ଡଲାରରୁ କମ୍ ଆୟରେ ଜୀବନ ବିତାଉଥିବା ଲୋକଙ୍କ ଅନୁପାତ ମଧ୍ୟ ୫୭.୭ ପ୍ରତିଶତରୁ ୧୬.୧ ପ୍ରତିଶତକୁ ହ୍ରାସ ପାଇଛି। ଏହି ହିସାବ ୨୦୨୧ର କ୍ରୟ କ୍ଷମତା ସମତା ଆଧାରରେ କରାଯାଇଛି। ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ଭାରତର ଅଗ୍ରଗତିକୁ ବିଶ୍ୱର ଦ୍ରୁତତମ ଅଗ୍ରଗତି ମଧ୍ୟରୁ ଅନ୍ୟତମ ବୋଲି ବିଶ୍ୱବ୍ୟାଙ୍କ କହିଛି। ୨୦୨୩ରେ ସର୍ବାଧିକ ଆୟ କରୁଥିବା ଶ୍ରମିକଙ୍କ ଶୀର୍ଷ ୧୦ ପ୍ରତିଶତଙ୍କ ମଧ୍ୟମ ଆୟ, ସର୍ବନିମ୍ନ ଆୟକାରୀ ୧୦ ପ୍ରତିଶତଙ୍କ ତୁଳନାରେ ୧୩ ଗୁଣ ଅଧିକ ଥିଲା। ଯୁବବର୍ଗଙ୍କ ବେକାରି ହାର ମଧ୍ୟ ୧୪.୬ରୁ ୧୫.୯ ପ୍ରତିଶତକୁ ବଢ଼ିଛି। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହାର ୧୯.୩ ପ୍ରତିଶତ ଥିବାବେଳେ ସହରାଞ୍ଚଳରେ ଏହା ୮.୬ ପ୍ରତିଶତ। ଉତ୍ତରପ୍ରଦେଶରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଅଞ୍ଚଳରେ ଦେଶର ମୋଟ ଗରିବଙ୍କ ୫୭ ପ୍ରତିଶତ ରହୁଛନ୍ତି।

ବର୍ଷା ଯୋଗୁଁ ଘୁଞ୍ଚିଲା ଜ୍ଞାନେଶ କୁମାରଙ୍କ 'ଜନ ମହାଭିଯୋଗ' କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଲଗାଣ ବର୍ଷା ଯୋଗୁଁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଇଣ୍ଡି ମେଣ୍ଟର ପ୍ରସ୍ତାବିତ 'ଜନ ମହାଭିଯୋଗ' କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ଶୁକ୍ରବାର ଅପରାହ୍ଣରେ ଦିଲ୍ଲୀସ୍ଥିତ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସରକାରୀ ବାସଭବନ ପରିସରରେ ଏହା ଆୟୋଜିତ ହେବାର ଥିଲା। ଏବେ ଶନିବାର ଅପରାହ୍ଣ ୪ଟାରେ ଏହା ଅନୁଷ୍ଠିତ ହେବ। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ସୂଚନା ଦେଇଛନ୍ତି। ପୂର୍ବତନ ବାଚସ୍ପତି ମୀରା କୁମାର କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିବେ। ଖଡ଼ଗେ ପ୍ରସ୍ତାବ ଆଗତ କରିବାକୁ ଥିବାବେଳେ ରାହୁଲ ଉଦ୍‌ଯାପନୀ ଭାଷଣ ଦେବେ। ଭୋଟ୍ ଚୋରି ଓ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ରେ ଅନିୟମିତତା ଅଭିଯୋଗ କରି ବିରୋଧୀ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଛନ୍ତି।

ଆମେରିକା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ

ବିରୋଧୀ ଡେମୋକ୍ରାଟ ଦଳ ଆଗୁଆ, ଚିନ୍ତାରେ ଟ୍ରମ୍ପ

ୱାସିଂଟନ୍,୩୦।୧୦(ଏଜେନ୍ସି): ଆମେରିକା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ନଭେମ୍ବର ୩ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ରାଜନୈତିକ ବାତାବରଣ ଗରମ ହୋଇଉଠିଛି। ଇତିମଧ୍ୟରେ ପ୍ରାରମ୍ଭିକ ମତଦାନ ପ୍ରକ୍ରିୟାରେ ପ୍ରାୟ ୪ କୋଟି ନାଗରିକ ଭୋଟ୍ ଦେଇସାରିଛନ୍ତି। ରଏଟର୍ସ-ଇପ୍ସୋସର ନୂତନ ସର୍ଭେ ଅନୁଯାୟୀ, ବିରୋଧୀ ଡେମୋକ୍ରାଟିକ୍ ଦଳ ୪୭% ସମର୍ଥନ ସହ ଆଗୁଆ ଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ୩୬% ସମର୍ଥନ ପାଇ ପଛରେ ରହିଛି। ଅର୍ଥନୀତିକୁ ନେଇ ଅସନ୍ତୋଷ ଓ ଭୋଟର ତାଲିକା ବିବାଦ ଲାଗିରହିଛି। ମୁଦ୍ରାସ୍ଫୀତି, ହ୍ରାସ ପାଉଥିବା ନିଯୁକ୍ତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ଏହି ଚାପ ମଧ୍ୟରେ, ଟ୍ରମ୍ପ ପ୍ରଶାସନ ୩୦ଟି ରାଜ୍ୟରୁ ଭୋଟରଙ୍କ ବ୍ୟକ୍ତିଗତ ତଥ୍ୟ ମାଗିଛନ୍ତି। ଅନ୍ୟପଟେ, ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଏବଂ ପୂର୍ବତନ ଉପରାଷ୍ଟ୍ରପତି କମଲା ହାରିସ ଡେମୋକ୍ରାଟଙ୍କ ପାଇଁ ଜୋରଦାର ନିର୍ବାଚନୀ ପ୍ରଚାର ଚଳାଇଛନ୍ତି। ଅପରପକ୍ଷେ, ଅରବପତି ଇଲନ୍ ମସ୍କ ରିପବ୍ଲିକାନ ପ୍ରାର୍ଥୀଙ୍କ ସମର୍ଥନରେ ୪୪୨ ନିୟୁତ ଡଲାରରୁ ଅଧିକ ଖର୍ଚ୍ଚ କରି ଆମେରିକା ଇତିହାସରେ ସବୁଠାରୁ ବଡ଼ ବ୍ୟକ୍ତିଗତ ରାଜନୈତିକ ଦାତା ପାଲଟିଛନ୍ତି। ୨୦୨୮ ନିର୍ବାଚନରେ ଡେମୋକ୍ରାଟମାନେ ବିଜୟ ହାସଲ କଲେ ଗଣତନ୍ତ୍ରର ପରିସମାପ୍ତି ଘଟିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଇରାନ ଉପରେ ସାମରିକ ଅଭିଯାନ ପାଇଁ ଆମେରିକାର ପ୍ରସ୍ତୁତି!

ଇସ୍ରାଏଲ୍‌ରେ ପହଞ୍ଚିଲା ୧୦ରୁ ଅଧିକ ଆମେରିକୀୟ ସାମରିକ ବିମାନ

ୱାସିଂଟନ୍,୩୦।୧୦(ଏଜେନ୍ସି): ପଶ୍ଚିମ ଏସିଆରେ ସାମରିକ ଉପସ୍ଥିତି ବଢ଼ାଇଛି ଆମେରିକା। ଗତ ସପ୍ତାହକ ମଧ୍ୟରେ ୧୦ରୁ ଅଧିକ ଆମେରିକୀୟ ସାମରିକ ପରିବହନ ବିମାନ ଦକ୍ଷିଣ ଇସ୍ରାଏଲ୍‌ର ଏକ ବାୟୁସେନା ଘାଟିରେ ଅବତରଣ କରିଛି। ଇରାନ ସହ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ତେହେରାନ୍ ବିରୋଧରେ ଆଉ ଏକ ସାମରିକ ଅଭିଯାନ ପାଇଁ ପ୍ରସ୍ତୁତି ଚାଲିଥିବା ଚର୍ଚ୍ଚା ହେଉଛି। ଗୁରୁବାର ହ୍ୱାଇଟ୍ ହାଉସ୍‌ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପଶ୍ଚିମ ଏସିଆରେ ଆମେରିକୀୟ ସେନାର କମାଣ୍ଡର ଆଡମିରାଲ୍ ବ୍ରାଡ୍ କୁପରଙ୍କ ସହ ଆଲୋଚନା କରିଛନ୍ତି। ଇରାନ ଉପରେ ସମ୍ଭାବ୍ୟ ଆକ୍ରମଣର ବିଭିନ୍ନ ବିକଳ୍ପ ସମ୍ପର୍କରେ କୁପର ଟ୍ରମ୍ପଙ୍କୁ ଅବଗତ କରାଇଥିବା 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍' ରିପୋର୍ଟ କରିଛି। ଏହି ବୈଠକରେ ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଓ ଯୁଗ୍ମ ସେନାମୁଖ୍ୟ ଡାନ୍ କେନ୍ ମଧ୍ୟ ଉପସ୍ଥିତ ଥିଲେ। ନଭେମ୍ବର ୩ରେ ଆମେରିକାର ମଧ୍ୟାବଧି ନିର୍ବାଚନ ପରେ ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବେ ଇରାନ ବିରୋଧରେ ସୀମିତ ଓ ଦ୍ରୁତ ସାମରିକ ଅଭିଯାନ ଚଳାଇବା ନେଇ ବିଚାର କରୁଥିବା ଖବର ମିଳିଛି। ଏଥିରେ ଇରାନର ଶକ୍ତି ଭିତ୍ତିଭୂମି, ପରମାଣୁ କେନ୍ଦ୍ର ଏବଂ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଭଣ୍ଡାରକୁ ଟାର୍ଗେଟ୍ କରାଯାଇପାରେ। ତେବେ ଆକ୍ରମଣ ପାଇଁ ଟ୍ରମ୍ପ ଏଯାଏଁ ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହାନ୍ତି। ଟେକ୍ସାସ୍‌ର ବିଗ୍ସ ସେନା ବିମାନଘାଟିରୁ ଉଡ଼ାଣ




ଆରମ୍ଭ କରିଥିବା ଅଧିକାଂଶ ବିମାନ ଇସ୍ରାଏଲ୍‌ର ନେଭାଟିମ୍ ଓ ଓଭଦା ବାୟୁସେନା ଘାଟିରେ ପହଞ୍ଚିଛି। ସାଉଦି ଆରବ, କତାର, କୁଏତ୍ ଓ ଜୋର୍ଡାନ୍‌ରେ ଥିବା ଆମେରିକୀୟ ଘାଟିକୁ ମଧ୍ୟ ଅନ୍ୟାନ୍ୟ ସାମରିକ ବିମାନ ଯାଇଛି। ଏହାସହ ଟେକ୍ସାସ୍‌ରୁ ପାଟ୍ରିଅଟ୍ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାକୁ ପଶ୍ଚିମ ଏସିଆକୁ ପଠାଯାଉଛି। ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ନିର୍ବାଚନରେ ହସ୍ତକ୍ଷେପ ଉଦ୍ୟମ କରିବା ଅଭିଯୋଗ ହୋଇଛି। ଇରାନ ସରକାରୀ ଅଧିକାରୀଙ୍କ ସୂତ୍ରରୁ 'ଦି ଟେଲିଗ୍ରାଫ୍' ରିପୋର୍ଟ କରିଛି ଯେ, ଆମେରିକାର ନିର୍ବାଚନୀ ବ୍ୟବସ୍ଥାରେ

- ମଧ୍ୟବର୍ତ୍ତୀ ନିର୍ବାଚନ ପରେ ଆକ୍ରମଣ ନେଇ ଟ୍ରମ୍ପଙ୍କ ସହ ଆଲୋଚନା
- ଇରାନର ଶକ୍ତି ଓ ପରମାଣୁ କେନ୍ଦ୍ର ଟାର୍ଗେଟ୍ ହୋଇପାରେ
- ଆମେରିକା ଓ ଇସ୍ରାଏଲ୍ ନିର୍ବାଚନରେ ହସ୍ତକ୍ଷେପ ଅଭିଯୋଗ
- ଆଲୋଚନା ପୁନରାରମ୍ଭ ପାଇଁ କୂଟନୈତିକ ଉଦ୍ୟମ

ସାଇବର ଆକ୍ରମଣ ପାଇଁ ଇରାନ ଏଜେଣ୍ଟ ନିଯୁକ୍ତି ଓ ଗୋଷ୍ଠୀ ଗଠନ ଉଦ୍ୟମ କରିଛି। ତେବେ ଇରାନ କୌଣସି ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ସମର୍ଥନ କରୁନଥିବା ଜଣେ ଅଧିକାରୀ କହିଥିବା ରିପୋର୍ଟରେ ଦର୍ଶାଯାଇଛି। ଏପଟେ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ପୁଣି ଆରମ୍ଭ କରିବାକୁ ଉଦ୍ୟମ ଚାଲିଛି। ଜେଡି ଭାନ୍ସଙ୍କଠାରୁ ଚିଠି ମିଳିଥିବା ଇରାନ ସ୍ୱୀକାର କରିଛି, ତେବେ ଏହାର ଜବାବ ଦେଇନାହିଁ। ଅନ୍ୟପକ୍ଷରେ ଟ୍ରମ୍ପ କହିଛନ୍ତି, ଏହି ଚିଠି ଶାନ୍ତି ଆଲୋଚନା ପାଇଁ ନୁହେଁ, ବରଂ ଇରାନର ଚିକିତ୍ସା ସାମଗ୍ରୀ ଅନୁରୋଧ ସମ୍ପର୍କରେ ଥିଲା। ଏହା ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ନିକଟରେ ବିସ୍ଫୋରଣ ପରେ ତିନୋଟି ତୈଳବାହୀ ଜାହାଜରେ ନିଆଁ ଲାଗିଥିବା ଖବର ମିଳିଛି। ଇରାନର ଗଣମାଧ୍ୟମ ଅନୁଯାୟୀ, ଜାହାଜଗୁଡ଼ିକ ସମୁଦ୍ରରେ ବିଛାଯାଇଥିବା ମାଇନ୍‌ରେ ଧକ୍କା ହୋଇଥିଲେ। ଆଇଆରଜିଏସ୍ ଅଭିଯୋଗ କରିଛି ଯେ, ଜାହାଜଗୁଡ଼ିକ ବିନା ଅନୁମତିରେ ଯାତାୟାତ କରୁଥିଲେ ଏବଂ ଚେତାବନୀକୁ ଅଣଦେଖା କରିଥିଲେ।

ପୁଣି ଲଘୁଚାପ, ଆଜି ଅବପାତ

ଭୁବନେଶ୍ୱର,୩୦।୧୦(ସମିସ): ଅର୍ଣ୍ଣବ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ସମୟରେ ବଙ୍ଗୋପସାଗରରେ ଦାନା ବାନ୍ଧିଛି ଆଉ ଏକ ଲଘୁଚାପ। ଶନିବାର ଏହା ଅବପାତରେ ପରିଣତ ହେବା ପରେ ଘନୀଭୂତ ହୋଇ ଆନ୍ଧ୍ର ଆଡ଼କୁ ମୁହାଁଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ତେବେ ଏହା ବାତ୍ୟାର ରୂପ ନେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଏହି ଲଘୁଚାପ ୩୧ ଅକ୍ଟୋବର ସୁଦ୍ଧାଅବପାତରେ ପରିଣତ ହୋଇ ୧ରୁ ୩ ନଭେମ୍ବର ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳକୁ ମୁହାଁଇପାରେ। ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ଏହା ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଥିବାବେଳେ ଉତ୍ତର ତାମିଲନାଡୁ ଉପକୂଳକୁ ଯିବାର ସମ୍ଭାବନାକୁ ମଧ୍ୟ ବାଦ୍ ଦିଆଯାଇପାରିବ ନାହିଁ।



ଏହି ସମ୍ଭାବ୍ୟ ପାଣିପାଗ ପ୍ରଣାଳୀ ପ୍ରଭାବରେ ୧ରୁ ୩ ନଭେମ୍ବର ମଧ୍ୟରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ଦକ୍ଷିଣ ଓଡ଼ିଶା ଉପକୂଳ ସଂଲଗ୍ନ ସମୁଦ୍ରରେ ପବନର ବେଗ ଘଣ୍ଟାକୁ ୩୫-୪୫ କିମି ଏବଂ ଝଟକା ପବନ ୫୫ କିମି ପର୍ଯ୍ୟନ୍ତ ହୋଇପାରେ। ଗଞ୍ଜାମ, ଗଜପତି, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଅଞ୍ଚଳରେ ପବନର ବେଗ ସାଧାରଣତଃ ଘଣ୍ଟାକୁ ୨୦-୩୫ କିମି ଏବଂ ଝଟକା ପବନ ୪୫ କିମି ପର୍ଯ୍ୟନ୍ତ ହୋଇପାରେ। ଏହା ପ୍ରଭାବରେ ଗଞ୍ଜାମ ଓ ଗଜପତିରେ ହାଲୁକାରୁ ମଧ୍ୟମ ବର୍ଷା ସହିତ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଗଞ୍ଜାମ ଜିଲ୍ଲାରେ ୧-୨ ନଭେମ୍ବରରେ ପୁଣି ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ୨୪ ଘଣ୍ଟାରେ ୬୪.୫-୧୧୫.୫ ମିମି ଅର୍ଥାତ ପ୍ରବଳ ବର୍ଷା ହୋଇପାରେ। ଅବପାତର ବାହ୍ୟ ମେଘମାଳା ଓ ଜଳୀୟବାଷ୍ପପୂର୍ଣ୍ଣ ପବନର ସମାଗମ ଯୋଗୁଁ ଓଡ଼ିଶାରେ ଏହାର ସିଧାସଳଖ ପ୍ରଭାବ ନ ଥିଲେ ମଧ୍ୟ ବର୍ଷା ହୋଇପାରେ। ନିକଟରେ ଅତ୍ୟଧିକ ବର୍ଷା ହୋଇଥିବାରୁ ଅଳ୍ପ ଅଧିକ ବର୍ଷା ମଧ୍ୟ ଜଳମଗ୍ନ ଚାଷଜମିର ସମସ୍ୟା ବଢ଼ାଇପାରେ ବୋଲି ସେ କହିଛନ୍ତି।

ବନ୍ୟା ପୀଡ଼ିତଙ୍କ ପ୍ରଶ୍ନବାଣରେ ଦୁଇ ମନ୍ତ୍ରୀ ଘାଇଲା



- ବାତ୍ୟାର ତାତିରେ ଲୋକେ ନିଆଁଖଣ୍ଡ: ମନ୍ତ୍ରୀ ତଥମତ
- ବନ୍ୟା ମୁକାବିଲାରେ ବିଫଳତା, ମନ୍ତ୍ରୀଙ୍କୁ ଘେରିଲେ ଜନତା
- ଉଦ୍ଧାରରେ ଅବହେଳା, ରିଲିଫ୍ ବଣ୍ଟନରେ ଅବ୍ୟବସ୍ଥା
- ହିଞ୍ଜିଳିକୁ ସରକାରୀ ଅବହେଳା, ତାତି ଜିଲ୍ଲାସାରା ବ୍ୟାପିବ

ବ୍ରହ୍ମପୁର, ୩୦।୧୦ (ସମିସ): ବାତ୍ୟା ଓ ବନ୍ୟା ମୁକାବିଲାରେ ସରକାରଙ୍କ ପ୍ରସ୍ତୁତି କେତେ ସଫଳ, ତାହାର ପୋଲ୍ ଖୋଲିଦେଲା ହିଞ୍ଜିଳିର ଜନଅସନ୍ତୋଷ। ବିପଦ ବେଳେ ସହାୟତା ଆଶାରେ ଥିବା ଲୋକଙ୍କ ପାଖରେ ପ୍ରଶାସନ ପହଞ୍ଚିବାରେ ବିଳମ୍ବ, ଜଳବନ୍ଦୀଙ୍କ ଉଦ୍ଧାରରେ ଅବହେଳା, ରିଲିଫ୍ ବଣ୍ଟନରେ ଅବ୍ୟବସ୍ଥା ଏବଂ ୪୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯୋଗାଯୋଗ ବ୍ୟବସ୍ଥା ଅଚଳ ରହିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବନ୍ୟା ପରିସ୍ଥିତି ସମୀକ୍ଷା କରିବାକୁ ଆସିଥିବା ପରିବହନ ଓ ଖଣି, ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ମତ୍ସ୍ୟ, ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଲୋକେ ଘେରି ଏଭଳି ପ୍ରଶ୍ନବାଣରେ ଘାଇଲା କରିଛନ୍ତି। ସରକାର ବନ୍ୟା ମୁକାବିଲାରେ ବିଫଳ ବୋଲି ଅଞ୍ଚଳବାସୀ ଖୋଲାଖୋଲି ଅଭିଯୋଗ କରିବା ସହ ଉଚ୍ଚସ୍ୱରରେ ନାରାବାଜି କରିଥିଲେ। ଗତକାଲି ଲଗାଣ ବର୍ଷା ଓ ବନ୍ୟାଜଳ ମାଡ଼ି ଆସିବା ପରେ ହିଞ୍ଜିଳି ବ୍ଲକ୍ ଓ ମୁନିସିପାଲିଟିର ବିଭିନ୍ନ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଅନେକ ଅଞ୍ଚଳ ଜଳବନ୍ଦୀ ହୋଇଥିବା ବେଳେ ଲୋକଙ୍କ ଘରେ ପାଣି ପଶିଥିଲା। ଏଭଳି ସମୟରେ ଦ୍ରୁତ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ସହାୟତା ଯୋଗାଇବା ପ୍ରଶାସନର ପ୍ରାଥମିକ ଦାୟିତ୍ୱ ଥିଲା। ହେଲେ ଆବଶ୍ୟକ ସମୟରେ ସହାୟତା ନ ମିଳିବାରୁ ଲୋକଙ୍କ ଅସନ୍ତୋଷ ବଢ଼ିଥିଲା। ବିପତ୍ତି ସମୟରେ ପ୍ରଶାସନର ତତ୍ପରତା କେଉଁଠି ରହିଲା ବୋଲି ସେମାନେ ପ୍ରଶ୍ନ କରିଥିଲେ। କେବଳ ଉଦ୍ଧାର କିମ୍ବା ରିଲିଫ୍ ନୁହେଁ, ବିପର୍ଯ୍ୟୟ ପରେ ସାଧାରଣ ଜୀବନକୁ ସ୍ୱାଭାବିକ କରିବାରେ ମଧ୍ୟ ସରକାରୀ ବ୍ୟବସ୍ଥାର ଦୁର୍ବଳତା ସାମ୍ନାକୁ ଆସିଥିବା ଲୋକେ ଅଭିଯୋଗ କରିଛନ୍ତି। ୪୮ ଘଣ୍ଟାରୁ ଅଧିକ ସମୟ ଧରି ମୋବାଇଲ୍ ନେଟ୍‌ୱାର୍କ ଓ ଇଣ୍ଟରନେଟ୍ ସେବା ଅଚଳ ରହିବା ଯୋଗୁଁ ଯୋଗାଯୋଗ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଆତ୍ମୀୟସ୍ୱଜନଙ୍କ ସହ ଯୋଗାଯୋଗଠାରୁ ଆରମ୍ଭ କରି ଜରୁରୀ ସୂଚନା ଆଦାନପ୍ରଦାନ ଯାଏଁ ସବୁକିଛି ପ୍ରଭାବିତ ହୋଇଥିଲା। ଏହା ସହ ବିଦ୍ୟୁତ୍ ସେବା ଅଚଳ ରହିବା ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇଥିଲା। ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍ ଓ ଯୋଗାଯୋଗ ବ୍ୟବସ୍ଥାକୁ ତୁରନ୍ତ ସ୍ୱାଭାବିକ କରିବାରେ ବିଳମ୍ବ କାହିଁକି ବୋଲି ଲୋକେ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ସେହିପରି ହିଞ୍ଜିଳି-ଆସିକା ଓ ହିଞ୍ଜିଳି-ଶେରଗଡ଼ ଯାତାୟାତ ରାସ୍ତାର କ୍ଷତିଗ୍ରସ୍ତ ଅବସ୍ଥାକୁ ନେଇ ମଧ୍ୟ ଅଞ୍ଚଳବାସୀ ଅସନ୍ତୋଷ ଝାଡ଼ିଥିଲେ। ଏହି ରାସ୍ତାଗୁଡ଼ିକର ମରାମତି ପାଇଁ ଆଉ କେତେ ଦିନ ଲାଗିବ, ଲୋକଙ୍କ ଯାତାୟାତ କେବେ ସ୍ୱାଭାବିକ ହେବ ବୋଲି ପ୍ରଶ୍ନ କରିଥିଲେ। ବିପର୍ଯ୍ୟୟ ପରେ ରାସ୍ତା, ବିଦ୍ୟୁତ୍, ଯୋଗାଯୋଗ ଓ ରିଲିଫ୍ ବ୍ୟବସ୍ଥାରେ ସମନ୍ୱୟର ଅଭାବ ସରକାରଙ୍କ ପ୍ରସ୍ତୁତିକୁ ପଦାରେ ପକାଇଛି ବୋଲି ସେମାନେ କହିଥିଲେ। ବିଜେପି କାର୍ଯ୍ୟାଳୟ ନିକଟରେ ଉଭୟ ମନ୍ତ୍ରୀଙ୍କୁ ଲୋକେ ଘେରି ଏସବୁ ସମସ୍ୟାର ଜବାବ ମାଗିଥିଲେ। ତେବେ ଲୋକଙ୍କ ପ୍ରଶ୍ନର ସ୍ପଷ୍ଟ ଉତ୍ତର ଦେବାରେ ମନ୍ତ୍ରୀମାନେ ଅଡୁଆରେ ପଡ଼ିଥିବା ଦେଖାଯାଇଥିଲା। ଏହି ସମୟରେ ଆମେ କାମ କରୁଛୁ, ତୁମେ ବଦନାମ କରୁଛ ବୋଲି ମନ୍ତ୍ରୀ ଲୋକଙ୍କୁ କହିଥିବାରୁ ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ନିଜ ସମସ୍ୟାର ସମାଧାନ ଦାବି କରୁଥିବା ଲୋକଙ୍କୁ ଏଭଳି ଉତ୍ତର ଦେବା ଉଚିତ୍ ନୁହେଁ ବୋଲି ଅଞ୍ଚଳବାସୀ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ମନ୍ତ୍ରୀମାନେ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ଏବଂ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହି ପ୍ରତିଶ୍ରୁତିରେ ଲୋକଙ୍କ ଅସନ୍ତୋଷ ଥମିନଥିଲା। ବିପଦ ସମୟରେ କେବଳ ସମୀକ୍ଷା ବୈଠକ କିମ୍ବା ପରିଦର୍ଶନ ନୁହେଁ, ବରଂ ଦ୍ରୁତ ଉଦ୍ଧାର, ରିଲିଫ୍ ବଣ୍ଟନ ଓ ମୌଳିକ ସେବାର ପୁନରୁଦ୍ଧାର ହିଁ ଲୋକଙ୍କ ପ୍ରଥମ ଆବଶ୍ୟକତା ବୋଲି ସେମାନେ ଜଣାଇଥିଲେ। ବାତ୍ୟା ଓ ବନ୍ୟା ପରି ଜରୁରୀ ପରିସ୍ଥିତିରେ ସରକାରଙ୍କ ପ୍ରସ୍ତୁତି କେବଳ ଘୋଷଣା ଓ ପ୍ରତିଶ୍ରୁତିରେ ସୀମିତ ରହିଲେ ଚଳିବ ନାହିଁ। ତୃଣମୂଳ ସ୍ତରରେ ତାହାର ପ୍ରଭାବ ଦେଖାଯିବା ଆବଶ୍ୟକ। ହିଞ୍ଜିଳିର ଏହି ଘଟଣା ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠାଇଛି। ଲୋକଙ୍କ ଅଭିଯୋଗ ଓ ଅସନ୍ତୋଷକୁ ଅଣଦେଖା କରିବା ପରିବର୍ତ୍ତେ ସରକାର ଏହାର ଜବାବଦେହିତା ନିଶ୍ଚିତ କରିବା ସହ କ୍ଷତିଗ୍ରସ୍ତ ଅଞ୍ଚଳରେ କେବେ ସ୍ୱାଭାବିକ ସ୍ଥିତି ଫେରିବ, ତାହା ସ୍ପଷ୍ଟ କରିବା ଦରକାର ବୋଲି ଦାବି ହୋଇଛି।

ଘୁଞ୍ଚିବନି ଓପିଏସ୍‌ସି ପରୀକ୍ଷା: ମନ୍ତ୍ରୀ

ପ୍ରଭାବିତ ଜିଲ୍ଲାରେ ପରୀକ୍ଷାର୍ଥୀଙ୍କୁ ସହଯୋଗ କରିବେ ସରକାର

ଭୁବନେଶ୍ୱର, ୩୦।୧୦(ସମିସ): ଆସନ୍ତାକାଲି ଅର୍ଥାତ୍ ଶନିବାର ଠାରୁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷାର ମୁଖ୍ୟ ଲିଖିତ ପରୀକ୍ଷା ଆରମ୍ଭ ହେବ। ସାରା ରାଜ୍ୟରେ ବିଶେଷକରି ଦକ୍ଷିଣ ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ପରୀକ୍ଷା ଦେବା ପାଇଁ ପରୀକ୍ଷାର୍ଥୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ପରୀକ୍ଷା ଘୁଞ୍ଚାଇବାକୁ ଦାବି କରିଥିଲେ। ମାତ୍ର ଏହାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସିଧାସଳଖ ଖଣ୍ଡନ କରିବା ସହ ପରୀକ୍ଷା ଘୁଞ୍ଚିବ ନାହିଁ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ପରୀକ୍ଷା ଥରେ ଘୁଞ୍ଚିଗଲେ ପୁନଃ ପରୀକ୍ଷା ପାଇଁ ପ୍ରାୟ ୬ ମାସ ସମୟ ଲାଗିଯିବ। ଅନ୍ୟ ଜିଲ୍ଲାରେ ପରୀକ୍ଷା ପ୍ରସ୍ତୁତି କରି ଅପେକ୍ଷା କରିଥିବା ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ବିଳମ୍ବ ହୋଇଯିବ। ଏଣୁ ପରୀକ୍ଷାକୁ ନ ଘୁଞ୍ଚାଇ ବାତ୍ୟା ଓ ବନ୍ୟା ପ୍ରଭାବିତ ଜିଲ୍ଲାର ପରୀକ୍ଷାର୍ଥୀଙ୍କୁ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ। ପ୍ରଭାବିତ ଦୁଇ ପ୍ରମୁଖ ଜିଲ୍ଲା ମଧ୍ୟରୁ ଗଞ୍ଜାମରୁ ୩୨୫ ଏବଂ ଗଜପତି ଜିଲ୍ଲାରୁ ପ୍ରାୟ ୧୦୦ ଜଣ ଆବେଦନକାରୀ ରହିଛନ୍ତି। ସେମାନଙ୍କୁ ପରୀକ୍ଷାକେନ୍ଦ୍ରରେ ପହଞ୍ଚାଇବା ସହିତ ପରୀକ୍ଷା ସରିବା ପରେ ଘରେ ପହଞ୍ଚାଇବା ଦାୟିତ୍ୱ ସରକାର ନେବେ। ଯେଉଁ ଆଶାୟୀମାନେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେମାନେ ସ୍ଥାନୀୟ ବିଡିଓଙ୍କୁ ଯୋଗାଯୋଗ କଲେ ବ୍ଲକ୍ ସ୍ତରରେ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ବାତ୍ୟା ଓ ବାତ୍ୟା ପରବର୍ତ୍ତୀ ସମୟରେ ଉପୁଡିଥିବା ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ପରୀକ୍ଷା ଘୁଞ୍ଚାଇବାକୁ ଆଶାୟୀମାନେ ଦାବି କରିଥିଲେ। ବହୁ ସଂଖ୍ୟାରେ ଟ୍ରେନ୍ ବାତିଲ ହେବା ଫଳରେ ସେମାନେ ପରୀକ୍ଷାକେନ୍ଦ୍ରକୁ ଆସିବାରେ ଅସମର୍ଥ ହେଉଥିବା ଦର୍ଶାଇଥିଲେ। କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କ ସମେତ ବିଭିନ୍ନ ଛାତ୍ର ସଂଗଠନ ମଧ୍ୟ ପରୀକ୍ଷା ଘୁଞ୍ଚାଇବାକୁ ଦାବି କରିଥିଲେ।



ବିଜେଡିରେ ସାମିଲ ହେବା ପରେ ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ପଟୁଆ ନିଜର ସମର୍ଥକମାନଙ୍କ ସହ ନବୀନ ନିବାସରେ ଶୁକ୍ରବାର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ସମୟରେ ରେଙ୍ଗାଲିର ବିଜେଡି ବିଧାୟକ ସୁଦର୍ଶନ ହରିପାଲ ମଧ୍ୟ ଉପସ୍ଥିତ ରହିଛନ୍ତି।

ବନ୍ୟା ପୀଡ଼ିତଙ୍କୁ ତୁରନ୍ତ ସହାୟତା ଦିଆଯାଉ: ସୁଜାତା

ଏପରି କଠିନ ସ୍ଥିତିରେ ବିଜେଡି ଲୋକଙ୍କ ସାଥିରେ ରହିଛି



ଭୁବନେଶ୍ୱର,୩୦।୧୦(ସମିସ): ଗଞ୍ଜାମ ଓ ଗଜପତିରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତିକୁ ନେଇ ବିଜେଡି ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନ ଚିନ୍ତା ପ୍ରକଟ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୁଜାତା କହିଛନ୍ତି ଯେ, ଗଞ୍ଜାମ ଓ ଗଜପତିରେ ବନ୍ୟା ସ୍ଥିତି ଲୋକଙ୍କ ପାଇଁ ଭୟଙ୍କର ବିପତ୍ତି ଆଣିଛି। ଏହାଦ୍ୱାରା ଲୋକେ ନାହିଁ ନଥିବା ଅସୁବିଧାର ସାମ୍ନା କରୁଛନ୍ତି। ବନ୍ୟା ଜଳରୁ ଲୋକମାନଙ୍କୁ ସୁରକ୍ଷା ଓ ସୁବିଧା ଯୋଗାଇଦେବାକୁ ବର୍ତ୍ତମାନର ସବୁଠୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ୍। ସରକାର ତୁରନ୍ତ ବନ୍ୟା ବିପନ୍ନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ଦରକାର। ଏପରି କଠିନ ସ୍ଥିତିରେ ବିଜେଡି ଲୋକଙ୍କ ସାଥିରେ ରହିଛି ବୋଲି ସୁଜାତା କହିଛନ୍ତି।

ହାଇକୋର୍ଟରେ ଖାଲି ବିଚାରପତି ପଦ ପୂରଣ ପ୍ରସଙ୍ଗରେ ଜନସ୍ୱାର୍ଥ ମାମଲା

କଟକ, ୩୦।୧୦(ସମିସ): ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ଅଭାବ ଏବଂ ଏଥିପାଇଁ ବିଚାର ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବା ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତି ଏହି ମାମଲା ଦାୟର କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ ଓଡ଼ିଶା ହାଇକୋର୍ଟରେ ଅନୁମୋଦିତ ବିଚାରପତି ପଦ ୩୩ଟି ଥିବାବେଳେ ବର୍ତ୍ତମାନ ମାତ୍ର ୧୫ ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି ଏବଂ ୧୮ଟି ପଦ ଖାଲି ପଡ଼ିଛି। ରିପୋର୍ଟ ଅନୁଯାୟୀ, ହାଇକୋର୍ଟରେ ମୋଟ ୧,୭୭,୨୦୭ଟି ମାମଲା ବିଚାରାଧୀନ ରହିଛି। ଗତ ଅଗଷ୍ଟ ୧୭ରେ ହାଇକୋର୍ଟ ବାର୍ ଆସୋସିଏସନ୍ ମଧ୍ୟ ବିଚାରପତିଙ୍କ ସ୍ୱଳ୍ପତା ନେଇ ଗଭୀର କ୍ଷୋଭ ପ୍ରକାଶ କରିଥିଲା । ଗତ ଅଗଷ୍ଟ ୧୮ରେ ସୁପ୍ରିମକୋର୍ଟ କଲେଜିୟମ୍ ଚାରିଜଣ ଆଇନଜୀବୀଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପାରିଶ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଏମାନଙ୍କ ନିଯୁକ୍ତିକୁ ଅନୁମୋଦନ ମିଳିନାହିଁ। ମାମଲାରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ, ରାଜ୍ୟ ସରକାର ଓ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ପକ୍ଷଭୁକ୍ତ କରାଯାଇଛି।

ନିଯୁକ୍ତି ଫାଇଲ ଉପରେ ବହଳେ ଧୂଳି

୫ ମାସ ହେଲା ଖାଲି ପଡ଼ିଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପଦ

ଭୁବନେଶ୍ୱର, ୩୦।୧୦(ସମିସ): ଦକ୍ଷିଣ ଓଡ଼ିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନାହାନ୍ତି। ଦୀର୍ଘ ୫ ମାସ ହେଲା ବିଶ୍ୱବିଦ୍ୟାଳୟର ମୁଖିଆ ପଦ ଫାଙ୍କା ପଡ଼ିଛି। ନୂତନ କୁଳପତି ଚୟନ ପାଇଁ ପ୍ରାୟ ୨ ମାସ ହେଲା ସାକ୍ଷାତକାର ମଧ୍ୟ ସରିଲାଣି। ଉଚ୍ଚଶିକ୍ଷା ବିଭାଗ ନିକଟରେ ୩ ଜଣ ଶିକ୍ଷାବିତଙ୍କ ନାମ ପହଞ୍ଚି ସାରିଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟର କୁଳାଧିପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରିନି। ଅପରପକ୍ଷରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁଙ୍କୁ କୁଳପତି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଫଳରେ ବିଶ୍ୱବିଦ୍ୟାଳୟର ବହୁ ଉନ୍ନୟନମୂଳକ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପାରୁ ନ ଥିବାରୁ ଶୈକ୍ଷିକ ବାତାବରଣ ଏକ ପ୍ରକାର ବାଟ ହୁଡ଼ିଛି।

ନୂତନ କୁଳପତି ନିଯୁକ୍ତି ପାଇଁ ଗଠିତ ଚୟନ କମିଟି ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ରେ ସାକ୍ଷାତକାର ସାରି ୩ଜଣ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ଉଚ୍ଚଶିକ୍ଷା ବିଭାଗକୁ ପଠାଇଛି। ମିଳିଥିବା ସୂଚନା ଅନୁଯାୟୀ ଉଚ୍ଚଶିକ୍ଷା ବିଭାଗରେ ଏହି ଫାଇଲ୍ ଅକ୍ଟୋବର ୨୨-୨୩ ତାରିଖ ପର୍ଯ୍ୟନ୍ତ ପଡ଼ି ରହିବା ପରେ ୩ ଜଣଙ୍କ ନାମ କୁଳାଧିପତିଙ୍କ ନିକଟକୁ ପଠାଯାଇଛି। ମାତ୍ର ଏହା ଉପରେ କୁଳାଧିପତି କୌଣସି ନିଷ୍ପତ୍ତି ନେଇନାହାନ୍ତି। ଫଳରେ ଶିକ୍ଷାବିତ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାଜ୍ୟର ଏହି ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ଥାୟୀ କୁଳପତି ନିଯୁକ୍ତିରେ କାହିଁକି ବିଳମ୍ବ ହେଉଛି ବୋଲି ପ୍ରଶ୍ନ କରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଚୂଡ଼ାନ୍ତ ୩ ଜଣିଆ ତାଲିକାରେ ଭିସୁଟର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ଅମର ନାୟକ, ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ସୋସିଓଲୋଜି ବିଭାଗର ପ୍ରଫେସର ବି. ବି. ମହାନ୍ତି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ସୋସିଓଲୋଜି ବିଭାଗର ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ ପ୍ରମୁଖ ସ୍ଥାନ ପାଇଛନ୍ତି। ଏମାନଙ୍କ ମଧ୍ୟରୁ କାହାକୁ କୁଳପତି ନିଯୁକ୍ତି ଦିଆଯିବ ତାହା ସ୍ପଷ୍ଟ ହୋଇନାହିଁ। ନିୟମିତ କୁଳପତି ନଥିବାରୁ ବିଶ୍ୱବିଦ୍ୟାଳୟର ମୌଳିକ ସମସ୍ୟାକୁ ମଧ୍ୟ ଛାତ୍ରଛାତ୍ରୀମାନେ ଉପସ୍ଥାପିତ କରିପାରୁ ନ ଥିବା ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସମସ୍ୟା ସମାଧାନ ହୋଇପାରୁନି। ଏପରିସ୍ଥଳେ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏଣୁ ତୁରନ୍ତ କୁଳପତି ନିଯୁକ୍ତି ସାରିବା ସହିତ ଶୈକ୍ଷିକ ବାତାବରଣକୁ ସୁଗମ କରିବାକୁ ଦାବି ହୋଇଛି।

ଓଏଏସ ସ୍ତରରେ ବଡ଼ ଧରଣର ଅଦଳ ବଦଳ

ଭୁବନେଶ୍ୱର, ୩୦।୧୦ (ସମିସ): ରାଜ୍ୟ ପ୍ରଶାସନିକ ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗ ପକ୍ଷରୁ ୪୨ ଜଣ ଓଏଏସ୍ ଅଧିକାରୀଙ୍କ ବଦଳି ଓ ନୂତନ ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି।

ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ବିଧାନ ଚନ୍ଦ୍ର ରାୟଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ସ୍ୱତନ୍ତ୍ର ସଚିବ କରାଯାଇଛି। ପ୍ରବୀର କୁମାର ନାୟକଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଏବଂ ସରୋଜ କୁମାର ରାଉତଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ପୂର୍ଣ୍ଣଚନ୍ଦ୍ର ଦଳାଇ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗରୁ ବାଣିଜ୍ୟ ଓ ପରିବହନ ବିଭାଗକୁ ଏବଂ ପ୍ରିୟବ୍ରତ ପାଢ଼ୀ ଓଏସ୍‌ଏସ୍‌ଏସ୍‌ସିରୁ ସାଧାରଣ ପ୍ରଶାସନ ବିଭାଗକୁ ଅତିରିକ୍ତ ସଚିବ ଭାବେ ବଦଳି ହୋଇଛନ୍ତି। ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଏବଂ ଦୀପ୍ତି ମହାପାତ୍ରଙ୍କୁ ସାଧାରଣ ପ୍ରଶାସନ ବିଭାଗରେ ଅବସ୍ଥାପିତ କରାଯାଇଛି। ସସ୍ମିତା ସାହୁଙ୍କୁ ଅବକାରୀ ବିଭାଗର ଅତିରିକ୍ତ ସଚିବ ନିଯୁକ୍ତି ମିଳିଛି।

ଆଶୁତୋଷ ସାମଲଙ୍କୁ ସରକାରୀ ଉଦ୍ୟୋଗ ବିଭାଗର ଅତିରିକ୍ତ ସଚିବ, ପ୍ରିୟଦର୍ଶିନୀ ମଲ୍ଲିକଙ୍କୁ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ, ଅଞ୍ଜଳିନା ପ୍ରଧାନଙ୍କୁ ଶ୍ରମ ଓ ଇଏସ୍‌ଆଇ ବିଭାଗର ଯୁଗ୍ମ ସଚିବ ଏବଂ ପ୍ରାଚୀ ମହାପାତ୍ରଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଅଶୋକ କୁମାର ବେହୁରିଆଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଏବଂ ଅଜମ୍ବର ମହାନ୍ତିଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ସଚିବ କରାଯାଇଛି।

ଜିଲ୍ଲାସ୍ତରରେ ବୌଦ୍ଧର ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ସୁବର୍ଣ୍ଣପୁର ବଦଳି କରାଯାଇଛି। ସେହିପରି ପ୍ରତାପ ପ୍ରୀତିମୟଙ୍କୁ ଢେଙ୍କାନାଳ ଏବଂ ବିରଞ୍ଚି ନାରାୟଣ ଦାରୁଆଙ୍କୁ ବୌଦ୍ଧର ଅତିରିକ୍ତ ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ଦିଲ୍ଲୀପ କୁମାର ପ୍ରଧାନଙ୍କୁ ଝାରସୁଗୁଡ଼ାର ଅତିରିକ୍ତ ଜିଲ୍ଲାପାଳ କରାଯାଇଛି। ଢେଙ୍କାନାଳର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ ଆୟୁକ୍ତ ହୋଇଛନ୍ତି। ଡାକ୍ତର ବିଜୟାନନ୍ଦ ସେଠୀଙ୍କୁ ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ଲମ୍ବୋଦର ଧାରୁଆଙ୍କୁ ସମ୍ବଲପୁର ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ କରାଯାଇଛି। ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ଓଏସ୍‌ଏସ୍‌ସିର ଯୁଗ୍ମ ସଚିବ ଏବଂ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ନବରଙ୍ଗପୁର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ କରାଯାଇଛି। କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଭାବେ ଜ୍ୟୋତିକାନ୍ତ ଭୁଜବଳ, କେନ୍ଦୁଝରେ ଉପଜିଲ୍ଲାପାଳ ଭାବେ ପୁଷ୍ପକ କୁମାର ପ୍ରଧାନ ନିଯୁକ୍ତ ହୋଇଛନ୍ତି। କେନ୍ଦୁଝରର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଓଏସ୍‌ଏସ୍‌ଏସ୍‌ସିର ଉପସଚିବ ହୋଇଛନ୍ତି। ଅରୁଣ ନାୟକ ପୁରୀ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଏବଂ ବିଜୟ ବେହେରା କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ହୋଇଛନ୍ତି। ସସ୍ମିତ ଶତପଥୀଙ୍କୁ ମିଶନ ଶକ୍ତି ବିଭାଗର ଉପସଚିବ କରାଯାଇଛି। ଗୀତାଞ୍ଜଳି ନାୟକଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଆଇଟି ବିଭାଗରୁ ଅବ୍ୟାହତି ଦିଆଯାଇଛି। ଜ୍ୟୋତିପ୍ରକାଶ ସେଠୀ ଓସିଏସର ଓଏସଡି ଏବଂ ସ୍ୱାଗତ ଦାସ ବାରଙ୍ଗ ବିଡିଓ ଭାବେ ପୂର୍ବପରି କାର୍ଯ୍ୟ କରିବେ।

୩୫ ଲକ୍ଷ ଚାଷୀଙ୍କୁ ପିଏମ୍ କିଷାନ୍ ଟଙ୍କା

ଚାଷୀଙ୍କ ଆର୍ଥିକ ବିକାଶରେ ହିଁ ଓଡ଼ିଶାର ସାମଗ୍ରିକ ବିକାଶ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦।୧୦ (ସମିସ): ପିଏମ୍ କିଷାନ ଯୋଜନାର ୨୪ତମ କିସ୍ତି ସହାୟତା ରାଶି ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ବନାସକାଣ୍ଠାଠାରେ ଅନୁଷ୍ଠିତ ଜାତୀୟ ସମାରୋହରୁ ଆଭାସୀ ମାଧ୍ୟମରେ ଏହି ସହାୟତା ରାଶି ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତର କୃଷକମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ସିଧାସଳଖ କଥା ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୩୫ ଲକ୍ଷ ୩୮ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ କୃଷକଙ୍କ ବ୍ୟାଙ୍କ ଜମାଖାତାକୁ ଡିବିଟି ଜରିଆରେ ୨ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଭାବରେ ସମୁଦାୟ ୭୦୭.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆମ ପାଇଁ କୃଷକ ସମାଜ କେବଳ ଚାଷୀ ନୁହନ୍ତି, ସେମାନେ ଆମ ପାଇଁ ଅନ୍ନଦାତା। ରାଜ୍ୟର କୌଣସି ଜଣେ ବି ଯୋଗ୍ୟ କୃଷକ ଯେପରି ଏହି ଯୋଜନାର ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆମ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ଚାଷୀଭାଇମାନେ ସେମାନଙ୍କର ନିକଟସ୍ଥ ରାଜସ୍ୱ କାର୍ଯ୍ୟାଳୟ କିମ୍ବା କୃଷି କାର୍ଯ୍ୟାଳୟକୁ ଯାଇ ଆଗ୍ରିଷ୍ଟାକ୍ ପୋର୍ଟାଲରେ ତୁରନ୍ତ ପଞ୍ଜିକରଣ କରାଇନେବାକୁ ସେ ଅନୁରୋଧ କରିଥିଲେ। କୃଷକମାନଙ୍କ ଉନ୍ନତି ଓ ଆର୍ଥିକ



ବିକାଶ ହିଁ ଓଡ଼ିଶାର ସାମଗ୍ରୀକ ବିକାଶକୁ ଆଗକୁ ନେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ଯୋଜନା ସହିତ ତାଳ ଦେଇ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ସିଏମ୍ କିଷାନ ଯୋଜନା କାର୍ଯ୍ୟକ୍ରମ କରୁଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଷିକ ୪ ହଜାର ଟଙ୍କା ଏବଂ ଭୂମିହୀନ କୃଷି ପରିବାରକୁ ଜୀବନଜୀବିକା ସହାୟତା ବାବଦରେ ୧୨,୫୦୦ ଟଙ୍କା ପ୍ରଦାନ କରାଯାଉଛି। ଏଥିରେ ସହରାଞ୍ଚଳର ଚାଷୀ ଏବଂ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀର ଚାଷୀମାନଙ୍କୁ ମଧ୍ୟ ସାମିଲ କରାଯାଇଛି। ସେହିପରି ସିଏମ୍ କିଷାନ ହିତାଧିକାରୀଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ଉଦ୍ଦିଷ୍ଟ କୃଷି ବିଦ୍ୟାନିଧି ଯୋଜନା ଅଧୀନରେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁଷଙ୍ଗିକ ବୈଷୟିକ ପାଠ୍ୟକ୍ରମ ପଢ଼ିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ୨୦୨୪-୨୫ରେ ୧୩,୯୨୩ ପିଲାଙ୍କୁ ୫୩.୬୯ କୋଟି ଟଙ୍କା କୃଷି ବିଦ୍ୟାନିଧି ବୃତ୍ତି ଦିଆଯାଇଥିବା ବେଳେ ୨୦୨୫-୨୬ରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରି ୬୮,୯୧୦ ପିଲାଙ୍କୁ ୨୯୧.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ପୂର୍ବ ବର୍ଷ ଅପେକ୍ଷା ଏହି ପରିମାଣ ପ୍ରାୟ ୫ ଗୁଣ ବୃଦ୍ଧି ହୋଇଛି। ବିଗତ ଦିନରେ ଲଗାଣ ବର୍ଷା, ବନ୍ୟା ଏବଂ ସାମ୍ପ୍ରତିକ ବାତ୍ୟା ପରବର୍ତ୍ତୀ ବର୍ଷା ଯୋଗୁଁ ରାଜ୍ୟର କେତେକ ଜିଲ୍ଲାରେ ଫସଲ ନଷ୍ଟ ହୋଇଥିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଦୃଢ଼ ଆଶ୍ୱାସନା ଦେଇ କହିଛନ୍ତି ଯେ, ଯେତେ ବିପତ୍ତି ଆସୁ ନା କାହିଁକି, ଆପଣଙ୍କ ସରକାର ଓ ମୁଖ୍ୟମନ୍ତ୍ରୀ ସର୍ବଦା ଆପଣଙ୍କ ଦୁଃଖସୁଖରେ ସାଥୀ ହୋଇ ଠିଆ ହୋଇଛନ୍ତି।

ସକାଳ
THE SAKALA

www.sakalaepaper.com

ସେକ୍ସ ରାକେଟ୍ ଠାବ; କିଙ୍ଗପିନ୍ ସମେତ ୫ ଗିରଫ

ବ୍ରହ୍ମପୁର,୩୦।୧୦(ସମିସ)

ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡ଼ା ଶ୍ରୀମା ନଗରରେ ଚାଲିଥିବା ଏକ ସଂଗଠିତ ସେକ୍ସ ରାକେଟ୍‌କୁ ଠାବ କରି ରାକେଟ୍‌ର ମୁଖ୍ୟ କାର୍ପଟଦାର ସମେତ ୫ଜଣଙ୍କୁ ଗିରଫ କରିଛି ପୁଲିସ। ଏଥିସହ ଘଟଣାସ୍ଥଳରୁ ୨ଜଣ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଚଢ଼ାଉ ବେଳେ ୭ଟି ମୋବାଇଲ ଫୋନ୍, ନଗଦ ୧୨ଶହ ଟଙ୍କା ସମେତ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ପିଣ୍ଟୁ ଡାକୁଆ (୨୫), ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡ଼ା ଗ୍ରାମର ଅଚ୍ୟୁତାନନ୍ଦ ଖଟୁଆ (୩୧), ଅନ୍ତର୍ଯ୍ୟାମୀ ଖଟୁଆ (୩୭), ସନ୍ତୋଷ ନାହାକ (୩୯) ଏବଂ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ମୋହନପଲ୍ଲୀ ଗ୍ରାମର ଇ. ସଞ୍ଜୟ କୁମାର (୨୯)। ପିଣ୍ଟୁ ଡାକୁଆ

୨ ମହିଳା ଉଦ୍ଧାର, ୭ମୋବାଇଲ, ନଗଦ ଟଙ୍କା ସହ ଆପତ୍ତିଜନକ ସାମଗ୍ରୀ ଜବତ

ଉକ୍ତ ଘରେ ଭଡ଼ାଟିଆ ଭାବେ ରହି ଦେହ ବ୍ୟବସାୟ ରାକେଟ୍ ପରିଚାଳନା କରୁଥିବା ଅଭିଯୋଗ ରହିଛି।

ଅନ୍ୟ ୪ଜଣଙ୍କୁ ଗ୍ରାହକ ଭାବେ ପୁଲିସ ଚିହ୍ନଟ କରିଛି। ପୁଲିସ ସୂଚନା ଅନୁଯାୟୀ, ଲୋଚାପଡ଼ା ଶ୍ରୀମା ନଗର ଦ୍ୱିତୀୟ ଲେନ୍‌ରେ ଏକ ଭଡ଼ାଘରେ ସଂଗଠିତ ଭାବେ ଦେହ ବ୍ୟବସାୟ ଚାଲିଥିବା ନେଇ ବ୍ରହ୍ମପୁର ଆଣ୍ଟି ହ୍ୟୁମାନ୍ ଟ୍ରାଫିକିଂ ୟୁନିଟ୍‌ର ଡିଏସ୍‌ପି ସ୍ମୃତିପ୍ରଭା ପ୍ରଧାନଙ୍କ ନିକଟରେ ସୂଚନା ପହଞ୍ଚିଥିଲା। ଏହାକୁ ଆଧାର କରି ଗତ ୨୯ତାରିଖ ରାତି ପ୍ରାୟ ୮ଟା ୪୦ମିନିଟ୍‌ରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଉକ୍ତ ଘର ଉପରେ ଅତର୍କିତ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଶୁଭସ୍ମିତା ଦାସ, ଏନ୍‌ଜିଓ ପ୍ରତିନିଧି ସାରଧି ଭାର୍ଗବୀ ଓ ସ୍ୱାଧୀନ ସାକ୍ଷୀମାନେ ସାମିଲ ଥିଲେ। ଚଢ଼ାଉ ବେଳେ ଘର ଭିତରେ ୨ଜଣ ମହିଳା ଓ ୫ଜଣ ପୁରୁଷ ଥିବା ଜଣାପଡ଼ିଥିଲା। ଚଢ଼ାଉ ସମୟରେ ଘଟଣାସ୍ଥଳରୁ ୭ଟି ମୋବାଇଲ ଫୋନ୍ ଓ ନଗଦ ୧୨ଶହ ଟଙ୍କା ସହ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଉଦ୍ଧାର ୨ଜଣ ମହିଳାଙ୍କୁ ସୁରକ୍ଷା ଦୃଷ୍ଟିରୁ ଥାନାକୁ ଅଣାଯିବା ସହ ଡାକ୍ତରୀ ପରୀକ୍ଷା ପାଇଁ ପଠାଇଥିଲା ପୁଲିସ। ସେପଟେ ଏହି ରାକେଟ୍‌ରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ କେତେଦିନ ଧରି ଏହି କାରବାର ଚାଲିଥିଲା, ସେନେଇ ପୁଲିସର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି।

ତିନି ଦିନ ପରେ ସ୍ୱାଭାବିକ ହେଲା ବ୍ରହ୍ମପୁର

ଖୋଲିଲା ଦୋକାନ ବଜାର, ରାସ୍ତାରେ ଗଡ଼ିଲା ଗାଡ଼ି

ବ୍ରହ୍ମପୁର,୩୦।୧୦(ସମିସ)



ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ତିନି ଦିନ ଧରି ଲଗାଣ ବର୍ଷା ଓ ପ୍ରବଳ ପବନରେ ବେହାଲ ହୋଇପଡ଼ିଥିଲା ବ୍ରହ୍ମପୁର ସହର। ଜଳବନ୍ଦୀ, ରାସ୍ତା ଅବରୋଧ ଓ ଯାତାୟାତ ବାଧା ଯୋଗୁଁ ଜନଜୀବନ ଏକପ୍ରକାର ଠପ୍ ହୋଇଯାଇଥିଲା। ତେବେ ଦୀର୍ଘ ତିନି ଦିନ ପରେ ଶୁକ୍ରବାର ସହରରେ ଜନଜୀବନ ସ୍ୱାଭାବିକ ହେବା ଆରମ୍ଭ କରିଛି। ଶୁକ୍ରବା ମଧ୍ୟାହ୍ନ ସୟମ ଠାର ଖରା ହୋଇଥିବା ବେଳେ ଦୋକାନ ବଜାର ଖୋଲିଥିବା ବେଳେ ରାସ୍ତାରେ ଯାନବାହନ ଚଳାଚଳ ମଧ୍ୟ ସ୍ୱାଭାବିକ ହୋଇଛି। ବାତ୍ୟା ପ୍ରଭାବରେ ସହରର ବିଭିନ୍ନ ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିଲା। ଘର ଓ ରାସ୍ତାରେ ବର୍ଷାଜଳ ଜମି ରହିବାରୁ ଦୁଇ ଦିନ ଧରି ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡ଼ିଥିଲା। ବିଶେଷକରି ତଳିଆ ଅଞ୍ଚଳର ବାସିନ୍ଦା ଯାତାୟାତ ଓ ଦୈନନ୍ଦିନ କାର୍ଯ୍ୟରେ ନାନା ସମସ୍ୟା ଭୋଗିଥିଲେ। ସେହିପରି ପ୍ରବଳ ପବନ ଯୋଗୁଁ ସହରର ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଥିଲା। ଫଳରେ ଅନେକ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏଭଳି ସ୍ଥିତିରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ପହଞ୍ଚି ରାସ୍ତାରୁ ଗଛ କାଟି ହଟାଇବା ସହ ଜଳ ନିଷ୍କାସନ କାର୍ଯ୍ୟ କରିଥିଲେ। ଫଳରେ ଧୀରେ ଧୀରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଶୁକ୍ରବାର ସହରର ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବା ସହ ରାସ୍ତାରେ ଗାଡ଼ିମୋଟର ଚଳାଚଳ ବଢ଼ିଛି। ତିନି ଦିନର ଅଚଳାବସ୍ଥା ପରେ ସହରରେ ସ୍ୱାଭାବିକ ଚଳଚଞ୍ଚଳତା ଫେରିବାରୁ ଲୋକେ ଆଶ୍ୱସ୍ତ ହୋଇଛନ୍ତି। ଅନ୍ୟପକ୍ଷରୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବିଭିନ୍ନ ସ୍ଥାନରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା।

ବିପଦ ସଂକୁଳ ସ୍ଥିତିରେ ଏମ୍‌କେସିଜି ବହୁ କୋଠାର ସିଲିଂ



ବ୍ରହ୍ମପୁର,୩୦।୧୦(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପିଏମଏସଏସୱାଇ କୋଠାର ସିଲିଂ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। କୋଠାର ପ୍ରଥମ ମହଲାରେ ଲାଗିଥିବା ସିଲିଂ ଧୀରେ ଧୀରେ ଖସିବାକୁ ବସିଥିବା ବେଳେ ଯେକୌଣସି ସମୟରେ ଏହା ଭୁଶୁଡ଼ି ପଡ଼ିବା ଆଶଙ୍କା ରହିଛି। ଏହି ସ୍ଥାନଟି କୋଠାକୁ ପ୍ରବେଶ କରିବାର ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତିଦିନ ଏଠାରେ ରୋଗୀ, ସମ୍ପର୍କୀୟ ଓ ମେଡିକାଲ କର୍ମଚାରୀଙ୍କ ଯାତାୟାତ ଲାଗି ରହୁଛି। ଏଭଳି ସ୍ଥିତିରେ ସିଲିଂ ଖସିପଡ଼ିଲେ ଅଘଟଣ ଘଟିବା ସହ ଅନେକଙ୍କ ଜୀବନ ବିପଦରେ ପଡ଼ିବା ଆଶଙ୍କା ରହିଛି। ମେଡ଼ିକାଲର କେବଳ ପିଏମଏସଏସୱାଇ କୋଠାର ସିଲିଂ ନୁହେଁ, ଅନ୍ୟାନ୍ୟ କୋଠାରେ ଲାଗିଥିବା ସିଲିଂ ମଧ୍ୟ ଦୁର୍ବଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ଗତ ଦୁଇ ବର୍ଷ ପୂର୍ବେ ମେଡ଼ିକାଲ କୋଠାର ବିଭିନ୍ନ ମହଲାରେ ବାରମ୍ବାର ସିଲିଂ ଖସିବାରୁ ଲିସିଂରେ ବ୍ୟବହାର କରାଯାଇଥିବା ଜିପସନ ବୋଡର୍ ବଦଳରେ ମେଟାଲ ବୋଡର୍‌କୁ ବ୍ୟବହାର କରାଯାଇଥିଲା। ଏଥି ନିମନ୍ତେ ପୂର୍ତ୍ତ ବିଭାଗ ପକ୍ଷରୁ ଗତ ବର୍ଷ ୩କୋଟି ୬୭ଲକ୍ଷ ୪୨ହଜାର ୮୧୭ଟଙ୍କା ଖର୍ଚ୍ଚ ହୋଇଛି। କୋଟା କୋଟା ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠାର ରକ୍ଷଣାବେକ୍ଷଣକୁ ନେଇ ଏବେ ପ୍ରଶ୍ନ ଉଠିଛି। ସିଲିଂର ଏଭଳି ଅବସ୍ଥା ସତ୍ତ୍ୱେ ଏହାର ମରାମତି ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବା ଜରୁରୀ ରହିଛି। ଅଘଟଣକୁ ଅପେକ୍ଷା ନକରି ମେଡିକାଲ କର୍ତ୍ତୃପକ୍ଷ ଏହି ବିପଦପୂର୍ଣ୍ଣ ସ୍ଥାନରେ ଯାତାୟାତ ନିୟନ୍ତ୍ରଣ କରିବା ସହ ଓ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଉକ୍ତ ସିଲିଂର ମରାମତି କରିବାକୁ ଦାବି ହେଉଛି।

କିନ୍ନରଙ୍କୁ ଠେଙ୍ଗାରେ ଆକ୍ରମଣ କରି ମୋବାଇଲ ଲୁଟ୍

ବ୍ରହ୍ମପୁର,୩୦।୧୦(ସମିସ): ବ୍ରହ୍ମପୁର ସହର ଉପକଣ୍ଠ ୧୬ନମ୍ବର ଜାତୀୟ ରାଜପଥର ଗୋପାଳପୁର ଜଙ୍କସନ ନିକଟରେ ଜଣେ କିନ୍ନରଙ୍କୁ ଠେଙ୍ଗାରେ ଆକ୍ରମଣ କରି ମୋବାଇଲ ଫୋନ୍ ଲୁଟିନେବା ଅଭିଯୋଗ ହୋଇଛି। ଆକ୍ରମଣରେ କିନ୍ନର ଜଣକ ରକ୍ତାକ୍ତ ହୋଇ ତଳେ ପଡ଼ିଯାଇଥିବା ବେଳେ ଦୁର୍ବୃତ୍ତ ତାଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, କଟକ ଜିଲ୍ଲା ମଙ୍ଗଳାବାଗ ଘାସିଆ ସାହି ନିବାସୀ ତଥା କିନ୍ନର 'ଲିଜା' ସମ୍ପ୍ରତି ବ୍ରହ୍ମପୁର ଲାଞ୍ଜିପଲ୍ଲୀ କୃଷ୍ଣନଗର ପ୍ରଥମ ଲାଇନରେ ରହୁଛନ୍ତି। ଗତ ୨୬ତାରିଖ ରାତି ପ୍ରାୟ ୮ଟା ସମୟରେ ଲିଜା ତାଙ୍କ ବନ୍ଧୁ ଜୁଲି ଦାସଙ୍କ ସହ ଗୋପାଳପୁର ଜଙ୍କସନସ୍ଥିତ ନେକ୍ସା ସୋରୁମ୍ ନିକଟରେ ଛିଡ଼ାହୋଇ କଥାବାର୍ତ୍ତା କରୁଥିଲେ। ଏହି ସମୟରେ ଜଣେ ଅଜଣା ବ୍ୟକ୍ତି ହଠାତ୍ ସେଠାରେ ପହଞ୍ଚି ଲିଜାଙ୍କ ମୁଣ୍ଡକୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହେବା ସହ ସେ ତଳେ ପଡ଼ିଯାଇଥିଲେ। ପରେ ଆକ୍ରମଣକାରୀ ତାଙ୍କୁ ମୃତ ଭାବି ଘଟଣାସ୍ଥଳରୁ ଚାଲିଯାଇଥିଲେ। ଯିବା ପୂର୍ବରୁ କିନ୍ନର ଲିଜାଙ୍କ ମୋବାଇଲକୁ ଛଡ଼ାଇ ନେଇଥିଲେ। ଏଥିସହ ଲିଜାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଘଟଣା ସମ୍ପର୍କରେ ପୁଲିସକୁ ଜଣାଇଲେ ତାଙ୍କୁ ଓ ତାଙ୍କ ବନ୍ଧୁ ଜୁଲି ଦାସଙ୍କୁ ଜୀବନରୁ ମାରିଦେବାକୁ କୁଆଡେ ଧମକ ଦେଇଥିଲେ। ଦୁର୍ବୃତ୍ତଙ୍କ ଏଭଳି ଆକ୍ରମଣ ଓ ହତ୍ୟା ଧମକ ପରେ ଲିଜା ଭୟଭୀତ ହୋଇପଡ଼ିଥିଲେ। ଭୟ ଓ ମାନସିକ ଅସ୍ଥିରତା କାରଣରୁ ସେ ତୁରନ୍ତ ଥାନାରେ ଅଭିଯୋଗ କରିପାରିନଥିଲେ ହେଁ ପରେ ସେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାର ଏସଆଇ ଇତିଶ୍ରୀ ଭୋଇ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

■ ଗୋପାଳପୁରର ତାରକା ହୋଟେଲରେ ଜୁଆଖେଳ ସୂଚନା

ଚଢ଼ଉ କରି ଖାଲିହାତରେ ଫେରିଲା ପୁଲିସ

ବ୍ରହ୍ମପୁର,୩୦।୧୦(ସମିସ): ଗୋପାଳପୁର ଥାନା ଅଞ୍ଚଳର ଏକ ତାରକା ହୋଟେଲରେ ଜୁଆଖେଳ ଚାଲିଥିବା ସୂଚନା ପାଇ ପୁଲିସ ଚଢ଼ାଉ କରିଥିଲେ ହେଁ କୌଣସି ଜୁଆଡ଼ିଙ୍କୁ ଧରିବାରେ ସଫଳ ହୋଇନଥିବା ଜଣାପଡ଼ିଛି। ଉକ୍ତ ହୋଟେଲରେ ସହରର କେତେକ ପ୍ରତିଷ୍ଠିତ ବ୍ୟବସାୟୀ, ବିଲ୍ଡର ଓ ଚର୍ଚ୍ଚିତ ବ୍ୟକ୍ତି ଜୁଆଖେଳରେ ସାମିଲ ଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ତେବେ ପୁଲିସ ଚଢ଼ାଉ ବେଳେ ହୋଟେଲରେ ଜୁଆଖେଳ ଚାଲିନଥିବାରୁ ଚଢ଼ାଉକାରୀ ଫେରିବା।କୁ

ଜୁଆ ଆଡ୍ଡାରେ ବ୍ୟବସାୟୀ, ବିଲ୍ଡର ଓ ଚର୍ଚ୍ଚିତ ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ଚର୍ଚ୍ଚା

ଦଳକୁ ଖାଲି ହାତରେ ପଡ଼ିଥିବା ଜଣାପଡିଛି। ସୂଚନା ପ୍ରକାରେ, ପ୍ରାୟ ୩ଦିନ ପୂର୍ବେ ଗୋପାଳପୁର ଥାନା ଅଞ୍ଚଳର ଏକ ତାରକା ହୋଟେଲରେ ଜୁଆଖେଳ ଚାଲିଥିବା ନେଇ ପୁଲିସ ଖବର ପାଇଥିଲା। ଏଥିରେ କେତେକ ନାମୀଦାମୀ ବ୍ୟବସାୟୀ, ବିଲ୍ଡର ଓ ଅନ୍ୟ କିଛି ପ୍ରଭାବଶାଳୀ ବ୍ୟକ୍ତି ସାମିଲ ଥିବା ସୂଚନା ମିଳିଥିଲା। ଏହି ଖବରକୁ ଆଧାର କରି ଗୋପାଳପୁର ଥାନା ଅଧିକାରୀଙ୍କ ସମେତ ଏକ ପୁଲିସ ଟିମ୍ ଉକ୍ତ ହୋଟେଲରେ ଚଢ଼ାଉ କରିଥିଲା। ହେଲେ ପୁଲିସ ହୋଟେଲରେ ପହଞ୍ଚିବା ବେଳକୁ ସେଠାରେ ଜୁଆଖେଳ ଚାଲିନଥିଲା। ଫଳରେ ପୁଲିସ କାହାକୁ ଧରିପାରି ନଥିବା ବେଳେ ଚଢ଼ାଉ କରି ନିରାଶ ହୋଇ ଫେରିଥିବା ଜଣାପଡିଛି। ଅନ୍ୟପକ୍ଷରେ ପୁଲିସ ଚଢ଼ାଉ ପୂର୍ବରୁ ଜୁଆଖେଳ ବନ୍ଦ କରି ସମ୍ପୃକ୍ତ ବ୍ୟକ୍ତିମାନେ ହୋଟେଲ ଛାଡ଼ି ଚାଲିଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଏଭଳି ପରିସ୍ଥିତିରେ ପୁଲିସ ଚଢ଼ାଉ ପୂର୍ବରୁ ଜୁଆଖେଳ ବନ୍ଦ ହେବା ଘଟଣାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି।

ଗଞ୍ଜାମ ଜିଲ୍ଲାର ନୂତନ ସିଡିଏମ୍‌ଓ ହେଲେ ଡା. ଉମାକାନ୍ତ ସାହୁ

ବ୍ରହ୍ମପୁର,୩୦।୧୦(ସମିସ): ଗଞ୍ଜାମ ଜିଲ୍ଲାର ନୂତନ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ (ସିଡିଏମ୍‌ଓ) ଭାବେ ଡା. ଉମାକାନ୍ତ ସାହୁଙ୍କୁ ଦାୟିତ୍ୱ ମିଳିଛି। ଏ ନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭାଗୀୟ ନିର୍ଦ୍ଦେଶନାମା ଅନୁଯାୟୀ, ଡା. ସାହୁଙ୍କୁ ପଦୋନ୍ନତି ଦିଆଯାଇ ଗଞ୍ଜାମ ଜିଲ୍ଲାର ସିଡିଏମ୍‌ଓ ଭାବେ ଅବସ୍ଥାପିତ କରାଯାଇଛି। ସେ ବର୍ତ୍ତମାନ କଟକସ୍ଥିତ ଏଟିଡି ଆଣ୍ଡ ଟିସିର ଅଧୀକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ଖୁବ୍‌ଶୀଘ୍ର ଡା. ସାହୁ ସିଡିଏମ୍‌ଓ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି।

ସିଭିଲ୍ ସର୍ଭିସେସ୍ ମେନ୍ ପରୀକ୍ଷାର୍ଥୀଙ୍କ ପାଇଁ ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ବ୍ୟବସ୍ଥା

ଛତ୍ରପୁର, ୩୦।୧୦(ସମିସ): ଅକ୍ଟୋବର ୩୧ ତଥା ଶନିବାର ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ସିଭିଲ୍ ସର୍ଭିସେସ୍ ମୁଖ୍ୟ (ଲିଖିତ) ପରୀକ୍ଷାକୁ ଦୃଷ୍ଟିରେ ରଖି ବାତ୍ୟା 'ଅର୍ଣ୍ଣବ' ଓ ବନ୍ୟାଜନିତ ପରିସ୍ଥିତି ମଧ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା କରାଯାଇଛି।

ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ସୂଚନା ଅନୁଯାୟୀ, ବ୍ରହ୍ମପୁର ସହରର ୨ଟି ପରୀକ୍ଷା କେନ୍ଦ୍ରରେ ୩୦୦ରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପ୍ରତିକୂଳ ପାଣିପାଗ ଓ ବନ୍ୟା ଯୋଗୁଁ ପରୀକ୍ଷାର୍ଥୀମାନେ ଯେପରି ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ ଅସୁବିଧାରେ ନ ପଡ଼ନ୍ତି, ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ହେଲ୍ପଲାଇନ୍ ବ୍ୟବସ୍ଥା କରାଯାଇଛି। ଏଥିସହ ଆବଶ୍ୟକତା ଅନୁଯାୟୀ ପରୀକ୍ଷାର୍ଥୀଙ୍କ ପାଇଁ ନିଃଶୁଳ୍କ ଯାତାୟାତ, ରହଣି ଓ ଖାଦ୍ୟ ବ୍ୟବସ୍ଥା କରାଯିବ। ବାତ୍ୟା ଓ ବନ୍ୟା ପରିସ୍ଥିତିରେ ଦୂରଦୂରାନ୍ତରୁ ଆସୁଥିବା ପରୀକ୍ଷାର୍ଥୀଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରଶାସନ ପ୍ରସ୍ତୁତ ରହିଛି। ପରୀକ୍ଷାର୍ଥୀମାନେ ଆବଶ୍ୟକ ସହାୟତା ପାଇଁ ବିକାଶ ସାମଲ (୬୩୫୧୭୫୦୭୫୫), କହ୍ନାଇ ଚରଣ ଗୌଡ଼ (୯୩୩୭୪୫୮୩୩୪) ଓ ସମୀର କୁମାର ଦାଶ (୮୬୫୮୧୧୧୧୮୬)ଙ୍କ ସହ ଯୋଗାଯୋଗ କରିପାରିବେ।

ଲୁହାଛଡ଼ରେ ଯୁବକଙ୍କୁ ଆକ୍ରମଣ, ସୁନା ଅଲଙ୍କାର ସହ ଟଙ୍କା ଲୁଟ୍

ବ୍ରହ୍ମପୁର,୩୦।୧୦(ସମିସ): ଜଣେ ଯୁବକଙ୍କୁ ଲୁହାରଡ୍‌ରେ ଆକ୍ରମଣ କରି ତାଙ୍କ ନିକଟରୁ ବୁଲେଟ୍, ଦୁଇଟି ମୋବାଇଲ୍ ଫୋନ୍, ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟ୍ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ବଡ଼ବଜାର ଥାନା ଅଧିନ ଜଗନ୍ନାଥ ବିହାର ୭ମ ଲାଇନ ନିବାସୀ ଶୁଭମ କୁମାର ପଣ୍ଡା (୨୮)ଙ୍କୁ ଗତ ୨୮ ତାରିଖ ରାତିରେ ବ୍ରହ୍ମପୁର ଷ୍ଟାଡିୟମ ନିକଟରେ ଆକ୍ରମଣ କରି ଦୁର୍ବୃତ୍ତମାନେ ସୁନା ଅଳଙ୍କାର, ଟଙ୍କା ଓ ମୋବାଇଲ ସମେତ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିବା ଶୁଭମଙ୍କ ଶାଳକ କିରଣ କୁମାର ତ୍ରିପାଠୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କିଛି ଦୁର୍ବୃତ୍ତ ତାଙ୍କୁ ଲୁହାରଡ୍‌ରେ ଆକ୍ରମଣ କରିଥିବା ବେଳେ ତାଙ୍କ ମୁଣ୍ଡ ଓ ବାମ ଗୋଡ଼ରେ ଗୁରୁତର ଆଘାତ ଲାଗିଛି। ଆକ୍ରମଣ ପରେ ଦୁର୍ବୃତ୍ତମାନେ ଶୁଭମଙ୍କ ନିକଟରୁ ତାଙ୍କ ବୁଲେଟ, ମୋବାଇଲ୍ ଫୋନ୍, ନଗଦ ୪ହଜାର ଟଙ୍କା ଥିବା ପର୍ସ, ୪ଟି ଏଟିଏମ୍ କାର୍ଡ, ଗୋଟିଏ ସୁନା ବ୍ରେସ୍‌ଲେଟ୍, ହୀରା କାନଫୁଲ, ହାତଘଣ୍ଟା ଓ ରୁପା ଚେନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୁଲିସ ଘଟଣା ଓ ଆଖପାଖରେ ଲଗିଥିବା ସିସିଟିଭି କ୍ୟାମେରାକୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଜାରି ରଖିଛି।

ବ୍ୟାଙ୍କ କର୍ମଚାରୀ ପରିଚୟ ଦେଇ ୯୯ ହଜାର ଟଙ୍କା ଠକେଇ

ବ୍ରହ୍ମପୁର,୩୦।୧୦(ସମିସ): ନିଜକୁ ଏକ ବ୍ୟାଙ୍କର କର୍ମଚାରୀ ବୋଲି ପରିଚୟ ଦେଇ ଜଣେ ବ୍ୟକ୍ତିଙ୍କଠାରୁ ୯୯ହଜାର ଟଙ୍କା ସାଇବର ଠକେଇ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏନେଇ କଟକ ସାଇବର ଅପରାଧ ତଦନ୍ତ ବିଭାଗରୁ ମିଳିଥିବା ଜିରୋ ଏଫ୍‌ଆଇଆର୍ ଆଧାରରେ ବ୍ରହ୍ମପୁର ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ପଥରବଣିଆ ସାହିର ବି. ଅସୁତୋଷଙ୍କ ନିକଟକୁ ଏକ ଅଜଣା ମୋବାଇଲ୍ ନମ୍ବରରୁ ଫୋନ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ନିଜକୁ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ କର୍ମଚାରୀ ବୋଲି ପରିଚୟ ଦେଇଥିଲା। କ୍ରେଡିଟ୍ କାର୍ଡରେ ଅଧିକ ରିୱାର୍ଡ ପଏଣ୍ଟ ମିଳିବ ବୋଲି କହି ଏକ "ୱେବସାଇଟ୍‌କୁ ଯିବାକୁ ପରାମର୍ଶ ଦେଇଥିଲା। ଏହାକୁ ବିଶ୍ୱାସ କରି ଅଭିଯୋଗକାରୀ ସଂପୃକ୍ତ "ୱେବସାଇଟ୍‌ରେ ନିଜ କ୍ରେଡିଟ୍ କାର୍ଡ ଓ ସିଭିଭି ନମ୍ବର ଦେଇଥିଲେ। ପରେ ତାଙ୍କ ମୋବାଇଲ୍‌କୁ ଆସିଥିବା ଓଟିପି ମଧ୍ୟ ପ୍ରଦାନ କରିଥିଲେ। ଏହାର କିଛି ସମୟ ପରେ ତାଙ୍କ କ୍ରେଡିଟ୍ କାର୍ଡରୁ ଦୁଇଟି ପର୍ଯ୍ୟାୟରେ ଯଥାକ୍ରମେ ୪୯ହଜାର ଓ ୫୦ହଜାର ଟଙ୍କାର ଦୁଇଟି ଅନଧିକୃତ କାରବାର ହୋଇଥିବା ସେ ଜାଣିବାକୁ ପାଇଥିଲେ। ଏହିପରି ମୋଟ ୯୯ହଜାର ଟଙ୍କା ଠକେଇର ଶିକାର ହୋଇଥିବା ନେଇ ସେ ଅଭିଯୋଗ କରିଛନ୍ତି।

ଆନ୍ତଃବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଭାଗନେବ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦଳ

ବ୍ରହ୍ମପୁର, ୩୦।୧୦ (ସମିସ): ବାରାଣସୀସ୍ଥିତ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟଠାରେ ନଭେମ୍ବର ୨ରୁ ୬ ତାରିଖ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିବ। ଏଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୪ ଜଣିଆ ଖେଳାଳି ଦଳ ଘୋଷଣା କରାଯାଇଛି। ଦଳରେ ହରିହର ଦଳାଇ, ଆକାଶ କୁମାର ବେହେରା, ରୋହିତ କୁମାର କାର୍ଜୀ, ରାକେଶ କୁମାର ସାହୁ, ଶୁଭମ ରାଜ ମଲ୍ଲିକ, ପ୍ରିତେଶ ରାଉତ, ଭୋଳାନାଥ ବେହେରା, ପ୍ରବାସ ରଞ୍ଜନ ପଣ୍ଡା, ସ୍ମୃତି ଲଗ୍ନ ଦାଶ, ଦୀପକ କୁମାର



ସେଠୀ, ଭାସ୍କର ସାହୁ, ଅର୍ଧ ସାଇ କିରଣ, ଗୌତମ ଓ ତୁଷାର ସ୍ୱାଇଁ ସ୍ଥାନ ପାଇଛନ୍ତି। ଦଳର ମ୍ୟାନେଜର ଭାବେ ଫୁଲବାଣୀ ସରକାରୀ ମହାବିଦ୍ୟାଳୟର ଶାରୀରିକ ଶିକ୍ଷା ଅଧିକାରୀ ଜଗନ୍ନାଥ ମାଝୀ ଏବଂ ପ୍ରଶିକ୍ଷକ ଭାବେ ବ୍ରହ୍ମପୁରର ଅଭିନାଶ ମେଧି ଦାୟିତ୍ୱ ତୁଲାଇବେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଅସୀମା ସାହୁ, କୁଳସଚିବ, କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବଚରଣ ପଣ୍ଡାଙ୍କ ସମେତ ପ୍ରଶାନ୍ତ କୁମାର ରଥ, ସୁରେଶ ଚନ୍ଦ୍ର ପାଢ଼ୀ ଓ ରାଜେଶ କୁମାର ମହାନ୍ତି ଦଳକୁ ଶୁଭେଚ୍ଛା ଜଣାଇବା ସହ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ପାଇଁ ଆଶା ପ୍ରକାଶ କରିଛନ୍ତି।

ଦୁଇଟି ଦୋକାନର ସଟର ଭାଙ୍ଗି ଚୋରି, ୩ ଗିରଫ

ବ୍ରହ୍ମପୁର,୩୦।୧୦(ସମିସ): ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ଗୋଟିଏ ରାତିରେ ଦୁଇଟି ଦୋକାନର ସଟର ଭାଙ୍ଗି ଚୋରି ଅଭିଯୋଗରେ ୩ଜଣ ଯୁବକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ଶାନ୍ତିନଗରର ରୋଶନ ନାୟକ (୨୧), ହରିଡ଼ାଖଣ୍ଡି ଲକ୍ଷ୍ମୀବିହାର ୪ର୍ଥ ଲାଇନ୍‌ର ଗଣେଶ କୁମାର ସାହୁ (୧୯) ଓ ବଡ଼ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ବନ୍ଧହୁଡ଼ା ସାହି ଆପାର୍ଟମେଣ୍ଟରରେ ରହୁଥିବା ରିଙ୍କୁ ସାହୁ (୧୯)। ଗିରଫ ଅଭିଯୁକ୍ତଙ୍କ ନିକଟରୁ ନଗଦ ୬ହଜାର ୭୦୦ଟଙ୍କା, ଚୋରିରେ ବ୍ୟବହୃତ ଏକ ମୋଟର ସାଇକେଲ୍ ଓ ସଟର ଭାଙ୍ଗିବାରେ ବ୍ୟବହୃତ ଲୁହାରଡକୁ ଜବତ କରାଯାଇଥିବା ବ୍ରହ୍ମପୁର ଏସପି ଅଭିନବ ସୋନକର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ' ଗତ ୨୯ତାରିଖ ରାତିରୁ ୩୦ତାରିଖ ଭୋର୍ ମଧ୍ୟରେ ଆମ୍ବଗଡ଼ ଓ ପଦରବାଲି ଅଞ୍ଚଳରେ ଥିବା ଦୁଇଟି ଦୋକାନକୁ ଦୁର୍ବୃତ୍ତମାନେ ଟାର୍ଗେଟ୍ କରିଥିଲେ। ଉଭୟ ଦୋକାନର ସଟର ଭାଙ୍ଗି ନଗଦ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଚୋରି କରିଥିଲେ। ପଦରବାଲି ଗ୍ରାମର ନିରଞ୍ଜନ ଗୌଡ଼ (୬୩)ଙ୍କ ଦୋକାନରୁ ନଗଦ ୪ହଜାର ୭୦୦ଟଙ୍କା ଚୋରି ହୋଇଥିବା ନେଇ ସେ ସଦର ଥାନାରେ ଅଭିଯୋଗ କରିଥିଲେ। ସେହିପରି ଆମ୍ବଗଡ଼ ଅଞ୍ଚଳରେ ଘଟିଥିବା ଅନ୍ୟ ଏକ ଚୋରି ଘଟଣାରେ ୬୫୦/୨୦୨୬ ନମ୍ବରରେ ମାମଲା ରୁଜୁ କରାଯାଇଥିଲା। ଚୋରି ଘଟଣା ପରେ ଅଭିଯୁକ୍ତମାନେ ପଦରବାଲି ଅଞ୍ଚଳରୁ ଏକ ମୋଟର ସାଇକେଲ୍‌ରେ ଫେରାର ହେବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସଦର ଥାନାର ଏଏସ୍‌ଆଇ ସୁମନ ମଲ୍ଲିକଙ୍କ ନେତୃତ୍ୱରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ପୁଲିସ ଟିମ୍ ସେମାନଙ୍କୁ ଅଟକାଇଥିଲା। ପୁଲିସକୁ ଦେଖି ଅଭିଯୁକ୍ତମାନେ ଚୋରି ଟଙ୍କା ଫିଙ୍ଗି ଦେଇ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା। ଜେରା ବେଳେ ଅଟକ ୩ଜଣଙ୍କର ଉଭୟ ଚୋରି ଘଟଣାରେ ସମ୍ପୃକ୍ତି ଥିବା ଜଣାପଡିଥିଲା।

● ହିଞ୍ଜିଳିର ଡବଲ ମର୍ଡର ମାମଲାର ରାୟ ପ୍ରକାଶ

୧୭ ବର୍ଷ ବିଚାରଣା ପରେ ୧୦ଜଣ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର,୩୦।୧୦(ସମିସ): ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ତୃତୀୟ) ବିବଶ୍ୱତ ଗୌତମଙ୍କ କୋର୍ଟରେ ଆଜି ଗଞ୍ଜାମର ଅନ୍ୟତମ ବହୁଚର୍ଚ୍ଚିତ ଡବଲ ମର୍ଡର ଘଟଣାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଗତ ୧୪ ତାରିଖରେ ହାଜର ହୋଇଥିବା ସମସ୍ତ ୧୦ଜଣ ଅଭିଯୁକ୍ତଙ୍କୁ କୋର୍ଟ ଆଜି ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି। ଏହି ମାମଲାରେ ମୋଟ ୧୫ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଇତି ମଧ୍ୟରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅମୀୟ କୁମାର ସ୍ୱାଇଁ ପିତଳ ହତ୍ୟାକାଣ୍ଡ ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଭଞ୍ଜନଗର ଜେଲରେ ଆଜୀବନ ବନ୍ଦୀ ଅଛନ୍ତି। ସେହିଭଳି ଅନ୍ୟଜଣେ ଅଭିଯୁକ୍ତ ଘଟଣା ପରଠାରୁ ଫେରାର ଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଭାଇଙ୍କ ମାମଲା ପୃଥମ ଭାବେ ବିଚାରଣା ଚାଲିଥିବା ଜଣାପଡିଛି। ରାୟ ପ୍ରକାଶ ବେଳେ ଆଜି କୋର୍ଟରେ ସମସ୍ତ ୧୦ଜଣ ଅଭିଯୁକ୍ତ ହାଜର ହୋଇଥିଲେ। ପ୍ରକାଶ ଯୋଗ୍ୟ ଯେ' ଗତ ୨୦୦୯ ମସିହା ଅଗଷ୍ଟ ୨୪ତାରିଖ ରାତି ପ୍ରାୟ ସାଢ଼େ ୯ଟା ସମୟରେ ଜୟରାମ ପାଣିଗ୍ରାହୀ ଓ ଗୌରୀ ଶଙ୍କର ପଣ୍ଡାଙ୍କୁ ବିଚ ରାସ୍ତାରେ ଆଖିବୁଜା ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କ ପକ୍ଷରୁ କୈଳାସ ଚନ୍ଦ୍ର ପଣ୍ଡା, ଶାନ୍ତନୁ କୁମାର ସାବତ, କୁମାରକାନ୍ତ ବେହେରା, ରମେଶ ନାହାକ ଓ ନୃସିଂହ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

ବାତ୍ୟା ବନ୍ୟାରେ କୃଷ୍ଣସାରଙ୍କ ସୁରକ୍ଷା ଚିନ୍ତା

୧୪ ଗାଈ, ୨୪ ବାଛୁରି, ୧୨ ହଜାର କୁକୁଡ଼ା ମୃତ

ବିଶ୍ୱାସଯୋଗ୍ୟ ହେଉନି ସରକାରୀ ତଥ୍ୟ

ବ୍ରହ୍ମପୁର,୩୦।୧୦(ସମିସ): ବାତ୍ୟା ଓ ବନ୍ୟାରେ ଦୋହଲିଯାଇଛି ଗଞ୍ଜାମର ଜନଜୀବନ। ମଣିଷଙ୍କ ଜୀବନ ଓ ଜୀବିକା ବିପନ୍ନ ହୋଇଥିବା ବେଳେ ଏହି ପ୍ରାକୃତିକ ବିପର୍ଯ୍ୟୟର ଆଉ ଏକ ନୀରବ ଶିକାର ହୋଇଛନ୍ତି ନିରୀହ ପଶୁପକ୍ଷୀ। ଗାଁଠୁ ଜଙ୍ଗଲ, ଚାଷଜମିଠାରୁ ଗୋଶାଳା ପର୍ଯ୍ୟନ୍ତ ସବୁଠି ବନ୍ୟାର ପ୍ରଭାବ ପଡ଼ିଛି। ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ସଂଖ୍ୟା ସରକାରୀ ତଥ୍ୟରେ ସାମ୍ନାକୁ ଆସିଥିବା ବେଳେ ଜଙ୍ଗଲରେ ରହୁଥିବା ବନ୍ୟଜନ୍ତୁଙ୍କ ସ୍ଥିତି ଏବେ ବି ଅସ୍ପଷ୍ଟ। ବିଶେଷକରି ଗଞ୍ଜାମର ଗର୍ବ ତଥା ପରିଚୟ କୃଷ୍ଣସାର ମୃଗଙ୍କ ସୁରକ୍ଷାକୁ ନେଇ ବଢ଼ିଛି ଚିନ୍ତା। ବନ୍ୟାଜଳରେ ମଣିଷ ଭାସି ଯାଉଥିବା ବେଳେ ଏହି ବିରଳ ବନ୍ୟଜନ୍ତୁଙ୍କ ଅବସ୍ଥା କ'ଣ ହୋଇଛି, ସେମାନେ ସୁରକ୍ଷିତ ସ୍ଥାନକୁ ଯାଇପାରିଛନ୍ତି କି ନାହିଁ, ତାହାର ଉତ୍ତର ଖୋଜୁଛନ୍ତି ପରିବେଶପ୍ରେମୀ। ବାତ୍ୟା ଓ ବନ୍ୟା ପରେ କୃଷ୍ଣସାର ମୃଗଙ୍କୁ ନେଇ ସାମ୍ନାକୁ ଆସିଥିବା ଏକ ଭିଡିଓ ଏହି ଚିନ୍ତାକୁ ଆହୁରି ବଢ଼ାଇଛି। ଭିଡିଓରେ କୃଷ୍ଣସାର ମୃଗମାନେ ବନ୍ୟାଜଳ ମଧ୍ୟରେ ଜୀବନ ବଞ୍ଚାଇବାକୁ ସଂଘର୍ଷ କରୁଥିବା ଦୃଶ୍ୟ ରହିଛି। ଏହାପରେ ସେମାନେ କେଉଁଠାକୁ ଗଲେ, ସୁରକ୍ଷିତ ସ୍ଥାନରେ ପହଞ୍ଚିଲେ କି ନାହିଁ, ସେ ସମ୍ପର୍କରେ କୌଣସି ଠୋସ୍ ତଥ୍ୟ ସାମ୍ନାକୁ ଆସିନାହିଁ। ଏତେ ବଡ଼ ବିପର୍ଯ୍ୟୟ ପରେ ମଧ୍ୟ ବନ୍ୟଜନ୍ତୁଙ୍କ ସ୍ଥିତି ଆକଳନ ନେଇ ଦୃଶ୍ୟମାନ ପଦକ୍ଷେପ ନଥିବା ଦୁର୍ଭାଗ୍ୟଜନକ ବୋଲି ବନ୍ୟପ୍ରେମୀ ମତ ଦେଇଛନ୍ତି। ଗଞ୍ଜାମ ଜିଲ୍ଲାରେ କୃଷ୍ଣସାର ମୃଗଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ଏମାନେ କେବଳ ଜଙ୍ଗଲର ସମ୍ପଦ ନୁହନ୍ତି, ଜିଲ୍ଲାର ପରିବେଶ ଓ ଜୈବ ବିବିଧତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବାତ୍ୟା ପୂର୍ବରୁ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ କି ପ୍ରସ୍ତୁତି ହୋଇଥିଲା, ବନ୍ୟା ସମୟରେ ସେମାନଙ୍କୁ ସୁରକ୍ଷିତ ରଖିବାକୁ କେଉଁ ପଦକ୍ଷେପ ନିଆଗଲା ଏବଂ ବର୍ତ୍ତମାନ ସେମାନଙ୍କ ସ୍ଥିତି କ'ଣ, ତାହା ସ୍ପଷ୍ଟ କରିବାକୁ ବନ୍ୟପ୍ରାଣୀ ବିଭାଗ ନିକଟରେ ଦାବି ହୋଇଛି। କେବଳ କୃଷ୍ଣସାର ନୁହେଁ, ଜଙ୍ଗଲ ଓ ନଦୀକୂଳ ଅଞ୍ଚଳରେ ରହୁଥିବା ଅନ୍ୟ ବନ୍ୟଜନ୍ତୁଙ୍କ ଅବସ୍ଥିତି ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ ଆବଶ୍ୟକ ହୋଇଛି। ଅନ୍ୟପକ୍ଷରେ ଗୃହପାଳିତ ପଶୁପକ୍ଷୀଙ୍କ କ୍ଷୟକ୍ଷତି ଚିନ୍ତାଜନକ ରହିଛି।



ଗୁରୁବାର ସନ୍ଧ୍ୟା ସୁଦ୍ଧା ସରକାରୀ ତଥ୍ୟ ଅନୁସାରେ ଜିଲ୍ଲାର ଚିକିଟି, ପାତ୍ରପୁର, ଦିଗପହଣ୍ଡି, ସାନଖେମୁଣ୍ଡି, ରଙ୍ଗେଇଲୁଣ୍ଡା, କୁକୁଡ଼ାଖଣ୍ଡି, ଭଞ୍ଜନଗର, ଆସିକା, ଧରାକୋଟ, ହିଞ୍ଜିଳିକାଟୁ ଓ ପୋଲସରା ଆଦି ବ୍ଲକରେ ପଶୁସମ୍ପଦର ବ୍ୟାପକ କ୍ଷତି ହୋଇଛି। ଏହି ବିପର୍ଯ୍ୟୟରେ ୧୪ଟି ଗାଈ, ଗୋଟିଏ ମଇଁଷି, ୧୦ଟି ମେଣ୍ଢା, ୫ଟି ଛେଳି, ୩୦ଟି ଘୁଷୁରି, ଗୋଟିଏ ଷଣ୍ଢ ଓ ୨୪ଟି ବାଛୁରୀ ପ୍ରାଣ ହରାଇଛନ୍ତି। ସେଥିମଧ୍ୟରୁ ସାନଖେମୁଣ୍ଡି ବ୍ଲକରେ ସର୍ବାଧିକ ୨୨ଟି ବାଛୁରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଜିଲ୍ଲାରେ ପଶୁସମ୍ପଦର ପରିମାଣକୁ ଦେଖିଲେ କ୍ଷୟକ୍ଷତିର ଗୁରୁତ୍ୱ ଆହୁରି ସ୍ପଷ୍ଟ ହେଉଛି। ଗଞ୍ଜାମରେ ୧୯ ହଜାର ୪୫୮ଟି ଗାଈ, ଗୋରୁ ଓ ମଇଁଷି ରହିଥିବା ବେଳେ ଘୁଷୁରି, ମେଣ୍ଢା ଓ ଛେଳିଙ୍କ ସଂଖ୍ୟା ୧୯ ହଜାର ୫୧୮ ରହିଛି। ଏହାବ୍ୟତୀତ ବାତ୍ୟା ଓ ବନ୍ୟାରେ ପ୍ରାୟ ୧୨ ହଜାର କୁକୁଡ଼ା ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। କୁକୁଡ଼ା ଚାଷ ଉପରେ ନିର୍ଭରଶୀଳ ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଏହା ବଡ଼ ଆର୍ଥିକ କ୍ଷତି ଆଣିଛି। ତେବେ ଏହି ସରକାରୀ ତଥ୍ୟ ହିଁ ଚୂଡ଼ାନ୍ତ କ୍ଷୟକ୍ଷତିର ଚିତ୍ର ନୁହେଁ ବୋଲି ବିଭିନ୍ନ ମହଲରୁ ଆଶଙ୍କା ପ୍ରକାଶ ପାଇଛି। ଅନେକ ଗାଁ ଏବେ ବି ବନ୍ୟା ପ୍ରଭାବିତ ଥିବାରୁ ସମସ୍ତ ଅଞ୍ଚଳରୁ ତଥ୍ୟ ସଂଗ୍ରହ ସମ୍ଭବ ହୋଇନାହିଁ। ବେସରକାରୀ ଭାବେ ପଶୁପକ୍ଷୀଙ୍କ ମୃତ୍ୟୁ ସଂଖ୍ୟା ଅଧିକ ଥିବା ଦାବି ହେଉଛି। ତେଣୁ ପ୍ରତ୍ୟେକ ବ୍ଲକ ଓ ଗ୍ରାମସ୍ତରରେ ସ୍ୱତନ୍ତ୍ର ସର୍ଭେ କରି ପ୍ରକୃତ କ୍ଷୟକ୍ଷତି ଆକଳନ କରିବା ସହ ମୃତ ପଶୁପକ୍ଷୀଙ୍କ ମାଲିକଙ୍କୁ ନିୟମ ଅନୁଯାୟୀ କ୍ଷତିପୂରଣ ଓ ଆବଶ୍ୟକ ସହାୟତା ଯୋଗାଇବା ଜରୁରୀ ହୋଇଛି। ବାତ୍ୟା ଓ ବନ୍ୟା ମୁକାବିଲା କେବଳ ମଣିଷଙ୍କ ଉଦ୍ଧାର ଓ ପୁନର୍ବାସରେ ସୀମିତ ରହିଲେ ଚଳିବ ନାହିଁ। ପଶୁପକ୍ଷୀ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ମଧ୍ୟ ବିପର୍ଯ୍ୟୟ ପରିଚାଳନାର ଅବିଚ୍ଛେଦ୍ୟ ଅଂଶ। ଗଞ୍ଜାମରେ ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ଓ କୃଷ୍ଣସାର ମୃଗଙ୍କ ଅଜଣା ସ୍ଥିତି ଏହି ଦିଗରେ ପ୍ରଶାସନର ଦାୟିତ୍ୱକୁ ଆହୁରି ବଢ଼ାଇଛି। ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ମିଳିତ ଭାବେ ତୁରନ୍ତ ସର୍ଭେ କରି ପଶୁପକ୍ଷୀ ଓ ବନ୍ୟଜନ୍ତୁଙ୍କ ପ୍ରକୃତ ସ୍ଥିତି ସାର୍ବଜନୀନ କରିବାକୁ ଦାବି ଜୋର୍ ଧରିଛି।

ଛତ୍ରପୁର ବ୍ଲକର ୬ ପଞ୍ଚାୟତ ଜଳବନ୍ଦୀ

ଓଡ୍ରାଫ୍ ବୋଟ୍‌ରେ ପହଞ୍ଚିଲା ରିଲିଫ୍ ସାମଗ୍ରୀ



ଛତ୍ରପୁର, ୩୦।୧୦(ସମିସ): ଲଘୁଚାପଜନିତ ପ୍ରବଳ ବର୍ଷା ପରେ ଗଞ୍ଜାମ ଜିଲ୍ଲାରେ ସୃଷ୍ଟି ହୋଇଛି ଭୟାବହ ବନ୍ୟା ପରିସ୍ଥିତି। ଛତ୍ରପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବ୍ଲକର ୬ଟି ପଞ୍ଚାୟତ ଜଳବନ୍ଦି ଅବସ୍ଥାରେ ଥିବାବେଳେ ବହୁ ଲୋକ ଜଳବନ୍ଦି ହୋଇ ରହିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳବନ୍ଦି ଅଞ୍ଚଳରେ ଓଡ୍ରାଫ୍ ବୋଟ୍ ଯୋଗେ ଛତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ରିଲିଫ୍ ସାମଗ୍ରୀ ପହଞ୍ଚାଇ ବଣ୍ଟନ କରାଯାଉଛି। ପୋଟଲାମପୁର, ମହାନାଦପୁର, ବଉଳଗାଁ ଓ ବଡ଼ମାଧପୁର ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ବୋଟ୍ ଯୋଗେ ଚାଉଳ, ରାସନ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପହଞ୍ଚାଯାଉଛି। ରିଲିଫ୍ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟର ତଦାରଖ ପାଇଁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ନିଜେ ଓଡ୍ରାଫ୍ ବୋଟ୍‌ରେ ଜଳବନ୍ଦୀ ଅଞ୍ଚଳରେ ପହଞ୍ଚି ସ୍ଥିତି ପରଖିଛନ୍ତି। ତାଙ୍କ ସହ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜୀତ ସାହୁ, କନିଷ୍ଠ ଯନ୍ତ୍ରୀ ଆକାଶ ପାତ୍ରଙ୍କ ସମେତ ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଉଦ୍ଧାର ଓ ସହାୟତା କାର୍ଯ୍ୟରେ ସାମିଲ ହୋଇଛନ୍ତି। ବନ୍ୟା ପ୍ରଭାବିତଙ୍କ ପାଇଁ ବିଭିନ୍ନ ସ୍ଥାନରେ ରୋଷେଇ ବ୍ୟବସ୍ଥା କରାଯାଇଛି। ଏଥିସହ ପନିପରିବା, ରାସନ ସାମଗ୍ରୀ, ଚାଉଳ ଆଦି ରିଲିଫ୍ ଆକାରରେ ପ୍ରଦାନ କରାଯାଉଛି। ଜଳବନ୍ଦି ଅଞ୍ଚଳର ଆବଶ୍ୟକତା ଅନୁଯାୟୀ ଆହୁରି ରିଲିଫ୍ ସାମଗ୍ରୀ ପହଞ୍ଚାଇବା ସହ ଉଦ୍ଧାର ଓ ସହାୟତା କାର୍ଯ୍ୟ ଜାରି ରହିଥିବା ବିଡିଓ ସୂଚନା ଦେଇଛନ୍ତି।

ବନ୍ୟା ଘେରରେ ଆସିକା ସହର, ଉଦ୍ଧାର କାର୍ଯ୍ୟକୁ ନେଇ ଅସନ୍ତୋଷ



ଆସିକା,୨୯।୧୦(ସମିସ): ବନ୍ୟା ଭାବିଷିକାରେ ସଢୁ ଛନ୍ତି ଆସିକା ସହରର ଲକ୍ଷ୍ମୀ ବଜାର ଓ ବିନୋବମାର୍ଗ, ତାଲୁକା ରୋଡ଼ରେ ଏବେବି ୫ଫୁଟ ପାଣି ପ୍ରବାହିତ ହେଉଛି। ଉଦ୍ଧାର କାର୍ଯ୍ୟ ଚାଲିଥିଲେ ମଧ୍ୟ ବହୁ ଲୋକେ କୋଠାରେ ଜଳବନ୍ଦୀ ଅଛନ୍ତି। ଆସିକାବାସୀ ଯେମିତି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ହସ୍ପିଟାଲରେ ରୋଗୀ ରାତି ତମାମ କୋଠା ଉପରେ ରହିଛନ୍ତି। ଗଣ୍ଡପଲ୍ଲୀ,ତାଲୁକା, ଗାନ୍ଧିନଗର, ବିନାୟକ ବଜାର, ଲକ୍ଷ୍ମୀ ବଜାର ଭଳି ଅଂଚଳ ପାଣିଘେରରେ ଅଛନ୍ତି। ଏମିତିକି ରୋଗଗ୍ରସ୍ତ ବୃଦ୍ଧ, ବୃଦ୍ଧମାନେ ଜଳବନ୍ଦୀ ଅଛନ୍ତି। ସେପଟେ ବନ୍ୟା ଘେରରେ ରହି ଥିବା ଲୋକ ମାନଙ୍କ ସମ୍ପର୍କୀୟ ମାନେ ବୋଟର ସହାୟତା ନେହୁରା ହୋଇ କହିଥିଲେ ମଧ୍ୟ ବୋଟରେ ତେଲ ନାହିଁ ବୋଲି ଉଦ୍ଧାର ପାଇଁ ମନା କରିଥିଲେ ଶେଷରେ ନିରାଶ ହୋଇ ଫେରିଲେ ଭୋକ ଉପାସରେ ୨ ଦିନ ଧରି ଜଳବନ୍ଦୀରେ ରହୁ ଥିବା ଲୋକେ। ଅନ୍ୟପଟେ ଅଗ୍ନିଶମ ବିଭାଗ ଡିଜି କହିଛନ୍ତି ତାଙ୍କର ୬୦ ଟି ଟିମ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପାଖାପାଖି ୫ ଶହରୁ ଅଧିକ ଲୋକଙ୍କୁ ଉଦ୍ଧାର କାର୍ଯ୍ୟ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଅଗ୍ନିଶମ ଡିଜି।

ବନ୍ୟା ଘେରରେ ରହିଥିବା ଲୋକଙ୍କୁ ବିଜେଡିର ସହାୟତା



ଆସିକା,୩୦।୧୦(ସମିସ): ଆସିକା ସହର ସମ୍ପୂର୍ଣ୍ଣ ବନ୍ୟା ଘେରରେ। ଦୁଇ ଦିନ ଧରି ବିପନ୍ନଙ୍କ ପାଖକୁ ପହଞ୍ଚିନି ରିଲିଫ। ଭୋକ ଉପାସରେ ଆଉଟୁପାଉଟୁ ହେଉଥିବା ଏବଂ ତଳିଆ ଅଞ୍ଚଳର ଲୋକଙ୍କୁ ସହାୟତାର ହାତ ବଢ଼ାଇଛି ବିଜୁ ଜନତା ଦଳ। ବିପନ୍ନ ଲୋକଙ୍କୁ ପିଇବା ପାଣି ସହ ଶୁଖିଲା ଖାଦ୍ୟ ବଣ୍ଟନ ସହାୟତାର ହାତ ବଢ଼ାଇଲା ଆସିକା ବିଜୁ ଜନତା ଦଳ। ରିଲିଫ ବଣ୍ଟନ ବେଳେ ଯୋଗ ଦେଇଥିଲେ ଗଞ୍ଜାମ ଜିଲ୍ଲା ବିଜେଡି ଯୁବ ସଭାପତି ନଚିକେତା ସ୍ୱାଇଁ, ପୋଲସରା ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରାଙ୍କ ସମେତ ବିଜେଡି ସରପଞ୍ଚ, ସମିତି ସଭ୍ୟ,ବରିଷ୍ଠ ନେତା, ଛାମୁଆ ନେତା, ବିଜେଡି କର୍ମୀ ଓ ଯୁବ ଛାତ୍ର ମାନେ ରିଲିଫ ବଣ୍ଟନରେ ସହଯୋଗ କରିଥିଲେ।

୧୯୯୦ ବନ୍ୟାକୁ ଟପିଲା ଏଥର ଦୁର୍ଦ୍ଦଶା

ଘର ଭିତରୁ ବିଡିଓ ଉଦ୍ଧାର



ଶେରଗଡ଼,୩୦।୧୦(ସମିସ)

ଅର୍ଣ୍ଣବ' ପ୍ରଭାବରେ ଶେରଗଡରେ ବନ୍ୟା ହୋଇଛି। ବନ୍ୟା ଛାଡିଛି ସତ କିନ୍ତୁ ବନ୍ୟା ଛାଡିବା ପରେ ବଢିଛି ଯନ୍ତ୍ରଣା। କେଉଁଠି ଘରଦ୍ୱାର ଉଜୁଡି ଯାଇଛି ତ,ଆଉ କେଉଁଠି ଏବେବି ଲୋକମାନେ ପାଣି ଘେରରେ ରହିଛନ୍ତି। ବନ୍ୟା ପରେ ଖାଦ୍ୟ ପାନୀୟଜଳ, ସ୍ୱାସ୍ଥ୍ୟ ସେବା ସହ ସରୀସୃପ, ବନ୍ୟଜନ୍ତୁଙ୍କ ଭୟରେ ଅତିଷ୍ଠ ବନ୍ୟା ବିପନ୍ନ। ଚାରିଆଡେ ଦେଖିବାକୁ ମିଳିଛି ବନ୍ୟା ପରବର୍ତ୍ତୀ ହୃଦୟ ବିଦାରକ ଦୃଶ୍ୟ। ମୁଣ୍ଡ ଉପରେ ଭଙ୍ଗା ଚାଳ ଓ ପେଟକୁ ଚୁଡା, ବାସି ରୁଟି ହିଁ ବନ୍ୟା ବିପନ୍ନ ସମୟରେ ବଞ୍ଚିବାର ଭରସା ପାଲଟିଛି। କେଉଁଠି କାନ୍ଥ ଭୁଶୁଡିଛି ତ, ଆଉ କାହାର ଚୁଲି ଜଳୁନି। ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି ବିପନ୍ନ। ବନ୍ୟା ପାଣି କମୁଥିବା ବେଳେ ଓଦା ରେ ଉଜୁଡିଥିବା ସଂସାରକୁ ସଜାଡିବାରେ ଲାଗିଛନ୍ତି ବନ୍ୟା ବିପନ୍ନ। କିଏ ଚୁଲି ଲିପୁଛି ତ ଆଉ କିଏ ଭଙ୍ଗା କାନ୍ଥରେ ମାଟି ଲେସି ସପନର ଉଆସଟିକୁ ପୁଣି ଛିଡା କରିବାକୁ ଚେଷ୍ଟା କରୁଛି। ବନ୍ୟାରେ ଶେରଗଡ ବଜାରରେ ୮ ଫୁଟ୍‌ର ପାଣି ଲହଡି ଖେଳୁଥିଲା। ଫଳରେ ବ୍ୟବସାୟୀଙ୍କ ଲକ୍ଷ ଲକ୍ଷ ଟଙ୍କାର ଜିନିଷ ପାଣିରେ ଭିଜି ନଷ୍ଟ ହୋଇଯାଇଛି। ଶେରଗଡ ବାଲିସାହିରେ ବନ୍ୟା ପାଣି ପଶିବା ପରେ ଜଣେ ବୃଦ୍ଧା ଘର ଭିତରୁ ବାହାରି ନପାରି ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବୃଦ୍ଧାଙ୍କ ମୃତ୍ୟୁ ଖବର ପ୍ରଶାସନ ନିକଟରେ ପହଞ୍ଚି ଥିଲେ ମଧ୍ୟ କୌଣସି ଅଧିକାରୀ ଘଟଣା ସ୍ଥଳରେ ନପହଞ୍ଚିବା ଯୋଗୁଁ ସାଧାରଣ ଜନତା ସ୍ଥାନୀୟ ପ୍ରଶାସନ ଉପରକୁ ଆଙ୍ଗୁଳି ଉଠାଇଛନ୍ତି। ପୂର୍ବରୁ ବନ୍ୟା ବାତ୍ୟା ଭଳି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରିବା ସହ ସ୍ଥାନୀୟ ଜନସାଧାରଣଙ୍କ ନିକଟତର ଥିଲା କିନ୍ତୁ ବର୍ତ୍ତମାନ ଏଭଳି ଦୁର୍ଦ୍ଦଶାରେ କୌଣସି ଅଧିକାରୀଙ୍କ ଦେଖା ନମିଳିବା ବା ସଚେତନ ନକରିବା ଘଟଣାକୁ ସ୍ଥାନୀୟ ବୁଦ୍ଧିଜୀବି, ଜନସାଧାରଣ ଏବଂ ପ୍ରଭାବିତ ସମସ୍ତେ ରାଜ୍ୟ ସରକାରଙ୍କୁ ନିନ୍ଦା କରିବା ସହ ପୂର୍ବ ସରକାରଙ୍କ ପରିଚାଳନାଗତ କାର୍ଯ୍ୟକୁ ମନେ ପକାଉଛନ୍ତି। ସ୍ଥାନୀୟ ବଜାର ଉପରେ ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ ନିର୍ଭର କରୁଥିଲେ ମଧ୍ୟ ବ୍ୟବସାୟୀଙ୍କ ବିପତ୍ତି ସମୟରେ କୌଣସି ଅଧିକାରୀ ଶାନ୍ତ୍ୱନା ଦେବା ତ ଦୂରର କଥା, ଦେଖା ମିଳୁନି। ଲୋକମାନେ ଦୁର୍ଦ୍ଦଶା ଭିତରେ ଖାଇବାକୁ ପାଉନଥିଲେ ମଧ୍ୟ ଆଣ୍ଠୁଏ ପାଣିରେ ବିଡିଓଙ୍କୁ ନିଜ କ୍ୱାର୍ଟର୍ସରୁ ଉଦ୍ଧାର କରିବା ହାସ୍ୟାସ୍ପଦ କଥା। ସମାଜସେବୀ ତଥା ନିରଞ୍ଜନ ଜେନାଙ୍କ ସହଯୋଗରେ ରାସ୍ତା ଘାଟରେ ମୋରମ ପକାଯାଉଛି।

ପାତ୍ରପୁରରେ ବାତ୍ୟା ଅର୍ଣ୍ଣବର ତାଣ୍ଡବ

ପାତ୍ରପୁର, ୨୮।୧୦(ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ ଜିଲ୍ଲା ସୀମାନ୍ତ ପାତ୍ରପୁର ବ୍ଲକ୍ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସାମନ୍ତରାପୁର ଠାରୁ ତୁମ୍ବା ରାସ୍ତା, ଆମ୍ବପୁର ଠାରୁ ଗୁଣ୍ଡୁରା ରାସ୍ତା, ଚୁଡ଼ିଆଲାଞ୍ଜି ଠାରୁ ବରଙ୍ଗ ରାସ୍ତା, ଖାରିଆଗୁଡା ଠାରୁ ଡୁରୁବୁଡି ରାସ୍ତା ଭଳି ବହୁ ସ୍ଥାନରେ ବିରାଟ ଗଛ ପଡି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି । ସେହିଭଳି ଅନେକ ବିଦ୍ୟୁତ୍ ଖୁଣ୍ଟ ପଡିଥିବା ବେଳେ ବିଦ୍ୟୁତ ଯୋଗାଣ ବିଚ୍ଛିନ୍ନ ହୋଇଛି । ଗଛ ହଟାଇବା ପାଇଁ ଓଡ୍ରାଫ୍ ଟିମ୍ ନିୟୋଜିତ ହୋଇଥିବା ବେଳେ ଅନେକ ସ୍ଥାନରେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଯୁବକମାନେ ଗଛ ରାସ୍ତାରୁ ହଟାଇଥିବା ଦେଖିବାକୁ ମିଳିଛି। ଲଗାଣ ବର୍ଷା ଯୋଗୁଁ ସାମନ୍ତିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଭୀମପୁର ଗ୍ରାମରେ ବାହୁଦା ନଦୀର ବନ୍ୟା ଜଳ ପସିବା ଆଶଙ୍କା ଥିବା ବେଳେ ଗ୍ରାମବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ଆସିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ୨୧ ଆଶ୍ରୟ ସ୍ଥଳ ଖୋଲା ଯାଇଥିବା ବେଳେ ୮ ଶହରୁ ଅଧିକ ଲୋକଙ୍କୁ ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତରିତ ହୋଇଛନ୍ତି । ସାଂସଦ ପ୍ରଦୀପ ପାଣିଗ୍ରାହୀ, ମନ୍ତ୍ରୀ ବିଭୂତି ଜେନା, ଆସ୍କା ସାଂସଦ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଜିଲ୍ଲାପାଳ ଭି କୀର୍ତ୍ତିଭାସନ୍, ଉପ ଜିଲ୍ଲାପାଳ ଅବିନାଶ କୁମାର, ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ବିଭିନ୍ନ ଆଶ୍ରୟସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧାନ କରିଛନ୍ତି।

ଧୋଇଗଲା ପୋଲ; ଦିଗପହଣ୍ଡି-ଆସିକା ଯୋଗାଯୋଗ ବିଚ୍ଛିନ୍ନ

୧୦ ଘଣ୍ଟା ପରେ ଆରମ୍ଭ ହେଲା ମରାମତି କାମ



ସାନଖେମୁଣ୍ଡି ୩୦।୧୦(ସମିସ) : ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅଂଚଳରେ ପ୍ରବଳ ବର୍ଷା ଓ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୩୨୬ ନମ୍ବର ଜାତୀୟ ରାଜପଥ ଦିଗପହଣ୍ଡି - ଆସିକା ମୁଖ୍ୟ ରାସ୍ତା ପଳାସପୁର ପୋଲ ଉପରେ ଗତ ୩ ଦିନ ଧରି ପ୍ରାୟ ୧୫ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିଲା। ପାଣି ଛାଡ଼ିବା ପରେ ପୋଲର ଗୋଟାଏ ପାଖ୍ୱର୍ ସମ୍ପୂର୍ଣ୍ଣ ଶୋଇଯାଉଥିବା ଦେଖିବାକୁ ମିଳିଛି। ଫଳରେ ଦିଗପହଣ୍ଡି ଏବଂ ଆସିକା ମଧ୍ୟରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଏ ନେଇ କିଛି ଲୋକ ଅଭିଯୋଗ କରିଛନ୍ତି ରାସ୍ତା ମରାମତି କରିବା ନେଇ ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ ବିଲ୍ କିଏ କରିବ କହି ଦୋଷ ଲଦାଲଦି ହୋଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେହିଭଳି ବାତ୍ୟାରେ ଧୋଇ ହୋଇଯାଇଥିବା ବିଭିନ୍ନ ରାସ୍ତା ବର୍ତ୍ତମାନ ସୁଦ୍ଧା ମଧ୍ୟ ମରାମତି ହୋଇନାହିଁ ଫଳରେ ସଧାରଣ ଲୋକ ବେଶ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାତ୍ୟା ଅର୍ଣ୍ଣବ ପ୍ରଭାବରେ ସାନଖେମୁଣ୍ଡି ବ୍ଲକ ଅଧିନରେ ହଜାର ହଜାର ଚାଷ ଜମିରେ ବାଲି ମାଡ଼ି ଯାଇଥିବା ବେଳେ ଧାନ ଗଛ ଉପରେ ବର୍ଷା ପାଣି ପ୍ରବାହିତ ହୋଇ ଧାନ ଗଛ ନଷ୍ଟ ହୋଇଯାଇଛି।

ବାତ୍ୟା ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ



ଜି ଉଦୟଗିରି ୩୦।୧୦(ସମିସ): ଜି ଉଦୟଗିରି ବାତ୍ୟା ଅର୍ଣ୍ଣଭ ରେ କନ୍ଧମାଳ ଜିଲ୍ଲାର ଜି ଉଦୟଗିରି ରେ ସର୍ବାଧିକ ବର୍ଷା ୪୬୨ ମିମି ହୋଇଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିଲା। ଏଥିରେ ସମସ୍ତେ ପ୍ରଭାବିତ ହୋଇଥିବା ବେଳେ କଚ୍ଚା ଘରେ ବସବାସ କରୁଥିବା ଲୋକଙ୍କୁ ପାଲ ବଣ୍ଟନ କରାଯାଉଛି। ଏହି କ୍ରମରେ ଜି ଉଦୟଗିରି ୯ ନମ୍ବର ୱାର୍ଡ କାଉନସିଲର ଲକ୍ଷ୍ମୀପ୍ରିୟା ପରିଛା ଲୋକଙ୍କୁ ପାଖରେ ଠିଆ ହେବା ସହିତ ଆବଶ୍ୟକ ହେଉଥିବା ଲୋକଙ୍କ ପାଇଁ ଜରି ପାଲ ବ୍ୟବସ୍ଥା କରାଇଥିଲେ। ଦୁଇ ଦିନର ଅବିଶ୍ରାନ୍ତ ବର୍ଷାରେ ଲୋକେ ନାହିଁ ନଥିବା ହଇରାଣ ହେଉଥିବା ବେଳେ ଏହି ଜରି ପାଲ ପାଇ ଲୋକେ ଆଶ୍ୱସ୍ତ ହୋଇଛନ୍ତି।

ସାମ୍ବାଦିକଙ୍କୁ ଜିଆରଏସ୍‌ଙ୍କ ଦୁର୍ବ୍ୟବହାର ଅଭିଯୋଗ

ରଙ୍ଗେଇଲୁଣ୍ଡା,୩୦।୧୦(ସମିସ): ରଙ୍ଗେଇଲୁଣ୍ଡା ବ୍ଲକ ମାର୍କଣ୍ଡୀ ଗ୍ରାମର ରେଡ଼ି ସାହି ଓ ଓଡିଆରପି କଲୋନୀ ଜଳମଗ୍ନ ହୋଇ ରହିଥିବା ବେଳେ ସ୍ଥାନୀୟ ଜିଆରଏସ୍ ହରେକୃଷ୍ଣ ଭୂୟାଁଙ୍କ ଦୁର୍ବ୍ୟବହାର ନେଇ ଅସନ୍ତୋଷ ଦେଖାଦେଇଛି। ଗ୍ରାମର ଜଳବନ୍ଦୀ ସମସ୍ୟା ଓ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଖବର ସଂଗ୍ରହ କରିବାକୁ ସାମ୍ବାଦିକ ଓ ସମାଜସେବୀମାନେ ପହଞ୍ଚିଥିବା ସମୟରେ ଜିଆରଏସ ଭୂୟାଁ ସେମାନଙ୍କୁ ନାଲି ଆଖି ଦେଖାଇବା ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି।

ବାତ୍ୟା ଡ୍ୟୁଟିରେ ଅବହେଳା

୨ ମହିଳା ସ୍ୱାସ୍ଥ୍ୟକର୍ମୀ ନିଲମ୍ବିତ

ପାରଳାଖେମୁଣ୍ଡି, ୩୦।୧୦ (ସମିସ) : ବାତ୍ୟା 'ଅର୍ଣ୍ଣବ' ମୁକାବିଲା ପ୍ରସ୍ତୁତି ଯାଞ୍ଚ ସମୟରେ କର୍ତ୍ତବ୍ୟରେ ଅବହେଳା ଓ ଅନୁପସ୍ଥିତି ଅଭିଯୋଗରେ ଗଜପତି ଜିଲ୍ଲାର ଦୁଇ ମହିଳା ସ୍ୱାସ୍ଥ୍ୟକର୍ମୀ ନିଲମ୍ବିତ ହୋଇଛନ୍ତି। ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ତୁମୁଳ ଉପସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଏମ୍‌ପିଏଚ୍‌ଡବ୍ଲ୍ୟୁ (ମହିଳା) ବନଲତା ପାଲ ଓ ନର୍ସିଂ ଅଫିସର ତଥା ସିଏଚ୍‌ଓ ରଶ୍ମିରେଖା ସବରଙ୍କ ବିରୋଧରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପୃଥକ୍ ନିଲମ୍ବନ ଆଦେଶ ଜାରି କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୨୮ ତାରିଖରେ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପ୍ରସ୍ତୁତି ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସମୀକ୍ଷା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ତଥା ବାତ୍ୟା ମୁକାବିଲା ପାଇଁ ଜିଲ୍ଲାରେ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିବା ବିଜୟ କୁମାର ଦାଶ ଗୁମ୍ମା ବ୍ଲକ୍ ଗସ୍ତ କରିଥିଲେ। ଏହି ସମୟରେ ଉଭୟ ସ୍ୱାସ୍ଥ୍ୟକର୍ମୀ ନିଜ କର୍ତ୍ତବ୍ୟସ୍ଥଳରେ ଅନୁପସ୍ଥିତ ଥିବା ଏବଂ ଦାୟିତ୍ୱ ନିର୍ବାହରେ ଅବହେଳା କରିଥିବା ଅଭିଯୋଗ ହୋଇଛି। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଭୟଙ୍କ ବିରୋଧରେ ଶୃଙ୍ଖଳାଗତ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଓଡ଼ିଶା ସିଭିଲ୍ ସର୍ଭିସେସ୍ (ସିସିଆଣ୍ଡଏ) ନିୟମ, ୧୯୬୨ର ଧାରା ୧୨ ଅନୁଯାୟୀ ସେମାନଙ୍କୁ ତତ୍କାଳ ନିଲମ୍ବିତ କରାଯାଇଛି । ନିଲମ୍ବନ ଅବଧିରେ ଉଭୟଙ୍କ ମୁଖ୍ୟାଳୟ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଧାର୍ଯ୍ୟ କରାଯାଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପୂର୍ବ ଅନୁମତି ବିନା ସେମାନେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଏଥିସହ ନିୟମ ଅନୁଯାୟୀ ଉଭୟଙ୍କୁ ନିଲମ୍ବନ ଭତ୍ତା ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ବାତ୍ୟା ଭଳି ଜରୁରୀ ପରିସ୍ଥିତିରେ ସ୍ୱାସ୍ଥ୍ୟସେବାରେ ନିୟୋଜିତ କର୍ମଚାରୀଙ୍କ ଉପସ୍ଥିତି ଓ ଦାୟିତ୍ୱବୋଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ସମୟରେ ଅନୁପସ୍ଥିତି ଅଭିଯୋଗକୁ ନେଇ ଦୁଇ କର୍ମଚାରୀଙ୍କ ବିରୋଧରେ ନିଆଯାଇଥିବା ପଦକ୍ଷେପ ସ୍ୱାସ୍ଥ୍ୟ ବିଭାଗରେ ଆଲୋଚନାର ବିଷୟ ହୋଇଛି।

ଖବର ସଂଗ୍ରହ ସମୟରେ ସାପ କାମୁଡ଼ାରେ ସାମ୍ବାଦିକ ଆହତ



ସାନଖେମୁଣ୍ଡି, ୩୦।୧୦(ସମିସ) : ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଯୁବ ସାମ୍ବାଦିକ କାଳୁ ଚରଣ ନାହାକ ଖଲିଙ୍ଗି ଗ୍ରାମରେ ବାତ୍ୟା ଅର୍ଣ୍ଣବର ଖବର ସଂଗ୍ରହ କରୁଥିବା ବେଳେ ସାପ କାମୁଡ଼ାରେ ଆହତ ହୋଇଥିଲେ। ସୂଚନା ସାମ୍ବାଦିକ କାଳୁ ଚରଣ ନାହାକ ମୁତାବକ ଗୁରୁବାର ବର୍ଷା ଜଳରେ ରହି ବାତ୍ୟା ଖବର ସଂଗ୍ରହ କରୁଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରେ ସେ ବାହାରକୁ ଆସି ପ୍ରାଥମିକ ଚିକିତ୍ସା କରାଇ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ପରେ ସେ ଚିକିତ୍ସା ହେବା ପରେ ଘରକୁ ଆସିଛନ୍ତି।

ଭଞ୍ଜନଗର ଥାନା ପକ୍ଷରୁ ବନ୍ୟା ବିପନ୍ନ ଓ ଡ୍ରାଇଭର ହେଲପର୍‌ଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ



ଭଞ୍ଜନଗର,୩୦।୧୦(ସମିସ) : ସ୍ଥାନୀୟ ଥାନା ଅଧିକାରୀ ଜୀବନାନନ୍ଦ ଜେନା ଓ ଅନ୍ୟ ଥାନା ଷ୍ଟାଫ୍ ଶୁକ୍ରବାର ସନ୍ଧ୍ୟାରେ ଭଞ୍ଜନଗର ସହରର ବନ୍ୟା ବିପନ୍ନ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେଇଛନ୍ତି। ସହରର ବନ୍ୟା ପ୍ରଭାବିତ ବିଭିନ୍ନ ସାହି ଗଳିକୁ ଅଟୋ ଯୋଗେ ଏସବୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ନିଜେ ଥାନା କର୍ମଚାରୀମାନେ ଉପସ୍ଥିତ ରହି ସୁଷମ ବଣ୍ଟନ କରୁଥିବା ଦେଖିବାକୁ ମିଳିଛି। ସେହିପରି ସହରରେ ଦୀର୍ଘ ସମୟ ଧରି ରାସ୍ତା କଡ଼ରେ ବନ୍ୟା ଯୋଗୁଁ ଅଟକି ରହିଥିବା ବିଭିନ୍ନ ଟ୍ରକ୍ ଓ ଭାରୀଯାନ ଡ୍ରାଇଭର ଓ ହେଲପର୍‌ଙ୍କୁ ମଧ୍ୟ ଥାନା ଅଧିକାରୀ ରନ୍ଧା ଖାଦ୍ୟ ଯୋଗାଇଥିବା ଜଣାପଡିଛି। ପୁଲିସର ଏଭଳି ମହନୀୟ କାର୍ଯ୍ୟ କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ ଯେ ୨୪ ଘଣ୍ଟା ଧରି ବାଉଁଶଲଣ୍ଡି ବନ୍ୟା ବିପନ୍ନ ମଶାଣି ସାହି ଲୋକେ କୌଣସି ଖାଦ୍ୟ ନପାଇ ଶୁକ୍ରବାର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହାକୁ ହଟାଇବାକୁ ଯାଇ ପୁଲିସ ସହ ସ୍ଥାନୀୟ ଲୋକଙ୍କ ଉଚ୍ଚବାଚ ମଧ୍ୟ ହୋଇଥିଲା। ଆଉ ଏହା ତାଙ୍କୁ ବିଶେଷ ପ୍ରଭାବିତ କରିଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି। ଏଣୁ ସେ ନିଜେ ଥାନା ପକ୍ଷରୁ ଏଭଳି ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ଏଭଳି ପଦକ୍ଷେପ ନେଇଥିବା ବେଳେ ବାଉଶଲୁଣ୍ଡି ମଶାଣି ସାହି ଠାରୁ ଆରମ୍ଭ କରି ସହରର ବିଭିନ୍ନ ସାହିଗଳିରେ ରନ୍ଧା ଖାଦ୍ୟ ଯୋଗାଇଥିବା ସୂଚନା ଦେଇଛନ୍ତି। ଅପରପକ୍ଷରେ ଥାନା ଅଧିକାରୀଙ୍କ ଏଭଳି ମହନୀୟ କାର୍ଯ୍ୟକୁ ଭଞ୍ଜନଗର ଏସଡିପିଓ ଡକ୍ଟର ଦୀପକ କୁମାର ମିଶ୍ର ଓ ଅତିରିକ୍ତ ଏସପି ରଞ୍ଜନ କୁମାର ଦେ ଉଚ୍ଚ ପ୍ରଶଂସା କରିଛନ୍ତି।

ବନ୍ୟା ପରିସ୍ଥିତିର ଅନୁଧାନ କରିଛନ୍ତି ମନ୍ତ୍ରୀ



ରାୟଗଡ଼(ଗଜପତି)୩୦।୧୦(ସମିସ): ବାତ୍ୟା 'ଅର୍ଣ୍ଣବ' ଏବଂ କ୍ରମାଗତ ପ୍ରବଳ ବର୍ଷା ଯୋଗୁଁ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ଅନୁଧାନ କରିଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ମହେନ୍ଦ୍ରତନୟା ନଦୀରେ ବନ୍ୟାଜଳ ବୃଦ୍ଧି ପାଇବା କାରଣରୁ ନଦୀକୂଳିଆ ଅଞ୍ଚଳରେ ଦେଖାଯାଇଥିବା ପ୍ରଭାବକୁ ନେଇ ସେ ସେଠାକାର ସ୍ଥିତି ପରିଦର୍ଶନ କରିଛନ୍ତି। ଗସ୍ତ କ୍ରମରେ ମନ୍ତ୍ରୀ ଶ୍ରୀ ସୂରଜ ଗଣ୍ଡାହାତୀ ପଞ୍ଚାୟତର ସିଙ୍ଗିପୁର ଗ୍ରାମରେ ପହଞ୍ଚି ସେଠାକାର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସାକ୍ଷାତ କରି ସେମାନଙ୍କ ଦୁଃଖସୁଖ ବୁଝିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି। ଏହାପରେ ଗଣ୍ଡାହାତୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କାର୍ଯ୍ୟକାରୀ ହେଉଥିବା ଆଶ୍ରୟସ୍ଥଳୀ ପରିଦର୍ଶନ କରିଥିଲେ। ସେଠାରେ ଆଶ୍ରୟ ନେଇଥିବା ବିସ୍ଥାପିତ ଲୋକମାନଙ୍କୁ ଯୋଗାଇ ଦିଆଯାଉଥିବା ରନ୍ଧାଖାଦ୍ୟ, ପାନୀୟଜଳ ଏବଂ ଅନ୍ୟାନ୍ୟ ଜରୁରୀ ସୁବିଧା-ଅସୁବିଧାର ସେ ନିଜେ ତଦାରଖ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟର ଏଭଳି ସଙ୍କଟଜନକ ସମୟରେ ଲୋକଙ୍କୁ ସୁରକ୍ଷା ଯୋଗାଇବା ଏବଂ ତୁରନ୍ତ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସେ ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କୁ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି।

୨୦ ଓଏଏସ୍ ଓ ଓଆରଏସ୍ ଅଧିକାରୀ ନିୟୋଜିତ

ଛତ୍ରପୁର, ୩୦।୧୦(ସମିସ): ବାତ୍ୟା 'ଅର୍ଣ୍ଣବ-୨୦୨୬'ପ୍ରଭାବ ରେ ଗଞ୍ଜାମ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ୨୦ ଜଣ ଓଏଏସ୍/ଓଆରଏସ୍ ଅଧିକାରୀଙ୍କୁ ଗଞ୍ଜାମ ଜିଲ୍ଲାରେ ଜରୁରୀକାଳୀନ ଭିତ୍ତିରେ ଅସ୍ଥାୟୀ ନିଯୁକ୍ତି ଦିଆଯାଇଛି। ନିୟୋଜିତ ଅଧିକାରୀମାନେ ତୁରନ୍ତ ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରେ ରିପୋର୍ଟ କରିବେ। ଜିଲ୍ଲାରେ ରିଲିଫ୍, ପୁନରୁଦ୍ଧାର ଓ ବିପର୍ଯ୍ୟୟ ପରବର୍ତ୍ତୀ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ସେମାନଙ୍କ ନିୟୋଜନ ଜାରି ରହିବ ବୋଲି ବିଭାଗୀୟ ନିର୍ଦ୍ଦେଶରେ ଦର୍ଶାଯାଇଛି।

ଜଳବନ୍ଦୀ ଲୋକଙ୍କ ଦୁଃଖ ବୁଝିଲେ ବିଧାୟକ



ପାରଳାଖେମୁଣ୍ଡି, ୩୦।୧୦ (ସମିସ) : ବାତ୍ୟା ପରବର୍ତ୍ତୀ ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ଲୋକଙ୍କ ଦୁଃଖ ଓ ଦୁର୍ଦ୍ଦଶା ବୁଝିବା ସହ ସେମାନଙ୍କ ନିକଟରେ ଛିଡ଼ା ହୋଇଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ । ଲଗାଣ ବର୍ଷା ଯୋଗୁଁ ପାରଳାଖେମୁଣ୍ଡି ସହରର ତଳିଆ ଅଞ୍ଚଳ ସମେତ ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇଥିବା ବେଳେ ଲୋକଙ୍କ ନିକଟରେ ଅତ୍ୟାବଶ୍ୟକ ସାମଗ୍ରୀ ଠିକ୍ ସମୟରେ ପହଞ୍ଚୁଛି କି ନାହିଁ, ତାହାର ତଦାରଖ କରିଛନ୍ତି ବିଧାୟକ। ବିପଦର ଏହି ସମୟରେ ଲୋକଙ୍କୁ କେବଳ ଆଶ୍ୱାସନା ନୁହେଁ, ବରଂ ତୁରନ୍ତ ସହାୟତା ପହଞ୍ଚାଇବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଜଳବନ୍ଦୀ ଘେରାରେ ରହୁଥିବା ପରିବାରଗୁଡ଼ିକ ନିକଟରେ ପିଇବା ପାଣି ଓ ଖାଦ୍ୟ ଠିକ୍ ସମୟରେ ପହଞ୍ଚୁଛି କି ନାହିଁ, ବିଧାୟକ ତାହାର ଅନୁଧାନ କରିଥିଲେ। ବର୍ଷା ଓ ଜଳବନ୍ଦୀ ଯୋଗୁଁ ଯେପରି କୌଣସି ପରିବାର ଖାଦ୍ୟ ଓ ପାନୀୟ ଜଳ ଅଭାବରେ ହଇରାଣ ନ ହୁଅନ୍ତି, ସେଥିପ୍ରତି ସେ ବିଶେଷ ଧ୍ୟାନ ଦେଇଥିଲେ। ଯେଉଁ ଅଞ୍ଚଳରେ ଲୋକଙ୍କ ପାଖରେ ପାନୀୟ ଜଳ ଓ ଖାଦ୍ୟ ପହଞ୍ଚିନଥିବା ସୂଚନା ମିଳିଥିଲା, ସେଠାରେ ତୁରନ୍ତ ଆବଶ୍ୟକ ସହାୟତା ପହଞ୍ଚାଇବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ ମାଧ୍ୟମରେ ଅବଗତ କରାଇଥିଲେ। ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣରେ ଯେପରି କୌଣସି ପ୍ରକାର ଅବହେଳା ନ ହୁଏ, ସେଥିପ୍ରତି ତତ୍ପର ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଲଗାଣ ବର୍ଷା ମଧ୍ୟରେ କେତେକ ସ୍ଥାନରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇନଥିବା ସମସ୍ୟାକୁ ମଧ୍ୟ ବିଧାୟକ ଗୁରୁତ୍ୱର ସହ ନେଇଥିଲେ। ବିଦ୍ୟୁତ୍ ନଥିବା ଅଞ୍ଚଳଗୁଡ଼ିକରେ ଯଥାଶୀଘ୍ର ବିଦ୍ୟୁତ୍ ସେବା ପୁନଃସ୍ଥାପନ କରିବା ପାଇଁ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ କରି ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ। ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍ ସେବାର ଗୁରୁତ୍ୱ ଅଧିକ ଥିବାରୁ ଲୋକଙ୍କ ସୁବିଧା ଓ ସୁରକ୍ଷାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଯେଉଁଠି ସମସ୍ୟା ରହିଛି, ସେଠାରେ ତୁରନ୍ତ ପହଞ୍ଚି ସମାଧାନ କରିବା ସହ ଜନସାଧାରଣଙ୍କୁ ଆବଶ୍ୟକ ସେବା ଯୋଗାଇଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ଉପସ୍ଥିତି ଏହି ତଦାରଖ ସମୟରେ ବିଧାୟକ ରୂପେଶ କୁମାର ପାଣିଗ୍ରାହୀଙ୍କ ସହ ଗୋଷାଣି ବ୍ଲକ ଅଧକ୍ଷ ଏନ୍. ବୀରରାଜୁ, ଜିଲ୍ଲା ପରିଷଦ ସଦସ୍ୟ ଏସ୍. ବାଲରାଜୁ, ପାରଳାଖେମୁଣ୍ଡି ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ କାଉନସିଲରମାନେ ଉପସ୍ଥିତ ଥିଲେ। ସମସ୍ତେ ମିଶି ଜଳବନ୍ଦୀ ଅଞ୍ଚଳର ସମସ୍ୟା ଏବଂ ଲୋକଙ୍କ ଆବଶ୍ୟକତା ସମ୍ପର୍କରେ ତଦାରଖ କରିବା ସହ ଜରୁରୀ ସେବା ଯୋଗାଣକୁ ଗୁରୁତ୍ୱ ଦେଇଛନ୍ତି।

ସକାଳ
THE SAKALA

ସମ୍ପାଦକୀୟ



ବିଶ୍ୱାସ ହେଉଛି ସେଭଳି ଏକ ପକ୍ଷୀ, ଯିଏ ଅରୁଣୋଦୟ ପୂର୍ବରୁ ଆଲୋକ ଦେଖିପାରେ।
-ରବୀନ୍ଦ୍ରନାଥ ଟାଗୋର।

ଖାଦ୍ୟ ବନାମ ଇନ୍ଧନ

ଭାରତ ଭଳି ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ଇନ୍ଧନ ଚାହିଦା ପୂରଣ ଏକ ବଡ଼ ଆହ୍ୱାନ। ଦେଶ ଭିତରେ ଜୀବାଶ୍ମ ଇନ୍ଧନର ସୀମିତ ଉପଲବ୍ଧତା ସହିତ ବାହାର ଦେଶଗୁଡ଼ିକ ଉପରେ ମାତ୍ରାଧିକ ନିର୍ଭରଶୀଳତା ଯୋଗୁଁ ଭାରତ ଗତକିଛିବର୍ଷ ଧରି ବିକଳ୍ପ ଇନ୍ଧନ ଉତ୍ପାଦନ ଓ ଉପଯୋଗ ଦିଗରେ ପ୍ରୟାସ କରିଆସୁଛି। ଏହି ପୃଷ୍ଠଭୂମିରେ ଜୈବଇନ୍ଧନ ବା ଇଥାନଲ୍ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ, ବିଦେଶୀ ମୁଦ୍ରା ସଞ୍ଚୟ ଓ ପରିବେଶ ପ୍ରଦୂଷଣ ହ୍ରାସ ପାଇଁ ଜୀବାଶ୍ମ ଇନ୍ଧନରେ ଇଥାନଲ୍ ମିଶ୍ରଣର ଅନୁପାତ ବଢ଼ାଇବାର ଉଦ୍ୟମ ହେଉଛି। କିନ୍ତୁ ଇଥାନଲ୍ ଉତ୍ପାଦନର କଞ୍ଚାମାଲ୍ ଭାବରେ ଆଖୁ, ମକା, ଧାନ ଓ ଅନ୍ୟାନ୍ୟ କୃଷିଜାତ ଉତ୍ପାଦର ବିକଳ୍ପ ଏ ପର୍ଯ୍ୟନ୍ତ ଉଦ୍ଭାବନ ହୋଇପାରିନାହିଁ। ତେଣୁ ଇନ୍ଧନ ଆବଶ୍ୟକତା ପୂରଣ କରିବାର ଏହି ପ୍ରୟାସ ଭାରତୀୟଙ୍କ ଖାଦ୍ୟ ସୁରକ୍ଷାକୁ ବିପନ୍ନ କରିପାରେ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି।

ଏବେ ଇ-୨୦ ପେଟ୍ରୋଲ୍‌ରେ ଇଥାନଲ୍‌ର ପରିମାଣ ୨୦ ପ୍ରତିଶତ ଥିବା ବେଳେ ଇ-ଡିଜେଲ୍ ଉତ୍ପାଦନ ଓ ବ୍ୟବହାର ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଶତପ୍ରତିଶତ ଇଥାନଲ୍ ବା କେବଳ ଇଥାନଲ୍‌କୁ ହିଁ ଇନ୍ଧନ ରୂପେ ବ୍ୟବହାର କରିବାକୁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଶତ ପ୍ରତିଶତ ଇଥାନଲ୍ ବ୍ୟବହାର କରିପାରୁଥିବା ଫ୍ଲେକ୍ସ-ଫୁଏଲ୍ ଯାନକୁ ଅନୁମତି ଦେବା ପାଇଁ କେନ୍ଦ୍ର ସରକାର ଗତ ୨୬ ତାରିଖରେ କେନ୍ଦ୍ରୀୟ ମୋଟର ଯାନ ଆଇନ- ୧୯୮୯ରେ ସଂଶୋଧନ କରିଛନ୍ତି। ଏତେ ବିପୁଳ ପରିମାଣର ଇଥାନଲ୍ ଉତ୍ପାଦନ ପାଇଁ ପ୍ରଚୁର ପରିମାଣର ଜଳ, କୃଷିଜମି ଓ ଶକ୍ତି ଆବଶ୍ୟକ ହୋଇପାରେ। ଆଖୁଚାଷ ଉପରେ ଅତ୍ୟଧିକ ନିର୍ଭରଶୀଳତା ଜଳସଙ୍କଟକୁ ଆହୁରି ଉତ୍କଟ କରିପାରେ। ତେଣୁ ସର୍ବୋଚ୍ଚ ନ୍ୟାୟାଳୟ ଚିନ୍ତା ପ୍ରକଟ କରିଛନ୍ତି। ଗତ ୨୯ ତାରିଖରେ ଏ ସମ୍ପର୍କିତ ଏକ ମାମଲାର ଶୁଣାଣି ସମୟରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିଥିଲେ ଯେ, ଶତ ପ୍ରତିଶତ ଇଥାନଲ୍‌ରେ ଚାଲୁଥିବା ଯାନ ପାଇଁ ଆବଶ୍ୟକ ଇନ୍ଧନ କେଉଁଠାରୁ ଓ କିପରି ଯୋଗାଇ ଦିଆଯିବ? ତେଣୁ ଇନ୍ଧନ ଉପଲବ୍ଧତା ଓ ଖାଦ୍ୟ ନିରାପତ୍ତା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଭବିଷ୍ୟତରେ ତୀବ୍ର ହେବାକୁ ଯାଉଛି। ଯଦି ଧାନ, ଗହମ, ମକା କିମ୍ବା ଅନ୍ୟାନ୍ୟ ଖାଦ୍ୟଶସ୍ୟକୁ ବ୍ୟାପକ ଭାବେ ଇନ୍ଧନ ଉତ୍ପାଦନରେ ବ୍ୟବହାର କରାଯାଏ, ତେବେ ଖାଦ୍ୟଶସ୍ୟର ଯୋଗାଣ ଉପରେ ଚାପ ପଡ଼ିପାରେ। ଏହାର ପ୍ରଭାବରେ ବଜାରରେ ଖାଦ୍ୟଦ୍ରବ୍ୟର ମୂଲ୍ୟ ବୃଦ୍ଧି ପାଇବା ସହ ଗରିବ ଓ ନିମ୍ନ ଆୟବର୍ଗର ଲୋକମାନେ ଅଧିକ କ୍ଷତିଗ୍ରସ୍ତ ହେବେ। ଯେଉଁ ପରିବାର ପାଇଁ ଦୁଇବେଳା ଖାଦ୍ୟ ଯୋଗାଡ଼ କରିବା ଏବେ ମଧ୍ୟ ଏକ ଆହ୍ୱାନ ହୋଇ ରହିଛି ସେମାନଙ୍କ ପାଇଁ 'ଇ-ଇନ୍ଧନ ନୀତି'ର ପରିଣାମ ଅଧିକ କଷ୍ଟଦାୟକ ହୋଇପାରେ।

ଏଠାରେ ଏକ ମୌଳିକ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଜଣେ ସାଧାରଣ ମଣିଷ ପାଇଁ ଇନ୍ଧନ ନା ଖାଦ୍ୟ ଜରୁରୀ? ଜଣେ ମଣିଷ ଖାଇ ପିଇ ବଞ୍ଚିଲେ ଓ ସୁସ୍ଥ ଥିଲେ ଗାଡ଼ି ଚଢ଼ିବ। ତେଣୁ ପ୍ରଥମେ ଖାଦ୍ୟ ନିରାପତ୍ତା ପ୍ରଶ୍ନ ଆସୁଛି। ଇନ୍ଧନ ବିନା ଅର୍ଥନୀତିର ଗତି ମନ୍ଥର ହୋଇପାରେ, କିନ୍ତୁ ଖାଦ୍ୟ ବିନା ମାନବ ଜୀବନ ଅସମ୍ଭବ। ତେଣୁ ଇନ୍ଧନ ସୁରକ୍ଷା ହାସଲ କରିବାକୁ ଯାଇ ଖାଦ୍ୟ ସୁରକ୍ଷାକୁ ବଳି ଦେବା ଏକ ଜନମଙ୍ଗଳ ରାଷ୍ଟ୍ରରେ ଗ୍ରହଣୀୟ ନୁହେଁ। ଅପରପକ୍ଷରେ ପରିବେଶ ସୁରକ୍ଷା ପାଇଁ ଜୈବ ଇନ୍ଧନର ଆବଶ୍ୟକତା ବଢୁଥିବାରୁ ଇନ୍ଧନ ଓ ଖାଦ୍ୟ ମଧ୍ୟରେ ସମତୁଲତା ରକ୍ଷା ପାଇଁ ଅଧିକ ବୈଜ୍ଞାନିକ ଚିନ୍ତନ, ଆଲୋଚନା ଓ ବିଚାରବିମର୍ଶ ଆବଶ୍ୟକ। ଖାଦ୍ୟଶସ୍ୟ ପରିବର୍ତ୍ତେ ଧାନ ନଡ଼ା, ଆଖୁ ଛେଦା ଭଳି କୃଷି ବର୍ଜ୍ୟ ଓ ଅନ୍ୟାନ୍ୟ ଜୈବବର୍ଜ୍ୟବସ୍ତୁରୁ ଜୈବ ଇନ୍ଧନ ପ୍ରସ୍ତୁତିକୁ ପ୍ରୋତ୍ସାହନ ଦେବା ଦରକାର। ଏଥିସହିତ ସୌରଶକ୍ତି, ପବନଶକ୍ତି, ଜଳବିଦ୍ୟୁତ୍ ଓ ଗ୍ରୀନ୍ ହାଇଡ୍ରୋଜେନ୍ ପରି ବିକଳ୍ପ ଶକ୍ତି ଉତ୍ସର ବିକାଶ ଦିଗରେ ଅଧିକ ପୁଞ୍ଜି ନିବେଶ ଦିଗରେ ମଧ୍ୟ ଚିନ୍ତନ କରିବାକୁ ପଡ଼ିବ।

ଓଡ଼ିଶା ପରି କୃଷିପ୍ରଧାନ ରାଜ୍ୟରେ ଲକ୍ଷ ଲକ୍ଷ ଚାଷୀଙ୍କ ଜୀବିକା ଧାନ ଚାଷ ଓ ଅନ୍ୟାନ୍ୟ କୃଷିକାର୍ଯ୍ୟ ଉପରେ ନିର୍ଭରଶୀଳ। ଧାନ ନଡ଼ା ଓ କୃଷି ବର୍ଜ୍ୟବସ୍ତୁରୁ ଜୈବ ଇନ୍ଧନ ଉତ୍ପାଦନର ବିକଳ୍ପ ସୃଷ୍ଟି ହେଲେ ଚାଷୀଙ୍କ ପାଇଁ ଅତିରିକ୍ତ ଆୟର ସୁଯୋଗ ସୃଷ୍ଟି ହୋଇପାରିବ ଏବଂ ଗ୍ରାମୀଣ ଅର୍ଥନୀତିର ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ଏଥିସହିତ ଫସଲର ଅବଶିଷ୍ଟାଂଶର ସଠିକ୍ ପରିଚାଳନା ମଧ୍ୟ ସମ୍ଭବ ହେବ। କିନ୍ତୁ ଏହି ପ୍ରକ୍ରିୟାରେ ମାଟିର ଉର୍ବରତା ରକ୍ଷା ପାଇଁ ଆବଶ୍ୟକ ଜୈବ ପଦାର୍ଥକୁ କ୍ଷେତରୁ ସମ୍ପୂର୍ଣ୍ଣ ହଟାଇ ନ ଦେବା ଉପରେ ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ। ଜୈବ ଇନ୍ଧନ ଉତ୍ପାଦନ ପାଇଁ ଖାଦ୍ୟଶସ୍ୟ ଆବଶ୍ୟକତା, ଖାଦ୍ୟ ଯୋଗାଣ ଉପରେ ପ୍ରଭାବ, ଦରଦାମ ଓ ଚାଷୀଙ୍କ ଆୟ ଆଦିର ନିୟମିତ ମୂଲ୍ୟାଙ୍କନ ନୀତି ନିର୍ଦ୍ଧାରକମାନେ କରିବା ଉଚିତ ହେବ। ନ ହେଲେ ବର୍ତ୍ତମାନ ଚିନି ସଙ୍କଟ ଭଳି ଘଟଣାର ନିୟମିତ ପୁନରାବୃତ୍ତି ଘଟିବ।

ପ୍ରଗତି ପାଇଁ ଇନ୍ଧନ ନୀତି ଜରୁରୀ। କିନ୍ତୁ ତା'ସହିତ ପୁଷ୍ଟିସାଧନ ଭଳି ସ୍ପର୍ଶକାତର ବିଷୟକୁ ମଧ୍ୟ ଏଡ଼ାଇ ଦେଇ ହେବ ନାହିଁ। ଇନ୍ଧନ ନୀତି ଦେଶର ଅର୍ଥନୈତିକ ଶକ୍ତିର ପରିଚୟ। ଅପରପକ୍ଷରେ ଖାଦ୍ୟ ସୁରକ୍ଷା ଯେକୌଣସି ଦେଶର ମାନବିକ ମର୍ଯ୍ୟାଦାର ସୂଚକାଙ୍କ। ତେଣୁ ଇନ୍ଧନ ଯେପରି ଖାଦ୍ୟ ଥାଳି ଉପରେ ପ୍ରହାର କରିବ ନାହିଁ ସେ ଦିଗରେ ସମନ୍ୱିତ ଦୂରଦର୍ଶୀ ଓ ଦୀର୍ଘମିଆଦୀ ଯୋଜନା ଆବଶ୍ୟକ।

ଯନ୍ତ୍ରଣାର ଲିଙ୍ଗଭେଦ ସଂସ୍କୃତି

ଅବଶ ପରିଡ଼ା

ଯନ୍ତ୍ରଣାର ଉପଶମ ପାଇଁ ଚିକିତ୍ସା ଆବଶ୍ୟକ। କିନ୍ତୁ ଏହି ଚିକିତ୍ସା ନିରପେକ୍ଷ ନୁହେଁ ବୋଲି ଏବେ ଅନେକ ସମାଜବିଜ୍ଞାନୀ ଦାବି କରୁଛନ୍ତି। ସେମାନଙ୍କ ମତରେ ଅନେକାଂଶରେ ରୋଗୀର ସାମାଜିକ ବର୍ଗ ଓ ଲିଙ୍ଗ ଦ୍ୱାରା ଏହି ପ୍ରକ୍ରିୟା ନିର୍ଣ୍ଣୟ କରାଯାଏ। ଭାରତରେ ଯନ୍ତ୍ରଣାର ସମାଜବିଜ୍ଞାନ (ସୋସିଓଲୋଜି ଅଫ୍ ପେନ୍) କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ପିତୃକୈନ୍ଦ୍ରିକ ସଂରଚନା, ପରିବାରର ଗତିଶୀଳତା ଏବଂ ଜାତି ଓ ଶ୍ରେଣୀ ଭଳି ଗଭୀର ସାମାଜିକ-ଅର୍ଥନୈତିକ ପଦାନୁକ୍ରମ ସହ ଏହା ଜଡ଼ିତ ବୋଲି ଏକ ଧାରଣା ସୃଷ୍ଟି ହେଉଛି। ଏହି ଅଧ୍ୟୟନର ଗୋଟିଏ ଅଂଶ ହେଉଛି ଲିଙ୍ଗଗତ ଯନ୍ତ୍ରଣା ପାର୍ଥକ୍ୟ। ଏହାର ଅର୍ଥ ହେଉଛି ଯେ ପୁରୁଷଙ୍କ ତୁଳନାରେ ମହିଳା ଏବଂ ଲିଙ୍ଗ-ସଂଖ୍ୟାଲଘୁଙ୍କ ଶାରୀରିକ ଯନ୍ତ୍ରଣାକୁ ନିୟମିତ ଭାବରେ ଅଣଦେଖା କରାଯାଏ। ଏହାସହିତ ଯନ୍ତ୍ରଣାର କମ ମୂଲ୍ୟାଙ୍କନ ଓ ଭୁଲ ନିର୍ଣ୍ଣୟ ମଧ୍ୟ କରାଯାଏ ଏବଂ ସମୟ ସମୟରେ ଉପଯୁକ୍ତ ଚିକିତ୍ସା ସୁବିଧାରୁ ବଂଚିତ କରାଯାଏ। ଭାରତ ପାଇଁ 'ଲିଙ୍ଗଗତ ଯନ୍ତ୍ରଣା ପାର୍ଥକ୍ୟ' ଏକ ଅକଥିତ ଏବଂ ଜାଣିଶୁଣି ଏଡ଼ାଇ ଦିଆଯାଉଥିବା ବିଷୟ। ଅନେକ ଯୁକ୍ତି ବାଢ଼ନ୍ତି ଯେ ଏହା କୌଣସି ଲିଙ୍ଗଭିତ୍ତିକ ବ୍ୟବଧାନ ନୁହେଁ, ବରଂ ଏକପ୍ରକାରର ସାଂସ୍କୃତିକ ପ୍ରତିଫଳନ। ଏହାର କାରଣ ହେଉଛି ଭାରତୀୟ ମହିଳାଙ୍କର ଶାରୀରିକ ଯନ୍ତ୍ରଣାକୁ ନିୟମିତ ଭାବରେ ଏକ ସାଧାରଣ କଥା ଭାବରେ ସ୍ୱୀକାର କରାଯାଏ। ବିଡ଼ମ୍ବନା ଯେ ମହିଳାଙ୍କର ଏହି ଶାରୀରିକ ଯନ୍ତ୍ରଣା, ତୀବ୍ରତା ଏବଂ ଏହାର ଚିକିତ୍ସାକୁ ପାରିବାରିକ କର୍ତ୍ତବ୍ୟ ଅଧୀନରେ ରଖାଯାଏ।

ପୁରୁଷ ହେଉ କିମ୍ବା ମହିଳା, ଯନ୍ତ୍ରଣା ସମସ୍ତଙ୍କ ପାଇଁ ସମାନ। ତେବେ ମହିଳାଙ୍କ ଯନ୍ତ୍ରଣାକୁ ନେଇ ଏତେ ଚିନ୍ତା କାହିଁକି? ଏଠାରେ ପ୍ରସବ ଯନ୍ତ୍ରଣା କଥା ଆଲୋଚନା କରାଯାଉନାହିଁ। 'ଗ୍ଲୋବାଲ୍ ନେଚର ମେଡିସିନ୍ ଷ୍ଟଡି' ଦ୍ୱାରା ୧୯୯୦ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ପ୍ରାୟ ୧୧୮ ଟି ଦେଶର ୬୦ ଲକ୍ଷରୁ ଅଧିକ ଲୋକଙ୍କୁ ନେଇ ଏକ ଗବେଷଣା ହୋଇଥିଲା। ଏହି ଆଧାରରେ ଗବେଷକମାନେ କିଛି ତଥ୍ୟ ରଖିଛନ୍ତି; ଯେପରିକି ସମଗ୍ର ଶରୀରରେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଅଧିକ ଯନ୍ତ୍ରଣା ଭୋଗ କରନ୍ତି। ଏହା ମାନବ ଜୀବନକାଳ ଓ ବିଶ୍ୱର ପ୍ରାୟ ସମସ୍ତ ଭୌଗୋଳିକ ଅଞ୍ଚଳରେ ଉଲ୍ଲେଖନୀୟ ଭାବରେ ସ୍ଥିର ଥିଲା। ଶରୀରର ୧୧ଟି ସ୍ଥାନରେ ମହିଳାମାନେ ଅଧିକ ଯନ୍ତ୍ରଣା ଅନୁଭବ କରୁଥିବା ଜଣାଇଛନ୍ତି। ଏଥିମଧ୍ୟରୁ ମୁହଁରେ ଯନ୍ତ୍ରଣା, ମୁଣ୍ଡବିନ୍ଧା ଏବଂ ପେଟ ଯନ୍ତ୍ରଣା କ୍ଷେତ୍ରରେ ସବୁଠାରୁ ଅଧିକ ପାର୍ଥକ୍ୟ ଦେଖିବାକୁ ମିଳିଥିଲା। ଗମ୍ଭୀର ଓ ଉଚ୍ଚ-ତୀବ୍ରତା ଯନ୍ତ୍ରଣା ମୂଲ୍ୟାଙ୍କନ କରିବା ସମୟରେ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କର ଅନୁଭବ ଥିଲା ୧.୫୨ ଗୁଣ ଅଧିକ। ବିଶେଷଜ୍ଞମାନେ ଆଶାବାଦୀ ଯେ ଭବିଷ୍ୟତର ଅଧ୍ୟୟନ ପାଇଁ ଏହି ତଥ୍ୟ ନିଶ୍ଚିତ ଏକ ଆଧାର ଭାବରେ କାର୍ଯ୍ୟ କରିବ। ତେଣୁ ଲିଙ୍ଗଗତ ଯନ୍ତ୍ରଣା ପାର୍ଥକ୍ୟ ହେଉଛି ଏକ ପ୍ରକୃତ ଓ ବିଶ୍ୱବ୍ୟାପୀ ଘଟଣା। କିନ୍ତୁ ଏହାର ଅନୁସନ୍ଧାନ ଓ ଚିକିତ୍ସାକୁ ଆମେ ଅଣଦେଖା କରିଚାଲିଛୁ।

ସମାଜବିଜ୍ଞାନୀଙ୍କ ଦ୍ୱାରା ଲିଙ୍ଗଗତ ଯନ୍ତ୍ରଣା ବ୍ୟବଧାନକୁ ତିନୋଟି କ୍ଷେତ୍ରରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଉଛି ରୋଗ ନିର୍ଣ୍ଣୟରେ ବିଳମ୍ବ ଓ ଅସମାନତା। ଏହା ଅନୁଯାୟୀ ଦୀର୍ଘକାଳୀନ ରୋଗର ସଠିକ୍ ନିର୍ଣ୍ଣୟ ପାଇଁ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼େ। ଉଦାହରଣ ସ୍ୱରୂପ, ଭାରତରେ ଜରାୟୁ ଓ ଗର୍ଭାଶୟ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟା ଉପରେ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ ରୋଗ ନିର୍ଣ୍ଣୟ କରିବାରେ ମହିଳାଙ୍କ କ୍ଷେତ୍ରରେ ହାରାହାରି ୭ ରୁ ୧୦ ବର୍ଷ ବିଳମ୍ବ ହୋଇଥାଏ। ଏପରିକି ୭୪% ମହିଳାଙ୍କ କ୍ଷେତ୍ରରେ ରୋଗ ଚତୁର୍ଥ ପର୍ଯ୍ୟାୟରେ ପହଞ୍ଚିବା ପର୍ଯ୍ୟନ୍ତ ସଠିକ୍ ନିଦାନ ମିଳିପାରି ନ ଥିଲା। ସେହିପରି ଅଧିକାଂଶ ମହିଳାଙ୍କୁ ପ୍ରଭାବିତ କରୁଥିବା ଆଣ୍ଠୁ, ଗଣ୍ଠି ଯନ୍ତ୍ରଣା ଭଳି ଅଟୋଇମ୍ୟୁନ୍ ରୋଗ ନିର୍ଣ୍ଣୟ ପାଇଁ ହାରାହାରି ୫ ବର୍ଷ ସମୟ ଲାଗିଯାଏ। ପୁରୁଷକୈନ୍ଦ୍ରିକ କଟକଣା ଓ ଚିକିତ୍ସା ଗବେଷଣାରେ ଲିଙ୍ଗଗତ ପକ୍ଷପାତ ମହିଳାମାନଙ୍କର ଏହିପରି ଲକ୍ଷଣଗୁଡ଼ିକୁ ଖାରଜ କିମ୍ବା ଭୁଲ ନିର୍ଣ୍ଣୟ କରୁଛି। ଏହାବ୍ୟତୀତ ଦାରିଦ୍ର୍ୟ, ଜାତିଭିତ୍ତିକ ଭେଦଭାବ, ଅପର୍ଯ୍ୟାପ୍ତ ସାର୍ବଜନୀନ ସ୍ୱାସ୍ଥ୍ୟ ସୁବିଧା ଏବଂ ସୀମିତ ସଚେତନତା ଏହି ବିଳମ୍ବକୁ ଆହୁରି ବିଗାଡ଼ିଦେଉଛି। ଯେଉଁ ସମାଜରେ ଚିକିତ୍ସା ପାଇଁ ପୁରୁଷର ଅନୁମତି ଆବଶ୍ୟକ ହୁଏ, ସେଠାରେ ସ୍ୱାସ୍ଥ୍ୟସେବା ଏକ ଅଧିକାର ନୁହେଁ; ବରଂ ଏକ ସୁବିଧା ଭାବେ ଚିତ୍ରଣ କରାଯାଏ। ସେହିପରି 'ଏକାଡେମିକ୍ ଏମର୍ଜେନ୍ସି ମେଡିସିନ୍' ରେ ପ୍ରକାଶିତ ଏକ ଅଧ୍ୟୟନରେ ତୀବ୍ର ପେଟ ଯନ୍ତ୍ରଣା ହେଉଥିବା ଉଭୟ ପୁରୁଷ ଓ ମହିଳା ରୋଗୀଙ୍କର ମୂଲ୍ୟାଙ୍କନ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ପ୍ରାରମ୍ଭିକ ପେନକିଲର ଦେବାର ହାରାହାରି ସମୟ ପୁରୁଷମାନଙ୍କ ପାଇଁ ୪୯ ମିନିଟ୍ ଥିବା ବେଳେ ମହିଳାମାନଙ୍କ ପାଇଁ ୬୫ ମିନିଟ୍ ଥିଲା। କହିବାର ଅର୍ଥ ହେଉଛି ମହିଳାମାନେ ଅଧିକ ଯନ୍ତ୍ରଣା ସହିପାରନ୍ତି ବୋଲି ଯେଉଁ ଧାରଣା ରହିଛି, ତାହା ବ୍ୟକ୍ତିଗତ, ଚିକିତ୍ସାଗତ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ଗଢ଼ିଉଠିଛି।

ଏଠାରେ ଲୋକପ୍ରିୟ 'ୟେଣ୍ଟଲ୍ ସିଣ୍ଡ୍ରୋମ୍' କଥା ଆଲୋଚନା କରିବା। ଏହା ଏକପ୍ରକାରର ଲିଙ୍ଗଗତ-ଚିକିତ୍ସା ପକ୍ଷପାତ। ଯେଉଁଠି ମହିଳାଙ୍କ ହୃଦଘାତ ଲକ୍ଷଣ ଯଥା ଶ୍ୱାସକ୍ରିୟାରେ ସମସ୍ୟା, ବାନ୍ତି, କାନ ଓ ହନୁରେଖା ଯନ୍ତ୍ରଣାକୁ ଅଣଦେଖା କରାଯାଏ। ଏହାର କାରଣ ହେଉଛି ମହିଳାମାନଙ୍କ ଏହି ଲକ୍ଷଣଗୁଡ଼ିକ ପୁରୁଷକୈନ୍ଦ୍ରିକ ହୃଦ୍‌ରୋଗ ମାନଦଣ୍ଡ ଯଥା ଛାତି ଚାପି ହେବା ସହ ଯନ୍ତ୍ରଣା ଓ ବାମ ହାତକୁ ବିକିରଣ ସହିତ ମେଳ ଖାଉ ନାହିଁ। ଚାରିଦଶନ୍ଧି ତଳେ ହୋଇଥିବା ଡକ୍ଟର ବର୍ନାଡିନ୍ ହିଲି ଏହି ଅଧ୍ୟୟନ ଆଜି ମଧ୍ୟ ବ୍ୟାପକ ଭାବରେ ଗୃହୀତ ଓ ପ୍ରାସଙ୍ଗିକ ଅଟେ। ଦ୍ୱିତୀୟଟି ହେଉଛି ସହନଶକ୍ତିର ଧାରଣା। ଭାରତୀୟ ସଂସ୍କୃତିରେ ଏହା ବେଶ ଲୋକପ୍ରିୟ। କାରଣ ଆମେ ମହିଳାଙ୍କୁ ସହନଶୀଳତା, ସହନକ୍ଷମତା ଓ ଧୈର୍ଯ୍ୟର ପ୍ରତୀକ ଭାବେ ବର୍ଣ୍ଣିତ କରିଛୁ। ଏହି ସହନଶକ୍ତି-ଧାରଣା ଅଧ୍ୟୟନର ବିଶାରଦମାନେ ଯୁକ୍ତି କରନ୍ତି ଯେ ଶାରୀରିକ ଯନ୍ତ୍ରଣା ପ୍ରତି ଭାରତୀୟ ମହିଳାଙ୍କ ସହନଶୀଳତା ହେଉଛି ଏକପ୍ରକାରର ସାମାଜିକୀକରଣ ଓ ପ୍ରଶିକ୍ଷଣ। ମହିଳାଟି ଶାରୀରିକ ଓ ମାନସିକ କଷ୍ଟକୁ ନିରବରେ ସହିବା ହେଉଛି ଏକ ସଦଗୁଣ ଓ ପାରିବାରିକ କର୍ତ୍ତବ୍ୟ। ସମାଜବିଜ୍ଞାନୀମାନେ 'ସହନଶକ୍ତି'କୁ କେବଳ ଏକ ବ୍ୟକ୍ତିଗତ ଗୁଣ ଭାବରେ ନୁହେଁ, ବରଂ ଏକ ପିତୃତନ୍ତ୍ର କୌଶଳ ଭାବରେ ବିଶ୍ଳେଷଣ କରନ୍ତି। ଏହା ମହିଳାମାନଙ୍କୁ ନିଜର ଦୁଃଖ, କଷ୍ଟ ଓ ଯନ୍ତ୍ରଣାକୁ ସ୍ୱାଭାବିକ ବୋଲି ଗ୍ରହଣ କରିନେବା ପାଇଁ ପ୍ରସ୍ତୁତ କରିଥାଏ। ଏହି ସହନଶକ୍ତିର ଅବଧାରଣା ଚିକିତ୍ସାରେ ମଧ୍ୟ ଉପଯୋଗ କରାଯାଏ। ସହନଶକ୍ତିର ଅବଧାରଣା ଏକ ଶାରୀରିକ ଯନ୍ତ୍ରଣାକୁ ଶାନ୍ତ ତଥା ସାମାଜିକ ସ୍ୱୀକୃତିପ୍ରାପ୍ତ ତ୍ୟାଗରେ ପରିଣତ କରେ। ଏହାଦ୍ୱାରା ସହନଶୀଳତା ଉପଯୁକ୍ତ ଚିକିତ୍ସା ପାଇବାରେ ଏହା ବାଧକ ହୋଇଯାଏ।

ତୃତୀୟଟି ହେଉଛି ଯନ୍ତ୍ରଣାକୁ ମାନସିକ ସ୍ତରରେ ବିଚାର କରିବା। ଏଥିରେ ଶାରୀରିକ ସମସ୍ୟା କିମ୍ବା ରୋଗର ଲକ୍ଷଣ ପଛରେ ଥିବା ପ୍ରକୃତ କାରଣ ଖୋଜିବା ବଦଳରେ ଯନ୍ତ୍ରଣାକୁ କେବଳ ମାନସିକ ସ୍ଥିତିର ପରିଣାମ ବୋଲି ଧରି ନିଆଯାଏ। ସମ୍ଭବତଃ ସେଥିପାଇଁ ମହିଳାମାନଙ୍କ ଦୀର୍ଘକାଳୀନ ଯନ୍ତ୍ରଣାର ଉପଶମ ପାଇଁ ଡାକ୍ତରମାନେ ମାନସିକ ଚିକିତ୍ସା ପରାମର୍ଶ ଅଧିକ ଦେଇଥା'ନ୍ତି। 'ସବୁ ତୁମ ମୁଣ୍ଡରେ ଅଛି', 'ଏସବୁ ମାନସିକ ଚିନ୍ତା', 'ଘର ଚିନ୍ତା', 'ବହୁତ ଭାବୁଛ' ଭଳି ପ୍ରତିକ୍ରିୟା ଭାରତୀୟ ପରିବାର ଓ ଭାରତୀୟ ଡାକ୍ତରମାନେ ଅଧିକ ବ୍ୟବହାର କରନ୍ତି ବୋଲି ଫ୍ଲେମ ବିଶ୍ୱବିଦ୍ୟାଳୟର ଏକ ବିଶ୍ଳେଷଣରେ ଉଲ୍ଲେଖ ଅଛି। ସେହିପରି ଭାରତୀୟ ମହିଳାଙ୍କ ପାଇଁ ପ୍ରଜନନ ଯନ୍ତ୍ରଣା ଅର୍ଥାତ ମାସିକ ଋତୁସ୍ରାବ ଯନ୍ତ୍ରଣା ଭଳି ଅବସ୍ଥାକୁ ଅତ୍ୟନ୍ତ ନିରବତା ସହିତ ଘୋଡ଼ାଇ ଦିଆଯାଇଛି। ଏହି ଯନ୍ତ୍ରଣା ହେଉଛି 'ନାରୀତ୍ୱର ଏକ ପ୍ରାକୃତିକ ଅଂଶ' ଯାହାକୁ ବିବାହ କିମ୍ବା ପ୍ରସବ ପର୍ଯ୍ୟନ୍ତ ଚୁପଚାପ୍ ସହ୍ୟ କରିବାକୁ ପଡ଼ିବ ଭଳି ଧାରଣା ବ୍ୟାପକ ଭାବରେ ପ୍ରଚଳିତ ଓ ବ୍ୟବହୃତ ହୁଏ। ଫଳସ୍ୱରୂପ ଯନ୍ତ୍ରଣାର ଏହି ଦମନ ଅନେକ ମହିଳାଙ୍କ କ୍ଷେତ୍ରରେ ରୋଗ ନିର୍ଣ୍ଣୟରେ ବିଳମ୍ବ ଆଣୁଛି।

ପରିଶେଷରେ, ଲିଙ୍ଗଗତ ଯନ୍ତ୍ରଣା ପାର୍ଥକ୍ୟ, ସମାଜବିଜ୍ଞାନ ଏବଂ ସାଂସ୍ଥାଗତ ଅସମାନତା ପରସ୍ପର ସହିତ ଜଡ଼ିତ। ତେଣୁ ମହିଳାଙ୍କ ଯନ୍ତ୍ରଣାକୁ ବିଚାର କରିବା କେବଳ ଏକ ଚିକିତ୍ସାଗତ ସମସ୍ୟା ନୁହେଁ, ବରଂ ଏହା ଏକ ସାମାଜିକ ନ୍ୟାୟର ପ୍ରଶ୍ନ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

ଅପାରଗ ପ୍ରଶାସକ

ଡ ଚିନ୍ତାମଣି ପଣ୍ଡା



ଅନେକଦିନ ତଳେ କୌଣସି ଏକ ବିଶ୍ୱବିଦ୍ୟାଳୟର କୁଳପତି ପଦବୀରେ ଜଣେ ପ୍ରବଳପ୍ରତାପୀ ସର୍ବଭାରତୀୟ ସେବା ଅଧିକାରୀ ନିଯୁକ୍ତ ହେଲେ। ତାଙ୍କ ପ୍ରତିପତ୍ତିର ସୁଦୂରପ୍ରସାରୀ ପ୍ରଭାବ ହେତୁରୁ କଡ଼ାଶାସନ ଭୟରେ କର୍ମଚାରୀଗଣ ଶଙ୍କିତ ଥା'ନ୍ତି। ଯେତେସବୁ ଅମାନିଆ, ଠକ ତଥା ଠାପୁଆ କର୍ମଚାରୀ ସୁନାପିଲା ପରି କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ ପାଇଁ ଯତ୍ନବାନ ଥା'ନ୍ତି। ମନ ଭିତରେ ଯେତେ ଅଶାନ୍ତି ଥିଲେ ବି ଡରରେ ବାହାରକୁ ପ୍ରକାଶ କରୁ ନ ଥା'ନ୍ତି। ଏପରି ଭାବରେ କର୍ତ୍ତୃପକ୍ଷଙ୍କ ଅତୀତର ଇତିହାସ ତଥା ବର୍ତ୍ତମାନର ଭୂଗୋଳ ଭିତରେ ସବୁ କାମ ସୁରୁଖୁରୁରେ ଚାଲିଥାଏ।

ତାଙ୍କ ପରେ ଆଉ ଜଣେ ସର୍ବଭାରତୀୟ ସେବା ଅଧିକାରୀ ସେହି ଆସନଟିକୁ ଅଳଙ୍କୃତ କଲେ। କିନ୍ତୁ ତାଙ୍କ ବ୍ୟକ୍ତିତ୍ୱର ସେତେ ପ୍ରଭାବ ନ ଥିବାରୁ ପୂର୍ବଶାସନରେ ଚାପଗ୍ରସ୍ତ ହୋଇ ରହିଥିବା ଅଧସ୍ତନ କର୍ମଚାରୀଗଣ ପୁଣି ଉଗ୍ରରୁମତା ହୋଇ ଉଠିଲେ, ଯେମିତି ଲିଆ ଭାଜିଲେ ଫୁଟେ। କିଛି ପେଞ୍ଚୁଆ ଚାଟୁକାର ନୂଆ କୁଳପତିଙ୍କ କାନରେ ଫୁଙ୍କିବାକୁ ସାହସ ଜୁଟେଇ ଯେ 'ଆଜ୍ଞା, ଲୋକେ କୁହାକୁହି ହେଉଛନ୍ତି ପୁରୁଣା ସାହେବଙ୍କ ପରି ଆପଣ କଡ଼ା ନୁହନ୍ତି। ତାଙ୍କ ସରି ହେବା ପାଇଁ କିଛି କରନ୍ତୁ' ଏହା ଶୁଣନ୍ତେ ନୂଆ କୁଳପତି ମହୋଦୟ ଅନ୍ଧାରିବିଜେ, ଅତର୍କିତ ଚଢ଼ାଉ କରି ଅନେକ କର୍ମଚାରୀଙ୍କୁ ବଦଳି, ନିଲମ୍ବନ, ଦରମା ବନ୍ଦ ପରି ଦଣ୍ଡପ୍ରଦାନ ପୂର୍ବକ ତୁମ୍ବିତୋଫାନ କଲେ। ସବୁମହଲରେ କୋକୁଆ ଭୟ ଖେଳିଗଲା। କିନ୍ତୁ ଯେତେ ଯାହା କଲେ ବି ପରିସ୍ଥିତି ସୁଧୁରିଲା ନାହିଁ। ଶାସନ ଯୋଉ ହୁଗୁଳା କୁ ସେଇ ହୁଗୁଳା। କହିବା ବାହୁଲ୍ୟ ଯେ ପ୍ରଥମ କୁଳପତି ନିଜ ବ୍ୟକ୍ତିତ୍ୱର ପ୍ରଭାବରେ କୌଣସି ଦଣ୍ଡ ବିଧାନ ନ କରି ଯେଉଁ କାମ କରାଇ ପାରୁଥିଲେ ଦ୍ୱିତୀୟ କୁଳପତି କଠିନ ଦଣ୍ଡ ସତ୍ତ୍ୱେ ତାହା ପାରିଲେ ନାହିଁ। ଫଳରେ ଶାସନତନ୍ତ୍ର ତାଙ୍କ ଆୟତ୍ତର ପରିଧି ବାହାରକୁ ଚାଲିଗଲା ଏବଂ ଅରାଜକତା ପରି ପରିସ୍ଥିତି ସୃଷ୍ଟି ହେଲା।

ଅତଏବ ଶାସନର ଶିଖରରେ ଥିବା ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱର ପରାକାଷ୍ଠା, ପୌରୁଷତ୍ୱ ତଥା ଚରିତ୍ରର ଓଜନ, ଶାସିତମାନଙ୍କ କାର୍ଯ୍ୟଦକ୍ଷତାରେ ପ୍ରତିଫଳିତ ହୋଇଥାଏ, ଯାହା ସବୁ ପ୍ରଶାସକ ଜାଣନ୍ତି। ତେଣୁ ସେମାନେ ଜନସାଧାରଣଙ୍କ ସମ୍ମୁଖରେ ଲୋକପ୍ରିୟ ହେବା ପାଇଁ ନିଜ ବ୍ୟକ୍ତିତ୍ୱକୁ ଶସ୍ତା କରିପକାନ୍ତି ନାହିଁ, ଯାହାର କି ଲୋକେ ଦୁରୁପଯୋଗ କରିବେ। ପିଲାଟିକୁ ଭୟ ଦେଖାଇ ନିୟନ୍ତ୍ରଣ କରିବା ପରିବର୍ତ୍ତେ ହାତ ଉଠେଇ ମାରିଦେଲେ ସେ ମାଡ଼ର ସ୍ୱାଦ ଚାଖି ପିଠିଆ ହେଇଯାଏ। ଆଉ ମାଡ଼କୁ ଖାତିର କରେନା। ତେଣୁ ଶାସନତନ୍ତ୍ରରେ ଶାମ, ଦାମ, ଦଣ୍ଡ, ଭେଦ ଆଦି ନୀତି ସ୍ଥଳବିଶେଷରେ ପ୍ରୟୋଗ କରିବାକୁ ଚାଣକ୍ୟ କହିଯାଇଛନ୍ତି।

ଥରେ ଜଣେ ସାଧୁ ତୀର୍ଥାଟନରେ ବାହାରିବା ଅବସରରେ ଗୋଟିଏ ଗ୍ରାମରେ ରାତ୍ରିଯାପନ କଲେ। ସକାଳୁ ଦେଖିଲେ, କିଛି ବ୍ୟକ୍ତି ନାଗ ସାପଟିଏକୁ ମାରିବାକୁ ଉଦ୍ୟମ କରୁଛନ୍ତି। ତତ୍କ୍ଷଣାତ ସାଧୁ ସେମାନଙ୍କୁ ସେଥିରୁ ନିବୃତ କରାଇ ସାପକୁ 'ଭବିଷ୍ୟତରେ କାହାକୁ ଦଂଶନ କରିବୁ ନାହିଁ' ବୋଲି ଶପଥ ଦେବା ସହ ତା'ର ପ୍ରାଣ ବଞ୍ଚେଇଦେଲେ। ସାପଟି ଖୁସିହୋଇ ଜଙ୍ଗଲକୁ ଚାଲିଗଲା। କିଛିଦିନ ଅନ୍ତେ ସାଧୁ ସେଇବାଟ ଦେଇ ଫେରିବା ସମୟରେ ସାପଟିକୁ ଆହତ ତଥା ଅର୍ଦ୍ଧମୃତ ଅବସ୍ଥାରେ ଦେଖି କାରଣ ପୁଛନ୍ତେ ସାପ ଉତ୍ତର ଦେଲା, 'ମହାଭାଗ, ଆପଣ ଦେଇଥିବା ଶପଥ ଅନୁଯାୟୀ ମୁଁ ଦଂଶନ କରିବାରୁ ନିବୃତ ରହନ୍ତେ ଲୋକେ ମୋତେ କୌତୂହଳ କ୍ରମେ ଆଘାତ କରି ଏ ପରି ଅବସ୍ଥାରେ ପହଞ୍ଚାଇଛନ୍ତି। ଆପଣଙ୍କୁ ଗୁହାରି ଜଣାଇବାକୁ ମୁଁ ପ୍ରାଣଧରି ବଞ୍ଚି ରହିଛି ଯାହା।' ଏ କଥା ଶୁଣି ସାଧୁ ତତ୍କ୍ଷଣାତ୍ କହିଲେ, 'ଆରେ ବୋକା, ମୁଁ ତତେ ଦଂଶନ କରିବା ପାଇଁ ମନା କରିଥିଲି ସିନା ଫଣା ଟେକି ଧରିବାକୁ ତ ମନା କରି ନଥିଲି। ତୋତେ ଆଘାତ କରୁଥିବା ଦୁର୍ଜନମାନଙ୍କୁ ତୁ ଡରାଇ ଘଉଡ଼ାଇ ଦେଲୁନାହି କାହିଁକି? ଆତ୍ମରକ୍ଷା କରିବା ତୋର ଧର୍ମ।'

ଅତଏବ ଦୁର୍ଦ୍ଦାନ୍ତ ପରି ଦଣ୍ଡ ପ୍ରଦାନ କରି ଲୋକଙ୍କୁ ବାଟକୁ ଆଣିବା ଅପେକ୍ଷା ନିଜ ବ୍ୟକ୍ତିତ୍ୱର ପରାକାଷ୍ଠା, ନିଜର କର୍ତ୍ତବ୍ୟ ନିଷ୍ଠା ତଥା ପୌରୁଷତ୍ୱର ପ୍ରଭାବରେ ଅନ୍ୟାୟ ଅନୀତି ପ୍ରତି ଜନମାନସରେ ଭୟର ଉଦ୍ରେକ କରେଇବା ତ ପ୍ରଶାସକଙ୍କ ଦାୟିତ୍ୱ। ଫଳତଃ ଶାସନ ବ୍ୟବସ୍ଥା ଏକ ପ୍ରଭାବୀ ଢଙ୍ଗରେ ଚାଲିପାରିବ। ଭାଲୁ ଚମଡ଼ାର ଗନ୍ଧରେ ଉଈମାନେ ସେ ଇଲାକା ଛାଡ଼ିଦେଲା ପରି ଅରାଜକତା ଆପେ ଛାଡ଼ି ପଳେଇବ। ସିଂହର ଗର୍ଜନରେ ସବୁ ଜୀବଜନ୍ତୁ ନିଜ ନିଜ ସ୍ଥାନରେ ଲୁଚିଗଲା ପରି ବ୍ୟକ୍ତିତ୍ୱର ସୁଦୂରପ୍ରସାରୀ ପ୍ରଭାବରେ ଶାସନର ଦଣ୍ଡଛତ୍ରକୁ ଶୃଙ୍ଖଳିତ ଭାବରେ ସମ୍ଭାଳି ହୁଏ। ଅନ୍ୟଥା ସର୍ବତ୍ର କେମିତି ଏକ ଅନୁଶାସନହୀନତା ସର୍ବସାଧାରଣଙ୍କ ଆଚାର ବ୍ୟବହାରର ଛତ୍ରେ ଛତ୍ରେ ପରିସ୍ଫୁଟ ହେବା ସହିତ ସମଗ୍ର ବ୍ୟବସ୍ଥାକୁ ଅରାଜକତା ଦିଗରେ ଟାଣି ନିଏ। ତେଣୁ ଯଥାର୍ଥରେ କୁହାଯାଇଛି 'କାହା ମୁହଁକୁ ଧାନ ଭରଣେ, କାହା ମୁହଁକୁ ପାଳ ଭରଣେ।'

(ପ୍ରାକ୍ତନ ଅଧ୍ୟକ୍ଷ, କୃଷିମହାବିଦ୍ୟାଳୟ)
ଭବାନୀପାଟଣା, ମୋ:୮୧୪୪୦୬୬୦୧୬

ଓଡ଼ିଶାରେ ମହାଯାନ-ବୌଦ୍ଧଧର୍ମର ବିକାଶ ଓ ପ୍ରସାର

ପ୍ରବୀର କୁମାର ପଟ୍ଟନାୟକ

ଓଡ଼ିଶାର ବୌଦ୍ଧ ପରମ୍ପରା

ଅଶୋକଙ୍କ ପରବର୍ତ୍ତୀ କାଳରେ ବୌଦ୍ଧଧର୍ମ:

ଅଶୋକଙ୍କ ପରବର୍ତ୍ତୀ କାଳରେ ଭାରତର ବିଭିନ୍ନ ଅଞ୍ଚଳରେ ବହୁସଂଖ୍ୟାରେ ସ୍ତୁପ, ଚୈତ୍ୟ ଓ ଗୁମ୍ଫା ନିର୍ମାଣ ହୋଇଥିବାର ଦେଖାଯାଏ। କଳିଙ୍ଗରେ ମଧ୍ୟ ଦନ୍ତପୁର, ତୋଷାଳୀ, ହିରୁମ୍ବ ଓ ପୁଷ୍ପଗିରିଠାରେ ସ୍ତୁପ ଓ ଚୈତ୍ୟ ନିର୍ମାଣ ହୋଇଥିଲା। ଏହି ସ୍ଥାନଗୁଡ଼ିକ କଳିଙ୍ଗ ଅଞ୍ଚଳର ପ୍ରମୁଖ ବୌଦ୍ଧକେନ୍ଦ୍ର ଥିଲା। ଦନ୍ତପୁରର ଏକ ବିଶାଳ ତଥା ଅତ୍ୟନ୍ତ ମନୋରମ ଚୈତ୍ୟରେ ବୁଦ୍ଧଙ୍କ ଦନ୍ତଧାତୁ ସଂରକ୍ଷିତ ରଖାଯାଇଥିଲା। ଏହି କାରଣରୁ ପରବର୍ତ୍ତୀ ଅନେକ ଶତାବ୍ଦୀ ଧରି ଦନ୍ତପୁର କଳିଙ୍ଗବାସୀଙ୍କର ଧାର୍ମିକ ଜୀବନର ଏକ ପ୍ରମୁଖ କେନ୍ଦ୍ର ହୋଇ ରହିଥିଲା। ପରେ ରାଜା ଗୁହଶିବ ଚତୁର୍ଥ ଶତାବ୍ଦୀର ପ୍ରାରମ୍ଭରେ ସେହି ଦନ୍ତଧାତୁକୁ ସିଂହଳ (ଶ୍ରୀଲଙ୍କା) ପଠାଇଥିଲେ। 'ପିଟକ'ଠାରୁ ଆରମ୍ଭ କରି ସିଂହଳର ଇତିହାସ ଗ୍ରନ୍ଥଗୁଡ଼ିକ ପର୍ଯ୍ୟନ୍ତ ସମସ୍ତ ପାଲି ସାହିତ୍ୟରେ ଦନ୍ତପୁରକୁ କଳିଙ୍ଗର ଗୌରବମୟ ରାଜଧାନୀ ଭାବେ ବର୍ଣ୍ଣନା କରାଯାଇଛି। ଦନ୍ତପୁରର ଅବନତି ପରେ ପୁଷ୍ପଗିରି ଏକ ପ୍ରମୁଖ ଧାର୍ମିକ କେନ୍ଦ୍ର ଭାବେ ଖ୍ୟାତି ଲାଭ କରିଥିଲା। ଏହା ଭକ୍ତମାନଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା। ଏପରିକି ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଚୀନ ପରିବ୍ରାଜକ ହୁଏନସାଂ ଓଡ଼ିଶା ଅଞ୍ଚଳକୁ ଆସିଥିବା ସମୟରେ ମଧ୍ୟ ପୁଷ୍ପଗିରି ବୌଦ୍ଧଜଗତର ଅନ୍ୟତମ ଆଶ୍ଚର୍ଯ୍ୟଜନକ ମହାବିହାର ଭାବେ ପରିଗଣିତ ହେଉଥିଲା। ଏହାର ଅଲୌକିକତା ଥିଲା ବୋଲି ମଧ୍ୟ ବିଶ୍ୱାସ କରାଯାଉଥିଲା।

ଓଡ଼ିଶାରେ ଅଶୋକଙ୍କ ଧର୍ମପ୍ରଚାର କାର୍ଯ୍ୟ ସଂପର୍କରେ ସାହିତ୍ୟିକ ପ୍ରମାଣ ଅଳ୍ପ ମିଳୁଥିଲେ ମଧ୍ୟ ତାଙ୍କ ଦ୍ୱାରା ନିର୍ମିତ ସ୍ମାରକଗୁଡ଼ିକର ଅବଶେଷ ଏହି କାର୍ଯ୍ୟର ଯଥେଷ୍ଟ ପ୍ରମାଣ ଦେଇଥାଏ। ସେଗୁଡ଼ିକ ହେଲା ଧଉଳି ଓ ଜଉଗଡ଼ର ଶିଳାଲେଖ, ଭୁବନେଶ୍ୱରର ଏକ ସ୍ତମ୍ଭ, ଘଣ୍ଟାକୃତି ସ୍ତମ୍ଭଶୀର୍ଷ, ଧଉଳିଠାରେ ବିରାଟ ପଥରରୁ ବାହାରି ଆସୁଥିବା ଏକ ହାତୀର ମୂର୍ତ୍ତି। ଏହାବ୍ୟତୀତ ଡେଲାଙ୍ଗ ତଥା ନରାଜ ଅଞ୍ଚଳରେ ରହିଥିବା ବିହାର ଓ ପଥର କଟାଯାଇ ନିର୍ମିତ ଗୁମ୍ଫାଗୁଡ଼ିକ ମଧ୍ୟ ଅଶୋକଙ୍କ ସମୟର ବୋଲି ଜଣାଯାଏ। ଅଶୋକଙ୍କ ପରବର୍ତ୍ତୀ କାଳରେ ଏବଂ ଖ୍ରୀଷ୍ଟୀୟ ଯୁଗର ପ୍ରାରମ୍ଭିକ କାଳର କେତେ ଶତାବ୍ଦୀରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବୌଦ୍ଧଧର୍ମର ପ୍ରସାର ଘଟିଥିଲା। ବିଭିନ୍ନ ଶିଳାଲେଖରୁ ଏହାର ପ୍ରମାଣ ମିଳେ। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀର ମହାରାଜା ଗଣଙ୍କ ଭଦ୍ରକ ଶିଳାଲେଖ ଏବଂ ସେହି ଶତାବ୍ଦୀର ନାଗାର୍ଜୁନ-କୋଣ୍ଡା ଶିଳାଲେଖରୁ ବୌଦ୍ଧଧର୍ମର ହୀନଯାନ ଶାଖାର ପ୍ରସାର ସଂପର୍କରେ ଜଣାପଡ଼େ। ଅନ୍ୟପକ୍ଷରେ, 'ଗଣ୍ଡବ୍ୟୁହ' ଗ୍ରନ୍ଥରୁ ସେହିସମୟରେ ତୋଷାଳୀରେ ମହାଯାନ ବୌଦ୍ଧଧର୍ମର ପ୍ରଚାର ହେଉଥିବା ଜଣାଯାଏ। ଆସିଆ ପାହାଡ଼ମାଳରେ ଅବସ୍ଥିତ ଲଳିତଗିରିରେ ଖନନ କାର୍ଯ୍ୟରୁ ପ୍ରାଚୀନ ଅର୍ଦ୍ଧବୃତ୍ତାକାର ମନ୍ଦିରର ଅବଶେଷ ମିଳିଛି। ଏହାସହିତ ଏକ ପୀଠରେ ଖୋଦିତ ଶିଳାଲେଖ ମଧ୍ୟ ଆବିଷ୍କୃତ ହୋଇଛି। ଏହି ଶିଳାଲେଖକୁ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀର ବୋଲି ଆପାତତଃ ନିର୍ଦ୍ଧାରଣ କରାଯାଇଛି। ଏହା ସେହି ଅଞ୍ଚଳରେ ବୌଦ୍ଧଧର୍ମର ପ୍ରାଚୀନ ଅସ୍ତିତ୍ୱକୁ ସୂଚାଇଥାଏ। ସେହି ପାହାଡ଼ମାଳାର ରତ୍ନଗିରିର ମହାଯାନ ବୌଦ୍ଧ ଧର୍ମୀୟ ସ୍ଥାପତ୍ୟ ସମୂହର ମୂଳ ଅଂଶରୁ ମଧ୍ୟ ଜଣାଯାଏ ଯେ ସେଠାରେ ଅନ୍ତତଃ ଗୁପ୍ତଯୁଗରୁ ବୌଦ୍ଧଧର୍ମର ଏକ ପ୍ରମୁଖ କେନ୍ଦ୍ର ରହିଥିଲା।

ମହାଯାନ ଓ ହୀନଯାନ ମଧ୍ୟରେ ମତଭେଦ:

ଖ୍ରୀଷ୍ଟୀୟ ଯୁଗର ଆରମ୍ଭ କାଳରେ ମହାଯାନ ବୌଦ୍ଧଧର୍ମ ଏକ ପୂର୍ଣ୍ଣ ବିକଶିତ ଧର୍ମୀୟ ଧାରା ଭାବରେ ଉଭା ହୋଇଥିଲା। ମହାଯାନ ଓ ହୀନଯାନ ମଧ୍ୟରେ ମତ ଓ ଆଦର୍ଶଗତ ପାର୍ଥକ୍ୟ ଦେଖାଦେଇଥିଲା। ହୀନଯାନ ଅନୁଗାମୀମାନଙ୍କର ନିଜସ୍ୱ ମୁକ୍ତିକୁ ଗୁରୁତ୍ୱ ଦେଉଥିବା ଆଦର୍ଶର ବିପରୀତରେ ମହାଯାନ ଅନୁଗାମୀମାନେ ଅନ୍ୟମାନଙ୍କର ମଙ୍ଗଳ ଓ ମୁକ୍ତି ପାଇଁ ଧର୍ମପ୍ରଚାର ଓ ସେବାମୂଳକ ଜୀବନକୁ ସମର୍ଥନ କରୁଥିଲେ। ମହାଯାନ ଅନୁଗାମୀମାନେ 'ଶ୍ରାବକଯାନ'କୁ ଅବମାନନା କରି 'ହୀନଯାନ' ବୋଲି ଅଭିହିତ କରିଥିଲେ। ମହାଯାନ ସଂପର୍କିତ ଗ୍ରନ୍ଥଗୁଡ଼ିକର ଉଦ୍ଦେଶ୍ୟ ଥିଲା ଅନ୍ୟଯାନର ଅଧୀନସ୍ଥ ଓ ନିମ୍ନତର ସ୍ୱରୂପକୁ ପ୍ରଦର୍ଶନ କରିବା। କିନ୍ତୁ ବୁଦ୍ଧଙ୍କ ପ୍ରସିଦ୍ଧ ଉପଦେଶ ଅନୁସରଣ କରି ରଚିତ ହୀନଯାନ ସଂପର୍କିତ ଗ୍ରନ୍ଥଗୁଡ଼ିକରେ ଅନ୍ୟ ସଂପ୍ରଦାୟଗୁଡ଼ିକ ବିରୋଧରେ ଏପରି ନିନ୍ଦାମୂଳକ ମନ୍ତବ୍ୟ ଦେଖିବାକୁ ମିଳେ ନାହିଁ। ଏଥିରୁ ଜଣାପଡୁଛି ହୀନଯାନ ଅନୁଗାମୀମାନେ ଅନ୍ୟମାନଙ୍କର ଉତ୍ତେଜନାମୂଳକ ଆଚରଣକୁ ମଧ୍ୟ ଅତ୍ୟନ୍ତ ଶାନ୍ତ ଭାବରେ ସହ୍ୟ କରୁଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଭାସିଲା ଗଞ୍ଜାମ...

ଆହ୍ୱାନ ସୃଷ୍ଟି ହୋଇଛି। ଫଳରେ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଅନ୍ୟପଟେ ରାଜ୍ୟ ସରକାର ଆଇଏମ୍ଡି ଉପରେ ଦୋଷ ଲଦି ଦେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ବାତ୍ୟା ଅର୍ଣ୍ଣବ ଆନ୍ଧ୍ରରେ ସ୍ଥଳଭାଗ ଛୁଇଁବ ଓ ବାତ୍ୟାଠାରୁ ମାଲକାନଗିରି ସବୁଠୁ ନିକଟତର ହେବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ବାତ୍ୟାର ଗତିପଥକୁ ନେଇ ଆଇଏମ୍ଡି ଯେଉଁ ଟ୍ରାକ୍ ଦେଇଥିଲା ତାହା ପ୍ରାୟତଃ ସଠିକ୍ ରହିଛି। ବାତ୍ୟାର ଦିଗ ପରିବର୍ତ୍ତନ ସମ୍ପର୍କରେ ଆଗୁଆ ସୂଚନା ଦିଆଯିବା ସହ ଆଇଏମ୍ଡି ପକ୍ଷରୁ ଟ୍ରାକ୍ ଜାରି ହୋଇଥିଲା। ଏହାସହ ବାତ୍ୟା କେନ୍ଦ୍ରର ଡାହାଣ ପାର୍ଶ୍ୱରେ ସର୍ବଦା ଅଧିକ ବର୍ଷା ହୋଇଥାଏ। ଏ ଦୃଷ୍ଟିରୁ ଦକ୍ଷିଣ ଓଡ଼ିଶା ଜିଲ୍ଲାଗୁଡ଼ିକ ସମ୍ବେଦଶୀଳ ସ୍ଥିତିରେ ରହିଥିଲେ ଓ ଗଞ୍ଜାମରେ ସବୁଠୁ ଅଧିକ ବର୍ଷା ହୋଇଥିଲା। ମାତ୍ର ସରକାର କାହିଁକି କେବଳ ମାଲକାନଗିରିକୁ ଗୁରୁତ୍ୱ ଦେଉଥିଲେ ଓ ଅନ୍ୟ ଜିଲ୍ଲା ପ୍ରତି ଖାମଖିଆଲି ମନୋଭାବ ଆପଣାଇଥିଲେ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ସରକାରୀ ଭାବେ ଆଇଏମ୍ଡି ୫ ଜିଲ୍ଲାକୁ ରେଡ୍ ଆଲର୍ଟ ଦେଇଥିବା ବେଳେ ସରକାର କେବଳ ମାଲକାନଗିରିରେ ବାତ୍ୟା ମୁକାବିଲାକୁ କାହିଁକି ସୀମିତ ରଖିଥିଲେ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯିବା ସମ୍ଭବ ନୁହେଁ; କିନ୍ତୁ ପୂର୍ବାନୁମାନ ଆଧାରରେ ଜନଜୀବନର କ୍ଷୟକ୍ଷତି ହ୍ରାସ, ବିପଦପୂର୍ଣ୍ଣ ଅଞ୍ଚଳରୁ ଲୋକଙ୍କୁ ସମୟ ପୂର୍ବରୁ ସ୍ଥାନାନ୍ତର, ଜଳ ନିଷ୍କାସନ ବ୍ୟବସ୍ଥା ସଜାଡ଼ିବା ଓ ଜରୁରୀ ସେବାକୁ ସଚଳ ରଖିବା ପ୍ରଶାସନର ମୁଖ୍ୟ ଦାୟିତ୍ୱ ହୋଇଥାଏ। ମାତ୍ର ରେଡ୍ ଆଲର୍ଟ ମିଳିବା ପରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍, ପଞ୍ଚାୟତ ଓ ସହରାଞ୍ଚଳରେ ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ କେତେ ଦୂର କାର୍ଯ୍ୟକାରୀ ହୋଇଥିଲା ବୋଲି ପ୍ରଶ୍ନ ଉଠିଛି? ଜଳବନ୍ଦୀ ଆଶଙ୍କା ଥିବା ସ୍ଥାନଗୁଡ଼ିକରେ ଆଗୁଆ ବ୍ୟବସ୍ଥା ହୋଇଥିଲା କି? ଜଳ ନିଷ୍କାସନ ନାଳ ଏବଂ ଗ୍ରାମାଞ୍ଚଳର ଯୋଗାଯୋଗ ପଥ ଉପରେ ନଜର ରଖାଯାଇଥିଲା କି?। ସରକାର ଏବେ ବନ୍ୟା ମୁକାବିଲା ପାଇଁ କ୍ଷେତ୍ରସ୍ତରରେ ପହଞ୍ଚିଛନ୍ତି। ମାତ୍ର ବିଭିନ୍ନ ସ୍ଥାନରେ ଲୋକେ ବିରୋଧ କରୁଥିବା ବେଳେ ବନ୍ୟା ମୁକିବାଲା ପାଇଁ କାହିଁକି ସରକାର ପ୍ରସ୍ତୁତ ନ ଥିଲେ ବୋଲି ମଧ୍ୟ ଏବେ ପ୍ରଶ୍ନ ଉଠିଛି ।

ଭୂସ୍ଖଳନରେ ନିଖୋଜ...

ପ୍ରକାଶ ଥାଉ କି ଗୁରୁବାର ସକାଳୁ ଅଚ୍ୟୁତଙ୍କ ଘର ଭାସି ଯାଇଥିଲା ଓ ପୂରା ପରିବାର କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଗ୍ରାମବାସୀଙ୍କ ଘର ସଂପୂର୍ଣ୍ଣ ଭାସି ଯାଇ ଥିବା ଦେଖିବା ପରେ କିଛି ସମୟ ଖୋଜା ଖୋଜି କରିଥିଲେ। ପାଣି ସ୍ରୋତ ଏବଂ ମାଟି ଅତଡା ଖସି ପଙ୍କ ଭର୍ତ୍ତି ଯୋଗୁଁ ସନ୍ଧାନ କରି ପାରି ନଥିଲେ। ବହୁ କଷ୍ଟରେ ଗ୍ରାମବାସୀ ଗୁରୁବାର ସନ୍ଧ୍ୟାରେ ପାହାଡ଼ ଚଢ଼ି ସିକବାଡି ଆଶ୍ରୟସ୍ଥଳୀରେ ପହଞ୍ଚି ଥିଲେ। ସେଠାରୁ ପ୍ରଶାସନ ଖବର ପାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା ଏବଂ ୩ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ପଞ୍ଚାୟତି ରାଜ ମନ୍ତ୍ରୀ ରବି ନାୟକ ଶୁକ୍ରବାର ମାଣିକେଶ୍ୱର ପଞ୍ଚାୟତରେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ ବେଳେ ମୃତକ ପରିବାରଙ୍କୁ ଚାରି ଲକ୍ଷ ଲେଖାଏଁ କ୍ଷତି ପୂରଣ ଘୋଷଣା କରିଛନ୍ତି।

ଅନ୍ୟପକ୍ଷରେ ଶେରଗଡ ବାଲିସାହିରେ ବନ୍ୟା ପାଣି ପଶିବା ପରେ ଜଣେ ବୃଦ୍ଧା ଘର ଭିତରୁ ବାହାରି ନ ପାରି ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ବୃଦ୍ଧାଙ୍କ ମୃତ୍ୟୁ ଖବର ପ୍ରଶାସନ ନିକଟରେ ପହଞ୍ଚି ଥିଲେ ମଧ୍ୟ କୌଣସି ଅଧିକାରୀ ଘଟଣାସ୍ଥଳରେ ନ ପହଞ୍ଚିବା ଯୋଗୁଁ ସାଧାରଣ ଜନତା ସ୍ଥାନୀୟ ପ୍ରଶାସନ ଉପରକୁ ଆଙ୍ଗୁଳି ଉଠାଇଛନ୍ତି।

ଗଞ୍ଜାମକୁ ଅତିରିକ୍ତ...

ସମ୍ପର୍କରେ ସମୀକ୍ଷା କରିଥିଲେ। ବିପନ୍ନ ଲୋକଙ୍କ ନିକଟରେ ତୁରନ୍ତ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା ସହ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାଘାଟର ମରାମତି ଓ ବିଚ୍ଛିନ୍ନ ବିଦ୍ୟୁତ୍ ସେବାର ଶୀଘ୍ର ପୁନଃସ୍ଥାପନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ରିଲିଫ ଓ ବନ୍ୟା ମୁକାବିଲା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ୨୦ ଜଣ ଓଏଏସ୍ ଅଫିସରଙ୍କୁ ଗଞ୍ଜାମ ପଠାଯାଇଛି। ଏହା ସହିତ ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତା ଓ ପୋଲର ପୁନଃଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସାରିବା ପାଇଁ ୧୦ ଜଣ ଯନ୍ତ୍ରୀଙ୍କୁ ଗଞ୍ଜାମ ପଠାଯାଇଛି।

ସମୀକ୍ଷା ପରେ ରାଜସ୍ୱ ମନ୍ତ୍ରୀ କହିଥିଲେ ଯେ, ଗତ ପାଞ୍ଚ ଦିନ ଧରି ଗଞ୍ଜାମର ପରିସ୍ଥିତି ଉପରେ ରାଜ୍ୟ ସରକାର ନିରନ୍ତର ନଜର ରଖିଛନ୍ତି। ଜିଲ୍ଲାରେ ବନ୍ୟା ସ୍ଥିତି ଧୀରେ ଧୀରେ ସୁଧୁରୁଛି। ଜଳବନ୍ଦୀ ଅଞ୍ଚଳରେ ରହିଥିବା ଲୋକଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ପାଇଁ ଭାରତୀୟ ନୌସେନା ଓ ତଟରକ୍ଷୀ ବାହିନୀର ଚାରିଟି ହେଲିକପ୍ଟର ନିୟୋଜିତ ହୋଇଛି। ଏହି ବିପର୍ଯ୍ୟୟର ମୁକାବିଲାରେ କେନ୍ଦ୍ର ସରକାରଙ୍କ ସହଯୋଗ ମିଳୁଛି। ସ୍ଥିତି ସ୍ୱାଭାବିକ ହେବା ପରେ କ୍ଷୟକ୍ଷତିର ଆକଳନ ପାଇଁ କେନ୍ଦ୍ରୀୟ ଟିମ୍ ଗଞ୍ଜାମ ଗସ୍ତ କରିବେ। କ୍ଷତିଗ୍ରସ୍ତ ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସଂକଳ୍ପବଦ୍ଧ ବୋଲି ସେ କହିଥିଲେ। ବନ୍ୟା ପ୍ରଭାବିତ ଲୋକଙ୍କ ରିଲିଫ୍ ଓ ଜରୁରିକାଳୀନ ସହାୟତା ପାଇଁ ଗଞ୍ଜାମ ଜିଲ୍ଲାକୁ ପୂର୍ବରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ ଏବେ ଅତିରିକ୍ତ ୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥ ରିଲିଫ୍ ବଣ୍ଟନ ଓ ଜରୁରିକାଳୀନ ସହାୟତା କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଜିଲ୍ଲାର ସମସ୍ତ ବନ୍ୟା ପ୍ରଭାବିତ ଗାଁରେ ଆଜି ରାତି ସୁଦ୍ଧା ରିଲିଫ୍ ସାମଗ୍ରୀ, ରନ୍ଧା ଖାଦ୍ୟ, ପାନୀୟ ଜଳ, କମ୍ବଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାକୁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖିଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଏନ୍ଡିଆର୍ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗର ଟିମ୍ଗୁଡ଼ିକ ନିୟୋଜିତ ରହିଛନ୍ତି। ଆଗାମୀ ଗୋଟିଏ ଦିନ ମଧ୍ୟରେ ଗଞ୍ଜାମ ଜିଲ୍ଲାର ସମସ୍ତ ପ୍ରଭାବିତ ଗାଁରେ ସ୍ଥିତି ସ୍ୱାଭାବିକ ହେବା ନେଇ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେ ଓ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଆଶା ପ୍ରକାଶ କରିଛନ୍ତି।

ଗଞ୍ଜାମ ଜିଲ୍ଲାପାଳଙ୍କ...

ଅନ୍ୟ ସହାୟତା ଯୋଗାଇ ଦେବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ଗଞ୍ଜାମ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଶ୍ରୀ ପଟ୍ଟନାୟକ, ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳକୁ ଗଞ୍ଜାମ ପଠାଇଛନ୍ତି। ଏହି ପ୍ରତିନିଧି ଦଳ ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ଗଞ୍ଜାମ ଗସ୍ତ କରି ବିପନ୍ନ ଲୋକଙ୍କୁ ଭେଟିବା ସହ କ୍ଷୟକ୍ଷତି ଆକଳନ କରିବେ। ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆର୍ଡିସି ଓ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବ। ପରେ କମିଟି ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ରିପୋର୍ଟ ପ୍ରଦାନ କରିବ। ସେହିପରି ଏହି ଦୁଃଖ ସମୟରେ ଲୋକଙ୍କ ସହ ରହିବା ଓ ସେମାନଙ୍କ ସେବା କରିବା ପାଇଁ ଶ୍ରୀ ପଟ୍ଟନାୟକ ଜିଲ୍ଲାର ବିଜେଡି କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ପାଇଲଟ୍ଙ୍କ ସମେତ...

ବଦ୍ରିନାଥରୁ ଯାତ୍ରା ଆରମ୍ଭ କରିଥିଲା। ସେହି ସମୟରେ ଅଞ୍ଚଳରେ ତୁଷାରପାତ ହେଉଥିଲା। ଯୋଶୀମଠ ଉପତ୍ୟକା ଉପରେ ଉଡ଼ାଣ କରୁଥିବାବେଳେ ହେଲିକପ୍ଟର ସହ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଏହାର ଟ୍ରାକିଂ ବ୍ୟବସ୍ଥା ମଧ୍ୟ କାମ କରିନଥିଲା। ଅପରାହ୍ଣ ପ୍ରାୟ ୨.୨୦ରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନେ ହେଲେ ପ୍ରତାପ, ଅରୁଣ, ଶଙ୍କର ଗୌଡ଼ା, ସୁଧୀର କେ ଏବଂ ଏଚ୍ଏସ୍ ନଟରାଜ। ହେଲିକପ୍ଟରର ପାଇଲଟ୍ କ୍ୟାପ୍ଟେନ୍ ହିମାଂଶୁ ମଧ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଘଟଣାସ୍ଥଳରେ ସେନା, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍ଡିଆର୍ଏଫ୍), ପୁଲିସ ଓ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ସ୍ଥିତି ଉପରେ ନଜର ରଖିଥିବା କହିଛନ୍ତି। ଗୁରୁତର ଆହତଙ୍କୁ ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁର୍ଘଟଣା ପରେ ସତର୍କତାମୂଳକ ପଦକ୍ଷେପ ଭାବେ ଟ୍ରାନ୍ସ ଭାରତ ଆଭିଏସନ୍ର ସମସ୍ତ ହେଲିକପ୍ଟରର ଉଡ଼ାଣ ଉପରେ ରୋକ୍ ଲଗାଯାଇଛି। ଉଲ୍ଲେଖଯୋଗ୍ୟ, ଚାରିଧାମ ଯାତ୍ରା ମାର୍ଗରେ ହେଲିକପ୍ଟର ଦୁର୍ଘଟଣା ଚିନ୍ତା ବଢ଼ାଇଛି। ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ତଥ୍ୟ ଅନୁଯାୟୀ, ୨୦୧୫ରୁ ୨୦୨୫ ମଧ୍ୟରେ ଏହି ଅଞ୍ଚଳରେ ୮ଟି ଦୁର୍ଘଟଣା ଓ ଗୋଟିଏ ଗୁରୁତର ଘଟଣା ସାମ୍ନାକୁ ଆସିଛି। ୨୦୨୨ ପରଠାରୁ ପ୍ରତିବର୍ଷ ଅତି କମ୍ରେ ଗୋଟିଏ ଦୁର୍ଘଟଣା କିମ୍ବା ଗୁରୁତର ଘଟଣା ଘଟିଛି। ଗତବର୍ଷ ଏହି ଅଞ୍ଚଳରେ ୪ଟି ଦୁର୍ଘଟଣା ଘଟିଥିଲା, ସେଥିମଧ୍ୟରୁ ଦୁଇଟି ପ୍ରାଣଘାତୀ ଥିଲା।

ଭୁଟାନରେ ଉଚ୍ଛୁଳିଲା...

ଭୁଟାନର ଗାସା ଜିଲ୍ଲାର ଶିନ୍ତାଫୁ ହ୍ରଦରେ ଗୁରୁବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ହ୍ରଦରୁ ନିର୍ଗତ ଜଳ ମୋଚ୍ଛୁ ନଦୀ ଦେଇ ଦକ୍ଷିଣ ଦିଗକୁ ପ୍ରବାହିତ ହୋଇଛି। ଭାରତରେ ଏହି ନଦୀ ସାଙ୍କଶ ନାମରେ ପରିଚିତ। ତେଣୁ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇବା ନେଇ ଆଶଙ୍କା ଦେଖାଦେଇଛି। ଆଲିପୁରଦ୍ୱାର, ଦାର୍ଜିଲିଂ, ଜଳପାଇଗୁଡ଼ି, କୁଚବିହାର ଓ ଆସାମର ଧୁବ୍ରି ଜିଲ୍ଲାରେ ସତର୍କତା ଜାରି ହୋଇଛି। ଏନ୍ଡିଆର୍ଏଫ୍ ଓ ଏସ୍ଡିଆର୍ଏଫ୍ ଟିମ୍ ମୁତୟନ କରାଯାଇଛି। ପ୍ରଶାସନ ପକ୍ଷରୁ ନଦୀକୂଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାକୁ କୁହାଯାଇଛି। ପଶ୍ଚିମବଙ୍ଗର ଜଙ୍ଗଲ ମନ୍ତ୍ରୀ ମନୋଜ କୁମାର ଓରାଓଁ ଏବଂ ଦାର୍ଜିଲିଂ ସାଂସଦ ରାଜୁ ବିଷ୍ଟା ମଧ୍ୟ ଲୋକଙ୍କୁ ସତର୍କ ରହିବା ସହ ନିରାପଦ ସ୍ଥାନକୁ ଚାଲିଯିବାକୁ ଅନୁରୋଧ କରିଛନ୍ତି। ତେବେ ଭାରତୀୟ ଅଞ୍ଚଳରେ ସମସ୍ତ ଲୋକ ସୁରକ୍ଷିତ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଆଲିପୁରଦ୍ୱାର ଏସ୍ପି ଅମିତ କୁମାର ଶ'ଙ୍କ ସୂଚନା ଅନୁଯାୟୀ, ପ୍ରାୟ ୪ରୁ ୫ ହଜାର ଲୋକଙ୍କୁ ସ୍କୁଲ ଓ ଅନ୍ୟାନ୍ୟ ଆଶ୍ରୟସ୍ଥଳୀକୁ ନିଆଯାଇଛି। ଏହାବ୍ୟତୀତ ୬ ହଜାରରୁ ଅଧିକ ଲୋକଙ୍କୁ ଅନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନ ପକ୍ଷରୁ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ବ୍ୟବସ୍ଥା କରାଯାଇଛି। ଜଳପ୍ରବାହର ତୀବ୍ରତା ସାମାନ୍ୟ ହ୍ରାସ ପାଇଥିଲେ ମଧ୍ୟ ସାଙ୍କଶ ନଦୀରେ ରେଡ୍ ଆଲର୍ଟ ବଳବତ୍ତର ରହିଛି। ଭୁଟାନରେ ଏହି ବନ୍ୟା ଯୋଗୁଁ ଏଯାଏଁ କୌଣସି ମୃତାହତ ଖବର ମିଳିନାହିଁ।

ସତ୍ୟପାଠ ଦାଖଲ...

ପାଠ୍ୟପୁସ୍ତକରେ ମୋଟ ୧,୬୭୮ଟି ବଡ଼ଧରଣର ତ୍ରୁଟି ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁନ୍ ୧୭ରେ ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ଏକ ପଦକ୍ଷେପ କମିଟି ଗଠନ କରାଯାଇଥିଲା। ଏହାର ରିପୋର୍ଟ ଆଧାରରେ ରାଜ୍ୟ ସରକାର ଏସ୍.ସି.ଇ.ଆର.ଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀଙ୍କ ସମେତ ୪ ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବିତ କରିଥିଲେ। ଏପରିକି କ୍ରାଇମବ୍ରାଞ୍ଚ ପରବର୍ତ୍ତୀ ସମୟରେ ଏହି ମାମଲାରେ ଶ୍ରୀ ପାଢ଼ୀଙ୍କୁ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ଅନୁଯାୟୀ, ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନ ଓ ବଣ୍ଟନ ଯୋଗୁଁ ସରକାରୀ ରାଜକୋଷର ପ୍ରାୟ ୧୭୫ କୋଟି ଟଙ୍କାର କ୍ଷତି ଘଟିଛି। ଆବେଦନକାରୀ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି ଯେ ରାଜ୍ୟ ସରକାରଙ୍କୁ ଶୀଘ୍ର ଛାତ୍ରଛାତ୍ରୀଙ୍କୁ ତ୍ରୁଟି-ମୁକ୍ତ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦିଆଯାଉ, ଭବିଷ୍ୟତରେ ଏଭଳି ଭୁଲ୍ ଏଡ଼ାଇବା ପାଇଁ ଉନ୍ନୟନ କମିସନରଙ୍କ କମିଟିର ସୁପାରିସ ଗୁଡ଼ିକର ବାଧ୍ୟତାମୂଳକ ଅନୁମୋଦନ ଏବଂ ଏକ ସ୍ୱତନ୍ତ୍ର ଗୁଣବତ୍ତା ନିଶ୍ଚିତକରଣ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୯ ତାରିଖକୁ ଧାର୍ଯ୍ୟ କରାଯାଇଛି।

ଲୁଣା ନଦୀବନ୍ଧରୁ...

ସବୁଠାରୁ ଜଟିଳ ଦିଗ ହେଉଛି ମୃତ ମହିଳାଙ୍କ ପରିଚୟ ନିର୍ଣ୍ଣୟ କରିବା। ମୁଣ୍ଡ ନ ଥିବାରୁ ମୃତଦେହକୁ ଚିହ୍ନଟ କରିବା ପୁଲିସ ପାଇଁ ସହଜ ହୋଇନାହିଁ। ମହିଳା ଜଣକ କେଉଁ ଅଞ୍ଚଳର? କେବେଠାରୁ ନିଖୋଜ ଥିଲେ? ତାଙ୍କ ସମ୍ପର୍କରେ କୌଣସି ଥାନାରେ ନିଖୋଜ ଅଭିଯୋଗ ହୋଇଛି କି? ଏସବୁ ଦିଗରେ ତଦନ୍ତ ଆଗକୁ ବଢ଼ିବା ଜରୁରୀ। ଅନ୍ୟପକ୍ଷରେ ମୃତ୍ୟୁର ପ୍ରକୃତ କାରଣକୁ ନେଇ ମଧ୍ୟ ଅନେକ ପ୍ରଶ୍ନ ଉଠୁଛି। ମହିଳାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ନଦୀରେ ଫିଙ୍ଗାଯାଇଛି କି? ପରିଚୟ ଲୁଚାଇବା ପାଇଁ ଜାଣିଶୁଣି ମୁଣ୍ଡ ଅଲଗା କରାଯାଇଛି କି? ନା ନଦୀରେ ଭାସିବା ସମୟରେ ଅନ୍ୟକୌଣସି କାରଣରୁ ଶରୀରରୁ ମୁଣ୍ଡ ଅଲଗା ହୋଇଛି? ଏସବୁ ସମ୍ଭାବନାକୁ ନେଇ ଏବେ ତଦନ୍ତର ଦିଗ ନିର୍ଦ୍ଧାରଣ ହେବା ଆବଶ୍ୟକ। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ବୈଜ୍ଞାନିକ ତଦନ୍ତର ତଥ୍ୟ ଏହି ରହସ୍ୟ ଉନ୍ମୋଚନରେ ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ମୃତ୍ୟୁ ପୂର୍ବରୁ ମହିଳାଙ୍କ ଶରୀରରେ କୌଣସି ଆଘାତ ଲାଗିଥିଲା କି? ମୃତ୍ୟୁ ପରେ ମୁଣ୍ଡ ଅଲଗା କରାଯାଇଥିଲା ନା ଅନ୍ୟକୌଣସି ପରିସ୍ଥିତିରେ ଏଭଳି ହୋଇଛି, ତାହା ତଦନ୍ତରୁ ସ୍ପଷ୍ଟ ହୋଇପାରିବ। ଏଥିସହ ନଦୀର ଉପରମୁଣ୍ଡ ଓ ତଳମୁଣ୍ଡ ଅଞ୍ଚଳରେ ତଦନ୍ତ କରିବା ସହ ନିକଟସ୍ଥ ଥାନାରେ ଥିବା ନିଖୋଜ ମହିଳାଙ୍କ ତଥ୍ୟ ଯାଞ୍ଚ କରିବା ମଧ୍ୟ ଜରୁରୀ। ଏବେ ଲୁଣା ନଦୀର ଏହି ଅଜଣା ମୃତଦେହ ଘଟଣାରେ ଅନେକ ପ୍ରଶ୍ନର ଉତ୍ତର ଅପେକ୍ଷାରେ ରହିଛି। ମୃତ ମହିଳାଙ୍କ ପରିଚୟ ମିଳିବ କେବେ? ତାଙ୍କ ମୃତ୍ୟୁ ପଛରେ ହତ୍ୟାର ଷଡ଼ଯନ୍ତ୍ର ରହିଛି ନା ଏହା ଏକ ଦୁର୍ଘଟଣାଜନିତ ଘଟଣା? ମୁଣ୍ଡର ସନ୍ଧାନ ମିଳିବ କେଉଁଠୁ? ଏସବୁର ଉତ୍ତର ମିଳିଲେ ହିଁ ଘଟଣା ଉପରୁ ପରଦା ହଟିପାରିବ। ତେଣୁ ମୃତଦେହର ପରିଚୟ ଚିହ୍ନଟ ସହ ମୃତ୍ୟୁର ପ୍ରକୃତ କାରଣ ଖୋଜି ବାହାର କରିବା ଏବେ ପୁଲିସ ପାଇଁ ସବୁଠାରୁ ବଡ଼ ଆହ୍ୱାନ ବୋଲି ମତ ପ୍ରକାଶ ପାଇଛି।

ବିଚ୍ଛେଦ ପରେ ସହମତିଭିତ୍ତିକ ସମ୍ପର୍କକୁ ବଳାତ୍କାର କୁହାଯାଇପାରିବନି: ସୁପ୍ରିମକୋର୍ଟ



ପ୍ରତ୍ୟେକ ବିଫଳ ପ୍ରେମ ସମ୍ପର୍କ ଦୁଷ୍କର୍ମ ମାମଲା ହୋଇପାରିବ ନାହିଁ

ଅଭିଯୁକ୍ତଙ୍କୁ ଦୋଷମୁକ୍ତ କଲେ ଖଣ୍ଡପୀଠ

ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି): ଦୁଇଜଣ ସାବାଳକଙ୍କ ମଧ୍ୟରେ ପାରସ୍ପରିକ ସହମତିରେ ଗଢ଼ିଉଠିଥିବା ଶାରୀରିକ ସମ୍ପର୍କ ନେଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଶାରୀରିକ ସମ୍ପର୍କ ରଖିବା ଓ ବିଚ୍ଛେଦ ପରେ ଏହା ଦୁଷ୍କର୍ମ ମାମଲାରେ ପରିଣତ ହୋଇପାରିବ ନାହିଁ ବୋଲି ଶୁକ୍ରବାର କହିଛନ୍ତି ସୁପ୍ରିମକୋର୍ଟ। ବିବାହ ପ୍ରତିଶ୍ରୁତି ଦେଇ ଜଣେ ମହିଳାଙ୍କ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ଫସିଥିବା ଜଣେ ବ୍ୟକ୍ତିଙ୍କୁ କୋର୍ଟ ଦୋଷମୁକ୍ତ କରିଛନ୍ତି। ବିଚାରପତି ବିଭି ନାଗରତ୍ନା ଓ ଆର୍ ମହାଦେବନ୍ଙ୍କ ଖଣ୍ଡପୀଠ କହିଛନ୍ତି, ପ୍ରେମ ଓ ପାରସ୍ପରିକ ସହମତି ଉପରେ ଆଧାରିତ ସମ୍ପର୍କ ବିଫଳ ହେଲେ ତାହାକୁ ଅପରାଧ ଭାବେ ବିବେଚନା କରାଯାଇପାରିବନି। ପ୍ରତ୍ୟେକ ବିଫଳ ସମ୍ପର୍କକୁ ବଳାତ୍କାର ମାମଲା କରିବା ଠିକ୍ ନୁହେଁ। ତେବେ ଆରମ୍ଭରୁ ମିଥ୍ୟା ବିବାହ ପ୍ରତିଶ୍ରୁତି କିମ୍ବା ଠକେଇ ମାଧ୍ୟମରେ ସହମତି ହାସଲ କରାଯାଇଥିଲେ ମାମଲା ଭିନ୍ନ ହେବ। ସେ କ୍ଷେତ୍ରରେ ସହମତି ଠକେଇର ପରିଣାମ କି ନୁହେଁ, ତାହାର ଯାଞ୍ଚ ଆବଶ୍ୟକ। ଖଣ୍ଡପୀଠ କହିଛନ୍ତି, ସମ୍ପର୍କ ଶେଷ କରିବାକୁ ନିଷ୍ପତ୍ତି ନେଇଥିବାରୁ କାହା ବିରୋଧରେ ଆପରାଧିକ ମାମଲା ରୁଜୁ କରିବା ଉଚିତ ନୁହେଁ। ଦୁଷ୍କର୍ମ ଆଇନର ଦୁରୁପଯୋଗ କରି କାହାକୁ ହଇରାଣ କିମ୍ବା ପ୍ରତିଶୋଧ ନେବା ଅନୁଚିତ। ଅନ୍ୟପକ୍ଷରେ, ଯୌନ ହିଂସା, ଜୋରଜବରଦସ୍ତି କିମ୍ବା ଠକେଇର ପ୍ରମାଣ ମିଳିଲେ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବା ଆବଶ୍ୟକ। ସାମାଜିକ ଲଜ୍ଜା ଓ ପରିବାରର ସମ୍ମାନ ହାନି ଭୟରେ ଅନେକ ମହିଳା ଯୌନ ହିଂସାର ଅଭିଯୋଗ କରିପାରନ୍ତି ନାହିଁ। ସେମାନଙ୍କ ସମସ୍ୟାକୁ ମଧ୍ୟ ବୁଝିବା ଜରୁରୀ ବୋଲି କୋର୍ଟ କହିଛନ୍ତି।

ଜାନୁଆରୀ ୧୦ରୁ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା

୨୦୨୭ ମାର୍ଚ୍ଚ ୧ ମଧ୍ୟରାତ୍ରି ହେବ ଆଧାର ତାରିଖ

ଘରକୁ ଘର ବୁଲି ୪୦ଟି ପ୍ରଶ୍ନ ପଚାରିବେ ଗଣନାକାରୀ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଦେଶରେ ୨୦୨୭ ଜାନୁଆରୀ ୧୦ରୁ ଜନଗଣନାର ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ଜନସଂଖ୍ୟା ଗଣନା କରାଯିବ। ଏଥିପାଇଁ ୨୦୨୭ ମାର୍ଚ୍ଚ ୧ ତାରିଖ ମଧ୍ୟରାତ୍ରି ୧୨ଟାକୁ ଆଧାର ସମୟ ଭାବେ ଧାର୍ଯ୍ୟ କରାଯାଇଛି। ଏହି ସମୟକୁ ଆଧାର କରି ଦେଶର ଜନସଂଖ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ ହେବ। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ, ଜାନୁଆରୀ ୧୦ରୁ ୨୪ ତାରିଖ ଯାଏଁ ଇଚ୍ଛାଧୀନ ସ୍ୱୟଂ-ଗଣନା ବ୍ୟବସ୍ଥା ଉପଲବ୍ଧ ହେବ। ଏହା ପରେ ଜାନୁଆରୀ ୨୫ରୁ ଫେବ୍ରୁଆରୀ ୨୮ ଯାଏଁ ଗଣନାକାରୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ମାର୍ଚ୍ଚ ୧ରୁ ୫ ତାରିଖ ମଧ୍ୟରେ ତଥ୍ୟ ଯାଞ୍ଚ ଓ ସଂଶୋଧନ କରାଯିବ। ଏଥର ଜନଗଣନାରେ ଗଣନାକାରୀମାନେ ମୋଟ ୪୦ଟି ପ୍ରଶ୍ନ ପଚାରିବେ। ସେଥିମଧ୍ୟରୁ ୧୩ଟି ପ୍ରଶ୍ନ ନୂଆ ଭାବେ ସାମିଲ ହୋଇଛି। ଏଥିରେ ଧର୍ମ, ଜାତି, ପିତାମାତାଙ୍କ ଜନ୍ମସ୍ଥାନ ଓ ଜନ୍ମତାରିଖ, ଜୀବନସାଥୀଙ୍କ ନାମ ଏବଂ ବ୍ୟାଙ୍କ ଖାତା ସମ୍ପର୍କିତ ତଥ୍ୟ ରହିଛି। ଏହାବ୍ୟତୀତ ନାଗରିକତା, ଡିଜିଟାଲ୍ ସାକ୍ଷରତା, ସ୍ଥାୟୀ ଠିକଣା, ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ମୋବାଇଲ୍, ଆଧାର ଓ ଭୋଟର ପରିଚୟପତ୍ର ସମ୍ପର୍କରେ ମଧ୍ୟ ପ୍ରଶ୍ନ ପଚରାଯିବ। ତେବେ ମଣିପୁର, ଗୋଆ, ଉତ୍ତରପ୍ରଦେଶ, ପଞ୍ଜାବ, ଉ ତ୍ତ ର । ଖ ଣ୍ଡ, ଲଦାଖ, ହିମାଚଳପ୍ରଦେଶ ଓ ଜମ୍ମୁ-କାଶ୍ମୀରରେ ଏହି ସମୟସୂଚୀ ଅନୁଯାୟୀ ଜନଗଣନା ହେବ ନାହିଁ ବୋଲି ରିପୋର୍ଟରେ କୁହାଯାଇଛି। ଏହି ଅଞ୍ଚଳଗୁଡ଼ିକ ପାଇଁ ପରବର୍ତ୍ତୀ ସମୟସୂଚୀ ସମ୍ପର୍କରେ ବିସ୍ତୃତ ତଥ୍ୟ ଦିଆଯାଇନାହିଁ।

ବନ୍ୟା ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ପଚାରିବୁଝିଲେ ରାଷ୍ଟ୍ରପତି

ଭୁବନେଶ୍ୱର,୩୦।୧୦(ସମିସ): ଗଞ୍ଜାମ ଓ ଗଜପତିରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ସମ୍ପର୍କରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ଥିତି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ରାଷ୍ଟ୍ରପତି ବାତ୍ୟା "ଅର୍ଣ୍ଣବ' ପରବର୍ତ୍ତୀ ରାଜ୍ୟର ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହିତ ବାତ୍ୟା ଯୋଗୁଁ ବିସ୍ଥାପିତ ହୋଇଥିବା ଲୋକଙ୍କ ସମେତ ପ୍ରଭାବିତ ଜନସାଧାରଣଙ୍କ ସୁରକ୍ଷା ଓ ଭଲମନ୍ଦ ବିଷୟରେ ମଧ୍ୟ ସେ ଖବର ନେଇଛନ୍ତି।

WANTED

Retired Employees and retired security personnel (holding arms licenses) are required at Jharpokharia Toll Plaza, Mayurbhanj, Odisha.

Contact

8130006980

ଆବଶ୍ୟକ

ଝାରପୋଖରିଆ ଟୋଲ୍ ପ୍ଲାଜା, ମୟୂରଭଞ୍ଜ, ଓଡ଼ିଶା ଠାରେ ଅବସରପ୍ରାପ୍ତ କର୍ମଚାରୀ ଏବଂ ଅବସରପ୍ରାପ୍ତ ସୁରକ୍ଷା କର୍ମଚାରୀ (ଅସ୍ତ୍ର ଲାଇସେନ୍ସପ୍ରାପ୍ତ) ଆବଶ୍ୟକ।

ଯୋଗାଯୋଗ

8130006980

AFFIDAVIT

By virtue of an affidavit no 54 before the Executive Magistrate, Bhubaneswar, dated **30.10.2026**, I, Smt. **Kabita Allis Babina Bhoi**, W/o Kahnu Charan Bhoi, At-Ostapada, PO-Kalarahanga, PS-Mancheswar, Bhubaneswar, Dist-Khordha declare that My correct name is **Kabita Bhoi.** But in my Sale Deed and ROR mentioned as **Babina Bhoi.** That **Kabita Bhoi** and **Babina Bhoi** are one and the same person, i.e., myself.

AFFIDAVIT

By virtue of an affidavit sworn before The Notary Public, Rayagada, No. **10233**, Dated. **29.10.2026**, I, **Raja Nag**, aged about 40 years, S/o-Surekha Nag, formerly called **Phatu Nag**, S/o-Surekha Nag, resident of Vill. JK Pur, PO-JK Pur, PS-Chandili, Dist-Rayagada, 765017, Odisha, declare that I have changed my name from **Phatu Nag** to **Raja Nag.** Henceforth, I shall be known as **Raja Nag** for all purposes.

Raja Nag

AFFIDAVIT

I, Mustaque Ali, aged about 56 years, S/o- Late Md Khalil, resident of RDA Building, Mehtab Road, House No.7, Block No.15, PO: Rourkela-1, PS- Plantsite, Dist-Sundargarh, PIN-769001, Odisha declared by this affidavit No. A/14, dtd-29.10.2026 that now onwards I shall be known as **MD MUSTAK ALI** for all future purposes.

ପୂର୍ବ ତଟ ରେଳପଥ

ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

ନିଲାମ କ୍ୟାଟଲଗ୍ ନଂ.: **SDCM-KUR-Parking Stands**

ଷ୍ଟେସନ ଏବଂ ସ୍ଥାନ : (1) ଯାଜପୁର କେନ୍ଦୁଝର ରୋଡ଼ ମିଶ୍ରିତ (2 ଚକିଆ ଓ 4 ଚକିଆ ଯାନ (ପ୍ଲାଟଫର୍ମ-1 ନିକଟ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 10.11.2026, 1500 ଘଣ୍ଟିକା (କ୍ରମ ସଂ. 1 ପାଇଁ)।

ନିଲାମ ବନ୍ଦ ହେବା ତାରିଖ ଓ ସମୟ : 10.11.2026, 1530 ଘଣ୍ଟିକା (କ୍ରମ ସଂ. 1 ପାଇଁ)।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍ସାଇଟ୍ **www.ireps.gov.in**ର ଆଗାମୀ ଇ-ଅକ୍ସନ ଲିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR- 521/R/26-27

AFFIDAVIT

By virtue of an affidavit on dtd-30.10.2026 sworn before The Executive Magistrate, Bhubaneswar. I, Prasant Kumar Thatei, S/o Madhab Chandra Thatei, resident of At-Nilamanideipur, Po- Pankapala Sasan, Ps- Jakhapura, Dist- Jajpur, Pin-755026, State- Odisha declare that, in my son's (Sairam Kumar Thatei) school record, student of Class-V at (Kendriya Vidyalaya, CRPF peringome school) my name has been wrongly written as **Prasanta Ku Thatei**. My correct name is **Prasant Kumar Thatei** as per my Aadhar Card. That, both the name **Prasanta Ku Thatei** and **Prasant Kumar Thatei** is same and one person. Henceforth, I shall be known as **Prasant Kumar Thatei** (new name) for all official, non-official, and legal purposes.

AFFIDAVIT

By virtue of an affidavit sworn before the Executive Magistrate, Puri, dated 04.08.2026, I, SUBASINI MAJHI, of Luhagada Jaga Lane, Balisahi, P.S.Puri Town, P.O./Dist. Puri, Odisha 752001, declare that I have changed my name from TIKIA MAJHI to SUBASINI MAJHI, Henceforth, I shall be known as **SUBASINI MAJHI** for all purposes.

SUBASINI MAJHI

MUNICIPAL OFFICE, JHARSUGUDA.

"E" Procurement Notice

13001/2304/2627

Tender Call Notice No. 6408 / JM Dt. 29.10.2026

BID Documents consisting of Work, Estimated Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in

1.	Tender Reference	:	**EO/JMC/10/2026-27**
2.	Tender ID No.	:	**2026_ORULB_144641**
3.	Name of the Work	:	**Civil Construction works as mentioned in website.**
4.	No. of works	:	**As per DTCN.**
5.	Estimated Cost	:	**As per DTCN**
6.	Date & Time of availability of Bid Documents in the Portal	:	**30.10.2026 at 12.00 PM**
7.	Last date & time for receipt of bids in the portal	:	**10.11.2026 at 06.00 PM**
8.	Bids received online shall be opened on	:	**12.11.2026 at 4.00 PM**
9.	Name and address of the Officer inviting	:	Executive Officer, Jharsuguda Municipality.
10.	Further details can be seen from the procurement portal i.e. www.tenderodisha.gov.in		

Executive Officer, Jharsuguda Municipality.

OIPR-13001/13165/1/26-27/0021

ଜଗତସିଂହପୁର ପୌରପରିଷଦ, ଜଗତସିଂହପୁର

13001/2307/2627

OFFICE OF THE JAGATSINGHPUR MUNICIPALITY, JAGATSINGHPUR

ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା

No. 6554 | Date: 28.10.2026

Corrigendum to Detailed Tender Call Notice

Notice No. & Date	:	6362 / 13.10.2026
Bid Identification No.	:	2026_ORULB_143520_1

In partial modification of the E-Procurement Notice No. 6362 dated 13.10.2026, the following corrections/clarifications are hereby made in respect of the Detailed Tender Call Notice (DTCN):

1. **Class of Contractor:** The class of contractor specified in the DTCN shall be read as **"B" Class Contractor of Odisha State PWD or equivalent class of CPWD/Railways/ MES/MSME/Central Government or other State Government,** instead of "C" Class Contractor.
2. **Earnest Money Deposit (EMD):** The EMD amount specified throughout the DTCN shall be read as **₹1,06,68,657/- (Rupees One Lakh Six Thousand Six Hundred Eighty-Seven only)** instead of ₹10,66,869/- or any other amount mentioned in the DTCN towards EMD.

All other terms and conditions of the aforesaid E-Procurement Notice and the DTCN shall remain unchanged.

This corrigendum shall be read as an integral part of the aforesaid E-Procurement Notice and the DTCN.

Executive Officer Jagatsinghpur Municipality

OIPR-13001/13087/1/26-27/0011

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ punjab national bank

ସମ୍ବଲପୁର ଶାଖା, ସିଏମ୍ସି, (ଏଚ୍ପିଏଲ୍ପି), ସା: ୧ମ ମହଲା, ବିସପ୍ ହାଉସ୍, ପୋ: ଅଇଁଠାପଲୀ, ସମ୍ବଲପୁର, ଓଡ଼ିଶା-୭୬୮୦୦୪, ଇମେଲ: plp7186@pnb.bank.in

ସର୍ବସାଧାରଣ ନୋଟିସ୍

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, **ବ୍ରଜକିଶୋର ଦାଶ** ନିମ୍ନୋକ୍ତ ବର୍ଣ୍ଣିତ ସମ୍ପତ୍ତିକୁ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ (**PNB**)ଙ୍କ ସପକ୍ଷରେ ବନ୍ଧକ ରଖିବା ପାଇଁ ପ୍ରସ୍ତାବ ରଖିଛନ୍ତି। **ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ** ନାମରେ ଥିବା ଉକ୍ତ ମୂଳ ଲିଙ୍କ୍ ଦଲିଲ୍ ବ୍ରଜକିଶୋର ଦାଶଙ୍କ ଦ୍ୱାରା ହଜିଯାଇଛି/ଭୁଲବଶତଃ କେଉଁଠାରେ ରହିଯାଇଛି ।

ସମ୍ପତ୍ତିର ବିବରଣୀ: ଦଲିଲ୍ ନଂ.: ୧୧୯୨/୧୯୯୮, ତାରିଖ: ୧୨.୦୬.୧୯୯୮, ମୌଜା: ଧନକଉଡା, ଥାନା: ସମ୍ବଲପୁର ନଂ.: ୨୪, ତହସିଲ/ଜିଲ୍ଲା: ସମ୍ବଲପୁର, ଚକ ଖାତା ନଂ.: ୯୭ ଏବଂ ପ୍ଲଟ୍ ନଂ.: ୮୩, କ୍ଷେତ୍ର: ୦.୧୦୦ ଡିସିମିଲି।

କୌଣସି ବ୍ୟକ୍ତିଙ୍କର ଯଦି ଉପରୋକ୍ତ କଥିତ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ, ଅଧିକାର, ମାଲିକାନା, ଦେୟ, ଲିଏନ୍, ଅଭିଯୋଗ / ଆପତ୍ତି ଥାଏ, ଏହି ନୋଟିସ୍ ପ୍ରକାଶନର ୭ ଦିନ ମଧ୍ୟରେ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଏଚ୍ପିଏଲ୍ପି ସମ୍ବଲପୁର ଶାଖା ନିକଟରେ ଉକ୍ତ ସମ୍ପତ୍ତି ସମ୍ବନ୍ଧୀୟ ଦଲିଲ୍ / କାଗଜାତ୍ ଦାଖଲ କରିବେ, ଅନ୍ୟଥା ବ୍ୟାଙ୍କ ପ୍ରସ୍ତାବିତ ବନ୍ଧକ ପ୍ରକ୍ରିୟାରେ ଅଗ୍ରସର ହେବ।

ସ୍ଥାନ: ସମ୍ବଲପୁର, ତାରିଖ: ୩୦.୧୦.୨୦୨୬ | ମୁଖ୍ୟ ପ୍ରବନ୍ଧକ

LOST

One customer **Mr. Niranjan Behera**, S/o: Rama Chandra Behera, as principal borrower had mortgaged his purchased landed property measuring Area: Ac. 0.052 Dec. appertaining to Plot No.: 4735/ 4971 recorded in Khata No.: 1015 of Mouza: Gadakana, PS: Bhubaneswar No.: 88, in the bank by depositing his original Regd. Sale Deed No.: 7264, Dt. 23.11.2001, in the bank for availing loan and creating mortgage over such property. On tracing of such sale deed by us for certain purpose, it was not traced and missing. Inspite of dilligent search we could not trace out Regd. Sale Deed No.: 7264 till today. We have also noted such fact with Police Station with Complaint No as 24483023072600152, Dt. 21.10.2026. If any person is equipped with such sale deed please deposit such deed within 30 days of this notice with the bank otherwise any claim or charge over such property or document of such person shall be void thereafter.

ବିଶେଷ ସୂଚନା

ଏତଦ୍ଦ୍ୱାରା ହୀରାକୁଦ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ,ଭଉଣୀ ଓ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବର୍ତ୍ତମାନ ଧାନ ଗର୍ଭଣୀ ଅବସ୍ଥାରେ ଥିବା ହେତୁ ଚାଷ ଜମିରେ ପାଣିର ଆବଶ୍ୟକତା କୁ ଦୃଷ୍ଟିରେ ରଖି ତା.୩୧-୧୦-୨୦୨୬ ରିଖରେ ବରଗଡ ମୁଖ୍ୟ କେନାଲ ଦ୍ୱାରା ସମସ୍ତ କେନାଲକୁ ଜଳଯୋଗାଣ ବନ୍ଦ କରାଯିବା ପୂର୍ବ ନିଷ୍ପତ୍ତିକୁ ବର୍ତ୍ତମାନ ସଂଯୁକ୍ତ କୃଷକ ସଙ୍ଗଠନ ବରଗଡ଼, ବିଭିନ୍ନ ପାଣି ପଞ୍ଚାୟତ ଙ୍କ ଅନୁରୋଧ ଏବଂ ଜିଲ୍ଲା କୃଷି ଅଧିକାରୀ ବରଗଡ ଙ୍କ ପତ୍ର ସଂଖ୍ୟା ୪୭୪୩ ତା.୩୦-୧୦-୨୦୨୬ ରିଖ ଅନୁଯାୟୀ ଖରିଫ ଧାନ ଅମଳ ପାଇଁ ବରଗଡ ମୁଖ୍ୟ କେନାଲ ଦ୍ୱାରା ଜଳଯୋଗାଣ ର ଅବଧିକୁ ତା.୧୦-୧୧-୨୦୨୬ ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରାଗଲା।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ଼ ଜଳସେଚନ ବିଭାଜନ, ବରଗଡ଼

25001/1412/2627 | E-Mail ID: eerw_blgr@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION : BOLANGIR

e - Procurement Notice

IFB IDENTIFICATION NO. EEBLGR-Online-09-2026-27

1	Name of work	:	Road Works
2	Total no of works	:	2 (Two) nos
3	Approximate Estimated Cost	:	Rs. 58.82 to 80.67 Lakh
4	Time for completion	:	2 (Two) calendar months
5	Mode of Submission of tender	:	Tender should be submitted online in www.tendersodisha.gov.in
6	Other details are as follow	:	As per TCN No. EEBLGR-Online-09/2026-27

Procurement Officer	Bid Identification No.	Availability of Tender on-line for bidding		Last Date & Time of seeking clarification on Tender	Date & Time of opening of tender	
		From	To		Technical Bid	Financial Bid
1	2	3	4	5	6	7
Superintending Engineer Rural Works Division Balangir	EEBLGR-Online-09/2026-27	03.11.2026 at 11.00 A.M.	12.11.2026 upto 5.00 P.M.	11.11.2026 at 11.00 A.M.	13.11.2026 at 11.00 A.M.	The date will be intimated later on

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd/-
Superintending Engineer
R.W. Division, Bolangir

OIPR-25001/25068/1/26-27/0012

ସକାଳ
THE SAKALA

‘ଅର୍ଣ୍ଣବ’ ପ୍ରଭାବରେ ବ୍ୟାପକ ଧାନ ଚାଷ ନଷ୍ଟ

ପାରଳାଖେମୁଣ୍ଡି, ୩୦।୧୦ (ସମିସ) :



ସାମୁଦ୍ରିକ ଝଡ ‘ଅର୍ଣ୍ଣବ’ ପ୍ରଭାବରେ ଲଗାଣ ବର୍ଷା ଚାଷୀଙ୍କୁ କନ୍ଦାଇଦେଇଛି । ଚଳିତ ବର୍ଷ ଖରିଫ ଚାଷ ଆରମ୍ଭରେ ଅଭାବି ବର୍ଷା କନ୍ଦାଇବାର ଆରମ୍ଭ କରିଥିଲା । ଏଥି ଯୋଗୁଁ ଚାଷୀମାନେ ଜଳସେଚନ ପାଇଁ ନିଜ ନିଜ ଖର୍ଚ୍ଚ ଓ ପରିଶ୍ରମ ବଳରେ ଧାନ ଗଛ ଉଠିବା ପର୍ଯ୍ୟନ୍ତ ଅକ୍ଳାନ୍ତ ହୋପଡିଥିଲା। ତେବେ ‘ଅର୍ଣ୍ଣବ’ ଆସିବା ପୂର୍ବ ଦିନ ପର୍ଯ୍ୟନ୍ତ ଜମିକୁ ଜଳସେଚନ ହୋପାରୁନଥିବା ଯୋଗୁଁ ମରୁଡି ଆଶଙ୍କା କରୁଥିଲେ। ହେଲେ ପାଣିପାଗ ବିଭାଗର ପୂର୍ବଅନୁମାନ ପ୍ରକାରେ “ଅର୍ଣ୍ଣବ” ’ ପ୍ରଭାବରେ ହେବାକୁ ଥିବା ବର୍ଷା ଜମିକୁ ଜଳସେଚନ ହେବା ଆଶା ସଞ୍ଚାରିଥିଲେ। ହେଲେ ଏହି ‘ଅର୍ଣ୍ଣବ’ ପ୍ରଭାବରେ ଜିଲ୍ଲାରେ ହୋଇଥିବା ବର୍ଷା ପରିମାଣ ରେକଡ ସଂଖ୍ୟକ ପାଲଟିଥିଲା । ବନ୍ୟା ପରିସ୍ଥିତି ଉପୁଜି କ୍ଷୟକ୍ଷତି କରିପକାଇଲା । ଜୁଆଡେ ଦେଖିଲେ ସିଆଡେ ପାଣି ଦେଖାଗଲା । ବୁଡିଗଲା ଚାଷୀଙ୍କ ଚାଷଜମି । ଜମିରେ ଚାଲିଲା ପାଞ୍ଚ ଫୁଟରୁ ଉର୍ଦ୍ଧ ଜଳସ୍ରୋତ । ଆଉ ଏହି ପାଣିରେ ଡୁବିଥିବା ନିଜ ନିଜ ଧାନ ଗଛକୁ ଚାଷୀ ଖୋଜିବା ଭଳି ପରିସ୍ଥିତି ଉପୁଜିଲା । ପ୍ରଥମେ ମରୁଡି ପ୍ରଭାବରେ ଧାନଗଛ ପୋଡିବା ଆଶଙ୍କାକୁ ବୁଡାଇଦେଲା ସାମୁଦ୍ରିକ ଝଡ । ଚଳିତବର୍ଷର ଅତ୍ୟାଧିକ କଷ୍ଟ ବା ପରିଶ୍ରମ ଧାନ ବିକ୍ରି ପରେ କିଛିଟା ଲାଘବ ହେବ ବୋଲି ଯେଉଁ ଆଶା ରଖିଥିଲା ସେହି ଆଶା ମୌଳିଯାଇଛି । ଆଉ କେଇଟା ମାସ ପରେ ଧାନ ଅମଳ ହୋଇଥାନ୍ତା । ବର୍ଷଯାକର ପରିଶ୍ରମ, ଦାନାପାଣି ବିଲରେ ଭାସୁଥିବାର ଦେଖି ଲୁହ ଗଡାଉଛନ୍ତି ଚାଷୀ । କ୍ଷତିର ପରିମାଣ ଆଉ ମିଳିବ କି ନାହିଁ ସେ ନେଇ ଆଶଙ୍କାରେ ଚାଷୀ କୂଳ ରହିଛନ୍ତି । ଗଜପତି ଜିଲ୍ଲାର ୭ ଗୋଟି ବ୍ଲକ ମଧ୍ୟରୁ କାଶୀନଗର ଓ ଗୋଷାଣି ଦୁଇଟି ବ୍ଲକ ଧାନ ଚାଷ ପାଇଁ ବାତାବରଣ ଅନୁକୁଳ ଅଟେ । ଏହି ଦୁଇ ଗୋଟି ବ୍ଲକ ମଧ୍ୟରୁ ଗୋଷାଣି ବ୍ଲକ ପ୍ରମୁଖ ଅଟେ । ସାମୁଦ୍ରିକ ଝଡ ଜନିତ ବର୍ଷା ଯୋଗୁଁ ବ୍ଲକର ପ୍ରାୟ ସମସ୍ତ ସ୍ଥାନରେ ଧାନଚାଷ ପ୍ରଭାବିତ ହୋଇଛି । ବିଶେଷ କରି ନଦୀକୁଳିଆ ତଥା ଜଳାଶୟ ଅଞ୍ଚଳରେ ବହୁ ପ୍ରଭାବ ପକାଇଛି । ଆଜି ବର୍ଷାର ବିରତି ପରେ ଜମିରୁ ଜଳନିଷ୍କାସନ ହେବାରେ ଲାଗିଛି । ତେବେ ଆଜି ବି ଅନେକ ଧାନଗଛ ଭରା ଜମିରେ ପାଣିର ସ୍ରୋତ ଚାଲୁଥିବାର ଦେଖିବାକୁ ମିଳିଛି । ଜଳସ୍ରୋତ ନିଷ୍କାସନ ହେଉଥିବା ଅଞ୍ଚଳରେ ଧାନଗଛକୁ ଦେଖିବା ପାଇଁ ଡେଥିଲେ ଚାଷୀ । ଏହାପରେ ନଷ୍ଟ ହୋଇଥିବା ଧାନକୁ କୌଣସି ମତେ ବଞ୍ଚାଇବା ପାଇଁ ଧାଁ ଡେ ଆରମ୍ଭ ହୋଇଥିଲା । ଯୁଆଡେ ଦେଖିଲେ ଚାଷୀଙ୍କ ଚହଳ । କିଏ ହୁଡା ଭାଙ୍ଗୁଛିତ କିଏ ପାଣିରେ ଡୁବିଥିବା ଧାନଗଛକୁ ବାହାର କରି ଦେଖାଉଛନ୍ତି । ଯଦି ଓ ଧାନ ଗଛ ବଞ୍ଚିଗଲେ ମଧ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଏଫ୍ଏକ୍ୟୁ ମାନଦଣ୍ଡରେ ଧାନ ଆସିବନାହିଁ ବୋଲି ଆକଳନ କରିଛନ୍ତି ଚାଷୀ ମାନେ । ଏପରି ଜଳାବର୍ଣ୍ଣ ଯୋଗୁଁ ଧାନ ଅମଳ ହେବା ପରେ ଏହାର ବର୍ଣ୍ଣ ବି ବଦଳିଯିବ ବୋଲି ମଧ୍ୟ ଆକଳନ କରିଛନ୍ତି । ବନ୍ୟା ଜଳସ୍ରୋତରେ ଜମିରେ ଶୋଇପଡିଥିବା ଧାନଗଛକୁ ଦେଖି ଚାଷୀମାନେ କାନ୍ଦୁଥିବା ବେଳେ ଚାଷ ପାଇଁ କରିଥିବା ଧାର, କରଜ ଏବେ କେମିତି ଶୁଝାଯିବ ସେନେଇ ବ୍ୟତିବ୍ରସ୍ତ ହୋଇପଡିଛନ୍ତି । ବ୍ଲକର ସବରା, ଚିନ୍ତାପଲ୍ଲୀ, ଗୁରାଣ୍ଡି, ମହେନ୍ଦେଇପୁର, ମାଛମରା, ଜଙ୍ଗଲପାଡୁ, ଶରଧାପୁର, ବାଘଶାଳା, ଅଗରଖଣ୍ଡି, ବାପୁଜୀପେଣ୍ଟ, କାମଧେନୁ ଗ୍ରାମାଞ୍ଚଳ ସମେତ ତଳି ଅଞ୍ଚଳର ଚାଷଜମି ଗୁଡିକ ବ୍ୟାପକ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ତେବେ ଯଦିଓ ଧାନ ଗଛ ବଞ୍ଚିଲେ ମଧ୍ୟ ସରକାରଙ୍କ ଏଫଏକ୍ୟୁ କୁ ନେଇ ସର୍ବାଧିକ ଚିନ୍ତିତରେ ରହିଛନ୍ତି । ବର୍ତ୍ତମାନର ସ୍ଥିତିରେ ଧାନଗଛର ଅବସ୍ଥା ଦେଖିଲେ ଏହାର ଏହା ଏଫଏକ୍ୟୁ ମାନଦଣ୍ଡ ପୂରଣ କରିବ ନାହିଁ । ସରକାରଙ୍କ ଏଫଏକ୍ୟୁ ମାନ ବର୍ତ୍ତମାନ ଚାଷୀଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଥିବା ବେଳେ ଏନେଇ ସରକାର ଗୁରୁତର ସହ ବିଚାର କରି ଫସଲ ନଷ୍ଟ ହୋଇଥିବା ଅଞ୍ଚଳରେ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି ।

ବଢୁଛି ଧନେଇ ଜଳଭଣ୍ଡାରର ଜଳସ୍ତର

• ଜଳ ନିଷ୍କାସନ, ତଳିଆ ଅଞ୍ଚଳବାସୀଙ୍କୁ ସତର୍କ କଲା ପ୍ରଶାସନ



ପୋଲସରା,୩୦।୧୦(ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ପୋଲସରା ଅଞ୍ଚଳରେ ଲଗାତାର ପ୍ରବଳ ବର୍ଷା ଯୋଗୁଁ ଧନେଇ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି । ଜଳଭଣ୍ଡାରରେ ଜଳ ପରିମାଣ ବଢୁଥିବାରୁ ଅତ୍ୟାଧୁନିକ ସ୍ୱୟଂଚାଳିତ ସ୍ଲୁଇସ୍ ଗେଟ୍ ମାଧ୍ୟମରେ ବନ୍ୟାଜଳ ନିଷ୍କାସନ କରାଯାଉଛି । ଏଥିସହ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଲଗାତାର ସତର୍କ କରାଯିବା ସହ ସଚେତନ କରାଯାଉଛି । ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଇଂ. ସଞ୍ଜୀବ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଳ ନିଷ୍କାସନ ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ କରାଯାଉଥିବା ସୂଚନା ମିଳିଛି । ସେହିପରି ପୋଲସରା ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶିଭୂଷଣ ମହାପାତ୍ର ଧନେଇ ଜଳଭଣ୍ଡାରର ଜଳସ୍ତର ଓ ଉପାନ୍ତ ଅଞ୍ଚଳର ସ୍ଥିତିକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ବୈଠକ କରି ଆଲୋଚନା କରିଛନ୍ତି । ବର୍ଷା ଜାରି ରହିଥିବାରୁ ଜଳଭଣ୍ଡାରର ସ୍ଥିତି ଓ ଜଳ ନିଷ୍କାସନ ଉପରେ ନିୟମିତ ନଜର ରଖାଯାଉଛି । ଯେକୌଣସି ପରିସ୍ଥିତିରେ ବନ୍ୟା ସ୍ଥିତି ଉପୁଜିବାକୁ ରୋକିବା ଏବଂ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଜଳସେଚନ ବିଭାଗ ଓ ବ୍ଲକ୍ ପ୍ରଶାସନ ସଜାଗ ରହିଥିବା ବିଡିଓ ଶ୍ରୀ ମହାପାତ୍ର ଓ ନିର୍ବାହୀ ଯନ୍ତ୍ରୀ ଶ୍ରୀ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।



ଗଞ୍ଜାମ ଜିଲ୍ଲାର ବନ୍ୟାଞ୍ଚଳରେ ରିଲିଫ୍ ଅପରେସନ୍

ଅନ୍‌ଲାଇନ ଗେମରେ ଲକ୍ଷାଧିକ ଟଙ୍କା ହାରି ଆବୁଧାବିରେ ଜୀବନ ହାରିଲେ ଓଡ଼ିଆ ଶ୍ରମିକ



ଖଲ୍ଲିକୋଟ, ୩୦।୧୦(ସମିସ): ଅନଲାଇନ ଗେମ୍ ନେଲା ଜୀବନ । ପରିବାର ପ୍ରତିପୋଷଣ ପାଇଁ ଯାଇଥିଲେ ସୁଦୂର ଆବୁଧାବି ସହର କୁ, ହେଲେ ଅନଲାଇନ ଗେମ୍‌ର ମାୟା ଜାଲରେ ପଡି ସେଠାରେ ନିଜର ଜୀବନ ହାରିଛନ୍ତି ଜଣେ ପ୍ରବାସୀ ଓଡ଼ିଆ ଶ୍ରମିକ। ଏଭଳି ଏକ ଦୁଃଖଦ ଖବର ପହଁଚିଛି ଖଲ୍ଲିକୋଟ ଅଞ୍ଚଳରେ। ମିଳିଥିବା ସୂଚନା ଅନୁଯାୟୀ, ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କନକା ଗ୍ରାମ ର ଅନାଥ ନାୟକଙ୍କ ପୁଅ ବାବୁଲା ନାୟକ (୨୫) ପରିବାର ପ୍ରତିପୋଷଣ ପାଇଁ ଗତ ୨୦୨୪ ମସିହା ଅକ୍ଟୋବର ମାସ ରେ କାମ କରିବାକୁ ଜଣେ ଠିକାଦାରଙ୍କ ଜରିଆରେ ସୁଦୂର ଆବୁଧାବି ସହରକୁ ଯାଇଥିଲେ। ସେଠାରେ ସେ ହେଟକୋ ନାମକ ଏକ ଘରୋଇ କମ୍ପାନୀରେ ଫିଟର ଭାବେ କାମ କରୁଥିଲେ। କିଛି ଦିନ ପର୍ଯ୍ୟନ୍ତ ସବୁ ଠିକଠାକ ଚାଲିଥିବା ବେଳେ ହଠାତ ବାବୁଲା ନିଜ ଗ୍ରାମର ଜଣେ ଯୁବକ ଚଳାଉଥିବା କେସିନୋ ଅନଲାଇନ ଗେମ୍‌ର ମାୟା ଜାଲରେ ପଡ଼ିଥିଲେ। ଗେମ୍ ଫାଶରେ ପଡି ଲକ୍ଷାଧିକ ଟଙ୍କା ହାରିଥିଲେ। ହାରି ଯାଇଥିବା ଟଙ୍କା ଶୁଝିବାକୁ ତାଙ୍କ ଗ୍ରାମର ସମ୍ପୃକ୍ତ ଯୁବକ ବାରମ୍ବାର ଚାପ ପକେଇଲା ଏପରିକି ଜୀବନରୁ ମାରି ଦେବାର ଧମକ ମଧ୍ୟ ଦେଇଥିବା ପରିବାର ଲୋକେ ଥାନା ରେ ଅଭିଯୋଗ କରିଛନ୍ତି। ସେହି ଚାପକୁ ଏଡାଇ ନପାରି ଶେଷରେ ଗତ ମଙ୍ଗଳବାର ୨୭ ତାରିଖ ରେ ଆବୁଧାବିରେ କୌଣସି ବିଷାକ୍ତ ଦ୍ରବ୍ୟ ପାନ କରି ନିଜ ଜୀବନ ହାରିଥିଲେ ବାବୁଲା ନାୟକ। ବାବୁଲା ଘରର ଏକମାତ୍ର ରୋଜଗାର କ୍ଷମ ପୁତ୍ର ଥିଲେ। ଘର ଲୋକେ ଏହାକୁ ସହଜ ରେ ଗ୍ରହଣ କରିପାରୁ ନାହାନ୍ତି। ତେବେ ଖୁବଶୀଘ୍ର ବାବୁଲା ନାୟକଙ୍କ ମୃତଦେହ ଗାଁକୁ ଫେରାଇ ଅଣାଯିବ ବୋଲି ପ୍ରବାସୀ ଓଡ଼ିଆ ଶ୍ରମିକ ସହାୟତା କେନ୍ଦ୍ରର ସଂଯୋଜକ କ୍ରିଷ୍ଣା ପ୍ରସାଦ ପ୍ରଧାନ କହିଛନ୍ତି।

ଅସହାୟ ଗର୍ଭବତୀଙ୍କୁ ସହାୟ ହେଲା ଘରୋଇ ନର୍ସିଂ ହୋମ

ପାତ୍ରପୁର, ୩୦।୧୦(ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ସୀମାନ୍ତ ପାତ୍ରପୁର ଅଞ୍ଚଳ ଜଳବନ୍ଦୀ ହୋଇଥିବା ବେଳେ ଆନ୍ଧ୍ର ପୋଲେରୁ ଗ୍ରାମର ଏମ. ସନ୍ତୋଷଙ୍କ ପତ୍ନୀ ଏମ. ସୁନୀତା ଗର୍ଭ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ଡାକ୍ତର ସୁନୀତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରିବାକୁ କହିଥିଲେ। ରାସ୍ତା ନ ଥିବାରୁ ସୁନୀତାଙ୍କ ପରିବାର ଲୋକେ ବାଧ୍ୟ ହୋଇ ପାତ୍ରପୁରସ୍ଥିତ ସତ୍ୟସାଇ ନର୍ସିଂ ହୋମ ରେ ଭର୍ତ୍ତି କରିଥିଲେ। ଡ଼ା ବି. ରମେଶ ଚନ୍ଦ୍ର ଓ ତାଙ୍କ ଟିମ୍ ଚେଷ୍ଟାରେ ସୁନୀତା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ବାତ୍ୟା ଅର୍ଣ୍ଣବରେ ଜନ୍ମ ନେଇଥିବାରୁ ଶିଶୁ ପୁତ୍ରର ନାମ ଦେଇଥିବା ବେଳେ ଉଭୟ ମା ଓ ଶିଶୁ ସୁରକ୍ଷିତ ଥିବା ଜଣାପଡିଛି।

ବନ୍ୟା ପରିସ୍ଥିତି ଅନୁଧ୍ୟାନ କଲେ ସାଂସଦ, ବିଧାୟକ, ପୂର୍ବତନ ବିଧାୟକ



ଗଞ୍ଜାମ,୩୦।୧୦(ସମିସ): ବନ୍ୟା କ୍ଷୟକ୍ଷତି ଗଞ୍ଜାମ ବ୍ଲକ ଅଞ୍ଚଳ ବାସୀଙ୍କ ସ୍ଥିତି ପରକ୍ଷିଛନ୍ତି ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା। ଗତ କାଲି ପୂର୍ବତନ ଉପ ବାଚସ୍ପତି ରାମଚାନ୍ଦ୍ର ପଣ୍ଡା ମଧ୍ୟ ବିଭିନ୍ନ ଅଂଚଳ ଗ୍ରସ୍ତ କରି ବନ୍ୟା ପ୍ରପୀଡ଼ିତ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଛନ୍ତି। ଏଥି ସହ ଗଞ୍ଜାମ ବ୍ଲକ ସନ୍ତୋଷ ପୁର ପଞ୍ଚାୟତ ଓ ମଲାଡ଼ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ବନ୍ୟା ବିପନ୍ନଙ୍କୁ ଭେଟି ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପ୍ରଶାସନ ସହ ସିଧାସଳଖ ଆଲୋଚନା କରିଥିଲେ ପୂର୍ବତନ ବିଧାୟକ। ଖଣ୍ଡଦେଉଳୀ, ପୋଇରାଣି, କାର୍ତ୍ତିକ ଡ଼ୀ ଗ୍ରାମର ଜଳ ମଗ୍ନ ଧାନ ଚାଷ ଜମି ବୁଲି ଦେଖିଥିଲେ। ପୂର୍ବତନ ବିଧାୟକଙ୍କ ବାତ୍ୟା ଅନୁଧ୍ୟାନ ବେଳେ ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ପୂର୍ବତନ ସମିତି ସଭ୍ୟ ସଭ୍ୟ କୈଳାସ ଚନ୍ଦ୍ର ସ୍ୱାଇଁ, ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଜିତୁ ପଣ୍ଡାଙ୍କ ସମେତ ବିଜେଡି ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ସୀମାନ୍ତ ପାତ୍ରପୁରରେ ଜଳବନ୍ଦୀ ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ



ପାତ୍ରପୁର, ୩୦/୧୦ (ସମିସ): ବାତ୍ୟା ‘ଅର୍ଣ୍ଣବ’ର ପ୍ରଭାବରେ ଗଞ୍ଜାମ ଜିଲ୍ଲାର ସୀମାନ୍ତ ପାତ୍ରପୁର ଅଞ୍ଚଳରେ ବନ୍ୟା ସ୍ଥିତି ଗମ୍ଭୀର ରୂପ ଧାରଣ କରିଛି। ଲଗାଣ ବର୍ଷା ଓ ବାତ୍ୟାର ପ୍ରଭାବରେ ସମଗ୍ର ଅଞ୍ଚଳର ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅନେକ ଗ୍ରାମର ରାସ୍ତାଘାଟ ଜଳମଗ୍ନ ହୋଇଥିବାବେଳେ ତଳିଆ ଅଞ୍ଚଳରେ ରହୁଥିବା ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ଅନ୍ୟପକ୍ଷରେ ହଜାର ହଜାର ହେକ୍ଟର ଚାଷଜମି ଜଳମୟ ହୋଇପଡ଼ିଥିବାରୁ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ବାତ୍ୟାର ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଅଞ୍ଚଳର ବିଭିନ୍ନ ନଦୀ, ନାଳ ଓ ଜଳାଶୟରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ନିମ୍ନାଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ବର୍ଷାଜଳ ପ୍ରବେଶ କରିଛି। ଅନେକ ଘରର ଚାରିପାଖରେ ପାଣି ଜମି ରହିଥିବାରୁ ଲୋକମାନେ ଘରୁ ବାହାରିବାକୁ ଅସମର୍ଥ ହୋଇଛନ୍ତି। ଯାତାୟାତ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଛି। କେତେକ ସ୍ଥାନରେ ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବାରୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇଛି। ଜଳବନ୍ଦୀ ଏ ସରଧାପୁର, ବି ସରଧାପୁର, ସି ସରଧାପୁର, ସବରଦେଇପେଟା, ବଳରାମପୁର ପ୍ରମୁଖ ଅଞ୍ଚଳର ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିବା ବେଳେ ଜୟନ୍ତିପୁର, କେଶରିପଡ଼ା, ଗୁଡିପଡର ପ୍ରମୁଖ ଅଞ୍ଚଳର ଅପରାହ୍ନରେ ରନ୍ଧା ଖାଦ୍ୟ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଅନ୍ୟପକ୍ଷରେ ବାତ୍ୟା ଓ ବର୍ଷାର ସବୁଠାରୁ ଅଧିକ ପ୍ରଭାବ କୃଷି କ୍ଷେତ୍ର ଉପରେ ପଡ଼ିଛି। ପାତ୍ରପୁର ଅଞ୍ଚଳର ହଜାର ହଜାର ହେକ୍ଟର ଚାଷଜମି ପାଣିରେ ବୁଡ଼ି ରହିଛି। ଧାନ ଫସଲ ସମେତ ବିଭିନ୍ନ ପ୍ରକାର ଚାଷ ଜଳମଗ୍ନ ହୋଇଥିବାରୁ ଚାଷୀମାନେ ବ୍ୟାପକ କ୍ଷତିର ଆଶଙ୍କା କରୁଛନ୍ତି।

ଷଷ୍ଠ ଦିନରେ ଛତ୍ରପୁରରେ ମା’ ଗଜଲକ୍ଷ୍ମୀଙ୍କ ପୂଜା



ଛତ୍ରପୁର, ୩୦।୧୦(ସମିସ): ପବିତ୍ର କୁମାର ପୂର୍ଣ୍ଣିମାଠାରୁ ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ସହର ମା’ ଗଜଲକ୍ଷ୍ମୀଙ୍କ ପୂଜାକୁ ନେଇ ଚଳଚଞ୍ଚଳ ହୋଇଉଠିଛି। ଲୋୟର ବସଷ୍ଟାଣ୍ଡସ୍ଥିତ ଲକ୍ଷ୍ମୀ ବଜାର କମ୍ପ୍ଲେକ୍ସ ପରିସରରେ ଆୟୋଜିତ ମା’ ଗଜଲକ୍ଷ୍ମୀଙ୍କ ପୂଜା ଶୁକ୍ରବାର ଷଷ୍ଠ ଦିନରେ ପହଞ୍ଚିଛି। ସୁସଜ୍ଜିତ ମେଢରେ ମା’ ଗଜଲକ୍ଷ୍ମୀଙ୍କ ମନୋମୁଗ୍ଧକର ପ୍ରତିମା ଝଲସି ଉଠୁଥିବା ବେଳେ ମା’ଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ ପ୍ରତିଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ପୂଜାମଣ୍ଡପରେ ବେଦମନ୍ତ୍ର ଉଚ୍ଚାରଣ ସାଙ୍ଗକୁ ମହିଳା ଭକ୍ତଙ୍କ ହୁଳହୁଳି ଏବଂ ‘ଜୟ ମା’ ଗଜଲକ୍ଷ୍ମୀ’ ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଉଠୁଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ମା’ଙ୍କ ପୂଜାର୍ଚ୍ଚନା ଓ ଆଳତି ସମ୍ପନ୍ନ ହେଉଥିବା ବେଳେ ଶ୍ରଦ୍ଧାଳୁମାନେ ଭକ୍ତିଭାବରେ ଆଳତି ଦର୍ଶନ କରୁଛନ୍ତି। ଏହି ଅବସରରେ ଗଞ୍ଜାମ ଅବକାରୀ ଅଧିକ୍ଷିକ ଅମରେନ୍ଦ୍ର ଜେନାଙ୍କ ସମେତ ବହୁ ଶ୍ରଦ୍ଧାଳୁ ପୂଜାମଣ୍ଡପରେ ପହଞ୍ଚି ମା’ଙ୍କ ଆଳତି ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଥିଲେ। ପଣ୍ଡିତ ସରୋଜ ଶତପଥୀ ଓ ନୃସିଂହ ପଣ୍ଡାଙ୍କ ଦ୍ୱାରା ବେଦମନ୍ତ୍ର ଉଚ୍ଚାରଣ କରାଯାଇ ପାରମ୍ପରିକ ରୀତିନୀତିରେ ମା’ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା।

ରାଜପଥରେ ଯାତ୍ରୀ, ଡ୍ରାଇଭର ଓ ହେଲ୍ପରଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

ବ୍ରହ୍ମପୁର,୩୦।୧୦(ସମିସ): ବାତ୍ୟା ‘ଅର୍ଣ୍ଣାବ’ ପ୍ରଭାବରେ ଜାତୀୟ ରାଜପଥରେ ଅଟକି ରହିଥିବା ଯାନବାହନର ଯାତ୍ରୀ, ଡ୍ରାଇଭର ଓ ହେଲ୍ପରଙ୍କ ପାଇଁ ସହାୟତାର ହାତ ବଢ଼ାଇଛନ୍ତି ଲାଞ୍ଜିପଲ୍ଲୀ ମାର୍କେଣ୍ଡେଶ୍ୱର ଅଟୋଷ୍ଟାଣ୍ଡ ଓ ସ୍ଥାନୀୟ ଯୁବକ ସଂଘ । ଜାତୀୟ ରାଜପଥରେ ରନ୍ଧାଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଯାଇଛି । ବାତ୍ୟା ପରିସ୍ଥିତି ଯୋଗୁଁ ଲାଞ୍ଜିପଲ୍ଲୀ ଦେଇ ଯାଇଥିବା ଜାତୀୟ ରାଜପଥରେ ବହୁ ସଂଖ୍ୟକ ଗାଡ଼ି ଅଟକି ରହିଥିଲା। ଏହି ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଖାଦ୍ୟ ବଣ୍ଟନ କରିଥିଲେ। ଏହି ସେବା କାର୍ଯ୍ୟକ୍ରମରେ ଲଡୁ କିଶୋର ପାତ୍ର, ପ୍ରକାଶ ସେଠୀ, ହୃଷିକେଶ ବ୍ରହ୍ମଚା, ସଞ୍ଜୟ ମହାରଣା, କାମେଶ୍ୱର ବେହେରା, ଜଗନ୍ନାଥ ରେଢ୍ଡୀ, ଶ୍ରୀନୁ ପାତ୍ର, ସନ୍ତୋଷ ନାୟକ, ଗୋପାଳ ଶତପଥୀ, ଦଣ୍ଡ ସେଠୀ, ଚନ୍ଦନ ସାହୁ, ଚିରାଗ ପଟେଲ, ରାମହରି ପ୍ରଧାନ, ବାଙ୍କନିଧି ସାହୁ, ରମେଶ ବେହେରା, ଅଜୟ ବିଶ୍ୱାଳ, ଟୁଲୁ ଓ ସଂଗ୍ରାମ ବେହେରାଙ୍କ ସମେତ ବହୁ ସ୍ଥାନୀୟ ଯୁବକ ସକ୍ରିୟ ଭାବେ ସାମିଲ ହୋଇଥିଲେ।

କୂଅ ଭିତରୁ ବାଛୁରି ଉଦ୍ଧାର

ବେଗୁନିଆପଡ଼ା,୩୦।୧୦(ସମିସ): ଶୁକ୍ରବାର ସନ୍ଧ୍ୟାରେ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ରଜକ ସାହି ନିକଟସ୍ଥ ଏକ ଖୋଲା କୂଅ ଭିତରେ ଗୋଟିଏ ବାଛୁରୀ ପଡ଼ିଯାଇଥିଲା। ସାଙ୍ଗେ ସାଙ୍ଗେ ଗ୍ରାମବାସୀ ମାନେ କୋଦଳା ଅଗ୍ନିଶମ ବିଭାଗ କୁ ଜଣାଇଥିଲେ । ଅଗ୍ନିଶମ କାର୍ଯ୍ୟାଳୟ କୋଦଳା ଠାରେ ହୋଇଥିବାରୁ ସେମାନେ ଅଙ୍ଗାରଗାଁ ରେ ପହଞ୍ଚିବା ପାଇଁ ବହୁ ସମୟ ଲାଗିଥିଲା । କୂଅ ଭିତରେ ପଡି ଛଟ ପଟ ହେଉଥିବା ବାଛୁରିର ଯନ୍ତ୍ରଣା ଦେଖି ସାହି ଲୋକଙ୍କ ମିଳିତ ଉଦ୍ୟମରେ ବାଛୁରିଟିକୁ ଉଦ୍ଧାର କରଯାଇଥିଲା।

କରପଡ଼ା, ରାଜପୁର, ଉମ୍ମୁରି ଧର୍ମ ଶରଣ ପୁରରେ ପଶିଲା ବନ୍ୟାଜଳ



ଗଞ୍ଜାମ,୩୦।୧୦(ସମିସ): ଅର୍ଣ୍ଣବ ସାମୁଦ୍ରିକ ଝଡ଼ରେ ଉପର ମୁଣ୍ଡରେ ଲଗାଣ ବର୍ଷା ପ୍ରଭାବରେ ଗଞ୍ଜାମ ନିକଟସ୍ଥ ଋଷିକୁଲ୍ୟା ନଦୀରେ ବନ୍ୟା ଜଳ ବୃଦ୍ଧି ପାଇଥିବା ଲକ୍ଷ କରାଯାଇଛି । ଯାହାକୁନେଇ କରପଡା ପଞ୍ଚାୟତ ର ବିରିପୁର ଗ୍ରାମରେ ବନ୍ୟାଜଳ ପଶିବା ସହ ଘର ଭିତରେ ପାଣି ପଶିଥିବା ଜଣାଅପଡ଼ିଛି । ସେହିପରି କରପଡା ପଞ୍ଚାୟତ ର ବିଭିନ୍ନ ଗ୍ରାମ ପାଣି ଘେରରେ ରହିଥିବା ଲକ୍ଷ କରାଯାଇଛି ।

ଅନ୍ୟପଟେ ରାଜପୁର ପଞ୍ଚାୟତ ର ରାଜପୁର ଓ କାଚରା ମଧ୍ୟ ବନ୍ୟାଜଳ ପଶିଯାଇଛି । ସେହିପରି ଉମ୍ମୁରୀ ଧର୍ମ ଶରଣ ପୁର ଗ୍ରାମରେ ବନ୍ୟାଜଳ ପଶି ଯାଇଥିବା ଦେଖିବାକୁ ମିଳିଛି । ଯାହାକୁନେଇ ବିଭିନ୍ନ ପଞ୍ଚାୟତରେ ଶସ୍ୟକ୍ଷେତ୍ର ଜଳ ମଗ୍ନ ହୋଇ ଖରିଫ ଓ ରବି ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ନଦୀ ଜଳ ପ୍ରଖର ସ୍ରୋତ ରହିଥିଲେ ମଧ୍ୟ ଗତ ସାମୁଦ୍ରିକ ଝଡ଼ ସମୟରେ

ଜକର ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି

ସ୍ଥିତି ଅନୁଧ୍ୟାନ କଲେ ବିଧାୟକ ସିଦ୍ଧାନ୍ତ

ଦିଗପହଣ୍ଡି,୩୦।୧୦(ସମିସ):



ଦିଗପହଣ୍ଡି ବ୍ଲକ ଜକର ପଞ୍ଚାୟତ ଅଞ୍ଚଳରେ ଅର୍ଣ୍ଣବ ବାତ୍ୟା ଜନିତ ଲଗାଣ ବର୍ଷା ରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ଶୁକ୍ରବାର ଅପରାହ୍ନରେ ଦିଗପହଣ୍ଡି ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର ବିଭିନ୍ନ ଗ୍ରାମକୁ ଗସ୍ତ କରି ବିପନ୍ନ ଏବଂ ଗ୍ରାମବାସୀ ଙ୍କ ସହ ଆଲୋଚନା କରି ସନ୍ଧ୍ୟାରେ ଫେରିଥିବା କହିଛନ୍ତି। ପଞ୍ଚାୟତ ଅଧିନ ଚୈତନ୍ୟ ପ୍ରସାଦ ଗାଁରେ କଣ୍ଢେଇଯୋଡି ନଦୀ ଓ ଶାମୁକା ନାଳର ପାଣି ପଶିଯାଇଥିଲା। ଗାଁର ତଳିଆ ଅଞ୍ଚଳର କଚ୍ଚା ଘରମାନଙ୍କରେ ରହୁଥିବା ପ୍ରାୟ ୫୦ ଜଣଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ର ର ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳୀରେ ରଖାଯାଇଥିଲା। ତେଣ୍ଟୁଆପଡାରେ

ବାହୁଦା ଓ କଣ୍ଢେଇଯୋଡି ନଦୀର ପାଣି ପଶିଯିବାରୁ ସୁଅ ମଧ୍ୟରେ ତେଣ୍ଟୁଆପଡ଼ା ଗ୍ରାମବାସୀ ଜଳବନ୍ଦୀ ଅବସ୍ଥାରେ ରହିଥିଲେ। ଗ୍ରାମର ହଜାର ହଜାର ଏକର ଚାଷଜମିରେ ଅମଳ ପାଇଁ ପ୍ରସ୍ତୁତ ଥିବା ଧାନ ଫସଲ ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଯାଇଛି । ମାଣିକ୍ୟପୁର ଗ୍ରାମରେ ରାତିଅଧରେ ପାହାଡ଼ରୁ ପ୍ରଖର ସ୍ରୋତ ରେ ପାଣି ମାଡ଼ି ଆସିଥିଲା। ଗ୍ରାମର ବାଇନାଥ ସେଠୀଙ୍କ ଘର ଉପରେ ଏକ ବିରାଟକାୟ ଆମ୍ବ ଗଛ ମାଡ଼ିବସିଥିଲା। ପରିବାରବର୍ଗ ଅଳ୍ପକେ ବର୍ତ୍ତି ଯାଇଥିଲେ। ଜକର ଗ୍ରାମ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକ ଉପରେ ଗଛର ଏକ ବିଶାଳ ଡାଳ ଭାଙ୍ଗି ପଡିଥିଲା। ଗାଁର ଅନେକ ଲୋକଙ୍କ ଘର ଭାଙ୍ଗିଯିବା ସହିତ ବହୁ ପରିବାରଙ୍କ ଘର ଭିତରେ ବର୍ଷା ପାଣି ପଶିଯାଇଥିଲା। ବହୁ ଘର ଓ ଗୁହାଳ ଉପରେ ବିଶାଳକାୟ ଗଛଗୁଡ଼ିକ ଉପୁଡ଼ି ପଡ଼ିଥିଲା। ଜନଜାତି ବହୁଳ ଗଙ୍ଗାପୁର ଗାଁର ୬ଟି ପରିବାରର ଚାଳ ଛପର ଘର ଏବଂ ପ୍ରାୟ ୩୦ ବର୍ଷର ପୁରୁଣା ଇନ୍ଦିରା ଆବାସର ଟିଣ ଛପର ନଷ୍ଟ ହୋଇଯାଇଛି। ସେମାନଙ୍କୁ ଉଦ୍ଧାର କରାଯାଇ ପଞ୍ଚାୟତର ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ରେ ରଖାଯାଇଥିଲା। ପଞ୍ଚାୟତ ଅଧିନ ପ୍ରାୟ ସମସ୍ତ ଗ୍ରାମର ଚାଷ ଜମି ରେ ଧାନଚାଷ ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଯାଇଥିବାରୁ ଚାଷୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିବା, ଅନେକ ଘର ଭାଙ୍ଗିଯାଇଥିବାରୁ ଏବଂ ପାଣି ପଶି କ୍ଷତି ଘଟାଇଥିବାରୁ କ୍ଷତିଗ୍ରସ୍ତ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ କିମ୍ବା ଅନ୍ତୋଦୟ ଗୃହ ଯୋଜନାରେ ଖୁବଶୀଘ୍ର ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଯୋଗାଇଦେବା ପାଇଁ ସରପଞ୍ଚ ରଶ୍ମିତା ପ୍ରଧାନ ଦାବି କରିଛନ୍ତି।

ସକାଳ THE SAKALA

ଋଣ ହସ୍ତାନ୍ତର ନାଁରେ ୧ କୋଟି ୩୦ଲକ୍ଷ ଟଙ୍କା ଠକେଇ

ବ୍ୟାଙ୍କ ସମେତ ୫ ପକ୍ଷଙ୍କ ବିରୋଧରେ ମାମଲା ରୁଜୁ

ବ୍ରହ୍ମପୁର,୩୦ ।୧୦(ସମିସ):

ବ୍ରହ୍ମପୁରରେ ବ୍ୟାଙ୍କରଣ ହସ୍ତାନ୍ତର ପ୍ରକ୍ରିୟାକୁ କେନ୍ଦ୍ର କରି ପ୍ରାୟ ୧କୋଟି ୩୦ଲକ୍ଷ ଟଙ୍କାର ଆର୍ଥିକ ଠକେଇ ଅଭିଯୋଗ ସାମ୍ନାକୁ ଆସିଛି । ଏକ ଘରୋଇ ବ୍ୟାଙ୍କ ପକ୍ଷରୁ ଋଣଗ୍ରହିତା, ଜାମିନଦାର ଏବଂ ଅନ୍ୟଏକ ବ୍ୟାଙ୍କ ସମେତ ମୋଟ ୫ପକ୍ଷଙ୍କ ବିରୋଧରେ ଏହି ଅଭିଯୋଗ ହୋଇଛି । ଋଣ ହସ୍ତାନ୍ତର ପାଇଁ ଟଙ୍କା ପଠାଯାଇଥିଲେ ହେଁ ପୁରୁଣା ଋଣଖାତା ବନ୍ଦ କରାଯାଇନଥିବା ଏବଂ ବନ୍ଧକ ସମ୍ପତ୍ତିର ମୂଳ କାଗଜପତ୍ର ଫେରସ୍ତ ଦିଆଯାଇନଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ପଞ୍ଜୀକୃତ କାର୍ଯ୍ୟାଳୟ ଥିବା ଏକ ଘରୋଇ ବ୍ୟାଙ୍କର ବ୍ରହ୍ମପୁର କମାପଲ୍ଲୀ ଛକ ମୁଖ୍ୟରାସ୍ତାରେ ଶାଖା ରହିଛି । ଉକ୍ତ ବ୍ୟାଙ୍କ ପକ୍ଷରୁ ଅଧିକୃତ ପ୍ରତିନିଧି ତଥା ବରିଷ୍ଠ ପରିଚାଳକ କୁନ୍ତଳ ଭଟ୍ଟାଚାର୍ଯ୍ୟ (୩୫) ସ୍ଥାନୀୟ ଇ. ନିଶାନ ପାତ୍ରଙ୍କ ମାଲିକାନାରେ ଥିବା ଏକ ବ୍ୟବସାୟିକ ସଂସ୍ଥା ପୂର୍ବରୁ ଅନ୍ୟଏକ ବ୍ୟାଙ୍କରୁ ଋଣ ନେଇଥିଲା । ଏହି ଋଣକୁ ନୂତନ ବ୍ୟାଙ୍କକୁ ହସ୍ତାନ୍ତର କରିବା ପାଇଁ ସଂସ୍ଥାର ମାଲିକ ଓ ଜାମିନଦାରମାନେ ଆବେଦନ କରିଥିଲେ । ଏହାପରେ ୨୦୨୩ମସିହା ଅକ୍ଟୋବର ୧୮ ତାରିଖରେ ଋଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇ ୧କୋଟି ୭୦ଲକ୍ଷ ଟଙ୍କାର ଋଣ ସୁବିଧା ମଞ୍ଜୁର ହୋଇଥିଲା । ଏହି ଋଣ ହସ୍ତାନ୍ତର ପ୍ରକ୍ରିୟାରେ ୨୦୨୩ ଡିସେମ୍ବର ୨ତାରିଖରେ ଅଭିଯୋଗକାରୀ ବ୍ୟାଙ୍କ ପକ୍ଷରୁ ୧କୋଟି ୨୯ଲକ୍ଷ ୯୯ହଜାର ୯୯୯ଟଙ୍କା ପୂର୍ବ ବ୍ୟାଙ୍କରେ ଥିବା ଋଣଗ୍ରହିତାଙ୍କ ଖାତାକୁ ପଠାଯାଇଥିଲା । ଉକ୍ତ ଟଙ୍କାରେ ପୁରୁଣା ଋଣ ପରିଶୋଧ କରି ଖାତା ବନ୍ଦ କରିବା ସହ ବନ୍ଧକ ସମ୍ପତ୍ତିର ମୂଳ ଦଲିଲ ଏବଂ ବକେୟା ନଥିବା ପ୍ରମାଣପତ୍ର ପ୍ରଦାନ କରିବାର ଥିଲା । କିନ୍ତୁ ଟଙ୍କା ହସ୍ତାନ୍ତର ପରେ ମଧ୍ୟ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇନଥିବା ଅଭିଯୋଗ ହୋଇଛି । ଋଣଗ୍ରହିତା ଓ ଜାମିନଦାରମାନେ ଚୁକ୍ତିନାମାର ସର୍ତ୍ତ ପାଳନ କରିନଥିବା ବେଳେ ପୂର୍ବ ବ୍ୟାଙ୍କ ମଧ୍ୟ ଆବଶ୍ୟକ କାଗଜପତ୍ର ପ୍ରଦାନ କରିନଥିଲେ । ଏତେ ପରିମାଣର ଟଙ୍କା ପ୍ରଦାନ ସତ୍ତ୍ୱେ ଋଣ ହସ୍ତାନ୍ତର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇନଥିଲା । ଏପରିକି ଋଣଖାତା ବନ୍ଦ କରିବା ସହ ବନ୍ଧକ ରଖାଯାଇଥିବା ସମ୍ପତ୍ତିର ମୂଳ ଦଲିଲ ଓ ନୋ ଡ୍ୟୁଜ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଇନଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି । ଏନେଇ ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଇମେଲ୍ ମାଧ୍ୟମରେ ଅବଗତ କରାଯାଇଥିଲା । ଏପରିକି ଟଙ୍କା ଫେରସ୍ତ କିମ୍ବା ଋଣ ହସ୍ତାନ୍ତର ପ୍ରକ୍ରିୟା ଶେଷ କରିବାକୁ ଅନୁରୋଧ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି । ଋଣଗ୍ରହିତା, ଜାମିନଦାର ଓ ପୂର୍ବ ବ୍ୟାଙ୍କ ପରସ୍ପର ମିଳିମିଶି ଋଣ ହସ୍ତାନ୍ତର ପାଇଁ ପଠାଯାଇଥିବା ଅର୍ଥର ଅପବ୍ୟବହାର କରିଥିବା ଅଭିଯୋଗ ହୋଇଛି । ଫଳରେ ବ୍ୟାଙ୍କ ନିଜର ପ୍ରାପ୍ୟ ଅର୍ଥ ଫେରିପାଇ ପାରିନଥିବା ଅଭିଯୋଗ ହୋଇଛି । ଘଟଣାକୁ ନେଇ ପୂର୍ବରୁ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା । ତେବେ ଅଭିଯୋଗ ଗ୍ରହଣ କରାଯାଇନଥିବା ଦର୍ଶାଇ ୨୦୨୪ ମେ ୨୮ ତାରିଖରେ ରେଜିଷ୍ଟ୍ରି ଡାକଯୋଗେ ଅଭିଯୋଗ ପ୍ରେରଣ କରାଯାଇ ଏହାର ଏକ ନକଲ ବ୍ରହ୍ମପୁର ଏସ୍‌ପିଙ୍କୁ ମଧ୍ୟ କୁଆଡେ ଦିଆଯାଇଥିଲା । ପୁଣି ଜୁନ୍ ୨୫ତାରିଖରେ ଏସ୍‌ପିଙ୍କୁ ଅଭିଯୋଗର ନକଲ ପଠାଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆ ଯାଇନଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି । ଏବେ ଏହି କୋଟି କୋଟି ଟଙ୍କାର ଋଣ କାରବାରକୁ ନେଇ ଅଭିଯୋଗ ସାମ୍ନାକୁ ଆସିଥିବା ବେଳେ ଅଭିଯୋଗର ସତ୍ୟାସତ୍ୟ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି ।

ବିପର୍ଯ୍ୟୟ ସ୍ଥିତିର ସମୀକ୍ଷା କଲେ ବ୍ରହ୍ମପୁର ଆରଡିସି ଓ ଜିଲ୍ଲାପାଳ

ଛତ୍ରପୁର, ୩୦।୧୦(ସମିସ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ଓ ବିପର୍ଯ୍ୟୟ ସ୍ଥିତିର ମୁକାବିଲା ସହ ବନ୍ୟା ପରବର୍ତ୍ତୀ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ଏନେଇ ଶୁକ୍ରବାର ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଙ୍କ ଉପସ୍ଥିତ ରେ ବ୍ରହ୍ମପୁର ଆରଡିସି ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବାତ୍ୟା ଓ ବନ୍ୟା ପରେ ଜିଲ୍ଲାରେ ସୃଷ୍ଟି ହୋଇଥିବା ସ୍ଥିତି, ରିଲିଫ୍ ବଣ୍ଟନ, ଉଦ୍ଧାର କାର୍ଯ୍ୟ ଏବଂ ବିଭିନ୍ନ ବିଭାଗର ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ବିଭାଗୱାରୀ ସମୀକ୍ଷା କରାଯାଇଥିଲା । ବନ୍ୟା ଯୋଗୁଁ ବାଧାପ୍ରାପ୍ତ ହୋଇଥିବା ଯୋଗାଯୋଗ ବ୍ୟବସ୍ଥା, ବିଦ୍ୟୁତ୍ ସରବରାହ ଓ ଅନ୍ୟାନ୍ୟ ଜନସେବାକୁ ତୁରନ୍ତ ସ୍ୱାଭାବିକ କରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ତ୍ୱରିତ ପଦକ୍ଷେପ ନେବାକୁ ଆରଡିସି ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକ ସ୍ଥାନରେ ମରାମତି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପନ୍ନ କରିବାକୁ କୁହାଯାଇଥିଲା । ପ୍ରଭାବିତ ଅଞ୍ଚଳରେ ଖାଦ୍ୟ, ପାନୀୟ ଜଳ ଓ ଜରୁରୀକାଳୀନ ଔଷଧ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା ଜାରି ରହିଛି । ରିଲିଫ୍ ସାମଗ୍ରୀ ଠିକ୍ ଭାବେ ଲୋକଙ୍କ ନିକଟରେ ପହଞ୍ଚୁଛି କି ନାହିଁ, ତାହାର ନିୟମିତ ତଦାରଖ କରିବାକୁ ମଧ୍ୟ ଅଧିକାରୀମାନଙ୍କୁ କୁହାଯାଇଛି । ପ୍ରତ୍ୟେକ ବିଡିଓଙ୍କ ନିକଟରେ ୫ଟି ଲେଖାଏଁ ଟ୍ରାକ୍ଟର ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏହାଦ୍ୱାରା ଦୁର୍ଗମ ଓ ଜଳବନ୍ଦୀ ଅଞ୍ଚଳକୁ ରିଲିଫ୍ ସାମଗ୍ରୀ ପହଞ୍ଚାଇବାରେ ସୁବିଧା ହେବ ।

ନଦୀକୁ ଗାଧୋଇବାକୁ ଯାଇ ଜଣେ ନିଖୋଜ

ରାୟଗଡ଼(ଗଜପତି)୩୦।୧୦(ସମିସ) : ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧୀନ ଜିରାଙ୍ଗ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଗ୍ରାମର ତ୍ରିନାଥ ବାଡ଼ିଆସାହୁଙ୍କ ପୁଅ ପିତାମ୍ବର ବାଡ଼ିଆସାହୁ (୬୦) ଦିନ ପ୍ରାୟ ୧୧ଟା ସମୟରେ ମହେନ୍ଦ୍ରତନୟା ନଦୀକୁ ଗାଧୋଇବା ପାଇଁ ଯାଇଥିବାବେଳେ ସେ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ଲାଗି ରହିଥିବା ଲଗାଣ ବର୍ଷା ଯୋଗୁଁ ସ୍ଥାନୀୟ ନାଳ, ନଦୀ ଗୁଡ଼ିକରେ ଜଳସ୍ତର ଅତ୍ୟଧିକ ବୃଦ୍ଧି ପାଇବା ସହ ପ୍ରଖର ଜଳସ୍ରୋତ ପ୍ରବାହିତ ହେଉଛି । ଶ୍ରୀ ବାଡ଼ିଆସାହୁ ନଦୀକୁ ଗଲା ପରେ ଆଉ ଘରକୁ ଫେରି ନଥିଲେ । ଖବର ଲେଖାଯିବା ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ ଏବଂ ସ୍ଥାନୀୟ ଲୋକଙ୍କ ସହ ପରିବାରବର୍ଗଙ୍କ ପକ୍ଷରୁ ତାଙ୍କୁ ଖୋଜାଖୋଜି ଜାରି ରହିଛି । ପ୍ରକାଶଥାଉ କି, ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଖର ଜଳସ୍ରୋତ ଥିବା ନାଳ, ନଦୀ ଓ ଜଳାଶୟ ଆଡ଼କୁ ନ ଯିବାକୁ ପ୍ରଶାସନ ପକ୍ଷରୁ ବାରମ୍ବାର ସତର୍କ କରାଯାଉଛି ।

ବ୍ରହ୍ମପୁରରେ ମାତିଛନ୍ତି ସୁନାଚେନ୍ ଲୁଟେରା, ଦିନକରେ ଦୁଇ ମହିଳାଙ୍କ ବେକରୁ ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୩୦ ।୧୦(ସମିସ): ରେଶମ ସହର ବ୍ରହ୍ମପୁରରେ ପୁଣି ମାତିଛନ୍ତି ସୁନାଚେନ୍ ଲୁଟେରା । ସହରର ବିଭିନ୍ନ ସ୍ଥାନରେ ସୁନାଚେନ୍ ଲୁଟ୍ ଘଟଣା ସାମ୍ନାକୁ ଆସୁଥିବା ବେଳେ ଦିନକରେ ଦୁଇଜଣ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । ଏଭଳି ଘଟଣା ସହରରେ ମହିଳାଙ୍କ ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନ ସୃଷ୍ଟି କରିଛି । ସୂଚନାଯୋଗ୍ୟ ଯେ, ଗୋପାଳପୁର ଥାନା ଅନ୍ତର୍ଗତ ଡିଗିପୁର ଗ୍ରାମର ଏମ୍. ଧନଲକ୍ଷ୍ମୀ ଗତ ୨୭ତାରିଖ ସନ୍ଧ୍ୟାରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କମାପଲ୍ଲୀ ଓଭରବ୍ରିଜ୍ ଅତିକ୍ରମ କରୁଥିଲେ । ଏହି ସମୟରେ ଜଣେ ଅଜଣା ଦୁର୍ବୃତ୍ତ ହଠାତ୍ ତାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ଏନେଇ ଧନଲକ୍ଷ୍ମୀ ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସେହିଭଳି ଉକ୍ତଦିନ ସନ୍ଧ୍ୟାରେ ଆଉ ଏକ ସୁନାଚେନ୍ ଲୁଟ୍ ଘଟଣା ସାମ୍ନାକୁ ଆସିଥିଲା । ଭୈରବୀ ନଗରର ବିଜୟଲକ୍ଷ୍ମୀ ପାଢ଼ୀ (୫୦) ମେଡିକାଲ ଖେଳପଡିଆ ଅଭିମୁଖେ ଯାଉଥିବା ବେଳେ ଜଣେ ଅଜଣା ଦୁର୍ବୃତ୍ତ ତାଙ୍କ ବେକରୁ ପ୍ରାୟ ୨୪ଗ୍ରାମ ଓଜନର ସୁନାଚେନ୍ ଝାମ୍ପିନେଇ ଫେରାର ହୋଇଯାଇଥିଲା । ଘଟଣାକୁ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଦିନକରେ ସହରର ଦୁଇଟି ସ୍ଥାନରୁ ଦୁଇଜଣ ମହିଳାଙ୍କ ସୁନାଚେନ୍ ଲୁଟ୍ ଘଟଣା ସାମ୍ନାକୁ ଆସିବା ପରେ ପୁଲିସର ତଦନ୍ତ ଜୋରଦାର ହୋଇଛି । ଉଭୟ ଘଟଣାରେ ପୁଲିସ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ୍ ଯାଞ୍ଚ କରି ଲୁଟେରାଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଜାରି ରଖିଛି । ତେବେ ଏହି ଦୁଇଟି ଲୁଟ୍ ଘଟଣା ପଛରେ ସମାନ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ରହିଛି ନା ଭିନ୍ନଭିନ୍ନ ଲୁଟେରା ଗ୍ୟାଙ୍ଗର ସମ୍ପୃକ୍ତି ରହିଛି ସେନେଇ ପୁଲିସ ତଦନ୍ତ କରୁଛି । ଅନ୍ୟପଟେ ଏଭଳି ଲୁଟ୍ ଘଟଣାକୁ ନେଇ ସହରରେ ପୁଲିସ ପାଟ୍ରୋଲିଂ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ସହରବାସୀ ଦାବି କରିଛନ୍ତି ।

ଅଳଙ୍କାର ଦୋକାନରୁ ଚୋରି ଉଦ୍ୟମ

ବ୍ରହ୍ମପୁର,୩୦ ।୧୦(ସମିସ): ସ୍ଥାନୀୟ ବଡ଼ବଜାରର ଏକ ଅଳଙ୍କାର ଦୋକାନରେ ଚୋରି ଉଦ୍ୟମ ହୋଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି । ଦିନ ଦ୍ୱିପହରରେ କିଛି ଅଜଣା ବ୍ୟକ୍ତି ଅଳଙ୍କାର ଦୋକାନରେ ଚୋରି କରିବାକୁ ଉଦ୍ୟମ କରିଥିଲେ ହେଁ ସେମାନେ ବିଫଳ ହୋଇଥିବା ଜଣାପଡ଼ିଛି । ଏନେଇ ଦୋକାନ ମାଲିକ ପି. ରଘୁରାମ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ରଘୁରାମଙ୍କ ଉକ୍ତ ଥାନା ଅଧିନରେ ଏକ ଅଳଙ୍କାର ଦୋକାନ ରହିଛି । ଗତ ଅକ୍ଟୋବର ୨୯ ତାରିଖ ଅପରାହ୍ନ ପ୍ରାୟ ୧ଟା ୪୫ମିନିଟ୍ ସମୟରେ କିଛି ଅଜଣା ବ୍ୟକ୍ତି ଉକ୍ତ ଦୋକାନରେ ଚୋରି କରିବାକୁ ଉଦ୍ୟମ କରିଥିଲେ । ତେବେ କୌଣସି କାରଣରୁ ସେମାନେ ଚୋରି କରିବାରେ ସଫଳ ହୋଇପାରି ନଥିଲେ ।

ଅସହାୟ ଗର୍ଭବତୀଙ୍କୁ ସହାୟ ହେଲା ଘରୋଇ ନର୍ସିଂ ହୋମ

ପାତ୍ରପୁର, ୩୦।୧୦(ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ସୀମାନ୍ତ ପାତ୍ରପୁର ଅଞ୍ଚଳ ଜଳବନ୍ଦୀ ହୋଇଥିବା ବେଳେ ଆନ୍ଧ୍ର ପୋଲେରୁ ଗ୍ରାମର ଏମ. ସନ୍ତୋଷଙ୍କ ପତ୍ନୀ ଏମ. ସୁନୀତା ଗର୍ଭ ଯନ୍ତ୍ରଣା ଅନୁଭବ କରିଥିଲେ । ପରିବାର ଲୋକେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ଡାକ୍ତର ସୁନୀତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରିବାକୁ କହିଥିଲେ । ରାସ୍ତା ନ ଥିବାରୁ ସୁନୀତାଙ୍କ ପରିବାର ଲୋକେ ବାଧ୍ୟ ହୋଇ ପାତ୍ରପୁରସ୍ଥିତ ସତ୍ୟସାଇ ନର୍ସିଂ ହୋମ ରେ ଭର୍ତ୍ତି କରିଥିଲେ । ଡ଼ା ବି. ରମେଶ ଚନ୍ଦ୍ର ଓ ତାଙ୍କ ଟିମ୍ ଚେଷ୍ଟାରେ ସୁନୀତା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ବାତ୍ୟା ଅର୍ଣ୍ଣବରେ ଜନ୍ମ ନେଇଥିବାରୁ ଶିଶୁ ପୁତ୍ରର ନାମ ଦେଇଥିବା ବେଳେ ଉଭୟ ମା ଓ ଶିଶୁ ସୁରକ୍ଷିତ ଥିବା ଜଣାପଡିଛି ।

ଦୁଇ ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣା; ଜଣେ ଗିରଫ

ଦିଗପହଣ୍ଡି,୩୦।୧୦(ସମିସ): ଦିଗପହଣ୍ଡି ବ୍ଲକ କଇଠଡ଼ା ପଞ୍ଚାୟତ ଗୁହାଳପୁର ଗ୍ରାମର ଧବଳେଶ୍ୱର ପ୍ରଧାନ ଏବଂ ତାଙ୍କ ସାଙ୍ଗ କୃଷ୍ଣ ଗୌଡ଼ ଓରଫ କାଳିଆଙ୍କୁ ଗ୍ରାମ ନିକଟ ପୁରୁଣା ହାଇସ୍କୁଲ ନିକଟରେ ଗତ ବୁଧବାର ସନ୍ଧ୍ୟା ପ୍ରାୟ ୭ ଟାରେ କିଛି ଯୁବକ ସଂଘବଦ୍ଧ ଭାବେ ଖଣ୍ଡା ଓ କାତିରେ ହାଣି ହତ୍ୟା ଉଦ୍ୟମ କରିଥିଲେ । ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି ଆକ୍ରମଣ କରାଯାଇଥିଲା । ଏହି ଘଟଣାରେ ପୁରୁଣାବନ୍ଧ ଗ୍ରାମ ନିକଟରେ ଖୋଲିଥିବା ଦ୍ୱିତୀୟ ନୂତନ ମୁହାଁଣଟି ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ସାମ୍ପ୍ରସାରିତ ହୋଇଥିବାରୁ ବନ୍ୟା ଜଳ ସମୁଦ୍ର ମଧ୍ୟକୁ ଠିକ ଭାବେ ନିଷ୍କାସିତ ହୋଇପାରୁଛି ବୋଲି କହିଛନ୍ତି ସ୍ଥାନୀୟ ଅଂଚଳବାସୀ । ଲଗାଣ ବର୍ଷା ପ୍ରଭାବରେ ରଷିକୁଲ୍ୟା ସଡ଼କ ପୋଲ କ୍ଷତିଗ୍ରସ୍ତ ହୋଇପଡ଼ିଥିବା ଯୋଗୁଁ ପୁଲିସ ପ୍ରଶାସନ ପକ୍ଷରୁ ଭାରିଯାନ ଗୁଡିକୁ ଗଞ୍ଜାମ ସହର ଶନି ମନ୍ଦିର ନିକଟରେ ଭାରିଯାନ ଗୁଡିକୁ ଅଟକ ରଖାଯାଇ ପୋଲ ମଧ୍ୟରେ କ୍ଷତି ଗ୍ରସ୍ତ ହୋଇଥିବା ସ୍ଥାନଅନଙ୍କରେ ସମତୁଳ କରାଯାଇଛି । ଫଳରେ ଭାରି ଯାନ ଗୁଡିକ ଜାତୀୟ ରାଜ ପଥରେ ଅଟକି ରହିଥିଲା । ଆଗାମୀ ଦିନରେ ଆଉ ଗୋଟିଏ ସାମୁଦ୍ରିକ ଝଡ଼ ଆସୁଥିବା ଜାଣି ସ୍ଥାନୀୟ ଅଂଚଳବାସୀ ଆତଙ୍କିତ ହୋଇପଡିଛନ୍ତି ।

● ସାଇବର୍ ଠକଙ୍କ ଜାଲରେ ଦୁଇ ମହିଳା

ଲୁଟିନେଲେ ୧୩ ଲକ୍ଷ ଟଙ୍କା

ବ୍ରହ୍ମପୁର,୩୦ ।୧୦(ସମିସ): ଦିନକୁ ଦିନ ବଢ଼ିଚାଲିଛି ସାଇବର ଠକଙ୍କ ଦୌରାତ୍ମ୍ୟ । କେତେବେଳେ ଅନଲାଇନ୍ କାରବାର ତ ଆଉ କେତେବେଳେ ସୋସିଆଲ୍ ମିଡିଆରେ ବନ୍ଧୁତା ସ୍ଥାପନ କରି ବିଭିନ୍ନ ପ୍ରଲୋଭନ ଦେଖାଇ ସାଧାରଣ ଲୋକଙ୍କୁ ଠକେଇର ଶିକାର କରୁଛନ୍ତି ସାଇବର ଅପରାଧୀ । ଏଭଳି ଦୁଇଟି ପୃଥକ୍ ସାଇବର ଠକେଇ ଘଟଣା ବ୍ରହ୍ମପୁର ପୁଲିସ ଜିଲ୍ଲାରେ ନଜରକୁ ଆସିଛି । ଦୁଇଜଣ ମହିଳାଙ୍କଠାରୁ ମୋଟ ୧୩ଲକ୍ଷ ୬୯ହଜାର ୭୩୦ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ପୃଥକ୍ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ ଯେ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ନିଗମ ନଗର ୭ମ ଲାଇନ ନିବାସୀ ଜଣେ ମହିଳା ସାଇବର ଠକେଇର ଶିକାର ହୋଇଛନ୍ତି । କୌଣସି ଅଜଣା ବ୍ୟକ୍ତି ଅନଲାଇନରେ ତାଙ୍କଠାରୁ ୬୯ହଜାର ୭୩୦ଟଙ୍କା ଠକି ନେଇଥିବା ସେ ଅଭିଯୋଗ କରିଛନ୍ତି । ସେହିପରି ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ବିଧବା ମହିଳା ସାଇବର ଠକର ଶିକାର ହୋଇ ୧୩ଲକ୍ଷ ଟଙ୍କା ହରାଇଥିବା ଜଣାପଡ଼ିଛି । ସମ୍ପୃକ୍ତ ବିଧବା ମହିଳାଙ୍କ ସହ ଜଣେ ଅଜଣା ବ୍ୟକ୍ତି ନିଜକୁ ଆମେରିକାର ଡାକ୍ତର ବୋଲି ପରିଚୟ ଦେଇ ବନ୍ଧୁତା ସ୍ଥାପନ କରିଥିଲେ । ପ୍ରଥମେ ମହିଳାଙ୍କ ସହ ନିୟମିତ କଥାବାର୍ତ୍ତା କରି ତାଙ୍କ ସହ ବିଶ୍ୱାସ ଜନ୍ମାଇଥିଲେ । ପରେ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଖାଇ ଟଙ୍କା ହାତେଇବା ଆରମ୍ଭ କରିଥିଲା । ସମ୍ପୃକ୍ତ ବ୍ୟକ୍ତି ଜଣକ ମହିଳାଙ୍କ ପାଇଁ ବିଦେଶରୁ ମୂଲ୍ୟବାନ ଉପହାର ପଠାଇବାର ଲୋଭ ଦେଇଥିଲା । ଉକ୍ତ ଉପହାର ଭାରତରେ ପହଞ୍ଚିବା ଓ ତାହାକୁ ଗ୍ରହଣ କରିବା ପାଇଁ ବିଭିନ୍ନ ଖର୍ଚ୍ଚ ବାବଦରେ ଟଙ୍କାର ଆବଶ୍ୟକତା ଥିବା ସେ ମହିଳାଙ୍କୁ କହିଥିଲା । ଏଭଳି ଭାବେ ବାରମ୍ବାର ଟଙ୍କା ମାଗି ମହିଳାଙ୍କ ଠାରୁ ମୋଟ ୧୩ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି । କିଛିଦିନ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ କଥାବାର୍ତ୍ତା ଓ ଆଚରଣକୁ ନେଇ ମହିଳାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏନେଇ ସେ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି । ଦୁଇଟି ପୃଥକ୍ ଘଟଣାରେ ଉଭୟ ମହିଳା ପ୍ରାୟ ୧୪ଲକ୍ଷ ଟଙ୍କା ହରାଇଥିବା ବେଳେ ଅଭିଯୁକ୍ତଙ୍କ ପରିଚୟ ଓ ଟଙ୍କା କାରବାର ସମ୍ପର୍କରେ ତଦନ୍ତ ଜାରି ରହିଛି । ବିଶେଷକରି ସୋସିଆଲ୍ ମିଡିଆରେ ଅଜଣା ବ୍ୟକ୍ତିଙ୍କ ସହ ବନ୍ଧୁତା, ବିଦେଶରୁ ଉପହାର ପଠାଇବାର ପ୍ରତିଶ୍ରୁତି ଏବଂ ଅନଲାଇନ୍ ଟଙ୍କା କାରବାର ସମୟରେ ସତର୍କ ରହିବା ଜରୁରୀ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

ଏବେ ବି ବହୁ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ



ଜି ଉଦୟଗିରି,୩୦ । ୧୦(ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଏବେ ବି କିଛି ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ଥିବା ବେଳେ ରଟିଙ୍ଗିଆ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସହ ମୋବାଇଲ ସେବା, ବିଦ୍ୟୁତ ସେବା ଆଦି ବାଧାପ୍ରାପ୍ତ ହୋଇଛି । କଳିଙ୍ଗା ଘାଟି ସିଲ ଥିବା ଯୋଗୁଁ କିଛି ଅସାଧୁ ବ୍ୟବସାୟ ଅତ୍ୟନ୍ତ ଜରୁରୀ ସାମାଗ୍ରୀର କୃତ୍ରିମ ଅଭାବ ଦେଖାଇ ଚଡ଼ା ଦରରେ ବିକ୍ରିକୁ ପ୍ରଶ୍ରୟ ନଦେବା ପାଇଁ ପୂର୍ବତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ପି ସଂଜୀବ ପାତ୍ରଙ୍କ ନେତୃତ୍ୱରେ ଅଭିମନ୍ୟୁ ପ୍ରଧାନ ପ୍ରମୁଖଙ୍କ ସହ ତହସିଲଦାର ସମୁଦ୍ର ମିଶ୍ରଙ୍କ ଜରିଆରେ କନ୍ଧମାଳ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜି ଉଦୟଗିରି ବ୍ଲକ ଅଞ୍ଚଳରେ ଅତ୍ୟନ୍ତ ଆବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରାଯାଉ । ଚକାପାଦ ଓ କଳିଙ୍ଗା ରାସ୍ତା ସ୍ଥିତି ଅନୁଧ୍ୟାନ କରି ସୁରକ୍ଷିତ ଯାନବାହାନ ଚଳାଚଳ ଆବଶ୍ୟକ ବ୍ୟବସ୍ଥା କରାଯାଉ । ପ୍ରଭାବିତ ଓ ଯାତାୟତ ବିଚ୍ଛିନ୍ନାଞ୍ଚଳ ଲୋକ ମାନଙ୍କୁ ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଛୋଟ ପିକଅପ ଭ୍ୟାନ ଯାତାୟତ ପାଇଁ ଅନୁମତି ଦିଆଯାଉ ଆଦି ଅନ୍ତର୍ଭୁକ୍ତ । ଅପରପକ୍ଷେ ଘାଟିରେ ପଡ଼ିଥିବା ପଥରକୁ ତୁରନ୍ତ ହଟାଯାଇ ରାସ୍ତା ସଫା କରି ଯାନବାହାନ ଚଳାଚଳ ସ୍ୱାଭାବିକ କରିବା ପାଇଁ ଦାବି ହେଉଛି ।

ବ୍ରହ୍ମପୁରରେ ମାତିଛନ୍ତି ଚୋର ଗ୍ୟାଙ୍ଗ

୩ ଜଣଙ୍କ ଘରୁ ଗହଣା ଓ ଟଙ୍କା ଲୁଟ୍

ବ୍ରହ୍ମପୁର,୩୦ ।୧୦(ସମିସ): ବ୍ରହ୍ମପୁରରେ ମାତିଛନ୍ତି ଚୋର ଗ୍ୟାଙ୍ଗ । କେତେବେଳେ ଘରେ କେହି ନଥିବା ସୁଯୋଗ ନେଇ ତ ଆଉ କେତେବେଳେ ପରିବାର ଲୋକେ ଘରେ ଥିବା ସତ୍ତ୍ୱେ ଆଲମିରାରୁ ସୁନାଗହଣା ଓ ନଗଦ ଟଙ୍କା ଚୋରି କରି ଫେରାର ହୋଇଯାଉଛନ୍ତି ଦୁର୍ବୃତ୍ତ । ସହର ଓ ଆଖପାଖ ଅଞ୍ଚଳରୁ ଏଭଳି ୩ଟି ପୃଥକ୍ ଚୋରି ଘଟଣା ନଜରକୁ ଆସିଛି । ୩ଟି ଘଟଣାରେ ସୁନାଗହଣା, ରୁପା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏନେଇ ସଦର, ଗୋପାଳପୁର ଓ ଗୋଷାଣୀନୂଆଗାଁ ଥାନାରେ ପୃଥକ୍ ପୃଥକ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ଶିବ ଗୌଡ଼ଙ୍କ ଘରୁ ଚୋରି ହୋଇଛି । ଗତ ୨୮ ତାରିଖ ରାତି ୧୧ଟା ସମୟରେ ଶିବଙ୍କ ମାଆ ଘରେ ଥିବାବେଳେ ସେ ଓ ତାଙ୍କ ପତ୍ନୀ ଉପର ମହଲାରେ ଥିଲେ । ଏହାର ସୁଯୋଗ ନେଇ କେହି ଅଜଣା ଦୁର୍ବୃତ୍ତ ଘରେ ପଶି ଆଲମିରା ଖୋଲି ସୁନାଗହଣା ଓ ନଗଦ ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଛି । ଚୋରି ସାମଗ୍ରୀ ମଧ୍ୟରେ ୫ଟି ସୁନା ମୁଦି, ଗୋଟିଏ ସୁନା କାନଫୁଲ, ୪ଟି ମୁଦି, ୫ଟି ରୁପା ମୁଦି, ୨ଟି ପାଉଁଜି ଓ ନଗଦ ୧୦ହଜାର ଟଙ୍କା ଥିବା ଏତଲାରେ ଦର୍ଶାଯାଇଛି । ଏନେଇ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ସେହିପରି ଗୋପାଳପୁର ଥାନା ଅନ୍ତର୍ଗତ ସତ୍ୟନାରାୟଣପୁର ମହିଷୁର ନଗର ଅଞ୍ଚଳ ନିବାସୀ ସୁରେନ୍ଦ୍ର ପାଣିଗ୍ରାହୀଙ୍କ ଘରୁ ଚୋରି ହୋଇଛି । ସେ ନିଜ କାମରେ ବାହାରକୁ ଯାଇଥିବା ସମୟରେ ତାଙ୍କ ଦୁଇଝିଅ ମନ୍ଦିରକୁ ଯାଇଥିଲେ । ଘରୁ ବାହାରିବା ପୂର୍ବରୁ ସେମାନେ ଘରେ ତାଲା ପକାଇ ଚାବିକୁ ଝରକା ନିକଟରେ ରଖିଥିଲେ । ଏହାର ସୁଯୋଗ ନେଇ କେହି ଅଜଣା ବ୍ୟକ୍ତି ଚାବି ଖୋଲି ଘର ଭିତରକୁ ପ୍ରବେଶ କରି ପ୍ରାୟ ଏକ ଭରି ଓଜନର ସୁନାହାର, ଏକ ଭରି ଓଜନର ସୁନାଚେନ୍, ତିନିହଳ ସୁନା କାନଫୁଲ, ଦୁଇଟି ସୁନାମୁଦି, ରୁପା ପାଉଁଜି, ରୁପା ଅଣ୍ଟାପଟି ସହ ନଗଦ ପ୍ରାୟ ୫ହଜାର ଟଙ୍କା ଚୋରି କରି ନେଇଥିଲେ ଦୁର୍ବୃତ୍ତ । ଚୋରି ପରେ ଦୁର୍ବୃତ୍ତ ଘରେ ପୁଣି ତାଲା ପକାଇ ଫେରାର ହୋଇଯାଇଥିବା ଜଣାପଡ଼ିଛି । ଏହି ଚୋରି ପଛରେ ପାରିବାରିକ ବିବାଦ ଥିବା ସନ୍ଦେହ କରାଯାଉଛି । ଏନେଇ ଗୋପାଳପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଅନୁରୂପ ଭାବେ ସ୍ଥାନୀୟ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ମୀନାକ୍ଷୀ ନଗର ପ୍ରଥମ ଲାଇନ ନିବାସୀ ଦେବାଶିଷ ମହାପାତ୍ରଙ୍କ ଘରୁ ଚୋରି ହୋଇଛି । ସେ ହାଇଦ୍ରାବାଦରେ ଚାକିରି କରୁଥିବା ବେଳେ ତାଙ୍କ ବାପାମାଆ ଏଠାରେ ରହୁଛନ୍ତି । କେହି ଅଜଣା ଦୁର୍ବୃତ୍ତ ତାଙ୍କ ଘରୁ ସୁନାଗହଣା, ରୁପା ସାମଗ୍ରୀ ଓ ନଗଦ ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଛି । ଏନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଉପରୋକ୍ତ ୩ଟି ପୃଥକ୍ ଘଟଣାରେ ସୁନାଗହଣା, ରୁପା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଥିବା ବେଳେ ସଂପୃକ୍ତ ଥାନା ପୁଲିସ ପୃଥକ୍ ଭାବେ ତଦନ୍ତ ଚଳାଇଛି । ବର୍ତ୍ତମାନ ପୁଲିସ ହାତରେ କିଛି ସିସିଟିଭି ଫୁଟେଜ ଲାଗିଛି । ଉକ୍ତ ଫୁଟେଜ ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି ।

ଭାଙ୍ଗିଲା କାନ୍ଥ; ଅଳ୍ପକେ ବର୍ତ୍ତିଗଲେ ପରିବାର



ଟିକାବାଲି, ୩୦।୧୦(ସମିସ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ କନ୍ଧମାଳ ଜିଲ୍ଲାରେ ଲାଗି ରହିଥିବା ଲଗାଣ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି । ଚକାପାଦ ବ୍ଲକ ଅନ୍ତର୍ଗତ ଏଲ.ବପଲମେଣ୍ଡି ପଞ୍ଚାୟତ ମୁଣ୍ଡଗାଁ ଗ୍ରାମରେ ବର୍ଷା ପ୍ରଭାବରେ ଏକ ପରିବାରରର ଘର କାନ୍ଥ ଭୁଶୁଡ଼ି ପଡ଼ିବା ସହ ଆଜବେଷ୍ଟସଗୁଡ଼ିକ ମଧ୍ୟ ଭାଙ୍ଗିଯାଇଛି । ପ୍ରାପ୍ତ ସୂଚନା ଅନୁସାରେ, ମୁଣ୍ଡଗାଁ ଗ୍ରାମର ରୁନୁ ଦିଗାଲଙ୍କ ଘର କାନ୍ଥ ଲଗାଣ ବର୍ଷାକୁ ସହ୍ୟ ନକରି ହଠାତ୍ ଭୁଶୁଡ଼ି ପଡ଼ିଥିଲା । ଘର ଭୁଶୁଡ଼ିବା ସମୟରେ ରୁନୁ, ତାଙ୍କ ସ୍ତ୍ରୀ ବିଜୁଳି ଦିଗାଲ ଏବଂ ଦୁଇ ପୁଅ ରୋଷେଇ ଘରେ ରାତ୍ରଭୋଜନ କରୁଥିଲେ । ସୌଭାଗ୍ୟବଶତଃ ସେମାନେ ରୋଷେଇ ଘରେ ଥିବାରୁ ଏକ ଏକ ବଡ଼ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି । ତେବେ ଘରଟି ଭାଙ୍ଗିଯିବା କାରଣରୁ ଏହି ଗରିବ ପରିବାରଟି ବର୍ତ୍ତମାନ ଖୋଲା ଆକାଶ ତଳେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି । ତୁରନ୍ତ ଏହି କ୍ଷତିଗ୍ରସ୍ତ ପରିବାରକୁ ପ୍ରଶାସନ ପକ୍ଷରୁ ଜରୁରିକାଳୀନ ସହାୟତା ଯୋଗାଇଦେବା ସହ ସରକାରୀ ଆବାସ ଯୋଜନାରେ ଖଣ୍ଡିଏ ନୂତନ ପକାଘର ଯୋଗାଇଦେବା ପାଇଁ ଗ୍ରାମବାସୀ ଏବଂ ପରିବାରବର୍ଗ ସ୍ଥାନୀୟ ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି ।

ନାଳପାଣିର ପ୍ରଖର ସ୍ରୋତରେ ଭାସିଗଲା ପୋଲ

ଦିଗପହଣ୍ଡି,୩୦।୧୦(ସମିସ)



ଦିଗପହଣ୍ଡି ବ୍ଲକ ଡେଙ୍ଗାଓସ୍ତା ଠାରୁ କଇଠଖଣ୍ଡି ଭାୟା ଭୀଷ୍ମଗିରି ଗ୍ରାମ ରାସ୍ତାର ପାଞ୍ଚଆମ୍ବ କେଉଟକଟା ନାଳର ପ୍ରଖର ପାଣି ସ୍ରୋତରେ ପୋଲ ଭାସିଯାଇଛି । ଫଳରେ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଗ୍ରାମକୁ ଯାନବାହନ ଚଳାଚଳ ବନ୍ଦ ରହିଛି । ରାସ୍ତା ସମ୍ପୂର୍ଣ୍ଣ ଧୋଇ ଯାଇଥିବାରୁ ଲୋକଙ୍କ ଚଲାପଥ ମଧ୍ୟ ଠପ୍ ହୋଇଯାଇଛି । ପ୍ରାୟ ୩ ବର୍ଷ ପୂର୍ବେ ପ୍ରାୟ ୮ କୋଟି ଟଙ୍କା ବ୍ୟୟରେ ୩୨୬ ନଂ ଜାତୀୟ ରାଜପଥ କୁ ସଂଯୋଗ କରୁଥିବା ଡେଙ୍ଗାଓସ୍ତା ଛକରୁ କଇଠଖଣ୍ଡି ଓଡ଼ିଆର -୧୫ କି. ମି ରାସ୍ତା ନିର୍ମାଣ କରାଯାଇଥିଲା । ଏହି ରାସ୍ତା ଓ ପୋଲ ଗୁଡ଼ିକ ନିର୍ମାଣ ସମୟରେ ଅତୀବ ନିମ୍ନମାନର କାମ କରାଯାଇଥିବାରୁ ସେଗୁଡିକ ପ୍ରାୟ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି । ରାସ୍ତା କାମ ଟେଣ୍ଡର ସମୟରେ ସମ୍ପୃକ୍ତ ଠିକାଦାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ଆଦୌ ମରାମତି କରି ନଥିବା ଭୀଷ୍ମଗିରି, କଇଠଖଣ୍ଡି ଗ୍ରାମର ବହୁ ସଂଖ୍ୟକ ସଚେତନ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିପରି ଦିଗପହଣ୍ଡି ବ୍ଲକର ଫାସିଗୁଡା ଗ୍ରାମର ମୁଖ୍ୟରାସ୍ତାରେ ଗୋପାଳଗଣ୍ଡର ତପ୍ତପାଣି ଖାରିଆ ନାଳର ପାଣି ନିଷ୍କାସନର ବୈଷୟିକ ତ୍ରୁଟି ଥିବାରୁ ଫାସିଗୁଡ଼ା ଗ୍ରାମର ଢେପସାହି, ନୂଆସାହି ମଧ୍ୟ ଦେଇ ପ୍ରାୟ ୬ ଫୁଟ ଉଚ୍ଚ ପାଣି ପ୍ରବାହିତ ହେବାରୁ ଲୋକଙ୍କ ଘରେ ବନ୍ୟାପାଣି ପଶି ଯାଇଥିଲା । ଫାସିଗୁଡା ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ ସ୍ଥାନୀୟ ଲୋକଙ୍କ ସହାୟତାରେ ବହୁସଂଖ୍ୟକ ବିପନ୍ନ ପରିବାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ସହ ସେମାନଙ୍କୁ ଶୁଖିଲା ଏବଂ ରନ୍ଧାଖାଦ୍ୟ ଯୋଗାଇ ଦେଇଛନ୍ତି । ଏଥିସହ କଇଠଡା ପଞ୍ଚାୟତର କଲ୍ୟାଣପୁର, ଗୁହାଳପୁର , ଓଡାସିଙ୍ଗି ସମେତ ଅନେକ ଗ୍ରାମର ଲୋକଙ୍କ ଘରେ ବନ୍ୟାଜଳ ପ୍ରବେଶ କରିବା ଦ୍ୱାରା ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଦେବହରି ଗୌଡ ବିପନ୍ନଙ୍କ ପାଖରେ ପହଞ୍ଚି ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ସହାୟତା ଯୋଗାଇ ଦେଇଛନ୍ତି । ଶୁକ୍ରବାର ସକାଳ ଠାରୁ ବର୍ଷା କମିବା ଦ୍ୱାରା ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବା ଜଣାପଡିଛି ।

ବନ୍ୟା ମୁକାବିଲାରେ ରାଜ୍ୟ ସରକାର ବିଫଳ: କଂଗ୍ରେସ



ଭୁବନେଶ୍ୱର,୩୦।୧୦(ସମିସ): ରାଜ୍ୟ ଉପରେ ବାତ୍ୟା ବିପତ୍ତି ଆଶଙ୍କା ଥିବା ନେଇ ପୂର୍ବରୁ ପାଣିପାଗ ବିଭାଗ ସୂଚନା ଦେଇଥିଲା। ବାତ୍ୟା ଆନ୍ଧ୍ରରେ ସ୍ଥଳଭାଗରେ ମାଡ଼ ହେବ ଓ ଓଡ଼ିଶାର ଦକ୍ଷିଣାଞ୍ଚଳ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର କହିଥିଲା। ରାଜ୍ୟ ସରକାର ବହୁ ପୂର୍ବରୁ ଏହା ଜାଣିଥିଲେ ଓ ଶୂନ୍ୟ ମୃତ୍ୟୁ ଘୋଷଣାକୁ ଜପ କରୁଥିଲେ। କିନ୍ତୁ ପରିତାପର ବିଷୟ ଯେ ଅତିବୃଷ୍ଟି ଜନିତ କ୍ଷୟକ୍ଷତି ପରେ ଆନ୍ତରିକତା ସହିତ କୌଣସି ଚିନ୍ତା କରାଗଲା ନାହିଁ। ଯାହା ଫଳରେ ଲକ୍ଷଲକ୍ଷ ଲୋକ ହନ୍ତସନ୍ତ ହେଲେ ବୋଲି ଅଭିଯୋଗ କରିଛି କଂଗ୍ରେସ। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ ସରକାରଙ୍କ ଅଦୂରଦର୍ଶିତା ପାଇଁ ରାଜ୍ୟବାସୀ ଏବେ ବିପୁଳ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି । ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅତିମାତ୍ରାରେ କ୍ଷୟକ୍ଷତି ଘଟିଛି। ଚାଷ ଉପରେ ଗୁରୁତ୍ୱ ଦେଇଥିବା ଏହି ଅଂଚଳର କେବଳ ଧାନଫସଲ ନଷ୍ଟ ହୋଇନାହିଁ। ଅଧିକନ୍ତୁ ଚାଷୀମାନେ କରିଥିବା ପନିପରିବା, ପାନ ଚାଷ ନଷ୍ଟ ହୋଇଛି। ତେଣୁ ସମସ୍ତ ଚାଷୀଙ୍କୁ ସେମାନଙ୍କ ଚାଷ ପାଇଁ ତୁରନ୍ତ ଭରଣ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ଦଳର ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ କହିଥିଲେ ଯେ ଗଞ୍ଜାମ ଜିଲ୍ଲାର ଅନ୍ୟତ୍ର ୫୦୦ମିଲିମିଟରରୁ ଅଧିକ ବର୍ଷା ହୋଇଥିଲେ ମଧ୍ୟ ଭଞ୍ଜନଗରରେ ୧୬୦ ମିଲିମିଟର ବର୍ଷା ହୋଇଥିଲା। ସରକାର ଓ ସରକାରୀକଳର ଅଦୂରଦର୍ଶିତା ପାଇଁ ଲୋହରାଖଣ୍ଡି ନଦୀର ଡହ ଜଳପ୍ରପାତର ଗେଟ୍ ଖୋଲିବା ପାଇଁ ବାତ୍ୟାର ୭ଦନ ପୂର୍ବରୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଏହାକୁ ଅଣଦେଖା କରି ୨୮ ତାରିଖ ଦିନ ଡହ ଜଳପ୍ରପାତର ୪ଟି ଗେଟ ଖୋଲିଦେଲେ। ଜଳ ସମ୍ପଦ ବିଭାଗର ଅଦୂରଦର୍ଶିତା ପାଇଁ ଭଞ୍ଜନଗର ସଂପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ରାଜ୍ୟ ସରକାର ତୁରନ୍ତ ଏହାକୁ ତଦନ୍ତ କରି ସଂପୃକ୍ତ କର୍ମଚାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନାୟକ ଦାବି କରିଥିଲେ।

ମୁଖପାତ୍ର ଅଭିଷେକ ମହାନନ୍ଦ କହିଥିଲେ ଯେ ଏ ସମସ୍ତ ଅବ୍ୟବସ୍ଥା ପାଇଁ ସରକାର ଦାୟୀ ଏବଂ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବୃଷ୍ଟିଜନିତ କ୍ଷୟକ୍ଷତି ସଂପୂର୍ଣ୍ଣ ଭାବରେ ମନୁଷ୍ୟକୃତ। ଏଥିପାଇଁ ଦାୟୀ ବିଭାଗର ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆବଶ୍ୟକ ବୋଲି ସେ କହିଛନ୍ତି। ପିସିସି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଏକ ଅନୁସନ୍ଧାନ ଦଳ ଗଞ୍ଜାମ ଓ ଗଜପତି ପ୍ରଭୃତି କ୍ଷୟକ୍ଷତି ଜିଲ୍ଲାକୁ ଖୁବ୍ ଶୀଘ୍ର ଗସ୍ତକରି କ୍ଷୟକ୍ଷତିର ଆକଳନ କରି ପ୍ରଦେଶ କଂଗ୍ରେସ କମିଟିକୁ ରିପୋର୍ଟ ପ୍ରଦାନ କରିବ ବୋଲି ଏହି ଅବସରରେ ଦଳ ପକ୍ଷରୁ କୁହାଯାଇଛି ।

ବନ୍ୟା ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ଫେଲ୍: ବିଜେଡି

ଭୁବନେଶ୍ୱର,୩୦।୧୦(ସମିସ): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପ୍ରବଳ ବର୍ଷା ଓ ସମ୍ଭାବ୍ୟ ବନ୍ୟା ସମ୍ପର୍କରେ ଆଗୁଆ ସତର୍କ ସୂଚନା ଜାରି ହୋଇଥିଲା। ଏହା ସତ୍ତ୍ୱେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି କହି ସରକାରଙ୍କୁ ତୀବ୍ର ସମାଲୋଚନା କରିଛି ବିଜେଡି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ଉପସଭାପତି ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ଗଞ୍ଜାମ ଓ ଗଜପତିରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସରକାର ଯଦି ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତେ, ତେବେ ଏପରି ଅବସ୍ଥା ହୋଇନଥାନ୍ତା। ବିଶେଷକରି ଜଳଭଣ୍ଡାର ପରିଚାଳନା, ଜଳନିଷ୍କାସନର ବ୍ୟବସ୍ଥା ଏବଂ ଦୁର୍ବଳ ନଦୀବନ୍ଧ ଗୁଡ଼ିକର ମରାମତି ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ଥିଲା। ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅବୈଧ ବାଲି ଉତ୍ତୋଳନ ଯୋଗୁଁ ଅନେକ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଥିଲା, ଯାହାଫଳରେ ବନ୍ୟା ବିଭୀଷିକା ସୃଷ୍ଟି ହେଲା। ଅତ୍ୟଧିକ ବର୍ଷା ହେବା ନେଇ ଆଗୁଆ ସୂଚନା ଥିବା ସତ୍ତ୍ୱେ ସରକାର କାହିଁକି ଆଗୁଆ ପଦକ୍ଷେପ ନେଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ବନ୍ୟା ବିପନ୍ନ ଲୋକଙ୍କୁ ସହାୟତା ଯୋଗାଇଦେବା ପରିବର୍ତ୍ତେ ସରକାର ନିଜ ପ୍ରଚାର ଓ ପ୍ରସାରରେ ବ୍ୟସ୍ତ ରହିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରୁ ପ୍ରାୟ ୫୦ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଥିବା ନେଇ ସରକାର ଦାବି କରୁଛନ୍ତି। କିନ୍ତୁ ଉଦ୍ଧାର କାର୍ଯ୍ୟରେ କେତୋଟି ହେଲିକପ୍ଟର ନିୟୋଜିତ ହୋଇଥିଲା ଓ ବନ୍ୟା ବିପନ୍ନ ଲୋକଙ୍କୁ କେତେ ସହାୟତା ଯୋଗାଇ ଦିଆଇଯାଇଛି,



- ଲୋକଙ୍କ ଦୁର୍ଦ୍ଦଶା ବୁଝିବା ବଦଳରେ ନିଜ ପ୍ରଚାରରେ ସରକାର ବ୍ୟସ୍ତ
- ବନ୍ୟା ପ୍ରଭାବିତଙ୍କୁ ତୁରନ୍ତ ରିଲିଫ ବଣ୍ଟନ ସହ ଥଇଥାନ ଦାବି କଲା ଦଳ

ତାହା ସାର୍ବଜନୀନ କରାଯାଉ ବୋଲି ସେ ଦାବି କରିଛନ୍ତି।

ବିଜେଡି ଉପସଭାପତି ପ୍ରତାପ ଜେନା କହିଛନ୍ତି, ଗଞ୍ଜାମ ଓ ଗଜପତି ଜିଲ୍ଲାର ହଜାର ହଜାର ଲୋକ ବନ୍ୟା ଯୋଗୁଁ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ସରକାରଙ୍କ ପ୍ରସ୍ତୁତିକୁ ନେଇ ଦାବି ଓ ବାସ୍ତବ ସ୍ଥିତି ମଧ୍ୟରେ ଆକାଶପାତାଳ ପାର୍ଥକ୍ୟ ରହିଛି। ଅନେକ ବନ୍ୟା ବିପନ୍ନ ପରିବାର ପାଖରେ ରିଲିଫ୍ ସାମଗ୍ରୀ ପହଞ୍ଚିପାରିନାହିଁ। ସରକାର ତୁରନ୍ତ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବନ୍ୟା ପ୍ରଭାବିତ ଲୋକଙ୍କୁ ବିନା ପକ୍ଷପାତିତାରେ ସହାୟତା ଯୋଗାଇ ଦିଅନ୍ତୁ। ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ଅତ୍ୟାବଶ୍ୟକ ସାମଗ୍ରୀ ସମୟୋଚିତ ଭାବେ ବଣ୍ଟନ କରାଯାଉ। ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ପରିବାର ଗୁଡ଼ିକୁ ଯଥେଷ୍ଟ କ୍ଷତିପୂରଣ ପ୍ରଦାନ କରିବାକୁ ଶ୍ରୀ ଜେନା ଦାବି କରିଛନ୍ତି। ସରକାର ଯଦି ବନ୍ୟା ପ୍ରଭାବିତ ଲୋକଙ୍କ ପ୍ରତି ଅବହେଳା କରିବେ, ତେବେ ବିଜୁ ଜନତା ଦଳ ସରକାରଙ୍କ ବିରୋଧରେ ନିଜର ଗଣତାନ୍ତ୍ରିକ ଆନ୍ଦୋଳନକୁ ଆହୁରି ତୀବ୍ର କରିବ। ମୁଖ୍ୟମନ୍ତ୍ରୀ ଓ ସମ୍ପୃକ୍ତ ମନ୍ତ୍ରୀମାନେ ରାଜନୈତିକ ବିଚାରଧାରାରୁ ଉର୍ଦ୍ଧ୍ୱରେ ରହି ଗଞ୍ଜାମ ଓ ଗଜପତି ଜିଲ୍ଲାର ଲୋକଙ୍କ ସୁରକ୍ଷା, ଜୀବିକା ଓ ଥଇଥାନକୁ ପ୍ରାଥମିକତା ଦିଅନ୍ତୁ ବୋଲି ଦଳ ପକ୍ଷରୁ ଦାବି ହୋଇଛି।

ବାତ୍ୟା, ବନ୍ୟା ପ୍ରଭାବିତ ଗଞ୍ଜାମରେ ବିଜେଡି ପ୍ରତିନିଧି ଦଳ



ବ୍ରହ୍ମପୁର,୩୦।୧୦(ସମିସ): ରାଜ୍ୟର ଡବଲ ଇଂଜିନ ସରକାରଙ୍କ ପାଖରେ ନାହିଁ ଦୂରଦୃଷ୍ଟି କି ଅଭିଜ୍ଞତା। ଏଭଳି ସ୍ଥିତିରେ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ବିରୋଧୀ ହେଲେ ମଧ୍ୟ ୨୪ବର୍ଷର ସରକାର ତଥା ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ସମ୍ମାନିତ ପୂର୍ବ ନେତୃତ୍ୱ ଠାରୁ ପରାମର୍ଶ ନେବା ଜରୁରୀ। ଆତ୍ମସମ୍ମାନକୁ ରକ୍ଷା କରିବାକୁ ଯାଇ ରାଜ୍ୟ ସରକାର ଲୋକଙ୍କ ଧନଜୀବନକୁ ବିପନ୍ନ କରିବାକୁ ପଛାଉ ନାହାନ୍ତି। ବାତ୍ୟା ସମ୍ପର୍କିତ ଆଗୁଆ ସୂଚନା ପାଇବା ସତ୍ତ୍ୱେ ଡ୍ୟାମର ସୁରକ୍ଷା ଓ ବାତ୍ୟା ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା ମନୁଷ୍ୟ କୃତ। ଏଥିପାଇଁ ଖୋଦ୍ ରାଜ୍ୟ ସରକାର ଦାୟୀ। ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ପୂର୍ବରୁ ଜଳସେଚନ ବିଭାଗ ସଚିବ ଥିଲେ ହେଁ ଏନେଇ ସଠିକ ପରାମର୍ଶ ନଦେବାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ଶୂନ୍ୟ ଜୀବନହାନି ଉପରେ ଗୁରୁତ୍ୱ ଦେବା ନେଇ ସରକାର ଡିଣ୍ଡିପ ପିଟୁଥିବା ବେଳେ ସରକାରୀ ଭାବେ ୯୦ରୁ ଉର୍ଦ୍ଧ୍ୱ ପଶୁସମ୍ପଦଙ୍କ ଜୀବନ ହାନୀ ଘଟିଛି। ବହୁ ମାନବ ଜୀବନ ନିଖୋଜ ଥିବା ବେଳେ ସେମାନଙ୍କର ଖୋଜଖବର ମିଳିନାହିଁ। ବିଗତ ୨୪ବର୍ଷର ଶାସନ କାଳରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱର ସରକାର ବାତ୍ୟା ଓ ବନ୍ୟା ପରିଚାଳନା କ୍ଷେତ୍ରରେ କେବଳ ଦେଶରେ ନୁହେଁ ବରଂ ଆନ୍ତର୍ଜାତୀୟ ସ୍ତରରେ ସମ୍ମାନିତ ହୋଇଥିଲା। ବର୍ତ୍ତମାନ ପରିସ୍ଥିତିରେ ଅନଭିଜ୍ଞ ରାଜ୍ୟ ସରକାର ଲୋକଙ୍କ ଧନଜୀବନ ସୁରକ୍ଷା କ୍ଷେତ୍ରରେ ଅନ୍ତତଃ ନବୀନ ପଟ୍ଟନାୟକଙ୍କ ପରାମର୍ଶ ନେବାରେ କୁଣ୍ଠା ପ୍ରକାଶ ନକରୁ ବୋଲି ପରାମର୍ଶ ଦେଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ। ନବୀନଙ୍କ ନିର୍ଦ୍ଦେଶରେ ବାତ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତରେ ଆସିଥିବା ଏହି ପ୍ରତିନିଧି ଦଳ ସମସ୍ତ ପ୍ରଭାବିତ ନିର୍ବାଚନ ମଣ୍ଡଳୀ ଗସ୍ତ କରିବ ଓ ପରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବ ବୋଲି ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଶ୍ରୀମତୀ ମଲ୍ଲିକ। ସେହିଭଳି ଆଇଏମଡି ଠାରୁ ଆଗୁଆ ସୂଚନା ଓ ସତର୍କତା ସତ୍ତ୍ୱେ କୌଣସି ପଦକ୍ଷେପ ନିଆନଯିବାରୁ ଉଭୟ ଗଞ୍ଜାମ ଓ ଗଜପତିରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରତାପ ଜେନା।

ଭଞ୍ଜନଗର ଡ୍ୟାମର ସୁରକ୍ଷା ପାଇଁ ଆଗୁଆ ପଦକ୍ଷେପ ନନେବାରୁ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଏକ୍ଷେତ୍ରରେ ରାଜ୍ୟ ସରକାର ଓ ପ୍ରଶାସନର ଖାମଖିଆଲି ମନୋଭାବକୁ ସେ ଦାୟୀ କରିଛନ୍ତି। ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ପ୍ରଭାବିତ ଅଞ୍ଚଳ ଗସ୍ତରେ ଖୋଦ୍ ମୁଖ୍ୟମନ୍ତ୍ରୀ ଲୋକଦେଖାଣିଆ ଭାବେ ଆସିଥିଲେ ହେଁ ଜଳବନ୍ଦୀ ଭାବେ ଥିବା କ୍ଷତିଗ୍ରସ୍ତଙ୍କୁ ଦିର୍ଘ ୪୮ ଘଣ୍ଟା ପରେ ମଧ୍ୟ ଉଦ୍ଧାର କରାଯାଇ ନାହିଁ କି ରିଲିଫ ମଧ୍ୟ ପ୍ରଦାନ କରାଯାଇପାରି ନାହିଁ। ଏଣୁ ରାଜ୍ୟ ସରକାର ବାତ୍ୟା ପୂର୍ବ ପ୍ରସ୍ତୁତି ଓ ପରବର୍ତ୍ତି ପରିଚାଳନାରେ ସମ୍ପୂର୍ଣ୍ଣ ଫେଲ ମାରିଥିବା ଶ୍ରୀ ଜେନା ଅଯୋଗ କରିଛନ୍ତି। ବିଜେଡିର ଏହି ପ୍ରତିନିଧି ଦଳ ସହିତ ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ସମେତ ପ୍ରତାପ ଜେନା, ପୂର୍ବତନ ବିଧାୟକ ସୁବାସ ବେହେରା, ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ, ଚନ୍ଦ୍ରଶେଖର ସାହୁ, ଭୃଗୁ ବକ୍ସିପାତ୍ର, ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଗଂଜିତା ସାହୁ, ବିଜେଡି ମୁଖପାତ୍ର ତୃମ୍ବନାଥ ପଣ୍ଡା ଓ ପୂର୍ବତନ ବିଇଡିଏ ଅଧକ୍ଷ ସୁବାଷ ମହାରଣାଙ୍କ ସମେତ ବହୁ ସ୍ଥାନୀୟ ନେତୃମଣ୍ଡଳୀ ଓ କର୍ମୀ ଉପସ୍ଥିତ ଥିଲେ।

ପୂର୍ବତନ ରେଙ୍ଗାଲି ବିଧାୟକ ରମେଶ ପଟୁଆ ବିଜେଡିରେ ସାମିଲ

ଭୁବନେଶ୍ୱର,୩୦।୧୦(ସମିସ): ବିଜେଡିରେ ସାମିଲ ହୋଇଛନ୍ତି ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ପଟୁଆ। ଶତାଧିକ ସମର୍ଥକଙ୍କ ସହ ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନଠାରେ ଆଜି ଆୟୋଜିତ ଏକ ମିଶ୍ରଣ ପର୍ବରେ ଆନୁଷ୍ଠାନିକ ଭାବେ ସେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ, ଉପସଭାପତି ପ୍ରତାପ ଜେନା, ବିଧାୟକ ସୁଦର୍ଶନ ହରିପାଲ ଏବଂ ଗଣମାଧ୍ୟମ ସଂଯୋଜକ ଡଃ ଲେନିନ୍ ମହାନ୍ତି ଉପସ୍ଥିତ ରହି ଶ୍ରୀ ପଟୁଆ ଓ ତାଙ୍କ ସମର୍ଥକମାନଙ୍କୁ ବିଜେଡିକୁ ସ୍ୱାଗତ କରିଥିଲେ।



ଦଳରେ ଯୋଗଦେଇଥିବା ସଦସ୍ୟମାନଙ୍କୁ ସ୍ୱାଗତ କରି ବରିଷ୍ଠ ନେତୃବୃନ୍ଦ କହିଥିଲେ ଯେ, ରମେଶ ପଟୁଆ ଓ ତାଙ୍କ ସମର୍ଥକମାନଙ୍କ ଯୋଗଦାନ ଦ୍ୱାରା ବିଶେଷକରି ରେଙ୍ଗାଲି ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଜେଡିର ସାଂଗଠନିକ ଶକ୍ତି ଆହୁରି ସୁଦୃଢ଼ ହେବ। ଦଳର ଜନକଲ୍ୟାଣ, ଆଞ୍ଚଳିକ ବିକାଶ, ସାମାଜିକ ନ୍ୟାୟ ଏବଂ ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇବ। ଏହି ଅବସରରେ ରମେଶ ପଟୁଆ କହିଥିଲେ ଯେ, ରେଙ୍ଗାଲି ସମେତ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଜୁ ଜନତା ଦଳକୁ ଅଧିକ ସୁଦୃଢ଼ କରିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବୁ।

୨୦୨୯ରେ ନବୀନ ପଟ୍ଟନାୟକଙ୍କୁ ପୁନର୍ବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ କରିବା ଦିଗରେ କାର୍ଯ୍ୟ କରିବୁ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ମିଶ୍ରଣ ପର୍ବରେ ବିଜେଡିରେ ଯୋଗଦେଇଥିବା ପ୍ରମୁଖ ନେତା ଓ ପ୍ରତିନିଧିମାନେ ହେଲେ ସତ୍ୟନାରାୟଣ ମହାନନ୍ଦିଆ, ମନବୋଧ ମହାନନ୍ଦ, ନିରଞ୍ଜନ ଜୟପୁରିଆ, ପବିତ୍ର କୁମୁରା, ଭଗବତୀ ରାଉତ, ସୁବାଷ କିଷାନ, କ୍ଷୀରୋଦ ମାଝୀ, ଜୟରାମ କିଷାନ, ସଞ୍ଜୀବ ନାୟକ, ପଦ୍ମଲୋଚନ ମାଝୀ, ଇଶ୍ୱର କୁମୁରା, ଦୁର୍ଯ୍ୟୋଧନ ନାୟକ, ଶରତ ନାୟକ, ମିଶୋର ଖରସେଲ, ଓମ୍ ପ୍ରକାଶ ନାୟକ, ଦାମ୍ବୁ ଚାନ୍ଦ, କ୍ୟାମ୍ପିଲା କିଷାନ ଏବଂ ବିନୟ ମରାଇ ପ୍ରମୁଖ ରହିଥିଲେ।

■ ପୀତବାସ ପଣ୍ଡା ହତ୍ୟାମାମଲା

କୋର୍ଟରେ ହାଜର ହେଲେ ପୂର୍ବତନ ବିଧାୟକ ବିକ୍ରମଙ୍କ ସମେତ ସମସ୍ତ ଅଭିଯୁକ୍ତ



ବ୍ରହ୍ମପୁର,୩୦।୧୦(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲେରେ ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (୩ୟ)ଙ୍କ କୋର୍ଟରେ ଥିଲା ବିଚାରଣା। ଏଥିପାଇଁ କୋର୍ଟରେ ଉଭୟ ବ୍ୟକ୍ତିଗତ ଓ ଆଭାସୀରେ ହାଜର ହୋଇଥିଲେ ମାମଲାର ସମସ୍ତ ଅଭିଯୁକ୍ତ। ମାମଲାରେ ପୁଲିସ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଚାର୍ଜସିଟ ଦାଖଲ କରାଯାଇଛି। ଫଳରେ ବର୍ତ୍ତମାନ ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାର୍ଜଫ୍ରେମ ହେବାକୁ ଥିବା ବେଳେ ଦୁଇ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଳେଇ ଓ କର୍ପୋରେଟର ମଳୟ ବିଶୋୟୀଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ ପିଟିସନ ଉପରେ ଶୁଣାଣି କରି କୋର୍ଟ ତଳ କୋର୍ଟରେ ଚାର୍ଜଫ୍ରେମ ଉପରେ ରହିତାଦେଶ ବା କଟକଣା ଜାରି କରିଥିବା ଜଣାପଡିଛି। ଯାହାକୁ ନେଇ ଆଜି ସ୍ଥାନୀୟ ସ୍ୱତନ୍ତ୍ର କେପାର୍ଟରେ ଏନେଇ ବିଚାରଣା ଆଗକୁ ବଢି ପାରିନାହିଁ। ଆସନ୍ତା ନଭେମ୍ବର ୧୦ତାରିଖରେ ପରବର୍ତ୍ତି ଶୁଣାଣି ହେବାକୁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ବେଳେ ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ମାମଲାର ପରବର୍ତ୍ତି ଶୁଣାଣି ନିର୍ଭର କରୁଛି। ସେପଟେ ଆଜି କୋର୍ଟରେ ଆଭାସିରେ ହାଜର ବେଳେ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଉମା ବିଶୋୟୀ କୋର୍ଟରେ ବିଚାରପତିଙ୍କ ସମ୍ମୁଖରେ ଦେଇଥିବା ଅଭିଯୋଗ ଚର୍ଚ୍ଚାର ବିଷୟ ପାଲଟିଛି। ଉମା ବିଶୋୟୀଙ୍କୁ ଗିରଫ ପରଠାରୁ ଗୋଟିଏ ସେଲରେ ଏକୁଟିଆ ରଖାଯାଇଥିବା ବେଳେର ଉଦ୍ଦେଶ୍ୟ ମୂଳକ ଭାବେ ବାରମ୍ବାର ସେଲ ବଦଳାଇ ହଇରାଣ କରାଯାଉଥିବା ଅଭିଯୋଗ କରିଛନ୍ତି। ଏପରିକି ଜେଲରେ ତାଙ୍କୁ ଉଭୟ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦିଆଯିବା ସହିତ ତାଙ୍କ ଜୀବନ ପ୍ରତି ଭୟଥିବା ସେ ସ୍ପଷ୍ଟ ଅଭିଯୋଗ କରିଛନ୍ତି। ଜେଲରେ ଥିବା ଜଣେ ବିଚାରାଧୀନ ବନ୍ଦୀଙ୍କ ଖୋଦ୍ ଜେଲ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଏଭଳି ସିଧାସଳଖ ତଥା ସଙ୍ଗୀନ ଅଭିଯୋଗର ଗୁରୁତ୍ୱ ଦୃଷ୍ଟିରୁ କୋର୍ଟ ଅଭିଯୁକ୍ତ ଉମାଙ୍କୁ ନିଜେ ଅଥବା ନିଜ ଓକିଲଙ୍କ ଜରିଆରେ ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ସେପଟେ ଆଜି ଏଭଳି ଘଟଣା ପରେ ଅଭିଯୁକ୍ତ ଉମାଙ୍କ ଭାଇ ବଂଶୀ ଓ ତାଙ୍କ ବାପା ଜେଲକୁ ଉମାଙ୍କୁ ଭେଟିବାକୁ ଅପରାହ୍ନରେ ଯାଇଥିବା ବେଳେ ସେଠାରେ ଉଭୟଙ୍କୁ ଜେଲ ଗେଟରେ ଅମାନବୀୟ ଆଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ବଂଶୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ସେ କୋର୍ଟଙ୍କ ନିର୍ଦ୍ଦେଶ ଓ ପରାମର୍ଶ ପ୍ରକାରେ ଉମାଙ୍କ ସହ ଯୋଗାଯୋଗ କରି ନିଜ ଓକିଲଙ୍କ ଜରିଆରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବେ ବୋଲି ସ୍ପଷ୍ଟ ସୂଚନା ଦେଇଛନ୍ତି।

- ଚାର୍ଜଫ୍ରେମ ଉପରେ ହାଇକୋର୍ଟଙ୍କ କଟକଣା ଯୋଗୁଁ ନଭେମ୍ବର ୧୦ରେ ପରବର୍ତ୍ତୀ ଶୁଣାଣି
- ଆଭାସୀରେ ଜେଲ କର୍ତ୍ତୃପକ୍ଷଙ୍କ ଉପରେ ବିଷୋଦଗାର କଲେ ଅଭିଯୁକ୍ତ 'ଉମା ବିଶୋୟୀ'

ହାଇକୋର୍ଟରେ ଝାରସୁଗୁଡ଼ା ନିର୍ବାଚନୀ ମାମଲା: ବ୍ୟାଙ୍କ ଶାଖା ପରିଚାଳକଙ୍କୁ ହାଜର କରାଇବାକୁ ସୁନ୍ଦରଗଡ଼ ଏସପିଙ୍କୁ ନିର୍ଦ୍ଦେଶ

କଟକ,୩୦।୧୦(ସମିସ): ଝାରସୁଗୁଡ଼ା ନିର୍ବାଚନୀ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ହାଇକୋର୍ଟଙ୍କ ୨୦୨୬, ଜୁଲାଇ ୩୧ର ନିର୍ଦ୍ଦେଶ ସତ୍ତ୍ୱେ ପଞ୍ଜାବ ନ୍ୟସନାଲ ବ୍ୟାଙ୍କ ସୁନ୍ଦରଗଡ଼ ଶାଖାର ଶାଖା ପରିଚାଳକ କୌଣସି ଜବାବ ରଖି ନଥିବାରୁ ତାଙ୍କୁ ନଭେମ୍ବର ୨ ତାରିଖରେ ହାଜର କରିବାକୁ ସୁନ୍ଦରଗଡ଼ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଦୀପାଳି ଦାସଙ୍କ ତରଫରୁ ଦାୟର ନିର୍ବାଚନୀ ମୋକଦ୍ଦମାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ନିର୍ବାଚନୀ ମାମଲାର ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା ଯେ ହାଇକୋର୍ଟଙ୍କ ୨୦୨୬, ଜୁଲାଇ ୩୧ର ନିର୍ଦ୍ଦେଶ ସଂପର୍କରେ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ଅବଗତ କରାଯାଇଥିଲା। ଏହାପରେ ମଧ୍ୟ ତାଙ୍କୁ ରିମାଇଣ୍ଡର ପଠା ଯାଇଥିଲା। ତଥାପି ସେ କୌଣସି ଜବାବ ଦେଉ ନଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ପଞ୍ଜାବ ନ୍ୟସନାଲ ବ୍ୟାଙ୍କ ସୁନ୍ଦରଗଡ଼ ଶାଖାର ଶାଖା ପରିଚାଳକଙ୍କୁ ଆବଶ୍ୟକ ନଥିପତ୍ର ସହିତ ନଭେମ୍ବର ୨ ତାରିଖ ଦିନ ସାଢେ ଦଶଟା ସମୟରେ ହାଜର କରାଇବାକୁ ସୁନ୍ଦରଗଡ଼ ଏସପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଝାରସୁଗୁଡ଼ା ଜିଲ୍ଲା ନିର୍ବାଚନ ଅଧିକାରୀ ଦାଖଲ କରିଥିବା ନଥିପତ୍ରକୁ ପକ୍ଷମାନେ ଅନୁଧ୍ୟାନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଅବଶିଷ୍ଟ ନଥିପତ୍ର ଦାଖଲ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଏକ ସପ୍ତାହ ମହଲତ ପ୍ରଦାନ କରାଯାଇଛି।

■ ଏସିଏଫ୍ ସୌମ୍ୟରଂଜନ ମୃତ୍ୟୁ ମାମଲା

ବିଦ୍ୟାଭାରତୀଙ୍କ ଆଗୁଆ ଜାମିନ ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ,୩୦।୧୦(ସମିସ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ଅନ୍ୟତମ ଅଭିଯୁକ୍ତ ପତ୍ନୀ ବିଦ୍ୟାଭରତୀ ପଣ୍ଡାଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ଶେଷ କରିଛନ୍ତି ହାଇକୋର୍ଟ। ଜଷ୍ଟିସ ଭି.ନରସିଂହ ବିଦ୍ୟାଭାରତୀଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଆବେଦନକାରୀ, ରାଜ୍ୟ ସରକାର ଓ ଏତଲାକାରୀଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଏହି ମାମଲାରେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ପ୍ରସଂଗ ନେଇ ବିଦ୍ୟାଭରତୀ ସୁପ୍ରିମକୋର୍ଟରୁ ନିରାଶ ହୋଇଥିଲେ। ଏହାପରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ବିଦ୍ୟାଭାରତୀ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ ଦାୟର କରିଥିଲେ।

କୋଟିଆରେ ଆନ୍ଧ୍ରର ନିର୍ବାଚନ ପ୍ରଚାରକୁ ତୀବ୍ର ବିରୋଧ

ପୋଷ୍ଟର ଫାଡ଼ିଲେ, ପ୍ରଚାର ଗାଡ଼ି ଅଟକାଇଲେ






ପଟ୍ଟାଙ୍ଗି,୩୦।୧୦(ସମିସ): କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଦୀର୍ଘଦିନ ଧରି ଚାଲିଆସିଥିବା ସୀମା ବିବାଦ ପୁଣିଥରେ ତୀବ୍ର ହେବାରେ ଲାଗିଛି। ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆ ଅଞ୍ଚଳରେ ନିର୍ବାଚନୀ କାର୍ଯ୍ୟକଳାପ ଓ ପ୍ରଚାରକୁ ନେଇ ଏବେ ସ୍ଥାନୀୟ ସ୍ତରରେ ବିରୋଧର ସ୍ୱର ଦେଖିବାକୁ ମିଳିଛି। କୋଟିଆ, ଗଞ୍ଜେଇପଦର, ରଣାସିଂହ ସମେତ ବିଭିନ୍ନ ସୀମାନ୍ତ ଗ୍ରାମରେ ଆନ୍ଧ୍ରର ନିର୍ବାଚନୀ ପ୍ରଚାରକୁ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି। ଅନେକ ସ୍ଥାନରେ ଘର କାନ୍ଥରେ ଲଗାଯାଇଥିବା ଆନ୍ଧ୍ରର ନିର୍ବାଚନ ପୋଷ୍ଟର, ପତ୍ରିକାକୁ ଗ୍ରାମବାସୀ ଚିରି ପକାଇଥିବା ଦେଖିବାକୁ ମିଳିଛି। ଏହା ସହ ନିର୍ବାଚନ ପ୍ରଚାର ପାଇଁ ଆସିଥିବା ଗାଡ଼ି ମଧ୍ୟ ଗ୍ରାମବାସୀଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ସମିତି ସଭ୍ୟ ଓ ଜିଲ୍ଲାପରିଷଦ ନିର୍ବାଚନ ସହ ଜଡ଼ିତ ପ୍ରଚାର ଗାଡ଼ି କୋଟିଆ ଅଞ୍ଚଳରେ ପହଞ୍ଚିବା ପରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବିରୋଧ କରାଯାଉଛି।

ଏହି ଘଟଣାକୁ ନେଇ ସୀମାନ୍ତ ଅଞ୍ଚଳରେ ରାଜନୈତିକ ଓ ପ୍ରଶାସନିକ ଚର୍ଚ୍ଚା ପୁଣି ଜୋର ଧରିଛି। କୋଟିଆର ୨୧ଟି ବିବାଦୀୟ ଗ୍ରାମକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଦୀର୍ଘଦିନ ଧରି ଟଣାଓଟରା ଚାଲିଆସୁଛି। ଆନ୍ଧ୍ର ପକ୍ଷରୁ ନିର୍ବାଚନ କରାଯିବାକୁ ନେଇ ସୀମା ବିବାଦ ପୁଣି ତୀବ୍ର ହୋଇଛି। ପୂର୍ବରୁ କୋଟିଆ ଅଞ୍ଚଳରେ ଆନ୍ଧ୍ର ପକ୍ଷରୁ ଲଗାଯାଇଥିବା ନାମଫଳକକୁ ନେଇ ମଧ୍ୟ ବିବାଦ ଦେଖାଦେଇଥିଲା। ନାମଫଳକ ହଟାଯିବା ପରେ ପୁଣିଥରେ ଆନ୍ଧ୍ର ପକ୍ଷରୁ ତାହା ପୁଣି ଲଗାଯିବା ବିବାଦକୁ ନୂଆ ମୋଡ଼ ଦେଇଥିଲା। ଅନ୍ୟପକ୍ଷରେ କୋଟିଆ ଅଞ୍ଚଳରେ ଓଡ଼ିଶା ପ୍ରଶାସନ ମଧ୍ୟ ନିଜର ଉପସ୍ଥିତିକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦେଇଆସୁଛି। ପ୍ରଶାସନିକ ଅଧିକାରୀଙ୍କ ଗସ୍ତ, ଗ୍ରାମବାସୀଙ୍କ ସହ ଆଲୋଚନା ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉପରେ ଓଡ଼ିଶା ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଆନ୍ଧ୍ରର ନିର୍ବାଚନୀ କାର୍ଯ୍ୟକଳାପକୁ ନେଇ କୋଟିଆବାସୀଙ୍କ ଏହି ବିରୋଧ ଓଡ଼ିଶା ପ୍ରଶାସନକୁ ଉତ୍ସାହିତ କରିଛି।

ଦୁଇ ବାଘଛାଲ ସହ ମାରଣାସ୍ତ୍ର ଜବତ; ୭ ଗିରଫ



ଭବାନୀପାଟଣା/ଥୁଆମୂଳ ରାମପୁର, ୩୦।୧୦ (ସମିସ): କଳାହାଣ୍ଡି ଜିଲ୍ଲାରେ ବନ୍ୟଜନ୍ତୁ ଶିକାରୀ ଗ୍ୟାଙ୍ଗ ଉପରେ ବନ ବିଭାଗର ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ। ଥୁଆମୂଳ ରାମପୁର ବନାଞ୍ଚଳ ଅନ୍ତର୍ଗତ ସାଇସୁରନି ରେଞ୍ଜରେ ଚଢ଼ଉ କରି ଦୁଇଟି କଲରାପତରିଆ ବାଘ ଛାଲ ସମେତ ନଖ, ଦାନ୍ତ, ହାଡ଼ ଓ ବହୁ ମାରଣାସ୍ତ୍ର ଜବତ କରିଛି ବନ ବିଭାଗ। ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କର୍ଲାପାଟ ଥାନା ଅନ୍ତର୍ଗତ ଡାବ୍ରିଗୁଡ଼ାର କୁମୁଦ ରାଉତ, ପାନଭଟାର ତରଙ୍ଗ ପାତ୍ର ଏବଂ ତଳଆମପଦର ଗାଁର ସନ୍ତୋଷ କୁମାର ଜାଲ, ଅର୍ଜୁନ ମାଝୀ, ନୀଳକଣ୍ଠ ସାହୁ, ଆନନ୍ଦ ମାଝୀ ଓ ଲେଲି ମାଝୀ। ସୂଚନା ଅନୁସାରେ, ବନ୍ୟଜନ୍ତୁ ଶିକାର ଓ ଚୋରା କାରବାରରେ ସମ୍ପୃକ୍ତ ଏକ ଗ୍ୟାଙ୍ଗ ଉପରେ ଦୀର୍ଘ ଦୁଇ ମାସ ଧରି ନଜର ରଖିଥିଲା ବନ ବିଭାଗ। ବିଶେଷ ସୂତ୍ରରୁ ଖବର ପାଇ ତଳଆମପଦର ଗାଁ ଉପରେ ନଜର ରଖିଥିଲା। ଶେଷରେ ଗତ ୨୮ ତାରିଖରେ ଏସିଏଫ୍ ପ୍ରଫୁଲ୍ଲ କୁମାର ଧରୁଆ, ଭାରପ୍ରାପ୍ତ ରେଞ୍ଜର ତ୍ରିନାଥ ସେଠୀ ଓ ଫରେଷ୍ଟର ନିହାର ରଞ୍ଜନ ଠାକୁରଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଚଢ଼ଉ କରି ଶିକାରୀ ଦଳକୁ ଧରିବାରେ ସଫଳ ହୋଇଥିଲେ। ଜବତ ସାମଗ୍ରୀ ମଧ୍ୟରେ ଦୁଇଟି କଲରାପତରିଆ ବାଘଛାଲ, ବାଘର ନଖ, ଦାନ୍ତ ଓ ହାଡ଼ ସହିତ ଏକ ଦେଶୀ ଟୋପିଦାର ବନ୍ଧୁକ, ୭ ଗ୍ରାମ ବାରୁଦ, ୨୦୬ଟି ଛେରା ଗୁଳି, ବନ୍ଧୁକ ସଫା କରିବା ରଡ୍, ଗୋଟିଏ ଧନୁ ଓ ଦୁଇଟି ତୀର ରହିଛି। ଏଥିସହ ଏକ ଜୀଅନ୍ତା ବାରହା ଓ ଗୋଟିଏ ଗୋଧିର ମୁଣ୍ଡ ମଧ୍ୟ ଉଦ୍ଧାର କରାଯାଇଛି।

ନକଲି ଡିଟରଜେଣ୍ଟ କାରଖାନା ସିଲ୍

ଭଦ୍ରକ,୩୦।୧୦(ସମିସ): ଭଦ୍ରକ ଜିଲ୍ଲାରେ ପୁଣି ଏକ ବଡ଼ଧରଣର ନକଲି କାରବାରର ପର୍ଦ୍ଦାଫାସ୍ ହୋଇଛି। ନକଲି ଜର୍ଦ୍ଦା ପରେ ଏବେ ପ୍ରତିଷ୍ଠିତ ତଥା ନାମୀଦାମୀ କମ୍ପାନୀର ନାମ ବ୍ୟବହାର କରି ବେଆଇନ ଭାବେ ଚାଲିଥିବା ଏକ ନକଲି ଡିଟରଜେଣ୍ଟ ତିଆରି କାରଖାନା ଉପରେ ଅତର୍କିତ ଚଢ଼ଉ କରିଛି ଭଦ୍ରକ ଗ୍ରାମାଞ୍ଚଳ ପୁଲିସ। ଘଟଣାସ୍ଥଳରୁ ବିପୁଳ ପରିମାଣର ନକଲି ସାମଗ୍ରୀ, ଲୋଗୋ ଓ ପ୍ୟାକେଟ ଆଦି ଜବତ ହୋଇଛି।

ନାମୀଦାମୀ ବ୍ରାଣ୍ଡରେ ବିପୁଳ ସାମଗ୍ରୀ ଜବତ





ତେବେ, ନକଲି ପ୍ରସ୍ତୁତ କରୁଥିବା ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ସୂଚନାନୁଯାୟୀ, ଭଦ୍ରକ ଗ୍ରାମାଞ୍ଚଳ ଥାନା ରାଣୀତାଲ ବଜାର ନିକଟରେ ଦୀର୍ଘ ଦିନ ଧରି ଏହି ନକଲି ଡିଟରଜେଣ୍ଟ କାରଖାନାଟି ଚାଲିଥିଲା। ବଜାରରେ ବହୁଳ ଭାବେ ବିକ୍ରି ହେଉଥିବା ପ୍ରସିଦ୍ଧ ବ୍ରାଣ୍ଡଗୁଡ଼ିକର ଲୋଗୋ ଏବଂ ପ୍ୟାକେଜିଂ ବ୍ୟବହାର କରି ନକଲି ଡିଟରଜେଣ୍ଟ ପାଉଡର ପ୍ରସ୍ତୁତ କରାଯାଉଥିଲା। ମୁଖ୍ୟତଃ ସର୍ଫ ଏକ୍ସେଲ ପାଉଡର ଓ ହୁଇଲ୍ ପାଉଡର ଆଦି ପ୍ରସ୍ତୁତ ହେଉଥିବା ଜଣାଯାଇଛି। ପୁଲିସ ଟିମ୍ ବିଳମ୍ବିତ ରାତିରେ ସମ୍ପୃକ୍ତ କାରଖାନା ଉପରେ ଚଢ଼ଉ କରିଥିଲା। ଆଗୁଆ ସୂଚନା ପାଇ କର୍ମଚାରୀମାନେ ଫ୍ୟାକ୍ଟ୍ରିରେ ତାଲା ପକାଇ ଫେରାର ହୋଇଯାଇଥିଲେ। ଘର ଭିତରେ ଡିଟରଜେଣ୍ଟ ପାଉଡର ତିଆରି ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ କେମିକାଲ୍, କଞ୍ଚାମାଲ ଏବଂ ମେସିନ୍ ମଧ୍ୟ ଠାବ ହୋଇଛି। ଅଭିଯୁକ୍ତମାନେ ନଥିବା ବେଳେ ଘର ମାଲିକଙ୍କ ସହଯୋଗରେ ପୁଲିସ ଉକ୍ତ କାରଖାନା ସ୍ଥାନକୁ ସିଲ୍ କରି ଜଗି ରହିଛି।



ଆଜିର ରାଶିଫଳ

ମେଷ: ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଅର୍ଥ ରୋଜଗାର ପାଇଁ ନୂତନ ମାର୍ଗ ଫିଟିବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

ବୃଷ: ଦିନଟିରେ ମିଶ୍ରିତ ଫଳ ମିଳିବ। ଛାତ୍ରଛାତ୍ରୀଙ୍କୁ ଶୁଭ ଫଳ ମିଳିବ। ବ୍ୟବସାୟରେ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ରହିବ।

ମିଥୁନ: ଅବିବାହିତଙ୍କ ବିବାହ ସ୍ଥିର ହେବ। ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ରାଜନୀତିରେ ସକ୍ରିୟ ରହିବେ। କଳା ଓ ସାହିତ୍ୟ କ୍ଷେତ୍ରରେ ରୁଚି ବଢ଼ିବ।

କର୍କଟ: ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ମଧୁମୟ ହେବ। ଭାବିଚିନ୍ତି କାର୍ଯ୍ୟ କରିବା ଭଲ।

ସିଂହ: ନୂତନ ବ୍ୟବସାୟ ପାଇଁ ଯୋଜନା କରିବେ। ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଧାର୍ମିକ ସ୍ଥାନକୁ ଯିବାର ଯୋଜନା କରିବେ।

କନ୍ୟା: ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଦାନଧର୍ମ କରନ୍ତୁ। ପ୍ରେମ ବ୍ୟାପାରରେ ସଫଳତା ମିଳିବ। ବ୍ୟବସାୟରେ ପରିବର୍ତ୍ତନ ଆସିବ।

ତୁଳା: ଚାକିରିରେ ବଦଳି ସମ୍ଭାବନା ଅଛି। ଜମି ବିବାଦ ଦେଖା ଦେବ। ନିବେଶରୁ ଲାଭ ମିଳିବ। ସରକାରୀ ଚାକିରିଆଙ୍କ ପାଇଁ ଭଲ ସମୟ। ଜୀବନସାଥୀଙ୍କ ସହଯୋଗ ମିଳିବ। ଅଚାନକ ଶୁଭ ଖବର ପାଇବେ।

ବିଛା: ଧୈର୍ଯ୍ୟର ରଖି କାମ କରନ୍ତୁ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

ଧନୁ: ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତ ପାଇଁ ଚିନ୍ତା କରନ୍ତୁ। ପାରିବାରିକ ଜୀବନ ସୁଖମୟ ହେବ। ବିଦେଶଯାତ୍ରା ଯୋଗ ରହିଛି। ଅନ୍‌ଲାଇନ୍ କାର୍ଯ୍ୟରୁ ଲାଭ ମିଳିବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

ମକର: ଦାମ୍ପତ୍ୟ ଜୀବନରେ ସମସ୍ୟା ଆସିବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ। ପତି-ପତ୍ନୀଙ୍କ ମଧ୍ୟରେ ମନାନ୍ତର ହେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।


କୁମ୍ଭ: ଦିନଟି ବ୍ୟସ୍ତତା ଭିତରେ ଅତିବାହିତ ହେବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

ମୀନ: ପୁରୁଣା ରୋଗ ସମସ୍ୟା ଦେଖାଦେବ। ଚାକିରିଆଙ୍କୁ ନୂଆ ନିଯୁକ୍ତି ସମ୍ଭାବନା ଅଛି। ଦୂରଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। । ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

ଆଜିର ଇତିହାସ

- ୧୭୫୯: ଫିଲିପାଇନ୍ସ ଭୂମିକମ୍ପରେ ୧୦୦ ଜଣଙ୍କ ମୃତ୍ୟୁ।
- ୧୯୧୪- ବ୍ରିଟେନ୍ ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୫୩: ବେଲିଜିୟମ୍‌ରେ ଟେଲିଭିଜନ ପ୍ରସାରଣ ଆରମ୍ଭ।
- ୧୯୮୪: ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦେହାନ୍ତ।
- ୨୦୧୫: ରୁଷିଆର ମେଟ୍ରୋଜେଟ୍ ଫ୍ଲାଇଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୨୪ ଯାତ୍ରୀଙ୍କ ମୃତ୍ୟୁ।

ଜାତୀୟ ଏକତା ଦିବସ



ପ୍ରତିବର୍ଷ ୩୧ ଅକ୍ଟୋବରକୁ ଭାରତରେ ଜାତୀୟ ଏକତା ଦିବସ ପାଳନ କରାଯାଏ। ଏହି ଦିନଟି ଭାରତର ପ୍ରଥମ ଗୃହମନ୍ତ୍ରୀ ତଥା ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଜୟନ୍ତୀକୁ ସ୍ମରଣୀୟ କରିବା ପାଇଁ ଉଦ୍ଦିଷ୍ଟ। ବିବିଧତା ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ଏବଂ ଜାତୀୟ ଅଖଣ୍ଡତାକୁ ବଜାୟ ରଖିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଏହାବାଦ୍ ଦେଶର ଆଭ୍ୟନ୍ତରୀଣ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଏହି ଦିବସ ସମସ୍ତଙ୍କୁ ସଂକଳ୍ପବଦ୍ଧ କରିଥାଏ। ଭାରତ ପରି ବିବିଧତାପୂର୍ଣ୍ଣ ଦେଶରେ ଲୋକଙ୍କ ମଧ୍ୟରେ ଏକତାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଲୌହ ପୁରୁଷ ସର୍ଦ୍ଦାର ପଟେଲ, ଭାରତ ଏକୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ୧୮୭୫ ମସିହା ଅକ୍ଟୋବର ୩୧ ରେ ଗୁଜରାଟର ନଡ଼ିୟାଦରେ ଜନ୍ମଗ୍ରହଣ କରିଥିଲେ। ପେସାରେ ସେ ଜଣେ ଓକିଲ ଥିଲେ ।ତେବେ ରାଷ୍ଟ୍ରବାଦୀ ଗୁଣ ହିଁ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀର ପରିଚୟ ପ୍ରଦାନ କରିଥିଲା। ସେ ଥିଲେ ସ୍ୱାଧୀନ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ। ସ୍ୱାଧୀନତା ପରେ ଦେଶର ୫୬୦ରୁ ଅଧିକ ଦେଶୀୟ ରାଜ୍ୟକୁ ଏକାଠି କରି ଏକ ମଜଭୁତ ଭାରତ ଗଠନ କରିବାରେ ସର୍ଦ୍ଦାର ପଟେଲଙ୍କର ଅତୁଳନୀୟ ଅବଦାନ ରହିଥିଲା। ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ଏହି ଦିବସ ଆମକୁ ପ୍ରେରଣା ଦିଏ। ଗୁଜରାଟରେ ନର୍ମଦା ନଦୀ କୂଳରେ ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ ବିଶ୍ୱର ସବୁଠାରୁ ଉଚ୍ଚ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟି' (୧୮୨ ମିଟର) ନିର୍ମାଣ କରାଯାଇଛି, ଏହାକୁ ୨୦୧୮ ମସିହା ଅକ୍ଟୋବର ୩୧ ତାରିଖରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା। ଏହି ଦିନ ସାରା ଦେଶରେ ଏକତା ପାଇଁ ଦୌଡ଼ର ଆୟୋଜନ କରାଯାଏ। ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ଏବଂ ସାଧାରଣ ଅନୁଷ୍ଠାନରେ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ସମସ୍ତେ ଏକାଠି ହୋଇ ଏକ ବିଶେଷ ଶପଥ ପାଠ କରନ୍ତି।

୨୧ ବର୍ଷ ପରେ ସୈଫ୍-ବିଦ୍ୟା ଏକାଠି



ବଲିଉଡ ଅଭିନେତା ସୈଫ୍ ଅଲ୍ଲୀ ଖାନ ଏବଂ ଅଭିନେତ୍ରୀ ବିଦ୍ୟା ବାଲାନ ଦୀର୍ଘ ୨୧ ବର୍ଷ ପରେ ପୁଣି ଥରେ ବଡ଼ ପରଦାରେ ଏକାଠି ନଜର ଆସିବାକୁ ଯାଉଛନ୍ତି ।୨୦୦୫ ମସିହାରେ ବିଦ୍ୟା ଓ ସୈଫ୍ 'ପରିଣୀତା' ଫିଲ୍ମରେ ଏକାଠି ନଜର ଆସିଥିଲେ। ଏବେ ୨୧ ବର୍ଷ ପରେ ଦୁହେଁ ଏକାଠି ନଜର ଆସିବା ଖବର ସାମ୍ନାକୁ ଆସିବା ପରେ ସେମାନଙ୍କ ପ୍ରଶଂସକମାନେ ଏନେଇ ବେଶ୍ ଉତ୍ସାହିତ ଅଛନ୍ତି। ଏହି ଦୁଇ କଳାକାର ନିର୍ଦ୍ଦେଶକ ରିତେଶ ବାତ୍ରାଙ୍କ ଆଗାମୀ କମେଡି-ଡ୍ରାମା ଫିଲ୍ମ 'ଲଙ୍ଗ୍ ଇୟର୍ସ ଏଗୋ'ରେ ଏକାଠି ଅଭିନୟ କରୁଛନ୍ତି। ଏହା ୧୯୯୧ ମସିହାର ପୃଷ୍ଠଭୂମି ଉପରେ ଆଧାରିତ ଏକ କମେଡି-ଡ୍ରାମା। ଏହା ଏମିତି ଏକ ପରିବାରର କାହାଣୀ ବର୍ଣ୍ଣନା କରେ, ଯେଉଁଠି ସଦସ୍ୟମାନେ ବର୍ଷ ବର୍ଷ ଧରି ନିଜ ମନ ଭିତରେ ଅନେକ କଥା ଲୁଚାଇ ରଖିଛନ୍ତି। ପରସ୍ପର ସହ ଠିକ୍ ଭାବେ ଆଳାପ କରିନାହାନ୍ତି। ହଠାତ୍ ପରିସ୍ଥିତି ଏମିତି ମୋଡ଼ ନେଉଛି ଯେ, ସମସ୍ତେ ନିଜ ମନର କବାଟ ଖୋଲିବାକୁ ବାଧ୍ୟ ହେଉଛନ୍ତି। ଏହି ଭାବପ୍ରବଣତା ଏବଂ ହାସ୍ୟରସଭରା ଯାତ୍ରାରେ ସୈଫ୍ ଏବଂ ବିଦ୍ୟାଙ୍କ ଅଭିନୟର ଯୁଗଳବନ୍ଦୀ ଦେଖିବାକୁ ମିଳିବ। ଫ୍ରେଞ୍ଚ ଅଭିନେତ୍ରୀ ମେଲାନୀ ଲୋରେଣ୍ଟ ମଧ୍ୟ ଏହି ଚଳଚ୍ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରୁଛନ୍ତି। ୨୦୦୫ରେ 'ପରିଣୀତା' ପରେ ସୈଫ୍ ଓ ବିଦ୍ୟା ୨୦୦୭ ରେ ପ୍ରଦୀପ ସରକାରଙ୍କ 'ଏକଲବ୍ୟ' ଫିଲ୍ମରେ ସ୍କ୍ରିନ୍ ସେୟାର କରିଥିଲେ ମଧ୍ୟ, ମୁଖ୍ୟ ଯୋଡ଼ି ଭାବେ ସେମାନଙ୍କୁ ଦର୍ଶକେ ଦେଖିବାର ସୁଯୋଗ ପାଇନଥିଲେ। ଗତ ଦୁଇ ଦଶନ୍ଧି ମଧ୍ୟରେ ସୈଫ୍ ନିଜକୁ ଜଣେ ପରିପକ୍ୱ ଅଭିନେତା ଭାବେ ଗଢ଼ି ତୋଳିଥିବା ବେଳେ, ବିଦ୍ୟା ମହିଳା-କେନ୍ଦ୍ରିକ ସିନେମାର ସମ୍ରାଜ୍ଞୀ ପାଲଟିଛନ୍ତି। ଦୁଇଜଣ ଯାକ ନିଜ ନିଜ କ୍ୟାରିୟରର ଶୀର୍ଷରେ ଥିବା ବେଳେ ଏହି ପୁନର୍ମିଳନ ନିଶ୍ଚିତ ଭାବେ ବଲିଉଡ୍‌ରେ ଏକ ନୂଆ ଇତିହାସ ରଚିବ ବୋଲି ଏବେଠାରୁ ଚର୍ଚ୍ଚା ହେବାକୁ ଲାଗିଲାଣି।


ସ୍କୁଲ ପିଲାଙ୍କ ଚାପ କମାଉଛି ବିଲେଇ



ଆଜିକାଲିର ବ୍ୟସ୍ତବହୁଳ ଜୀବନ ଓ ପାଠପଢ଼ାର ଚାପ ଭିତରେ କୋମଳମତି ଶିଶୁମାନଙ୍କ ମାନସିକ ସ୍ୱାସ୍ଥ୍ୟ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ହେଲେ ଆମେରିକାର ରୋଡ୍ ଆଇଲ୍ୟାଣ୍ଡ ସ୍ଥିତ ଏକ ମିଡିଲ୍ ସ୍କୁଲ୍ ଏହାର ଏକ ନିଆରା ସମାଧାନ ଖୋଜି ବାହାର କରିଛି। ସ୍କୁଲ୍‌ର ପିଲାମାନଙ୍କୁ ଚାପମୁକ୍ତ ରଖିବା ପାଇଁ ଏବେ ଦାୟିତ୍ୱ ନେଇଛି 'ପାଇନକୋନ୍' ନାମକ ଏକ ତିନି ବର୍ଷର ବିଲେଇ। ସୋସିଆଲ ମିଡିଆରେ ଏବେ ଏହି ଥେରାପି କ୍ୟାଟ୍‌କୁ ନେଇ ଜୋରଦାର ଚର୍ଚ୍ଚା ଚାଲିଛି। ପାଇନକୋନ୍‌ର ରାଗିଲା ଭଳି ଚେହେରା ଦେଖି ପ୍ରଥମେ ଯେକେହି ବି ଭୟ କରିପାରେ। ପ୍ରକୃତରେ ସେ ଅତ୍ୟନ୍ତ ଶାନ୍ତ ସ୍ୱଭାବର ଓ ସ୍ନେହୀ। ତା'ର ଏହି ଚେହେରା ଓ ଧୀର ସ୍ୱଭାବ ହିଁ ତାକୁ ଇଣ୍ଟରନେଟ୍‌ରେ ଲକ୍ଷ ଲକ୍ଷ ଲୋକଙ୍କ ପ୍ରିୟ କରିପାରିଛି। ପାଇନକୋନ୍ ହେଉଛି ସେହି ସ୍କୁଲ୍‌ର କଳା ଶିକ୍ଷୟିତ୍ରୀ କେଲି ସ୍ମିଥ୍‌ଙ୍କ ପୋଷା ବିଲେଇ। ପିଲାମାନଙ୍କ ପ୍ରତି ବିଲେଇର ଭଲପାଇବା ଦେଖି କେଲି ତାକୁ ଏକ ସ୍ୱତନ୍ତ୍ର ତାଲିମ ଦେଇଥିଲେ। ଏହାପରେ ପାଇନକୋନ୍‌କୁ 'ଥେରାପି କ୍ୟାଟ୍' ଭାବେ ପଞ୍ଜୀକୃତ କରାଯାଇଥିଲା। ଏବେ ସେ ପ୍ରତିଦିନ କେଲିଙ୍କ ସହ ସ୍କୁଲ୍ ଆସୁଛି। ସ୍କୁଲ ସମୟରେ ଯେତେବେଳେ କୌଣସି ଛାତ୍ରଛାତ୍ରୀ ପରୀକ୍ଷା ପାଇଁ କିମ୍ବା ଅନ୍ୟ କୌଣସି କାରଣରୁ ମାନସିକ ଚାପ ଦେଇ ଗତି କରନ୍ତି, ସେ ପାଇନକୋନ୍ ପାଖକୁ ଆସନ୍ତି। ତାକୁ ଆଉଁସିବା ଏବଂ ତା' ସହ କିଛି ସମୟ ବିତାଇବା ଦ୍ୱାରା ପିଲାମାନଙ୍କର ମନ ତତ୍‌କ୍ଷଣାତ୍ ଶାନ୍ତ ହୋଇଯାଏ। ସ୍କୁଲ୍ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ପାଇନକୋନ୍ ଆସିବା ପରଠାରୁ ପିଲାମାନଙ୍କ ମଧ୍ୟରେ ସ୍କୁଲ୍ ଆସିବା ପାଇଁ ଆଗ୍ରହ ବଢ଼ିଛି। ପାଇନକୋନ୍‌ର ଅନେକ ଭିଡିଓ ଏବେ ଇନଷ୍ଟାଗ୍ରାମ୍ ଓ ଫେସ୍‌ବୁକରେ ଭାଇରାଲ ହେଉଛି। କେଉଁଠି ସେ ସ୍କୁଲ୍ ବାରଣ୍ଡାରେ ଜଣେ ସିକ୍ୟୁରିଟି ଗାର୍ଡ ଭଳି ବୁଲୁଛି ତ କେଉଁଠି କ୍ଲାସରୁମ୍ ଭିତରେ ବେଞ୍ଚ ଉପରେ ବସି ପିଲାଙ୍କ ପାଠପଢ଼ା ତଦାରଖ କରୁଛି। ଲୋକେ ତାକୁ ମଜାରେ ସ୍କୁଲର 'ହଲ୍ ମନିଟର'ବୋଲି କହୁଛନ୍ତି। ପୋଷା ଜୀବଙ୍କ ସହ ସମୟ ବିତାଇଲେ ଶରୀରରେ ଖୁସି ଦେଉଥିବା ହରମୋନ୍ ବୃଦ୍ଧି ପାଏ ବୋଲି ବିଜ୍ଞାନ କୁହେ। ଏହି କଥାକୁ ପ୍ରମାଣିତ କରିଛି ପାଇନକୋନ୍।

ସୁମନ

କାର୍ତ୍ତିକ ମାସ



ନିରଞ୍ଜନ ସାହୁ

ହେମନ୍ତ ଋତୁର ଅୟମାରମ୍ଭରେ
ଆସିଲା କାର୍ତ୍ତିକ ମାସ
ହିମ କାଳ ହେତୁ ଶିଶିର ଝରିବ
ଆରମ୍ଭିବ ରବି ଚାଷ ।
କାର୍ତ୍ତିକ ମାସ ଯେ ପବିତ୍ର ଅଟଇ
ଏକଥା ସଭିଙ୍କୁ ଜଣା
ପବିତ୍ର ଭାବନା ସଭିଙ୍କ ମନରେ
ପାପ କାମେ ମନ ଊଣା ।
ଏହି ମାସେ କେହି ଆମିଷ ଭକ୍ଷଣ
କଦାପି କରଇ ନାହିଁ
ଦୀପ ଦାନ ବିଧି ରହିଥାଏ ପରା
କିଏ ନ ମାନଇ କାହିଁ ?
ହବିଷ୍ୟାଳିମାନେ ହବିଷ ପାଳନ୍ତି
ଶ୍ରୀକ୍ଷେତ୍ର ଧାମରେ ଯାଇ
ପୁରାଣ ଶୁଣିକି ପବିତ୍ର ମନରେ
ଥାଆନ୍ତି ହବିଷ ଖାଇ ।
ଦୀପାବଳି ଆସେ ପିତୃପୁରୁଷଙ୍କୁ
ସ୍ମରଣ କରିବା ପାଇଁ
ବଡ଼ବଡ଼ୁଆଙ୍କୁ ଡକା ଯାଇଥାଏ
ସ୍ୱର୍ଗରୁ ଆସନ୍ତି ଧାଇଁ।
ପଞ୍ଚକ ଆସିଲେ ଚଉଁରା ମୂଳରେ
ମୁରୁଜ ପଡ଼ିବା ବିଧି
ମୁରୁଜ ପକାଇ ନାରୀମାନେ ପରା
ପାଇଥାନ୍ତି କୋଟିନିଧି ।
ବୋଇତ ବନ୍ଦାଣ କରାଯାଇଥାଏ
ଉତ୍କଳୀୟ ପରମ୍ପରା
ସାହସୀ କଳିଙ୍ଗ ସନ୍ତାନଙ୍କ ଯଶ
ସ୍ମରଣୀୟ ନାମକରା।
କ୍ଷେତରେ ପାଚଇ ଧାନ ଏହିକାଳେ
ଚାଷୀଭାଇ ଖୁସି ହୁଏ
ଚାଷୀର ଘରଣୀ ଆଳସ୍ୟରେ କେବେ
ସାମାନ୍ୟ ଆଉ ନ ଶୁଏ।
କାର୍ତ୍ତିକ ମାସରେ ନୂଆ ନୂଆ ଶୀତ
ଥଣ୍ଡା ଲାଗିଥାଏ ଭାରି
ଉଷୁମ ପୋଷାକ ଲୋଡ଼ା ହୋଇଥାଏ
ଶୀତରୁ ହେବାକୁ ପାରି।
କାର୍ତ୍ତିକ ମାସକୁ ମନେ ପକାଇଲେ
ପବିତ୍ର ଭାବନା ଜାଗେ
କାର୍ତ୍ତିକ ମାସରେ ସକାଳ ବେଳଟା
କୁହୁଡ଼ି କୁହୁଡ଼ି ଲାଗେ। ■

ନିହଲ ପ୍ରସାଦ, ଢେଙ୍କାନାଳ

ପ୍ରହେଳିକା

- ଭାରି ଉପକାରୀ ବାସନଟିଏ
  ମାଆଙ୍କ ରୋଷେଇ ଶାଳରେ ଥାଏ
  ଡାଲି ଭାତ ଅବା ମାଂସ ତରକାରି
  ସିଝାଇ ଦିଏ ସେ ନ କରି ଡେରି
  ସିଟିରେ ଶବଦ ଦିଏ
  ଇନ୍ଧନ ବଞ୍ଚାଏ ଶୀଘ୍ର ରାନ୍ଧିଦିଏ
  କୁହ ତ ତା'ନାମ କିଏ।

  ଉତ୍ତର-ପ୍ରେସର୍ କୁକର୍

- ଶାଗଟିଏ ସିଏ ନାଲି ରଙ୍ଗର
  ପାଟି ନ ଭୁଲଇ ସୁଆଦ ତା'ର
  ଭଜା ହୁଏ ପୁଣି କେବେ ତରକାରି
  ଘରେ ଘରେ ସିଏ ପ୍ରିୟ ସବୁରି
  ଭାରି ପୁଷ୍ଟିକର ସିଏ
  ବଡ଼ି ସହ ତା'ର ସ୍ୱାଦ ଅନୁପମ
  କୁହ ତ ତା'ନାମ କିଏ।

  ଉତ୍ତର-କୋଶଳା ଶାଗ



- ସବୁଜ ରଙ୍ଗର ପରିବାଟିଏ
  ସୁଆଦ ତାହାର ମନକୁ ମୋହେ
  କଣ୍ଟାଳିଆ ଦିଶେ ତା'ର ଶରୀର
  ହାତକୁ ଲାଗଇ ଭାରି କୋମଳ
  ରଞ୍ଜାରେ ମାଡ଼ଇ ସିଏ
  ଛୋଟ ଗୋଲାକାର ରୂପ ମନୋହର
  କୁହ ତ ତା' ନାମ କିଏ।

  ଉତ୍ତର-କାଙ୍କଡ଼

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର

ଭୟ ପଛର ସତ୍ୟ



ଆଶିଷ କୁମାର ତ୍ରିପାଠୀ

ପ୍ରାଚୀନ ଭାରତରେ ବିଜୟନଗର ନାମକ ଗୋଟିଏ ରାଜ୍ୟ ଥିଲା। ସେହି ରାଜ୍ୟର ରାଜା ଥିଲେ ବୀରପ୍ରତାପ। ନିଜର ଉତ୍ତମ ତଥା ନ୍ୟାୟପୂର୍ଣ୍ଣ ଶାସନ ବଳରେ ସେ ରାଜ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରଖୁଥିଲେ। ରାଜ୍ୟର ପ୍ରଜାମାନଙ୍କର ଭଲମନ୍ଦ ବୁଝୁଥିଲେ ଓ ସେମାନଙ୍କ ସମସ୍ୟାର ସମାଧାନ କରୁଥିଲେ। ରାଜା ନିଜ ଦରବାରରେ ରାଜ୍ୟର ଶ୍ରେଷ୍ଠ ପଣ୍ଡିତ ତଥା ଜ୍ଞାନୀ ବ୍ୟକ୍ତିମାନଙ୍କୁ ସ୍ଥାନ ଦେଇଥିଲେ। ସେମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ପୂର୍ବକ ପ୍ରତେକ ପଦକ୍ଷେପ ଗ୍ରହଣ ପୂର୍ବରୁ ସେମାନଙ୍କ ସହ ପରାମର୍ଶ କରୁଥିଲେ। ରାଜାଙ୍କ ସବୁଠାରୁ ବିଶ୍ୱସ୍ତ ଥିଲେ ତାଙ୍କ ସେନାପତି ଚିତ୍ରସେନ। ନିଜ ଦରବାରରେ ଯେକୌଣସି ପ୍ରସ୍ତାବ ଗୃହୀତ ହେଲେ ମଧ୍ୟ ସେନାପତିଙ୍କ ପରାମର୍ଶ ବିନା ରାଜା ତାହାକୁ କାର୍ଯ୍ୟକାରୀ କରୁ ନ ଥିଲେ। ସେନାପତି ମଧ୍ୟ ସେନାବାହିନୀର ଉପଯୁକ୍ତ ଦାୟିତ୍ୱ ନିର୍ବାହ ପୂର୍ବକ ଉଚିତ ସମୟରେ ପରାମର୍ଶ ଦେଇ ରାଜାଙ୍କୁ ରାଜ୍ୟ ଶାସନରେ ସହାୟତା କରୁଥିଲେ। ଏହିପରି ଭାବେ ରାଜ୍ୟଶାସନ ସୁଚାରୁ ରୂପେ ସଂଚାଳନ କରୁଥିଲେ ରାଜା।

ମାତ୍ର ରାଜା ନିଜର ପ୍ରତେକ ନିଷ୍ପତ୍ତିରେ ସେନାପତିଙ୍କୁ ପ୍ରାଥମିକତା ଦେବା ମନ୍ତ୍ରୀଙ୍କୁ ଅସହ୍ୟ ହେଉଥିଲା। ତେଣୁ ସେ ସର୍ବସମ୍ମୁଖରେ ଏହା ପ୍ରକାଶ କରିପାରୁ ନ ଥିଲେ ମଧ୍ୟ ସେନାପତିଙ୍କୁ ନୀଚା ଦେଖାଇବା ପାଇଁ ସର୍ବଦା ଷଡ଼ଯନ୍ତ୍ର କରୁଥିଲେ ଓ ଉଚିତ ସମୟର ଅପେକ୍ଷା କରି ରହିଥିଲେ । ଏହି ସମୟରେ ହଠାତ୍ ଦିନେ ରାଜ୍ୟର ସୀମାନ୍ତ ଗ୍ରାମରୁ କିଛି ଗ୍ରାମବାସୀ ଆସି ରାଜ ଦରବାରରେ ଉପସ୍ଥିତ ହେଲେ। ସେମାନଙ୍କ ଗ୍ରାମ ନିକଟରେ ଗୋଟିଏ ବହୁ ପ୍ରାଚୀନ ଦୁର୍ଗଟିଏ ଥିଲା। ଅନେକ ଦିନ ଧରି ତାହା ବ୍ୟବହାର ହୋଇ ନ ଥିବାରୁ ତାହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା। ଗ୍ରାମବାସୀମାନଙ୍କ କହିବା ଅନୁସାରେ, ଏହା ନିକଟକୁ ଯେଉଁ ବ୍ୟକ୍ତି ଯାଇଛନ୍ତି ସେମାନେ ଆଉ ଫେରି ଆସିପାରିନାହାନ୍ତି। ସମସ୍ତଙ୍କ ରହସ୍ୟପୂର୍ଣ୍ଣ ଭାବେ ମୃତ୍ୟୁ ଘଟୁଥିଲା। ଏଣୁ ଗ୍ରାମବାସୀମାନେ ରାଜାଙ୍କ ନିକଟରେ ସମ୍ପୂର୍ଣ୍ଣ ଘଟଣାର ବ୍ୟାଖ୍ୟା ସହ ତାଙ୍କଠାରୁ ଉପଯୁକ୍ତ ପଦକ୍ଷେପ ପାଇ ଆଶାୟୀ ଥିଲେ। ଗ୍ରାମବାସୀଙ୍କ ଠାରୁ ସମ୍ପୂର୍ଣ୍ଣ ଘଟଣା ଶୁଣି ରାଜା ନିଜ ଦରବାର ଠାରୁ ସମସ୍ୟାର ସମାଧାନ ଆଶା କଲେ। ଏହା ଦୁଷ୍ଟଶକ୍ତି ଅଥବା ଶତ୍ରୁସୈନ୍ୟଙ୍କ କାର୍ଯ୍ୟ ହୋଇପାରେ ବୋଲି ଦରବାରର ବିଶେଷଜ୍ଞମାନେ ଆଶଙ୍କା କଲେ। ଏଣୁ ଦୁଷ୍ଟଶକ୍ତି ତଥା ଶତ୍ରୁସୈନ୍ୟଙ୍କୁ ପ୍ରତିହତ କରିବା ପାଇଁ ନିଜର ସର୍ବଶ୍ରେଷ୍ଠ ସୈନ୍ୟବାହିନୀକୁ ଦୁର୍ଗ ଅଭିମୁଖେ ପଠାଇବାକୁ ଦରବାରରେ ଉପସ୍ଥିତ ବୁଦ୍ଧିଜୀବୀମାନେ ରାଜାଙ୍କୁ ପରାମର୍ଶ ଦେଲେ। ମାତ୍ର ମନ୍ତ୍ରୀ ନିଜର କୁଟିଳ ବୁଦ୍ଧିର ପ୍ରୟୋଗ ପୂର୍ବକ ସେନାପତିଙ୍କୁ ଫସାଇବାକୁ ଯାଇ କହିଲେ, "ମହାରାଜ, ଆମେ ଦୁର୍ଗଠାରେ ଉପସ୍ଥିତ ଶତ୍ରୁଶକ୍ତିର ପାଦୁର୍ଭାବ ସମ୍ପର୍କରେ ଅବଗତ ଥିଲେ ମଧ୍ୟ ସେମାନଙ୍କ ସ୍ଥିତି, ସଂଖ୍ୟା ତଥା ତାଙ୍କ ଠାରେ ଉପଲବ୍ଧ ହତିଆର ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ଅବଗତ ନାହାଁନ୍ତି। ଅତଏବ ସମ୍ପୂର୍ଣ୍ଣ ସେନାବାହିନୀକୁ ପଠାଇବା ଭଳିଆ ପଦକ୍ଷେପ ନେବା ପୂର୍ବରୁ ସେନାପତି ନିଜେ ଯାଇ ଘଟଣାର ଅନୁଧ୍ୟାନ କରି ଆମକୁ ଶତ୍ରୁସୈନ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କଲେ ଆମେ ସେହି ତଥ୍ୟ ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତେ।"


ଏସମ୍ପର୍କରେ ରାଜା ସେନାପତିଙ୍କ ସହ ପରାମର୍ଶ କଲେ। ସେନାପତି ମଧ୍ୟ ଏହି ନିଷ୍ପତ୍ତିକୁ ସମ୍ମାନ ଜଣାଇ ଦୁର୍ଗ ଅଭିମୁଖେ ପ୍ରସ୍ଥାନ କଲେ।

ସେନାପତି ଛଦ୍ମବେଶରେ ଯାଇ ଦୁର୍ଗ ନିକଟରେ ଉପନୀତ ହେଲେ। ସେ ପ୍ରଥମେ ଦୁର୍ଗର ଚର୍ତୁପାର୍ଶ୍ୱକୁ ଭଲଭାବେ ନିରୀକ୍ଷଣ କଲେ। ସମ୍ପୂର୍ଣ୍ଣ ପରିସ୍ଥିତିର ଅନୁଧ୍ୟାନ କରିସାରିବାପରେ ସେ ଦୁର୍ଗ ମଧ୍ୟକୁ ପ୍ରବେଶ କଲେ। ବହୁଦିନ ଧରି ପରିତ୍ୟକ୍ତ ହୋଇରହିଥିବାରୁ ଦୁର୍ଗର ପଥରକାନ୍ଥରେ ଶିଉଳିର ଏକ ଆସ୍ତରଣ ଉଠିଯାଇଥିଲା । ସମ୍ପୂର୍ଣ୍ଣ ଦୁର୍ଗ ବିଭିନ୍ନ ଅନାବନା ଗଛଲତା ଦ୍ୱାରା ଆଚ୍ଛାଦିତ ହୋଇଯାଇ ଏକ ଜଙ୍ଗଲ ସୃଷ୍ଟି ହୋଇଯାଇଥିଲା। ଦୁର୍ଗ ମଧ୍ୟରେ ଥିବା ଜଳାଶୟ ଦଳପୂର୍ଣ୍ଣ ହୋଇଉଠିଥିଲା। ଦୁର୍ଗରେ ବ୍ୟବହାର କରାଯାଇଥିବା ଲୁହାର କବାଟ ଓ ଅନ୍ୟାନ୍ୟ ଧାତବ ଉପକରଣଗୁଡ଼ିକ କଳଙ୍କି ଦ୍ୱାରା ନଷ୍ଟ ହୋଇଯାଇଥିଲା। ସେନାପତି ସମ୍ପୂର୍ଣ୍ଣ ଦୁର୍ଗକୁ ବୁଲି ଟିକିନିଖି ଭାବେ ନିରୀକ୍ଷଣ କଲେ ମଧ୍ୟ ଶତ୍ରୁସୈନ୍ୟ ଅଥବା ପାଦୁର୍ଭାବୀ ଶକ୍ତିର କୌଣସି ଚିହ୍ନବର୍ଣ୍ଣ ପାଇଲେ ନାହିଁ। ଦୁର୍ଗ ଚାରିପାଖରେ ନିରୀକ୍ଷଣ କରୁଥିବା ସମୟରେ ଏକ ବିଶେଷ ଧରଣର ଲତାଗଛ ଦୁର୍ଗଯାକ ମାଡ଼ିଥିବାର ଦେଖିବାକୁ ପାଇଲେ। ସେଥିରୁ ଏକ ବିଷାକ୍ତ ଧରଣର ଗ୍ୟାସ୍ ନିର୍ଗତ ହେଉଥିଲା। ଏଣୁ ତାର ନିକଟସ୍ଥ ପରିବେଶ ଓ ସମ୍ପୂର୍ଣ୍ଣ ଦୁର୍ଗର ବାୟୁମଣ୍ଡଳ ବିଷାକ୍ତ ହୋଇଯାଉଥିଲା। ଏହା ନିକଟରେ ବହୁସମୟ ଧରି କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଏହି ବିଷାକ୍ତ ଗ୍ୟାସ୍‌କୁ ପ୍ରଶ୍ୱାସରେ ଗ୍ରହଣ କରି ଅସୁସ୍ଥ ଅନୁଭବ କରୁଥିଲେ। ଶେଷରେ ଶ୍ୱାସକ୍ରିୟାରେ ସମସ୍ୟା ଭୋଗକରି ସେମାନେ ମୃତ୍ୟୁମୁଖରେ ପଡୁଥିଲେ। ଏଠାରେ ଘଟୁଥିବା ରହସ୍ୟମୟ ମୃତ୍ୟୁଗୁଡ଼ିକ ପଛର କାରଣ ସମ୍ପର୍କରେ ଜାଣିପାରିଲେ ସେନାପତି। ଏଣୁ ସେ ଏଠାରେ ବେଶୀ ସମୟ ରହିବା ବିପଜ୍ଜନକ ବୋଲି ଜାଣିପାରି ସେ ପୁର୍ନବାର ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କଲେ । ରାଜ୍ୟକୁ ଫେରିଆସି ସେ ସବୁକଥା ରାଜାଙ୍କୁ କହିଲେ। ରାଜା ମଧ୍ୟ ସବୁକଥା ଜାଣିପାରି ସେନାପତିଙ୍କ ଉପସ୍ଥିତ ବୁଦ୍ଧିର ପ୍ରଶଂସା କରିବା ସହ ରାଜ୍ୟବାସୀଙ୍କ ଭୟ ତଥା ଆଶଙ୍କାର କାରଣ ଉପରୁ ପର୍ଦ୍ଦାଫାଶ କରିଥିବାରୁ ସେନାପତିଙ୍କୁ ଧନ୍ୟବାଦ ଦେଲେ ତଥା ମର୍ଯ୍ୟାଦାପୂର୍ବକ ସମ୍ମାନିତ କଲେ। ମାତ୍ର ସେନାପତି ଏହାର ସମସ୍ତ ଶ୍ରେୟ ମନ୍ତ୍ରୀଙ୍କୁ ଦେଇ କହିଲେ, ଯଦି ସେ ଉପଯୁକ୍ତ ସମୟରେ ପରାମର୍ଶ ପ୍ରଦାନକରି ସେନାବାହିନୀକୁ ଦୁର୍ଗକୁ ଯିବାରୁ ଅଟକାଇ ନଥାନ୍ତେ ତେବେ ଅକାରଣରେ ଅନେକ ସୈନ୍ୟଙ୍କ ମୃତ୍ୟୁ ଘଟିଥାନ୍ତା ଓ ରାଜ୍ୟକୁ ଏକ ବିରାଟ କ୍ଷତି ଭୋଗିବାକୁ ପଡିଥାନ୍ତା। ସେନାପତିଙ୍କ ଏକଥା ଶୁଣି ମନ୍ତ୍ରୀଙ୍କ ଆଖି ଖୋଲିଗଲା। ତାଙ୍କ ଶୁଭେଚ୍ଛୁ ତଥା ଶୁଭଚିନ୍ତକ ସେନାପତିଙ୍କ ବିରୁଦ୍ଧରେ ଷଡଯନ୍ତ୍ର ପ୍ରଚେଷ୍ଟା କରିଥିବାରୁ ନିଜକୁ ଧିକ୍କାର କଲେ। ଶେଷରେ ଏପରି କୁଟିଳଚିନ୍ତା ଓ ମନୋଭାବକୁ ତ୍ୟାଗ କରି ରାଜ୍ୟର ପ୍ରଗତି କ୍ଷେତ୍ରରେ ମନୋନିବେଶ କରିବାକୁ ସେ ସଂକଳ୍ପବଦ୍ଧ ହେଲେ । ■

ମଙ୍ଗୁବନ ପ୍ରଥମଗଳି, ନବକଳେବର ରୋଡ, ପୁରୀ


ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

ତୁମ ହାତର ଛବି





ଇସିତା ଦାଶ
ନବମ ଶ୍ରେଣୀ
ଦିଲ୍ଲୀ ପବ୍ଲିକ୍ ସ୍କୁଲ
ମଥୁରା ରୋଡ଼, ଦିଲ୍ଲୀ






ରିୟାଂଶ ଶତପଥୀ
ୟୁକେଜି
ମଦର୍ସ ପବ୍ଲିକ ସ୍କୁଲ
ୟୁନିଟ୍ ୧
ଭୁବନେଶ୍ୱର






ସାନଭିକା ସ୍ୱାଇଁ
ଦ୍ୱିତୀୟ ଶ୍ରେଣୀ
ରିଭର ବ୍ୟାଙ୍କ
ଇଣ୍ଟରନ୍ୟାସନଲ ସ୍କୁଲ
ନିମାପଡ଼ା





ସୁଶ୍ରୀ ଶ୍ରଦ୍ଧାଞ୍ଜଳୀ ପ୍ରଧାନ
ପଞ୍ଚମ ଶ୍ରେଣୀ
ଡି. ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

ବିଶ୍ୱ ରେସ୍‌ଲିଂରେ ସ୍ୱର୍ଣ୍ଣ ଜିତିବାରେ ମନୀଷା ପ୍ରଥମ ଭାରତୀୟ ମହିଳା



ଅଷ୍ଟାନା, ୩୦।୧୦ (ଏଜେନ୍ସି): ଭାରତୀୟ କୁସ୍ତିଯୋଦ୍ଧା ମନୀଷା ଭାନୱାଲା ଶୁକ୍ରବାର ଇତିହାସ ପୃଷ୍ଠାରେ ନିଜ ନାମକୁ ଲିପିବଦ୍ଧ କରିଛନ୍ତି। ମନୀଷା ପ୍ରଥମ ଭାରତୀୟ ମହିଳା ଭାବରେ ବିଶ୍ୱ ରେସଲିଂରେ ଟାଇଟଲ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। କାଜାଖସ୍ତାନରେ ଚାଲିଥିବା ବିଶ୍ୱ ରେସଲିଂ ଚାମ୍ପିଅନସିପ୍‌ରେ ମନୀଷା ମହିଳା ୫୯ କିଗ୍ରା ବିଭାଗରେ ଭାଗନେଇ ଚାମ୍ପିଅନ ହୋଇଥିଲେ। ଫାଇନାଲରେ ସେ ୮-୬ ସ୍କୋରରେ ଆମେରିକୀୟ କୁସ୍ତିଯୋଦ୍ଧା ଆବିଗାଲ ନେଟ୍‌ଙ୍କୁ ପରାସ୍ତ କରିଥିଲେ। ଏଥିପୂର୍ବରୁ ମନୀଷା ସେମିଫାଇନାଲରେ ଘରୋଇ ତାରକା ଆଲତାନ ଶାଗାୟେଭାଙ୍କୁ ହରାଇଥିଲେ। ସୁଶୀଳ କୁମାର (୨୦୧୦ରେ ୬୬ କିଗ୍ରା)ଙ୍କ ପରେ ଦ୍ୱିତୀୟ ଭାରତୀୟ ରେସଲର୍ ଭାବରେ ମନୀଷା ବିଶ୍ୱ ଟାଇଟଲ୍ ହାସଲ କରିଛନ୍ତି। ଏହି ଚାମ୍ପିଅନସିପ୍‌ରେ ଅନ୍ୟ ଭାରତୀୟ ମହିଳା ରେସଲର ନୀଲମ ସିରୋହି (୫୦ କିଗ୍ରା) ଓ କାଜଲ ଧୋଚାକ (୭୬ କିଗ୍ରା) ରୌପ୍ୟ ପଦକ ଏବଂ ତନୁ ଶର୍ମା (୭୨ କିଗ୍ରା) କାଂସ୍ୟ ପଦକ ହାସଲ କରିଛନ୍ତି।

ଭାରତରେ ୨୦୩୦ ହକି ବିଶ୍ୱକପ୍; ଦୌଡ଼ରେ ଓଡ଼ିଶା, ପଞ୍ଜାବ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଭାରତରେ ୨୦୩୦ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଆୟୋଜିତ ହେବ। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ କେଉଁଠାରେ ହେବ ତାହା ଏଯାଏ ସ୍ଥିର ହୋଇନାହିଁ। ୨୦୧୮ ଓ ୨୦୨୩ରେ ହକି ବିଶ୍ୱକପ୍ ଆୟୋଜନ କରିଥିବା ଓଡ଼ିଶା ଅଭିଜ୍ଞତା ଓ ପ୍ରାୟୋଜକ ଭାବେ ପ୍ରଥମ ପସନ୍ଦର ଭେନ୍ୟୁ ଭାବେ ଉଭା ହୋଇଛି। ଏଥର ଭାରତ ଉଭୟ ପୁରୁଷ ଓ ମହିଳା ବିଶ୍ୱକପ୍ ଏକସଙ୍ଗେ ଆୟୋଜିତ ହେବ। ଏହି ବିଶ୍ୱକପ୍ ଆୟୋଜନ କରିବାକୁ ଓଡ଼ିଶା ସହ ତାମିଲନାଡୁ ଓ ପଞ୍ଜାବ ମଧ୍ୟ ଦୌଡ଼ରେ ରହିଛନ୍ତି। ୧୭ ବର୍ଷ ପରେ ପଞ୍ଜାବରେ ଏସିଆନ ଚାମ୍ପିଅନ୍ସ ଟ୍ରଫି ଭାବେ ଅନ୍ତର୍ଜାତୀୟ ହକି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ତାମିଲନାଡୁ ଦୁଇଥର ଜୁନିଅର ହକି ବିଶ୍ୱକପ୍ ଚେନ୍ନାଇ ଓ ମଦୁରାଇରେ ସଫଳତାର ସହ ଆୟୋଜନ କରିଛି। ଟିମ୍ ପ୍ରାୟୋଜକ ଓଡ଼ିଶା ଆଗରେ ଥିଲେ ମଧ୍ୟ ସରକାରଙ୍କ ଆଗ୍ରହ ଉପରେ ନିର୍ଭର କରୁଛି।

ହ୍ୟାଟ୍ରିକ ବିଜୟ ସହ ଏସିଆନ ଚାମ୍ପିଅନ୍ସ ଟ୍ରଫି ସେମିରେ ଭାରତ

ଜଳନ୍ଧର, ୩୦।୧୦ (ଏଜେନ୍ସି): ପଞ୍ଜାବରେ ଚାଲିଥିବା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକିର ୯ମ ସଂସ୍କରଣରେ ଭାରତ ହ୍ୟାଟ୍ରିକ ବିଜୟ ସହ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଶୁକ୍ରବାର ଭାରତ ଏହାର ୩ୟ ରାଉଣ୍ଡ-ରବିନ ମ୍ୟାଚ୍‌ରେ ୪-୧ ଗୋଲ୍‌ରେ ଜାପାନକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଅଭିଷେକ ସର୍ବାଧିକ ୨ଟି ଗୋଲ୍ ଦେଇଥିଲେ। ସେହିଭଳି ଅଧିନାୟକ ହରମନପ୍ରୀତ୍ ସିଂହ ଓ ବିଷ୍ଣୁକାନ୍ତଙ୍କ ଷ୍ଟିକ୍‌ରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ରେକର୍ଡ ପାଞ୍ଚଥରର ବିଜେତା ଭାରତ ଏଥିପୂର୍ବରୁ ବାଂଲାଦେଶ (୧୩-୦ ଗୋଲ) ଓ ଚାଇନା (୫-୨)କୁ ପରାସ୍ତ କରିଥିଲା। ତିନୋଟି ମ୍ୟାଚ୍‌ରୁ ୯ ପଏଣ୍ଟ ପାଇ ଭାରତ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ତାଲିକାର ଶୀର୍ଷରେ ରହି ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ସେହିଭଳି ମାଲେସିଆ ମଧ୍ୟ ହ୍ୟାଟ୍ରିକ ବିଜୟ ସହିତ ଦ୍ୱିତୀୟ ଦଳ ଭାବରେ ସେମିଫାଇନାଲରେ ପହଞ୍ଚିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ରବିବାର ମାଲେସିଆକୁ ଭେଟିବ।

ଫିଲିପ୍ସଙ୍କ ଶତକ: ନ୍ୟୁଜିଲାଣ୍ଡର ସର୍ବୋଚ୍ଚ ସ୍କୋର

ଚତୁର୍ଥ ଟି-୨୦ରେ ହାତ ଟେକିଦେଲା ଭାରତ

ଅକ୍‌ଲାଣ୍ଡ,୩୦।୧୦(ଏଜେନ୍ସି)

ଗ୍ଲେନ୍ ଫିଲିପ୍ସଙ୍କ ବିସ୍ଫୋରକ ଶତକ ଏବଂ ଜ୍ୟାକବ ଡଫିଙ୍କ ଘାତକ ବୋଲିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଚତୁର୍ଥ ଟି-୨୦ରେ ଘରୋଇ ନ୍ୟୁଜିଲାଣ୍ଡ ୮୭ ରନ୍‌ରେ ଭାରତକୁ ପରାସ୍ତ କରିଛି। ଏହି ବିଜୟ ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ନ୍ୟୁଜିଲାଣ୍ଡ ଭାରତର ବିଜୟ ବ୍ୟବଧାନକୁ ୩-୧କୁ କମାଇ ଆଣିଛି। ସିରିଜ୍‌ର ୫ମ ତଥା ଶେଷ ଟି-୨୦ ମୁକାବିଲା ହାମିଲଟନ୍‌ରେ ନଭେମ୍ବର ୧ ତାରିଖ ବା ରବିବାର ଖେଳାଯିବ। ଆଜିର ମୁକାବିଲାବରେ ମାତ୍ର ୪୬ ବଲ୍‌ରେ ଟି-୨୦ କ୍ୟାରିୟରରେ ତୃତୀୟ ଶତକ ହାସଲ କରିଥିବା ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ ୪୯ ବଲ୍‌ରେ ୬ ଚୌକା ଓ ୧୦ ଛକା ସହ ୧୦୭ ରନ୍ କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଯଥାର୍ଥରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଇଡେନ ପାର୍କରେ ଛୋଟିଆ ବାଉଣ୍ଡାରୀରେ କିପରି ଖେଳାଯିବ ତାହାକୁ ବୁଝି ପାରି ନ ଥିଲା ଭାରତୀୟ ଦଳ। ଫଳରେ କ୍ରମାଗତ ଚତୁର୍ଥ ମ୍ୟାଚ୍‌ରେ ଟସ୍ ଜିତିବା ପରେ ନ୍ୟୁଜିଲାଣ୍ଡକୁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୫୯ ରନ୍ କରିଥିଲା। ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଏହା ଦଳର ସର୍ବାଧିକ ସ୍କୋର। ଜବାବରେ ଭାରତ ପ୍ରଥମ ଓଭରରେ ଦୁଇ ବିସ୍ଫୋରକ ବ୍ୟାଟର ସଞ୍ଜୁ ସାମସନ ଓ ଇଶାନ କିଶାନଙ୍କୁ ହରାଇବା ପରେ କ୍ରମାଗତ ୱିକେଟ ହରାଇଥିଲା। ଜଣେ ହେଲେ ବ୍ୟାଟର ପ୍ରତିପକ୍ଷ ଦଳର ବୋଲିଂ ମୁକାବିଲା କରି ନ ପାରି ହାତ ଟେକିଦେଇଥିଲେ। ଫଳରେ ୨୬୦ ରନ୍‌ର ଟାର୍ଗେଟକୁ ପିଛା କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୭୨ ରନ୍ କରିବାକୁ ସମର୍ଥ ହୋଇଥିଲା। ତିଳକ ବର୍ମା ସର୍ବାଧିକ ୩୫ ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ଜ୍ୟାକବ ଡଫିଙ୍କୁ ସର୍ବାଧିକ ୪ଟି, ମାଥ୍ୟୁ ଫିଶର ଓ ମିଚେଲ ସାଣ୍ଟନରଙ୍କୁ ୨ଟି ଲେଖାଏଁ ସଫଳତା ମିଳିଥିଲା। ଯାହା ଫଳରେ ଭାରତ ୮୭ ରନ୍ ବ୍ୟବଧାନରେ ପରାଜିତ ହୋଇଥିଲା। ଟି-୨୦ କ୍ରିକେଟ ଇତିହାସରେ ଏହା ଦଳର ଦ୍ୱିତୀୟ ବୃହତ୍ତମ ପରାଜୟ।



ଭାରତୀୟ ବୋଲରଙ୍କୁ ନିର୍ମମ ପ୍ରହାର

ପୂର୍ବରୁ ଟସ୍ ହାରି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା। ଦଳ ୩୪ ରନ୍‌ରେ ଦୁଇ ଓପନର ଓ ୯୫ ରନ୍‌ରେ ତୃତୀୟ ଓ ୧୧୨ ରନ୍‌ରେ ଚତୁର୍ଥ ୱିକେଟ ହରାଇଥିଲେ ମଧ୍ୟ ରନ୍ ସଂଗ୍ରହ ହାର କମି ନ ଥିଲା। ଚଳିତ ସିରିଜ୍‌ରେ ଜବରଦସ୍ତ ଫର୍ମରେ ଥିବା ଫିଲିପ୍ସଙ୍କୁ ୫ମ ୱିକେଟରେ ବ୍ରେସ୍‌ୱେଲଙ୍କ ରୂପରେ ଜଣେ ଦମ୍‌ଦାର ପାର୍ଟନରଙ୍କୁ ପାଇଥିଲା। ଉଭୟ ଖେଳାଳି ମାତ୍ର ୪୦ଟି ବଲ୍‌ର ସମ୍ମୁଖୀନ ହୋଇ ୧୧୫ ରନ୍ ଉଠାଇଥିଲେ। ଏହି ପାର୍ଟନରସିପ୍ ହିଁ ଭାରତ ନିକଟରୁ ମ୍ୟାଚ୍ ଛଡ଼ାଇନେଇଥିଲା। ଫିଲିପ୍ସ ୪୯ ବଲ୍‌ରେ ୧୦୭, ବ୍ରେସ୍‌ୱେଲ ମାତ୍ର ୨୫ବଲ୍‌ରେ ୪ଚୌକା ଓ ୬ ଛକା ସହ ୬୫ ରନ୍ କରିଥିଲେ। ଦୁଇ ଅଙ୍କ ଛୁଇଁଥିବା ଅନ୍ୟ ଦୁଇ ଖେଳାଳି ଯଥା ଫିନ୍ ଆଲେନ ୧୭ବଲ୍‌ରେ ୩୧ ଓ ଡାରିଲ ମିଚେଲ ୯ ବଲ୍‌ରେ ୨୪ ରନ୍ କରି ରନ୍ ସଂଗ୍ରହ ହାର କମାଇ ନ ଥିଲେ। ନୀତିଶ ରେଡ୍ଡୀଙ୍କ ଗୋଟିଏ ଓଭରରେ ୩୨, ମୟଙ୍କ ଯାଦବଙ୍କ ଦୁଇଟି ଓ ଅକ୍ଷର ପଟେଲଙ୍କ ଗୋଟିଏ ଓଭରରେ ୨୦ ରନ୍ ଲେଖାଏଁ ରନ୍ ସଂଗ୍ରହ କରିବା ଫଳରେ ନ୍ୟୁଜିଲାଣ୍ଡ ତାହାର ଅନ୍ତର୍ଜାତୀୟ ଟି-୨୦ ଇତିହାସରେ ସର୍ବାଧିକ ରନ୍ ସଂଗ୍ରହ କରିବାରେ ସଫଳ ହୋଇଥିଲା। ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଭାରତ ବିପକ୍ଷରେ ଓଭର ପ୍ରତି ୧୨. ୯୫ ହାରରେ ରନ୍ ସଂଗ୍ରହ କରିଥିଲା।

ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ :୨୫୯/୭, ୨୦ ଓଭର (ଫିଲିପ୍ସ-୧୦୭, ବ୍ରେସ୍‌ୱେଲ-୬୫, ଆଲେନ-୩୧, ମିଚେଲ-୨୪ ମୟଙ୍କ-୩/୪୮, ଅର୍ଶଦୀପ-୧/୩୮)।
ଭାରତ :୧୭୨/୯, ୨୦ ଓଭର (ତିଳକ-୩୬, ନମନ-୨୮, ଅଭିଷେକ-୨୭, ଶ୍ରେୟସ-୨୨, ଡଫି-୪/୨୩, ସାଣ୍ଟନର-୨/୨୪, ଫିଶର-୨/୪୦)।

ରେକର୍ଡ: ନ୍ୟୁଜିଲାଣ୍ଡର ସର୍ବାଧିକ ସ୍କୋର

ସର୍ବାଧିକ ଟି-୨୦ ସ୍କୋର: ଅକ୍‌ଲାଣ୍ଡ ଟି-୨୦ରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୭ ୱିକେଟରେ ୨୫୯ ରନ୍ କରିଥିଲା। ଟି-୨୦ ଇତିହାସରେ ନ୍ୟୁଜିଲାଣ୍ଡର ଏହା ସର୍ବାଧିକ ସ୍କୋର।
ଦ୍ୱିତୀୟ ବୃହତ୍ତମ ପରାଜୟ: ଏହି ମ୍ୟାଚ୍‌ରେ ଭାରତ ୮୭ ରନ୍‌ରେ ହାରିଯାଇଛି। ରନ୍ ବ୍ୟବଧାନରେ ଭାରତର ଏହା ଦ୍ୱିତୀୟ ବୃହତ୍ତମ। ପୂର୍ବରୁ ଇଂଲଣ୍ଡ ନିକଟରୁ ୧୨୫ ରନ୍‌ରେ ହାରି ରେକର୍ଡ କରିଥିଲା।
ବିଜୟ ଧାରାରେ ବ୍ରେକ୍: ନ୍ୟୁଜିଲାଣ୍ଡ ମାଟିରେ ଭାରତ କ୍ରମାଗତ ୧୦ଟି ମ୍ୟାଚ୍‌ରେ ଜିତିବା ପରେ ଆଜି ପ୍ରଥମ ପରାଜୟ ବରଣ କରି ଏହି ଧାରାକୁ ଭାଙ୍ଗିଛି।
କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ରନ୍: ଗୋଟିଏ କ୍ୟାଲେଣ୍ଡର ବର୍ଷରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୨୦୭୫ ଓ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡ ୨୦୧୨ ରନ୍ କରିଛି। ଟେଷ୍ଟ ଖେଳୁଥିବା ଦେଶ ଗୁଡିକ ମଧ୍ୟରେ ଏହା ପ୍ରଥମ ଦୁଇଟି ସ୍ଥାନରେ ରହିଛି।
ସର୍ବାଧିକ ୱିକେଟ: ଭାରତର ଅର୍ଶଦୀପ ସିଂହ ପ୍ରତିପକ୍ଷ ଅଧିନାୟକ ମିଚେଲ ସାଣ୍ଟନରଙ୍କୁ ଆଉଟ କରି ଗୋଟିଏ ଟି-୨୦ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ୪୦ଟି ୱିକେଟ ନେଇଛନ୍ତି।
୩୦୦ ଓ ୧୫୦ତମ ୱିକେଟ: ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ମିଚେଲ ସାଣ୍ଟନର ସମସ୍ତ ପ୍ରକାର ଟି-୨୦ରେ ୩୦୦ତମ ଓ ଭାରତର ଅର୍ଶଦୀପ ସିଂହ ୧୫୦ତମ ୱିକେଟ ହାସଲ କରିଛନ୍ତି।
ଭାରତ ବିପକ୍ଷରେ ସର୍ବାଧିକ: ଏହି ସିରିଜ୍‌ରେ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ ୪ଟି ମ୍ୟାଚ୍‌ରେ ୨୭୬ ରନ୍ କରିଛନ୍ତି। ଭାରତ ବିପକ୍ଷ ଗୋଟିଏ ସିରିଜ୍‌ରେ ସେ ୱେଷ୍ଟଇଣ୍ଡିଜ୍‌ର ସାଇ ହୋପ୍ (୨୬୧)ଙ୍କ ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି।

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ୍

କିଟ୍ ଓ ଉତ୍କଳର ଯୋଗ୍ୟତା

ଭୁବନେଶ୍ୱର, ୩୦।୧୦ (ସମିସ): ଓଡ଼ିଶାର କିଟ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଆଗାମୀ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ୍ ଚାମ୍ପିଅନସିପକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପଶ୍ଚିମବଙ୍ଗର ଆଦାମସ ବିଶ୍ୱବିଦ୍ୟାଳୟରେ ଚାଲିଥିବା ପୂର୍ବାଞ୍ଚଳ-ଆନ୍ତଃ ବିଶ୍ୱବିଦ୍ୟାଳୟ ଚାମ୍ପିଅନସିପ୍‌ରେ ଉନ୍ନତ ପ୍ରଦର୍ଶନ କରି ଏହି ଦୁଇ ଦଳ ସର୍ବଭାରତୀୟ ପ୍ରତିଯୋଗିତାରେ ପହଞ୍ଚିଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ କିଟ୍ ୩-୦ ସେଟରେ ମଣିପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ସେହିଭଳି ଉତ୍କଳ ବିଶ୍ୱବିଦ୍ୟାଳୟ ଯୋଗ୍ୟତା ପର୍ଯ୍ୟାୟରେ ଏମଜି କାଶୀ ବିଦ୍ୟାପୀଠକୁ ହରାଇଥିଲା। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଉଭୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

ସୁବ୍ରତ-ଆଶୁତୋଷ ଫାଇନାଲ ଆଜି

ରାଜ୍ୟ ସିନିଅର ର୍‍ୟାଙ୍କିଙ୍ଗ୍ ବିଲିଆର୍ଡସ

ଭୁବନେଶ୍ୱର,୩୦।୧୦(ସମିସ): ସିନିଅର ଖେଳାଳି ତଥା ଗୁରୁ ସୁବ୍ରତ ଦାସ ଏବଂ ଶିଷ୍ୟ ତଥା ରାଜ୍ୟର ନମ୍ବର ୧ ଖେଳାଳି ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ରାଜ୍ୟ ସିନିଅର ର୍‍ୟାଙ୍କିଙ୍ଗ୍ ବିଲିଆର୍ଡସ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। କଟକର ସିଡିଏସ୍ଥିତ ଜିକେସ୍ମୁକର କ୍ଲବ୍ ପରିସରରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଆଜି ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ସୁବ୍ରତ ୩-୦ରେ ବିଶେଷ ସିଂହାଲଙ୍କୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ଆଶୁତୋଷ ମଧ୍ୟ ୩-୦ ଫ୍ରେମ୍‌ରେ ଚିରଞ୍ଜୀବ ସିଂଙ୍କୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୨୯ରୁ ଆରମ୍ଭ ହୋଇଥିଲାବେଳେ ନଭେମ୍ବର ୧୧ରେ ଶେଷ ହେବ। କେବଳ ଦୀପାବଳୀର ପୂର୍ବ ଓ ପରଦିନକୁ ମିଶାଇ ମୋଟ ୩ ଦିନ ଖେଳ ବନ୍ଦ ରହିବ।

ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଉଦ୍‌ଘାଟିତ

ଭୁବନେଶ୍ୱର,୩୦।୧୦(ସମିସ): କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ୩୯ତମ ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ରୁଚି ଫୁଡ୍‌ଲାଇନ୍ ଏମ୍‌ଡି ଅରବିନ୍ଦ ସାହୁ, ସାମାଜିକ କର୍ମୀ ରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ତାଏକ୍ୱୋଣ୍ଡୋ ଆସୋସିଏସନ ସଭାପତି କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ ସନ୍ତୋଷ ମହାନ୍ତି, ଆୟୋଜକ କମିଟିର ସୁନୀଲ ମହାନ୍ତି ଓ ସୁଦୀପ୍ତା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ୬୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଏଥିରେ ଉଭୟ କ୍ୟୁରୋଗୀ ଓ ପୁମ୍‌ସାଏରେ ପ୍ରତିଯୋଗିତା ହେବ।

ଇଷ୍ଟଜୋନ୍ କ୍ଲାଇମ୍ବିଂ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ



ଭୁବନେଶ୍ୱର, ୩୦।୧୦ (ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଟିଏସ୍‌ଏଏଫ୍ କ୍ଲାଇମ୍ବିଂ ଏଚ୍‌ପିସି ପରିସରରେ ଚାଲିଥିବା ଇଷ୍ଟ ଜୋନ୍ କ୍ଲାଇମ୍ବିଂ ଚାମ୍ପିଅନସିପ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ପର୍ବତାରୋହଣ ମହାସଂଘ (ଆଇଏମ୍‌ଏଫ୍) ଦ୍ୱାରା ଓଡ଼ିଶା ଟିଏସ୍‌ଏଏଫ୍ କ୍ଲାଇମ୍ବିଂ ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି), ରାଜ୍ୟ କ୍ରୀଡ଼ା ବିଭାଗ ଓ ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ୍ (ଟିଏସ୍‌ଏଏଫ୍) କ୍ଲାଇମ୍ବିଂ ଏକାଡେମୀର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଟିଏସ୍‌ଏଏଫ୍‌ର ଆଥଲେଟମାନେ ଦମଦାର ପ୍ରଦର୍ଶନ କରି ମୋଟ ୫୪ଟି ପଦକ ମଧ୍ୟରୁ ୫୩ଟି ଜିତିବାରେ ସଫଳ ହୋଇଛନ୍ତି। ଯେଉଁଥିରେ ଓଡ଼ିଶା ଟିଏସ୍‌ଏଏଫ୍ କ୍ଲାଇମ୍ବିଂ ଏଚ୍‌ପିସିର ଆଥଲେଟମାନେ ୫ଟି ପଦକ ହାସଲ କରିଛନ୍ତି। ଏଥିସହ ଓଡ଼ିଶାର ଚାରିଜଣ ଉଦୀୟମାନ କ୍ଲାଇମ୍ବର ଜାତୀୟ ଚାମ୍ପିଅନସିପ୍‌ରେ ଭାଗ ନେବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏଭଳି ପ୍ରତିଯୋଗିତା ଯୁବ କ୍ଲାଇମ୍ବରମାନଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବା, ଆତ୍ମବିଶ୍ୱାସ ବୃଦ୍ଧି କରିବା ପାଇଁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରିଥାଏ ବୋଲି ଟାଟା ଷ୍ଟିଲ୍ ଲିମିଟେଡର ଚିଫ୍ ସ୍ପୋର୍ଟ୍ସ ମୁକୁଲ ବିନାୟକ ଚୌଧୁରୀ କହିଛନ୍ତି।

ଟ୍ୱିନ୍ ସିଟି ମାରାଥନ୍ ଆଇରନମ୍‌ରେ ୫ ଲକ୍ଷ ଟଙ୍କା ପୁରସ୍କାର

ଭୁବନେଶ୍ୱର, ୩୦।୧୦ (ସମିସ): ଦୌଡ଼କୁଦ ମାଧ୍ୟମରେ ସୁସ୍ଥ ରହିବାର ସନ୍ଦେଶ ଦେଇ ନଭେମ୍ବର ୧ (ରବିବାର)ରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି ଟ୍ୱିନ ସିଟି ମାରାଥନ 'ଆଇରନମ'। ଭୁବନେଶ୍ୱର ହାତିଆସୁଣୀ ପଡ଼ିଆରୁ ଏହା ଆରମ୍ଭ ହୋଇ କଳିଙ୍ଗ ଷ୍ଟୁଡିଓ ଛକରେ ସମାପ୍ତ ହେବ। ଏହି ମାରାଥନରେ ୧୫୦୦ ପ୍ରତିଯୋଗୀ ଭାଗନେବେ ବୋଲି ଆଶା କରାଯାଉଛି। ଫୁଲ ମାରାଥନ, ହାଲ୍ଫ ମାରାଥନ, ୧୦ କିମି, ୫ କିମି ଏବଂ ୩ କିମି ଆଦି ବିଭିନ୍ନବର୍ଗରେ ଦୌଡ଼ ଅନୁଷ୍ଠିତ ହେବ। ମାରାଥନରେ ମୋଟ୍ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସାମ୍ବାଦିକ ସମିଳନୀରେ ସୂଚନା ଦିଆଯାଇଛି। ଡିଜି ଅଫ ପୋଲିସ ଆଣ୍ଟି ନକ୍ସଲ ଅପରେସନ ଆଣ୍ଡ ସ୍ପେସିଆଲ ଇଣ୍ଟେଲିଜେନ୍ସ ୱିଙ୍ଗ ସଂଜୀବ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମାରାଥନକୁ ଉଦ୍‌ଘାଟନ କରିବେ। ସାମ୍ବାଦିକ ସମିଳନୀରେ ଆୟୋଜକ 'ଆଇରନମ'ର ପ୍ରତିଷ୍ଠାତା ତଥା ସିଇଓ ଗୋପାଳକୃଷ୍ଣ ସାହୁ, ୧୦୦ରୁ ଉର୍ଦ୍ଧ୍ୱ ମାରାଥନରେ ଅଂଶଗ୍ରହଣ କରିସାରିଥିବା ୭୭ ବର୍ଷୀୟ ଦୁଃଖୀଶ୍ୟାମ ପାଢ଼ୀ, ବବିତା ମହାନ୍ତି, ଡକ୍ଟର ଶୁଭେନ୍ଦୁ ମିଶ୍ର, ଡକ୍ଟର ସ୍ୱଦେଶ, ବ୍ରଜ କିଶୋର ଶର୍ମା, ସନ୍ତୋଷୀ ପ୍ରମୁଖ ଉପସ୍ଥିତ ଥିଲେ।



ସିକେ ନାଇଡୁ ଟ୍ରଫି: ଓଡ଼ିଶାର ଦ୍ୱିତୀୟ ବିଜୟ

ଭୁବନେଶ୍ୱର,୩୦।୧୦(ସମିସ)

ଆୟୋଜକ ଗୋଆକୁ ୧୨୫ ରନ୍‌ରେ ପରାସ୍ତ କରି ଓଡ଼ିଶା ୨୩ ବର୍ଷରୁ କମ୍ ଦଳ ଆଜି ଶେଷ ହୋଇଥିବା କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ଦ୍ୱିତୀୟ ବିଜୟ ହାସଲ କରିଛି। ପୂର୍ବରୁ ବଲାଙ୍ଗିରର ଗାନ୍ଧି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ସୁଜଲ ସିଂଙ୍କ ନେତୃତ୍ୱରେ ଓଡ଼ିଶା ବିହାରକୁ ପରାସ୍ତ କରିଥିଲା। ଗୋଆର ସାଙ୍ଗୁଏମ୍‌ଠାରେ ଚାଲିଥିବା ଏହି ୪ ଦିନିକିଆ ମ୍ୟାଚ୍‌ର ଆଜିଥିଲା ଶେଷ ଦିନ। ତୃତୀୟ ଦିନ ଖେଳରେ ଓଡ଼ିଶା ଦଳ ୬ ୱିକେଟରେ ୩୭୪ ରନ୍ କରି ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିବା ପରେ ଗୋଆ ଆଗରେ ୩୨୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଗତକାଲି ଗୋଆ ୩ ରନ୍‌ରେ ୨ ୱିକେଟ ହରାଇଥିଲା। ଆଜି ମ୍ୟାଚ୍ ଜିତିବା ଲାଗି ଦଳକୁ ବାକିଥିବା ୮ ୱିକେଟ ବିନିମୟରେ ୩୧୮ ରନ୍ କରିବାର ଆବଶ୍ୟକତା ରହିଥିଲା। କିନ୍ତୁ ଘରୋଇ ଦଳ ୬୭.୪ ଓଭର ଖେଳି ୧୯୫ ରନ୍‌ରେ ଆଉଟ ହେବା ପରେ ଓଡ଼ିଶା ବୃହତ୍ ବିଜୟ ହାସଲ କରିବାରେ ସମର୍ଥ ହୋଇଥିଲା। ଗୋଆ ଦ୍ୱିତୀୟ ଇନିଂସରେ ଦୀପ କାଶଭାଙ୍କର ସର୍ବାଧିକ ୪୮ ଓ ଅନୁଜ ଯାଦବ ୪୦ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ସାର୍ଥକ ପଣ୍ଡା ୭୦ରନ୍‌ରେ ୪ଟି ଓ ସମ୍ବିତ ବେଜ୍ ୨୬ ରନ୍‌ରେ ୨ଟି ୱିକେଟ ଅକ୍ତିଆର କରି ଓଡ଼ିଶାକୁ ଏହି ବିଜୟ ଭେଟି ଦେଇଥିଲେ।



ପୂର୍ବରୁ ଓଡ଼ିଶା ଦଳ ପ୍ରଥମ ଇନିଂସରେ ୧୯୯ ରନ୍ କରିଥିଲାବେଳେ ଜବାବରେ ଗୋଆ ୨୫୩ ରନ୍ କରି ୫୪ ରନ୍‌ରେ ଅଗ୍ରଣୀ ନେଇଥିଲା। ଓଡ଼ିଶା ପ୍ରଥମ ଇନିଂସରେ ପାନକଳ ଶଶାଙ୍କ ସର୍ବାଧିକ ୫୪ ରନ୍ କରିଥିଲାବେଳେ ଗୋଆ ପ୍ରଥମ ଇନିଂସରେ ଅଭିଷେକ ସିଂ ୩ଟି ଓ ସାର୍ଥକ ୨ଟି ୱିକେଟ ପାଇଥିଲେ। ଦ୍ୱିତୀୟ ଇନିଂସରେ ଓଡ଼ିଶାର ବିଶାଳ ସ୍କୋରରେ ଶ୍ରେୟାଂଶ ଭରଦ୍ୱାଜ ସର୍ବାଧିକ ୧୦୩, ଆଶୀର୍ବାଦ ସ୍ୱାଇଁ ୮୮ ଓ ସୁଜଲ ସିଂ ୬୯ ରନ୍ କରିଥିଲେ। ଓଡ଼ିଶା ଦଳ ତାହାର ପରବର୍ତ୍ତୀ ମ୍ୟାଚ୍ ଆସନ୍ତାବର୍ଷ ରାଜସ୍ଥାନ ସହ ଜୟପୁରରେ ଖେଳିବ। ଏହି ମ୍ୟାଚଟି ଜାନୁଆରୀ ୧୮ରୁ ୨୧ ଯାଏ ଜୟପୁରରେ ଖେଳାଯିବ। ଓଡ଼ିଶା ଦଳ ଚଳିତ ସିଜନରେ ଦ୍ୱିତୀୟ ମ୍ୟାଚ୍ ବରୋଦା ନିକଟରୁ ପରାଜିତ ହୋଇଥିଲା। ୩ଟି ମ୍ୟାଚ୍‌ରୁ ୨ଟିରେ ବିଜୟୀ ହୋଇ ୨୩ ବର୍ଷରୁ କମ୍ ଦଳ ଓଡ଼ିଶା କ୍ରିକେଟ ସଂଘକୁ ଅଣନିଶ୍ୱାସୀରୁ ବଞ୍ଚାଇଛି।

ଅଭିଜିତ୍ ପାଲ୍ ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୩୦।୧୦(ସମିସ): ପଶ୍ଚିମବଙ୍ଗର ଆଥଲେଟିକ ଆସୋସିଏସନ୍ ନିର୍ବାଚନରେ ପର୍ଯ୍ୟବେକ୍ଷକ ହେବେ ଓଡ଼ିଶାର ଅଭିଜିତ୍ ପାଲ। ଏହି ନିର୍ବାଚନ ଆସନ୍ତାକାଲି କୋଲକାତାର ପୁଲିସ୍ ଆଥଲେଟିକ୍ କ୍ଲବ୍ ପରିସରରେ ଅନୁଷ୍ଠିତ ହେବ। ନିର୍ବାଚନର ସୁପରିଚାଳନା ଲାଗି ଓଡ଼ିଶା ଅଲିମ୍ପିକ୍ ଆସୋସିଏସନର ସମ୍ପାଦକ ଥିବା ଅଭିଜିତ୍‌ଙ୍କୁ ପର୍ଯ୍ୟବେକ୍ଷକ ଭାବେ ମନୋନୀତ କରିଛି ଆଥଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ। ସେ ଆଜି କୋଲକାତା ଯାଇଛନ୍ତି।



ୱେଷ୍ଟର୍ଣ୍ଣ ଏସିଆନ ଯୁଥ୍ ଓ ଜୁନିଅର ଚେସ୍

୨ ସ୍ୱର୍ଣ୍ଣ, ୧ କାଂସ୍ୟ ଜିତିଲେ ସାତ୍ତ୍ୱିକ

ଭୁବନେଶ୍ୱର,୩୦।୧୦(ସମିସ): ଓଡ଼ିଶା ଚେସ୍‌ର ବିସ୍ମୟ ବାଳକ ସାତ୍ତ୍ୱିକ ସ୍ୱାଇଁ ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ୱେଷ୍ଟର୍ଣ୍ଣ ଏସିଆନ ଚେସ୍‌ରେ ୧୦ ବର୍ଷରୁ କମ୍ ବୟସ ବିଭାଗରେ ଚମକପ୍ରଦ ଖେଳ ପ୍ରଦର୍ଶନ କରିଛନ୍ତି। ଗତକାଲି ଶେଷ ହୋଇଥିବା ପ୍ରତିଯୋଗିତାରେ ସେ କ୍ଲାସିକାଲ ଓ ବ୍ଲିଜ୍ ଫର୍ମାଟରେ ଚାମ୍ପିଅନ ହୋଇଥିଲେ। ଆଜି ରାପିଡ ଫର୍ମାଟରେ ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା। ଏଥିରେ ସାତ୍ତ୍ୱିକ ତାଙ୍କ କମାଲ ଖେଳ ଦେଖାଇ ପାରି ନ ଥିଲେ। ତଥାପି ସେ ୭ ରାଉଣ୍ଡରୁ ୫ଟି ବିଜୟ ଓ ୨ଟି ଡ୍ର ସହ ୬ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଯାହା ଫଳରେ ତାଙ୍କୁ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ସେ ଗତକାଲି କ୍ଲାସିକାଲ ବିଭାଗରେ ୯ ରାଉଣ୍ଡରୁ ୮.୫ ଓ ବ୍ଲିଜ୍‌ରେ ୭ ରାଉଣ୍ଡରୁ ୬.୫ ପଏଣ୍ଟ ସଂଗ୍ରହ କରି ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସେହିପରି ରାଜ୍ୟର ଆଉ ଜଣେ ଉଦୀୟମାନ ଖେଳାଳି ପ୍ରଜ୍ଞାନ ମିଶ୍ର ୮ ବର୍ଷରୁ କମ୍ ବ୍ଲିଜ୍ ଫର୍ମାଟରେ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ।



ଉଭୟ ଖେଳାଳିଙ୍କ ସଫଳତା ଲାଗି ଅଲ୍ ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଞ୍ଜ ଓ କିଙ୍ଗ ଚେସ୍ ସେଣ୍ଟର ପ୍ରତିଷ୍ଠାତା ତଥା ବରିଷ୍ଠ କୋଚ୍ ବିଶ୍ୱଜିତ ରାୟ, ଟ୍ରିପଲ-ସି ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚିନାରାୟଣ ସାହୁ, ଉପସଭାପତି ଅର୍ଘ୍ୟଅର୍ପଣ ପରିଡ଼ା ପ୍ରମୁଖ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY